ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୪ ସଂସ୍କରଣ

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ମାର୍ଗଶୀର ଗୁରୁବାର ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ପୋଡ଼କାଷ୍ଟ ବିଭାଗ** | | **୨୧** |
| **ଗଳ୍ପ ବିଭାଗ** | | **୩୩** |
| ଅନେକ କଳାଛାଇ - ୨୧ | ଅଶୋକ ବିଶ୍ୱାଳ | ୩୪ |
| ବିଲୀନ ତାମସ | ସୁଶାନ୍ତ ଶେଖର ଦାଶ | ୪୯ |
| ଅନନ୍ତ ପ୍ରତୀକ୍ଷା | ବିନୟ ମହାପାତ୍ର | ୫୬ |
| ମୋଜିଜ୍ ଓ ଛେଳି ଚରାଳି | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୧ |
| ଏ ମୋତେ ଭୁଲି ଯିବନି ତ | ଏଲିନା ପାଣିଗ୍ରାହୀ | ୬୫ |
| | ରଶ୍ମିତା ନାୟକ | ୭୦ |
| ଦୁବଘାସ | ବିଷ୍ଣୁ ପ୍ରସାଦ ମିଶ୍ର | ୭୩ |
| ନୂଆ ସକାଳ | ପ୍ରତାପ କିଶୋର ରାଉତ | ୭୫ |
| ଭଲ ମଣିଷ | ଭାରତୀ ସାହୁ | ୭୮ |
| ଆତ୍ମଜୀବନୀ | ଅଭିପ୍ସା ପ୍ରିୟଦର୍ଶିନୀ | ୮୦ |
| କାଳେସି | ସିଦ୍ଧେଶ୍ୱର ତ୍ରିପାଠୀ | ୮୫ |
| ହାରିବା ଶିଖିନି ସିଏ | ସୁନନ୍ଦା ମହାନ୍ତି | ୮୭ |
| ମାଆଟିଏ ପୁଅଟିଏ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୮୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଅନୁଭୂତି | ଏଲିଜା ଜେନା | ୯୨ |
| ବାୟା | ରୁଦ୍ରକାନ୍ତ ରାଉତରାୟ | ୯୫ |
| ଯାହାକୁ ଯାହା ଗଢ଼ିଛି ଦଇବ | ଅଭୟ କୁଣ୍ଡ | ୯୮ |
| **କବିତା ବିଭାଗ** | | **୧୦୧** |
| ପଚିଶି ବର୍ଷ ପରେ | ଶିବନାରାୟଣ ଦାସ | ୧୦୨ |
| ନାରୀ ତୁ ଅବର୍ଣ୍ଣନୀ | ଅଶୋକ କୁମାର ବାରିକ | ୧୦୬ |
| ଆସିଲେ ମା' ଗଜଲକ୍ଷ୍ମୀ | ଅକ୍ଷୟ କୁମାର ସାହୁ | ୧୦୮ |
| ସମନ୍ଧ | ଅଲେଖ ମେହେର | ୧୦୯ |
| ମଦମୁହିଁ ଛାଡ଼ି ଦେଇଛି | ଶିଶିର କୁମାର ପଣ୍ଡା | ୧୧୧ |
| ଥୁଣ୍ଟା ବରଗଛ | ଅମୃତନାରାୟଣ ଶତପଥୀ | ୧୧୨ |
| ମାୟାମୃଗ | ମନୋରଞ୍ଜନ ସୁରୁଜାଳ | ୧୧୪ |
| ଜୀବନ ଓ ମୃତ୍ୟୁ | ବିଶ୍ୱ ରଞ୍ଜନ ମହାନ୍ତି | ୧୧୬ |
| ଶରତ ସୁନ୍ଦର | ଧ୍ରୁବ ଚରଣ ଘିବେଲା | ୧୧୭ |
| ଆସରେ ବିଦେଶୀ ଚଢ଼େଇ ଆସ | ନୀଳମଣି ଚାନ୍ଦ | ୧୧୮ |
| ମା ମାର୍କମା ପଦବନ୍ଦନା ସ୍ତୋତ୍ର | ପ୍ରଦୀପ କୁମାର ଜିଲିକାରା | ୧୧୯ |
| ବୟସର ଇନ୍ଦ୍ରଧନୁ | ଜନ୍ମଜୟ ନାୟକ | ୧୨୨ |
| ଶୈଶବ ସୁଖ | ସୁଜିତ କୁମାର ମିଶ୍ର | ୧୨୩ |
| ମଧୁମାଳତୀର ସାଥେ | କିରନ୍ ସ୍ୱାଇଁ | ୧୨୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଦାନାର ଅପମୃତ୍ୟୁ | ସୁଶାନ୍ତ ଶେଖର ଦାଶ | ୧୨୫ |
| ହେ ସମୟ | ଶିବରାମ ନାୟକ | ୧୨୭ |
| ମନେ ପଡ଼େ ସେହି ମୁହୂର୍ତ୍ତ | ପୁଷ୍ପଲତା ମିଶ୍ର | ୧୨୯ |
| ନିଜର କିଏ | ରମେଶ ଟାକ୍ରୀ | ୧୩୦ |
| | ବନ୍ଦନା ମହାପାତ୍ର | ୧୩୧ |
| | ହାସ୍ୟମୟୀ ରାଜ | ୧୩୨ |
| | ଲତା ବେହେରା | ୧୩୩ |
| | ରାଧାଶ୍ୟାମ ମହାନ୍ତି | ୧୩୬ |
| | ରବିନାରାୟଣ ମିଶ୍ର | ୧୩୭ |
| | ଜୟଶ୍ରୀ ପଟ୍ଟନାୟକ | ୧୩୮ |
| | ନଳିନୀ ପ୍ରଭା ମିଶ୍ର | ୧୩୯ |
| | ପଙ୍କଜିନୀ ଉପାଧ୍ୟାୟ | ୧୪୦ |
| | ବିଦ୍ୟୁତପ୍ରଭା ମିଶ୍ର | ୧୪୨ |
| | ସୁନିତା ମହାନ୍ତି | ୧୪୩ |
| | ବିନୋଦିନୀ ଦାଶ | ୧୪୫ |
| | ଭରତବନ୍ଧୁ ବିଶ୍ୱାଳ | ୧୪୭ |
| | ଅନୁପମା ବିଶ୍ୱାଳ | ୧୪୮ |
| | ନିବେଦିତା ପଣ୍ଡା | ୧୫୦ |


Listen to Odia Podcast Original at https://youtube.com/@drjyotiprasad

| | | |
|---|---|---|
| | ଭାସ୍କର ରାଉତ | ୧୫୨ |
| | କଳ୍ପନା ରାୟ | ୧୫୩ |
| | କୁମୁଦିନୀ ପତି | ୧୫୫ |
| | ରଞ୍ଜିତା ଦାଶ | ୧୫୬ |
| | ସଂଯୁକ୍ତା ସାହୁ | ୧୫୮ |
| ମୁଁ ସ୍ୱପ୍ନ କେବେ | ସନ୍ତୋଷ କୁମାର ସୂତାର | ୧୫୯ |
| ଜୀବନ ସଂଧ୍ୟା | କୃଷ୍ଣଚନ୍ଦ୍ର ବାରିକ | ୧୬୧ |
| ନାରୀଜାତି ପାଇଁ ଆଦର୍ଶ ସୀତା | ବୀଣା ସାହୁ | ୧୬୩ |
| ବିଶ୍ୱାସ କାନ୍ଦୁଛି ସନ୍ଦେହ ଦ୍ୱାରେ | ସରିତା ମହାନ୍ତି | ୧୬୪ |
| | ସରୋଜ କୁମାର ପଣ୍ଡା | ୧୬୬ |
| | ସନ୍ତୋଷ କୁମାର ସାହୁ | ୧୬୭ |
| ସଖୀ ଗୋ କି କହିବି ଶ୍ୟାମ କଥା | ସୁହଂସ ଭୋଇ | ୧୬୮ |
| ସ୍ୱାର୍ଥପର | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୯ |
| ଅଁଳା ମହତ୍ତ୍ୱ | ମଧୁସ୍ମିତା ସାହୁ | ୧୭୦ |
| ଦୀପଂ ଜ୍ୟୋତି | ଦେବାଶିଷ ଚକ୍ରବର୍ତ୍ତୀ | ୧୭୧ |
| ବଞ୍ଚିପାରିବିନି ତୋ ବିନା ସାଥୀରେ | ତପନ କୁମାର ବେହେରା | ୧୭୩ |
| ଦିବ୍ୟ ଜୀବନ | ରାମ ପ୍ରସାଦ ସିଂହ | ୧୭୫ |
| ସ୍ମୃତି ହଜିଲା ଦିନର | ଆକାଶ ରଣା | ୧୭୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କାଳିଆ ଚୋର | ବିନୟାନନ୍ଦ ବସ୍ୱରସ୍ୟ | ୧୭୭ |
| ମୋ ଅସ୍ତିତ୍ୱ | ମନ୍ଦାକିନୀ ପାଢ଼ୀ | ୧୭୮ |
| ଶିଶୁ ଦିବସ | ଦେବେନ୍ଦ୍ର ନାୟକ | ୧୮୦ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୮୧ |
| ବାତ୍ୟା ପରର ସକାଳ | ରଶ୍ମିତା ନାୟକ | ୧୮୩ |
| ସିନ୍ଧୁସୂତା ପତି ହେ ଜଗନ୍ନାଥ | ଉପେନ୍ଦ୍ର କୁମାର ବସ୍ତିଆ | ୧୮୬ |
| ସମ୍ପର୍କର ପରିହାସ | ଅଙ୍କିତା ପ୍ରିୟଦର୍ଶିନୀ ସାହୁ | ୧୮୮ |
| ହେ ଗଙ୍ଗାଧର | ଆଲୋକ ମେହେର | ୧୮୯ |
| ନିର୍ଦ୍ଧାରିତ ହୋଇ ସାରିଥାଏ | କାହ୍ନୁ ଚରଣ ସାହୁ | ୧୯୦ |
| ତୋ ସହ ଶ୍ରାବଣେ | ନନ୍ଦିତା ବଡ଼ାଇ | ୧୯୨ |
| ଅପେକ୍ଷା | ଜୟଦେବ ମାଝୀ | ୧୯୩ |
| ଶାଳବଣ ରାଣୀ | ନଳିନୀ ଦାଶ | ୧୯୫ |
| ସୁନା ପିଲାଟିଏ ହେବି ରେ | ଚନ୍ଦ୍ରକାନ୍ତ ଜେନା | ୧୯୭ |
| ନିଝୁମ୍ ରାତି | ସୁରେଶ ଚନ୍ଦ୍ର ପାଢ଼ୀ | ୧୯୯ |
| ଦୁବ ଘାସ | ଆକୁଳାନନ୍ଦ ପୃଷ୍ଟି | ୨୦୦ |
| ସନ୍ଦେହୀ ପ୍ରିୟତମ | ଶିଳ୍ପାଲିପି ବେହେରା | ୨୦୧ |
| ମାଆ ଆଖିରେ ଲୁହ | ହରେରାମ ପଣ୍ଡା | ୨୦୩ |
| ପୁରୁଷାର୍ଥ | ଡଃ ଆଭାଞ୍ଜଳି ଶତପଥି | ୨୦୪ |
| ଅବସର ପରେ !! | ନିତ୍ୟରଞ୍ଜନ ନନ୍ଦ | ୨୦୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଦାଦନ ଖଟି | ସଞ୍ଜୟ ନାଏକ | ୨୦୮ |
| ଅଜଣା ମୁହୂର୍ତ୍ତରେ ତୁମେ | ସତ୍ୟବ୍ରତ ସେଠୀ | ୨୧୦ |
| ବର୍ଣ୍ଣ | ବାସନ୍ତୀ ଲତା ଜେନା | ୨୧୨ |
| **ପ୍ରବନ୍ଧ ବିଭାଗ** | | **୨୧୩** |
| ଉତ୍କଳଯୋଗିନୀ ମା ମାର୍କମା | ପ୍ରଦୀପ କୁମାର ଜିଲିକାରା | ୨୧୪ |
| ଚୀନର ଅକ୍ଷମଣୀୟ ଅପରାଧ | ଆଶୁତୋଷ ନାୟକ | ୨୨୯ |
| ବାୟା ପକ୍ଷୀ, ମନୁଷ୍ୟର ମାର୍ଗଦର୍ଶନ | ଅସିତ ମହାନ୍ତି | ୨୩୪ |
| ରାମାୟଣ: ସଂସ୍କାର ଖଣି | ସବିତା ଜେନା | ୨୩୭ |
| ଭଲ ମଣିଷ | ଝୁମୁରୀ ସାହୁ | ୨୪୦ |
| | ରୀତା ଅପରାଜିତା ମହାନ୍ତି | ୨୪୩ |
| | ପଦ୍ମାବତୀ ସିହ୍ନା | ୨୪୫ |
| | ଶକୁନ୍ତଳା ମହାନ୍ତ | ୨୪୭ |
| | ବୀରେନ୍ଦ୍ର କୁମାର ସାହୁ | ୨୫୧ |
| ଅନୁଭୂତି ଲିଖନ | ସଂଯୁକ୍ତା ସାହୁ | ୨୫୪ |
| ଲୋକ ସାହିତ୍ୟରେ ବିବାହ | ଡଃ ନିରୁପମା ନାୟକ | ୨୫୮ |
| **ବିଶେଷ ସୂଚନା** | | **୨୬୭** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ୨୦୨୪ ସଂସ୍କରଣ ସହିତ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ବର୍ଷ ୨୦୨୪ ସମାପନ ହେବାକୁ ଆଉ ଅଳ୍ପ ଦିନ ବାକି ଅଛି । ବର୍ଷ କେତେ ଭଲ କେତେ ଖରାପ ବିତିଲା ସେଇ ସବୁ ବିଷୟ ଚିନ୍ତା କରିବା ସମୟ ଆସି ଉପନୀତ । ଦେଶ ଦୁନିଆରେ ଅନେକ କିଛି ଘଟି ଯାଇଛି ଆଉ ଅନେକ କିଛି ଘଟିବାକୁ ବାକି ଅଛି । ଏହିଭଳି ଏକ ଘଡ଼ି ସନ୍ଧି ମୁହୂର୍ତ୍ତରେ ଆପଣଙ୍କ ଚିତ୍ତ ବିନୋଦନ ହେତୁ ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣ ନିଶ୍ଚୟ ସହାୟକ ହେବ ଏଥିରେ ଦ୍ୱିମତ ନାହିଁ ।

ଓଡ଼ିଆ ଭାଷାକୁ ନେଇ ଏକ ଶବ୍ଦ ଯାହା ବିଗତ କେଇ ମାସ ହେଲା ସୋସିଆଲ୍ ମିଡ଼ିଆରେ ବହୁଳ ଭାବରେ ପ୍ରସାରିତ ହେଉଛି ତାହା ହେଉଛି ଓଡ଼ିଆ ଅସ୍ମିତା । ଏହି ଶବ୍ଦର ଉଦ୍ଭବ ବିଷୟରେ ଆମେ ଅନଭିଜ୍ଞ । କିନ୍ତୁ ଅସ୍ମିତା ଶବ୍ଦ ଓଡ଼ିଆ କି ନା ତାହା ପ୍ରଶ୍ନବାଚୀ । ଯାହା ବି ହେଉ, ଶୁଦ୍ଧ ଓଡ଼ିଆ ଭାଷାର ବ୍ୟବହାର ହେଉ, ଏଥିରେ ଆମେ ସନ୍ତୁଷ୍ଟ । ଅବଶ୍ୟ ଓଡ଼ିଶାର ବହୁଳ ପ୍ରସାରିତ ଗଣମାଧ୍ୟମ ମାନଙ୍କ ପ୍ରଚେଷ୍ଟାରେ ଅନେକ ଆଗରୁ ହିଁ ଓଡ଼ିଆ ଭାଷାକୁ ଖେଚୁଡ଼ି ଭାଷାରେ ପରିଣତ କରି ଦିଆଯାଇଛି । ଏହା ଉପରେ ଓଡ଼ିଆ ଆଲବମ୍ ଓ ଗୀତ ମାଧ୍ୟମରେ ଓଡ଼ିଆ ଭାଷା ବ୍ୟତିରେକ ହିନ୍ଦୀ ଓ ଉର୍ଦ୍ଦୁ ଶବ୍ଦର ବହୁଳ ବ୍ୟବହାରକୁ ପ୍ରୋତ୍ସାହନ ମିଳିଛି । ପ୍ରଗତିଶୀଳ ଓଡ଼ିଶାର ଯୁବବର୍ଗ ଯେତେ ଯେତେ ଶିକ୍ଷିତ ହୋଇଛନ୍ତି ସେମାନେ ନିଜ ଭାଷାପ୍ରୀତିକୁ ଭୁଲିଯାଇ ଆମଦାନୀ ହୋଇଥିବା ଭାଷାପ୍ରତି ଅନୁରକ୍ତି ଅଧିକ ଦେଖାଇଛନ୍ତି । ଉଣା ଅଧିକ ଯାହା ବି ବାକି ଥିଲା ତାହା ଉଚ୍ଚକୋଟୀର ସାହିତ୍ୟର ଅଭାବ ହେତୁ ସେ ବି ବାଟବଣା ହୋଇ ସାରିଛି । ଏବେ ଆମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣିଥରେ ଯୁବବର୍ଗଙ୍କୁ ଓଡ଼ିଆ ଭାଷାରେ ପଢ଼ିବା ଓ ଲେଖିବା ପାଇଁ ଯେତେ ପ୍ରୋତ୍ସାହିତ କଲେ ବି ସେମାନେ ଓଡ଼ିଆ କାକରା, ମଣ୍ଡା ପିଠା ଭୁଲି ପିଜ୍ଜା ବର୍ଗର ଖାଇବାକୁ ଶ୍ରେୟସ୍କର ମଣିଲେଣି । ସହଜେ ଓଡ଼ିଆ ଦାଦନ ଜାତିରେ ପରିଣତ ହୋଇ ସାରିଛି । ସ୍କୁଲ ବାରଣ୍ଡା ଡେଇଁବା ବେଳକୁ ଘର ପରିବାରର ଦାୟିତ୍ୱ ତୁଲାଇବା ପାଇଁ ଆମ ଘର ପରିବାରର ପୁଏ ସୁଦୂର ସୁରତ, ମୁମ୍ବାଇ, ବେଙ୍ଗାଲୁରୁରେ ଦିନମଜୁରିଆ ହୋଇ କାମ କରିବାକୁ ବାହାରି ଯାଉଛନ୍ତି । ଆଉ ଯେତେକ ଶିକ୍ଷିତ ହେଲେ ସେମାନେ ମଧ୍ୟ ବାହାର ରାଜ୍ୟକୁ ଯିବାକୁ ଉଚିତ ମନେ କରୁଛନ୍ତି । ଶିଳ୍ପାୟନ ଓ କର୍ମସଂସ୍ଥାନର ଅଭାବ ଏହି ସବୁ ପାଇଁ ଦାୟୀ । ଆଉ ଏହାର ଅଭାବ ପାଇଁ ଆମର ସରକାରମାନଙ୍କ ଅପାରଗତାକୁ ଦାୟୀ କରିହେବ । ଅବଶ୍ୟ ଭାରତର ଅନ୍ୟ ଜାତି (ଗୁଜୁରାତି, ପଞ୍ଜାବୀ, ମରାଠୀ, ରାଜସ୍ଥାନୀ) ମାନଙ୍କ ଭଳି ଓଡ଼ିଆ ମାନେ କେବେ ବି ବ୍ୟବସାୟକୁ ପ୍ରାଥମିକତା ଦେଇନାହାନ୍ତି । ଜଣେ ଖଟିଲେ ପଣେ ଖାଇବା ନୀତିରେ ଚାଲିଛି । ବରଂ କିଛି ଗୋଟିଏ କର୍ମସଂସ୍ଥାନ ସ୍ଥାପନ କରିବା ଏବଂ ଏଥିରେ ଆଉ ଚାରିଟା ପରିବାର ବି ଚଳିବେ ସେହିଭଳି ଚିନ୍ତାଧାରା ଓଡ଼ିଶାବାସୀଙ୍କ ଠାରୁ ଢେର୍ ଦୂରରେ । ଉଦାହରଣ ପାଇଁ ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ଅନେକ ଅନାବିଷ୍କୃତ ହୋଇ ରହିଛି । ସେହି ସବୁ ସ୍ଥାନରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ କିଛି ସଂସ୍ଥାନ କରି ହୁଅନ୍ତା । ଯେଉଁଭଳି କୋରାପୁଟ ଜିଲ୍ଲାରେ ଅନେକ ହୋଟେଲ୍ ଗଢ଼ି ଉଠିଛି, ବାଲେଶ୍ୱର ଜିଲ୍ଲା ସମୁଦ୍ର କୂଳରେ କଟେଜ୍ ସବୁ ଗଢ଼ି ଉଠିଛି । ସେହିଭଳି ବ୍ୟବସାୟ ଯଦି ଓଡ଼ିଶାର ସବୁ ଜିଲ୍ଲାରେ ହୁଅନ୍ତା, ତା ହେଲେ ଆମ ରାଜ୍ୟର ଅଭ୍ୟନ୍ତରୀଣ ପର୍ଯ୍ୟଟନକୁ ପ୍ରୋତ୍ସାହନ ମିଳିବା ସହ ଅନେକ ପରିବାର ପାଇଁ କର୍ମସଂସ୍ଥାନ ମଧ୍ୟ ହୋଇ ପାରନ୍ତା ।

ଛୁଟି କଟାଇବା ପାଇଁ ଆମେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ, କାରଣ ସେଠାରେ ଯଥେଷ୍ଟ ସୁଖସୁବିଧାର ବ୍ୟବସ୍ଥା ରହିଛି । ଯେତେବେଳେ କି ଓଡ଼ିଶାର ଅଗଣିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇ ରହିଛି । ସମୟ ଆସିଛି ସେ ସବୁକୁ ସଜାଡ଼ି ନୂଆ କିଛି କରିବାକୁ ହେବ । ଯାହା ଫଳରେ ରାଜ୍ୟ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇ ପାରିବ ।

ବିଗତ ଦିନରେ ଫେସବୁକରେ ଜଣେ ବନ୍ଧୁ ଗୋଟିଏ ଛବି ଦେଇ ପୋଷ୍ଟ କରି ଜଣାଇଲେ ଯେ ମୁମ୍ବାଇର କୌଣସି ଏକ ହୋଟେଲରେ ସେ ଓଡ଼ିଆ ଦହିବରା ଆଳୁଦମ୍ ମିଳୁଥିବାର ବିଜ୍ଞାପନ ଦେଖିଛନ୍ତି । ତଦନ୍ତ କରିବାପରେ ସେ ଜାଣିବାକୁ ପାଇଲେ ଯେ ସେଠାରେ ଆଦୌ କୌଣସି ଓଡ଼ିଆ କାରିଗର ନାହାନ୍ତି, କିନ୍ତୁ ସେମାନେ ସୋସିଆଲ୍ ମିଡ଼ିଆରେ ଏହି ଖାଦ୍ୟର ଆଦର ବିଷୟରେ ଜାଣିବା ପରେ ଏହାକୁ ପ୍ରସ୍ତୁତ କରି ବିକ୍ରୀ କରୁଛନ୍ତି ଏବଂ ବହୁତ ଭଲ ବ୍ୟାପାର ମଧ୍ୟ କରୁଛନ୍ତି । ଆମ ରାଜ୍ୟର ଖାଦ୍ୟ ବାହାରେ ପ୍ରସିଦ୍ଧ ହେଉଛି, ଶୁଣିଲେ ଭଲ ଲାଗୁନି ? ଧ୍ୟାନ ଦେଇଛନ୍ତି ଆମ ରାଜ୍ୟରେ ଗତ ଦଶ ବର୍ଷ ଭିତରେ ଖାଦ୍ୟ ଆତଙ୍କବାଦ ବୃଦ୍ଧି ପାଇଛି । ଶବ୍ଦଟା ଶୁଣିବାକୁ ଅଡୁଆ ଲାଗିପାରେ, କିନ୍ତୁ ଧ୍ୟାନ ଦିଅନ୍ତୁ । ଏବେ ଆପଣ ଆମ ରାଜ୍ୟର ଯେକୌଣସି ଛୋଟ ବା ବଡ଼ ସହରକୁ ଯିବେ, ସେଠାରେ ବିରିୟାନୀ ଓ ମୋମୋ ପାଇବେ । ମୋର ମନେ ହୁଏ ବିରିୟାନୀ ବୋଲି ଖାଦ୍ୟଟିଏ ଅଛି ବୋଲି ଆମେ ପିଲାଦିନେ ଜାଣିନଥିଲୁ । ମୋମୋ କଥା ତ ଗତ ଦଶବର୍ଷରେ ହିଁ ଶୁଣୁଛୁ । ସେହିଭଳି ବଡ଼ାପାଓ, ବର୍ଗର୍... ଇତ୍ୟାଦି ଅନେକ ଖାଦ୍ୟଦ୍ରବ୍ୟ ଆମ ବଜାର ଉପରେ ଅକ୍ତିଆର କରି ସାରିଲାଣି । ଆମର ଖାଣ୍ଟି ଓଡ଼ିଆ ଖାଦ୍ୟପ୍ରତି ଲୋକମାନଙ୍କ ଆଦର କମ ହେବାକୁ ଲାଗିଲାଣି । ଅବଶ୍ୟ ଅନେକ ସ୍ଥାନରେ ଏବେ ସକାଳୁ ସକାଳୁ ଜଳଖିଆରେ ଚକୁଳି ଆଦି ଖାଦ୍ୟ ବି ମିଳୁଛି କିନ୍ତୁ ସେ ସବୁ କାଁ ଭାଁ । ଏହିଭଳି ପରିସ୍ଥିତିରେ ନୁଆ ଦୁନିଆ ଦେଖୁଥିବା ଓଡ଼ିଶା ନିଜ ଭାଷାର ମର୍ଯ୍ୟାଦା କିଭଳି ରକ୍ଷା କରିବ ତାହା ଚିନ୍ତାର ବିଷୟ ।

ବିଗତ ବର୍ଷ ମାନଙ୍କରେ ଓଡ଼ିଆ ଭାଷାକୁ କଡ଼କଡ଼ି ଭାବରେ ବ୍ୟବହାର କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ବାରମ୍ବାର କୁହାଯାଇଥିଲା ଏବଂ ଅନେକ ସରକାରୀ ବିଜ୍ଞାପନ ଦିଆଯାଇଥିଲେ ସୁଦ୍ଧା ରାଜ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିନଥିଲା । ଆଶା କରିବା ଚଳିତ ସରକାର ଅନ୍ତତଃ ଓଡ଼ିଆ ଭାଷାକୁ ସମସ୍ତ ସରକାରୀ ଓ ବେସରକାରୀ ତଥା ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କର ନାମଫଳକରେ ବାଧ୍ୟତାମୂଳକ ଭାବରେ ଲାଗୁ କରିବେ । ସର୍ବୋପରି ଆମ ଲୋକମାନେ ସ୍ୱେଚ୍ଛାରେ ହିଁ ନିଜେ ଓଡ଼ିଆ ଭାଷାକୁ ବ୍ୟବହାର କରିଲେ ହିଁ ଆମ ଭାଷା ସମ୍ମାନ ବଜାୟ ରହିବ ।

ଚଳିତ ବର୍ଷ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବିଶ୍ୱାସ କରିବାକୁ ଆଦୌ ମନ ହେଉନାହିଁ, କିନ୍ତୁ ନଭେମ୍ବର ମାସର ମଧ୍ୟରେ ଆମେ ପହଞ୍ଚିଲେ ସୁଦ୍ଧା ଶୀତର ଆଗମନ ହୋଇ ନାହିଁ । କାଁ ଭାଁ କୌଣସି କୌଣସି ସ୍ଥାନରେ ସାମାନ୍ୟ କୋହଲା ପାଗ ଦେଖିବାକୁ ମିଳୁଛି କିନ୍ତୁ ପ୍ରକୃତ ଶୀତର ଅବସ୍ଥିତି ଅସ୍ପଷ୍ଟ । ଆମେ ପିଲାଦିନେ ଶୁଣି ଆସୁଥିଲୁ, କାର୍ତ୍ତିକ ମାସର ଶୀତ, କାହିଁ କାର୍ତ୍ତିକ ମାସ ସରି ଆସିଲାଣି, ଶୀତର ଦେଖାନାହିଁ । ଏହିଭଳି ଜଳବାୟୁ ପରିବର୍ତ୍ତନ ମନୁଷ୍ୟଜଗତ ପାଇଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିପାରେ । ଏହା ଫଳରେ ଜୀବଜଗତରେ ଅନେକ ବିକାର ମଧ୍ୟ ଦେଖାଦେଇପାରେ । ଯା ବି ହେଉ ଆମେ ଆଉ ପୂର୍ବଭଳି ଶୀତ ଅନୁଭବ ନ କରି ନିଜ ପିଲାମାନଙ୍କୁ କାହାଣୀ ଶୁଣାଇ ପାରିବା ଯେ ଆମ ସମୟରେ ଶୀତ କେମିତି ହେଉଥିଲା । ଏବେ ସେ ଶୀତ କେବଳ କାହାଣୀର ଅଂଶ ହୋଇ ରହିଯିବ ବୋଲି ମନେ ହେଉଛି । ଆଉ ଅଳ୍ପଦିନ ପରେ ଲୋକମାନେ ବାର୍ଷିକ ବଣଭୋଜି ଆଦି କାର୍ଯ୍ୟକ୍ରମମାନ କରିବା ପାଇଁ ଯୋଜନା କରିବେ, ହେଲେ ରାଜ୍ୟର ଅଧିକ ଶୀତ ହେଉଥିବା ଯାଗା ଯଥା ଦାରିଙ୍ଗବାଡ଼ି, କନ୍ଧମାଳ, କୋରାପୁଟ ଇତ୍ୟାଦି କୌଣସି ସ୍ଥାନରେ ଚଳିତ ବର୍ଷ କାକରପାତ ହେବାର ଖବର ବର୍ତ୍ତମାନ ସୁଦ୍ଧା ଗଣମାଧ୍ୟମରେ ପ୍ରକାଶିତ ହୋଇ ନାହିଁ ।

ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ବର୍ତ୍ତମାନ ଏକ ବିରଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟଣା ପାଇଁ ଚର୍ଚ୍ଚାରେ । ବିଗତ କିଛିଦିନ ହେବ ଏହି ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଥିବାର ଖବର ଦେଖିବାକୁ ଓ ଶୁଣିବାକୁ ମିଳୁଛି । ସୂଚନାଯୋଗ୍ୟ ଯେ ପ୍ରାୟ ଏକ ସପ୍ତାହ ତଳେ ଅନ୍ଧାର ରାତିରେ କାରରେ ଯାଉଥିବା ଜଣେ ବ୍ୟକ୍ତି ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ଥାନା ଅଞ୍ଚଳରେ ଗୋଟିଏ ମହାବଳ ବାଘ ରାସ୍ତା ପାର କରୁଥିବାର ଦେଖିବାକୁ ପାଇଲେ ଏବଂ ସୌଭାଗ୍ୟକୁ ସେ ନିଜ କାରରେ ଲାଗିଥିବା କ୍ୟାମେରାରେ ଏହି ଛବି ଉତ୍ତୋଳନ କରିବା ସହ ଗଣମାଧ୍ୟମକୁ ଜଣାଇବା ପରେ ହଇଚଇ ପଡ଼ି ଯାଇଥିଲା । ପରେ ପରେ ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଧନ ଉପରେ ବାଘ ଆକ୍ରମଣର କିଛି କିଛି ଖବର ଶୁଣିବାକୁ ମିଳୁଛି । ବାଘ ଭୟରେ ସେହି ଅଞ୍ଚଳରେ ଲୋକମାନେ ସନ୍ଧ୍ୟାପରେ ତାଟିକବାଟ ଦେଇ ଘର ଭିତରେ ହିଁ ରହୁଛନ୍ତି । ସେହି ଅଞ୍ଚଳ ନିକଟବର୍ତ୍ତୀ ମା ବାଳକୁମାରୀ ପୀଠ ନିକଟରେ ମଧ୍ୟ ବାଘର ପଦଚିହ୍ନ ଦେଖାଯିବା ପରେ ମନ୍ଦିର ସନ୍ଧ୍ୟାପରେ ବନ୍ଦ କରି ଦର୍ଶନ ବନ୍ଦ କରାଯାଇଛି । ଗଞ୍ଜାମ ଜିଲ୍ଲାରେ ଅନେକ ପର୍ବତାଞ୍ଚଳ ରହିଥିବା ହେତୁ ବାଘର ଅବାଧ ଚଳପ୍ରଚଳ ହେବାକୁ ସୁବିଧା ରହିଛି ଏବଂ ଏହି ଅଞ୍ଚଳମାନଙ୍କରେ ଗୃହପାଳିତ ପଶୁମାନଙ୍କ ପ୍ରାବଲ୍ୟତାକୁ ଦେଖି ବାଘ ପାଇଁ ପ୍ରଚୁର ମାତ୍ରାରେ ଖାଦ୍ୟ ରହିଥିବା ହେତୁ ବାଘଟି ଅନ୍ୟ କୌଣସି ଅଞ୍ଚଳରୁ ଏଠାକୁ ଆସିଥାଇ ପାରେ ବୋଲି କୁହାଯାଉଛି ।

ଗଞ୍ଜାମ ଜିଲ୍ଲା ସନ୍ନିକଟ ଅଧିକାଂଶ ଜିଲ୍ଲାରେ ବଣଜଙ୍ଗଲ ଭରି ରହିଛି, ଏବଂ ସେହି ଅଞ୍ଚଳରେ ବାଘର ଅବାଧ ଚଳପ୍ରଚଳ ହେଉଥିବାର ଖବର୍ ଅନେକ ସମୟରେ ଶୁଣିବାକୁ ମିଳିଥାଏ । ଚିତାବାଘ ବା କଲରା ପତରିଆ ବାଘ ଖବର ବେଶୀ ଶୁଣିବାକୁ ମିଳୁଥିବା ବେଳେ ମହାବଳ ବାଘର ଉପସ୍ଥିତି ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି ।

ଚଳିତ ବର୍ଷର ଚର୍ଚ୍ଚିତ ଖବର ମାନଙ୍କ ମଧ୍ୟରେ ରହିଛି ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳ । ସମସ୍ତଙ୍କୁ ଆଚମ୍ବିତ କରିଦେଇ ଡୋନାଲ୍ଡ୍ ଟ୍ରମ୍ପ୍ ପୁଣିଥରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକାର ରାଷ୍ଟ୍ରପତି ପଦବୀ ପାଇଛନ୍ତି । ଟ୍ରମ୍ପଙ୍କ ବିରୋଧରେ ନିର୍ବାଚନରେ ଅଂଶଗ୍ରହଣ କରିଥିବା ଭାରତୀୟ ବଂଶୋଦ୍ଭବ କମଳା ହାରିସ୍ ନିର୍ବାଚନ ହାରି ଯାଇଛନ୍ତି । ଟ୍ରମ୍ପ୍ ପ୍ରଶାସନର ଅନେକ ନିଷ୍ପତି ଅତୀତରେ ବିବାଦର ସୃଷ୍ଟି କରିଥିଲା । ସେ ଯେଉଁଭଳି ଭାବରେ ପ୍ରଖର ହୋଇ ଆତଙ୍କବାଦୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଯେଉଁ ସବୁ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଛି ସେହି ସବୁ ଦେଶ ଉପରେ ପ୍ରତିବନ୍ଧକ ଲଗାଇଥିଲେ ସେହି ସବୁ ନିଷ୍ପତିକୁ ଆଖି ଆଗରେ ରଖି ମଧ୍ୟପ୍ରାଚ୍ୟର ଅନେକ ମୁସଲିମ ଦେଶରେ ଅଶାନ୍ତି ଦେଖା ଯାଇଛି । ଟ୍ରମ୍ପ୍ ଭବିଷ୍ୟତରେ କେଉଁଭଳି କାର୍ଯ୍ୟପନ୍ଥା ଆପଣେଇବେ ତାହା ବର୍ତ୍ତମାନ ସୁଦ୍ଧା ଜଣା ନ ପଡ଼ିଥିଲେ ମଧ୍ୟ ଯଦି ସେ ପୂର୍ବଭଳି ନିଜର ନିଷ୍ପତିରେ ଅଟଳ ରହନ୍ତି ତା ହେଲେ ଅନେକ ଦେଶ ପୁଣିଥରେ ଆମେରିକୀୟ ପ୍ରତିବନ୍ଧକ ଅନ୍ତର୍ଭୁକ୍ତ ହୋଇ ପାରନ୍ତି । ସେମିତିରେ ବି ଟ୍ରମ୍ପ୍ ଖୋଲାଖୋଲି ମୁସଲିମ୍ ଦେଶମାନେ ଆତଙ୍କବାଦ କରୁଛନ୍ତି ବୋଲି ଅତୀତରେ କହିଛନ୍ତି ତେଣୁ ସ୍ୱାଭାବିକ ସେହି ଦେଶ ମାନଙ୍କ ଉପରେ ତାଙ୍କର ଦୃଷ୍ଟି ରହିବ । ଟ୍ରମ୍ପଙ୍କ ବିଜୟ ବିଶ୍ୱର ପୁଣିଥରେ ଦକ୍ଷିଣପନ୍ଥୀଙ୍କ ବିଜୟ ଭାବରେ ଦେଖା ଯାଉଛି । ବାମପନ୍ଥୀମାନଙ୍କ ଅନେକ କୁତ୍ସାରଟନା ସତ୍ତ୍ୱେ ଟ୍ରମ୍ପଙ୍କ ବିଜୟ ଏହା ପ୍ରମାଣିତ କରୁଛି ଯେ ବିଶ୍ୱର ଜନତା ସଚେତନ ହେଉଛନ୍ତି ଏବଂ ଭଲ ଓ ମନ୍ଦ ଭିତରେ ପାର୍ଥକ୍ୟ କରିବା ଜାଣିଛନ୍ତି । ସେମାନେ ଜାଣୁଛନ୍ତି ଯେ କେଉଁ ନେତାଙ୍କୁ ଶାସନଭାର ଦେଲେ, ସଶକ୍ତ ସରକାର ଗଠନ ହେବ ଏବଂ କିଏ ଦେଶପାଇଁ ସମୁଚିତ ନିଷ୍ପତି ନେବାକୁ ସକ୍ଷମ ହେବେ ।

ଭାରତର ଏକ ବିଶାଳ ଶିକ୍ଷିତ ବର୍ଗ ସର୍ବଦା ସରକାର ବିରୋଧରେ ବିଷୋଦଗାର କରି ଦେଶ ଧରାତଳମୁଖୀ ହେଉଛି ବୋଲି ଦାବୀ କରି ଆସୁଛନ୍ତି । ସେମାନଙ୍କ ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପରିଲକ୍ଷିତ ମଧ୍ୟ ହେଉଛି । ଭାରତର ସାଂପ୍ରତିକ ସରକାରଙ୍କ ବିରୋଧରେ ଅନେକ ପ୍ରକାରର ପ୍ରଚାର ପ୍ରସାର ମଧ୍ୟ କରାଯାଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଖ୍ୟତଃ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆକ୍ଷେପ କରି ଅନେକ କଥା ଅନେକ ବ୍ୟକ୍ତି କହିଛନ୍ତି । ଦେଶରେ ଏକ ଅପ୍ରତ୍ୟାଶିତ ପ୍ରଯୋଜିତ ଅଶାନ୍ତ ସୃଷ୍ଟି କରିବାର ବାରମ୍ବାର ପ୍ରଚେଷ୍ଟା ହେଉଛି । ଏଥିରେ ହିନ୍ଦୀ ସିନେମା ଶିଳ୍ପର କିଛି ପ୍ରମୁଖ ଚେହେରା ରହିଛନ୍ତି । ସେମାନେ ସମୟ ସମୟରେ ଏକ ପାଖିଆ ପ୍ରଚାରର ଅଂଶ ହୋଇ ସରକାର ବିରୋଧରେ ମନ୍ତବ୍ୟ ମାନ ଦେଇଛନ୍ତି । ଏବଂ ଏମିତି କରୁଥିବା ସମୟରେ ସେମାନେ ବେଳେ ବେଳେ ଦେଶ ବିରୋଧୀ ଏବଂ ସନାତନ ହିନ୍ଦୁ ଧର୍ମ ବିରୋଧରେ ମଧ୍ୟ ମନ୍ତବ୍ୟମାନ ଦେବାକୁ ପଛାଇ ନାହାନ୍ତି ।

ଦେଶରେ ହେଉଥିବା ଯେ କୌଣସି ଘଟଣାକୁ ରାଜନୈତିକ ରୂପ ଦେବାପାଇଁ ବେଳେ ବେଳେ ଜାତି ଜାତି ଭିତରେ ଶତ୍ରୁତା ସୃଷ୍ଟି କରିବାକୁ ହେଉ କିମ୍ବା ଧର୍ମ ଧର୍ମ ଭିତରେ କରିବାକୁ ହେଉ ସେମାନେ ପଛାଇ ନାହାନ୍ତି । ଭାରତରେ ମୁସଲମାନ ଧର୍ମାବଲମ୍ବୀମାନେ ଭୟରେ ରହିଛନ୍ତି ବୋଲି ଗୋଟିଏ କଥା ଆମେ ବିଗତ ଦୁଇ ଦଶନ୍ଧି ଧରି ଶୁଣି ଆସୁଛୁ, ଅବଶ୍ୟ ଆମ ଚାରିପାଖରେ ସେହିଭଳି କୌଣସି ପରିସ୍ଥିତି ଆମେ ଦେଖିବାକୁ ପାଇନାହୁଁ, କିନ୍ତୁ ଯେତେବେଳେ ଜଣେ ପ୍ରମୁଖ ଅଭିନେତା ବା ବ୍ୟକ୍ତି ପ୍ରଖର ଭାବରେ ଏହି ତଥ୍ୟ ଗଣମାଧ୍ୟମରେ କୁହନ୍ତି ଏହାର ପ୍ରଭାବ ଅନେକ ଲୋକଙ୍କ ଉପରେ ପଡ଼େ । ଏଥିପାଇଁ ଦେଶରେ ଅଶାନ୍ତି ବୃଦ୍ଧି ହୁଏ, କିନ୍ତୁ ଆମ ଦେଶର ସମ୍ବିଧାନରେ ଅଭିବ୍ୟକ୍ତିର ସ୍ୱାତନ୍ତ୍ର୍ୟତା ନିୟମ ସେମାନଙ୍କୁ ସୁରକ୍ଷିତ କରେ । ହେଲେ ଗତ କିଛି ଦିନ ଭିତରେ ଅନେକ ପ୍ରମୁଖ ବ୍ୟକ୍ତି ନିଜର ମତ ପରିବର୍ତ୍ତନ କରିଛନ୍ତି ଏବଂ ସାଂପ୍ରତିକ ଭାରତ ସରକାରଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି ଏହା ସହିତ ଭାରତର ଅଭ୍ୟନ୍ତରୀଣ ପରିବେଶ ସୁସ୍ଥ ରହିଛି ବୋଲି ମଧ୍ୟ ମନ୍ତବ୍ୟ ଦେଇଛନ୍ତି । ଏହିଭଳି ପରିବର୍ତ୍ତନର କାରଣ ସ୍ପଷ୍ଟ ନ ହୋଇଥିଲେ ମଧ୍ୟ ଏହା ଗୋଟିଏ ଦୃଷ୍ଟିରୁ ଭଲ ବୋଲି ବୁଦ୍ଧିଜୀବି ମାନେ ମତ ଦେଇଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଲିଉଡ଼ର ଜନୈକ ଅଭିନେତା ବିକ୍ରାନ୍ତ ମସି, ଅତୀତରେ ମୋଦୀ ଏବଂ ଭାଜପା ସରକାରର ତୀବ୍ର ସମାଲୋଚନା କରୁଥିବା ବେଳେ ଏବେ ସେ ଦେଶରେ ହେଉଥିବା ଅନେକ କାର୍ଯ୍ୟପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଶଂସା କରି ସମସ୍ତଙ୍କୁ ଚମକାଇ ଦେଇଥିଲେ । ହଠାତ ଏଭଳି ମନ ପରିବର୍ତ୍ତନ କିଭଳି ହେଲା ବୋଲି ଅନେକେ ପ୍ରଶ୍ନ କରୁଥିବା ବେଳେ ସେ କହିଛନ୍ତି ଯେ ତାଙ୍କୁ ଯେଉଁ ସବୁ ତଥ୍ୟ ଦେଖିବାକୁ ବା ଶୁଣିବାକୁ ମିଳୁଥିଲା ସେ ସବୁ ଭ୍ରମାତ୍ମକ ଥିଲା ତେଣୁ ସେ ସରକାରଙ୍କ ସମାଲୋଚନା କରୁଥିଲେ କିନ୍ତୁ ଏବେ ସେ ଯାହା ସବୁ ଦେଖୁଛନ୍ତି ସେ ସବୁ ଦେଖିବା ପରେ ସେ ଜାଣି ପାରିଛନ୍ତି ଯେ ଦେଶରେ କୌଣସି ଖରାପ ପରିସ୍ଥିତି ନାହିଁ । ମୁସଲମାନ ମାନେ ଡରି ରହିଥିବା କଥାକୁ ସେ ଆଦୌ ବିଶ୍ୱାସ କରନ୍ତି ନାହିଁ । ସେ କହିଛନ୍ତି ଯେ ଭାରତରେ ସର୍ବଧର୍ମ ସମଭାବର ପରିବେଶ ରହିଛି ଏବଂ ପ୍ରତ୍ୟେକ ଧର୍ମକୁ ସ୍ୱାଧୀନତା ଦିଆଯାଇଛି । କୌଣସି ଧର୍ମ ଉପରେ ସରକାର ଆକ୍ରୋଶମୂଳକ କାର୍ଯ୍ୟ କରିନାହାନ୍ତି । କିନ୍ତୁ ତାଙ୍କୁ ଯେଉଁ ସବୁ ତଥ୍ୟ ମିଳିଥିଲା ସେଥିରେ ତାଙ୍କୁ କୁହାଯାଉଥିଲା ଯେ ଭାଜପା ସରକାର ମୁସଲମାନ୍ ମାନଙ୍କ ଉପରେ ଅତ୍ୟାଚାର କରୁଛନ୍ତି ଇତ୍ୟାଦି ।

ସେହିଭଳି ଅତୀତରେ ଅଭିନେତା ନସିରୁଦ୍ଦିନ୍ ଶାହ ମୁସଲମାନ ମାନେ ଭୟଭୀତ ବୋଲି ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଆସିଥିଲେ, ନିକଟ ଅତୀତରେ ସେ ଗଣମାଧ୍ୟମକୁ ବକ୍ତବ୍ୟ ଦେଇ କହିଛନ୍ତି ଯେ ସେ ସବୁ ଧର୍ମକୁ ସମ୍ମାନ କରୁଥିବା ବେଳେ ନିଜକୁ ନିରୀଶ୍ୱରବାଦୀ ଭାବେ ଦେଖୁଛନ୍ତି । ନିଜର ମୁସଲିମ୍ ପରିଚୟକୁ ସେ ପ୍ରଶ୍ନ ଆଢୁଆଳରେ ଲୁଚାଇବାକୁ ଚେଷ୍ଟା କରିଥିଲେ । ସେହିଭଳି ଗୀତିକାର ଜାଭେଦ୍ ଅଖ୍ତର ସମେତ ଆହୁରି ଅନେକ ପ୍ରମୁଖ ବ୍ୟକ୍ତି ଏବେ ଧର୍ମ ଆଢୁଆଳରେ ସରକାରଙ୍କ ଉପରେ ଟିକାଟିପ୍ପଣୀ ଆଉ କରୁନାହାନ୍ତି । ଅବଶ୍ୟ ଚଳଚ୍ଚିତ୍ର ଅଭିନେତାମାନେ ନିଜର ସିନେମା ଆସୁଥିବା ସମୟରେ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହିଭଳି ମନ୍ତବ୍ୟ ମାନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥାନ୍ତି, ହେଲେ ଯେଉଁମାନେ ସବୁ ଏବେ ନିଜର ମତ ପରିବର୍ତ୍ତନ କରିଛନ୍ତି ସେମାନେ କେହି ବି ନିଜ ଚଳଚ୍ଚିତ୍ରପାଇଁ ଏଭଳି କରୁଥିବା କଥା ମନେ ହେଉନାହିଁ । ଯଦି ଭାରତର ଶିକ୍ଷିତବର୍ଗ ଦେଶରେ ହେଇଥିବା ଉନ୍ନତି ବିଷୟରେ ମନ୍ତବ୍ୟ ଦେଇ ବିଶ୍ୱ ଦରବାରରେ ଭାରତର ପ୍ରତିଷ୍ଠା ବୃଦ୍ଧି କରି ପାରିବେ ତା ହେଲେ ତାହା ଆମ ଦେଶପାଇଁ ଉଚିତ ହେବ ।

କ୍ରୀଡ଼ା ଜଗତରେ କ୍ରିକେଟ ଖେଳର ମହତ୍ତ୍ୱ ସମସ୍ତେ ଜାଣନ୍ତି । ବିଶେଷ କରି ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଅଧିକାଂଶ କ୍ରିକେଟ୍ ମ୍ୟାଚ୍ ଅତ୍ୟନ୍ତ ଲୋକପ୍ରିୟ, ଏଥିରେ ଦ୍ୱିମତ ନାହିଁ । ବିଶ୍ୱକପ୍ ପରେ ସର୍ବାଧିକ ଲୋକପ୍ରିୟ ସ୍ୱର୍ଦ୍ଧା ଚାମ୍ପିୟନ୍ସ ଟ୍ରଫି, ଆସନ୍ତା ବର୍ଷ ୨୦୨୫ରେ ପାକିସ୍ତାନରେ ଅନୁଷ୍ଠିତ ହେବ । ହେଲେ ଭାରତ ସରକାର ଏହି କ୍ରୀଡ଼ା ସ୍ୱର୍ଦ୍ଧାରେ ଭାରତୀୟ ଦଳ ଅଂଶ ଗ୍ରହଣ କରିବେ ନାହିଁ ବୋଲି ନିଷ୍ପତ୍ତି ଜଣାଇଛନ୍ତି । ଏହାକୁ ନେଇ ବର୍ତ୍ତମାନ ଏକ ଅତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ପାକିସ୍ତାନ ଏହି ମାମଲାକୁ ନେଇ ବିଶ୍ୱ ଦରବାରରେ ଭାରତକୁ ଏକଘରିକିଆ କରିବା ଯୋଜନା କରୁଛି । ନଭେମ୍ବର ମାସ ୧୪ ତାରିଖ ଦିନ ଆମେରିକୀୟ ଗଣମାଧ୍ୟମ ପ୍ରତିନିଧି ନିତିଦିନିଆ ପ୍ରେସବାର୍ତ୍ତା ଦେଉଥିବା ସମୟରେ ଜଣେ ପାକିସ୍ତାନୀ ସାମ୍ବାଦିକ ତାଙ୍କୁ ପ୍ରଶ୍ନ କରିଥିଲେ, ଯେ ବିଶ୍ୱ କପ୍ ଭଳି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ମଧ୍ୟ ଅତ୍ୟନ୍ତ ପ୍ରସିଦ୍ଧ । ଏହି ଖେଳରେ ଅନେକ ଦେଶ ଅଂଶ ଗ୍ରହଣ କରନ୍ତି । କିନ୍ତୁ ରାଜନୀତି ଆଢୁଆଳରେ ଭାରତ ୨୦୦୮ ମସିହା ପରଠାରୁ ପାକିସ୍ତାନ ଭ୍ରମଣ କରିନାହିଁ କିମ୍ବା ଖେଳରେ ଅଂଶ ଗ୍ରହଣ କରିନାହିଁ, ଆପଣଙ୍କୁ ଲାଗୁନାହିଁ କି ଖେଳକୁ ରାଜନୀତିଠାରୁ ଅଲଗା କରିବା ଉଚିତ ହେବ ?

ଏହିଭଳି ପ୍ରଶ୍ନ ଅପ୍ରତ୍ୟାଶିତ ଥିଲା ତେଣୁ ପ୍ରତିନିଧି ବେଦାନ୍ତ ପଟେଲ କହିଥିଲେ ଯେ ଏହି ମାମଲା ଭାରତ ଓ ପାକିସ୍ତାନର ମଧ୍ୟରେ ହେଉଛି । ଖେଳ ଏକ ଶକ୍ତିଶାଳୀ ମାଧ୍ୟମ ସତ କିନ୍ତୁ ଏହି ବିଷୟରେ ସେ କୌଣସି ମତ ଉପସ୍ଥାପନ କରିବାକୁ ମନା କରିଦେଇଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ମଧ୍ୟରେ ଆୟୋଜିତ ହେବାକୁ ଥିବା ଏହି ଖେଳ ପ୍ରତିଯୋଗୀତାରେ ଭାରତୀୟ କ୍ରିକେଟ୍ ସଂଘ ସୁରକ୍ଷା ଦାୟକରି ଅଂଶ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ପାକିସ୍ତାନର ଲାହୋର, କରାଚୀ ଏବଂ ରାବଲପିଣ୍ଡି ସହର ମାନଙ୍କରେ ଏହି ଖେଳ ସବୁ ଆଠଟି ବିଶିଷ୍ଟ କ୍ରିକେଟ୍ ଖେଳୁଥିବା ଦେଶ ମଧ୍ୟରେ ଆୟୋଜିତ ହେବ । ହେଲେ ଭାରତୀୟ କ୍ରିକେଟ୍ ମହାସଂଘ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍ ସଂଘକୁ ନିଜର ସୁରକ୍ଷା ପ୍ରଶ୍ନବାଚୀ ବୋଲି ଦର୍ଶାଇ ସମସ୍ତ ଖେଳ ଦୁବାଇରେ ଆୟୋଜିତ କରିବା ପାଇଁ ଅନୁରୋଧ କରିଛନ୍ତି ।

ସ୍ପଷ୍ଟ ଯେ, ଏହି ଖେଳ ଦ୍ୱାରା ପାକିସ୍ତାନ ବୈଦେଶିକ ମୁଦ୍ରା ଆୟ କରିବା ଯୋଜନା କରୁଥିବା ବେଳେ ଚାମ୍ପିୟନ୍‌ସ ଟ୍ରଫିରେ ଭାରତ ଅଂଶ ଗ୍ରହଣ ନ କରିଲେ ଏହି ଖେଳକୁ ବିଜ୍ଞାପନ ମିଳିବା ଅସମ୍ଭବ ହୋଇଯିବ ଏବଂ ଖେଳ ଆୟୋଜନ ପାଇଁ ପାକିସ୍ତାନ ଉପରେ ଚାପ ପଡ଼ିବ । ତେଣୁ କଳେ ବଳେ କଉଶଳେ ସେମାନେ ଭାରତକୁ ଏହି ଖେଳରେ ଅଂଶ ଗ୍ରହଣ କରିବାପାଇଁ ବାଧ୍ୟ କରିବାକୁ ଚେଷ୍ଟା କରୁଛନ୍ତି । ଅର୍ଥାଭାବ ଭୋଗୁଥିବା ପାକିସ୍ତାନ ପାଇଁ ଏହିଭଳି ଖେଳ ପ୍ରତିଯୋଗିତା ବୈଦେଶିକ ମୁଦ୍ରା ପାଇବାର ଏକ ପ୍ରମୁଖ ପନ୍ଥା ଥିବା ବେଳେ ଭାରତର ଆଭିମୁଖ୍ୟ ଏହାକୁ ଭଣ୍ଡୁର କରିଦେବା ନେଇ ପାକିସ୍ତାନୀ ସରକାର ଚିନ୍ତାରେ ଅଛନ୍ତି ।

ଭାରତର ରାଜଧାନୀ ଦିଲ୍ଲୀ ସମେତ ଏହାର ଆଖପାଖ ଅଞ୍ଚଳ ବର୍ତ୍ତମାନ ଅଣଘୋଷିତ କର୍ଫ୍ୟୁ ପୀଡ଼ିତ ଭଳି ମନେ ହେଉଛି । ପ୍ରଦୁଷଣକୁ ମପାଯାଉଥିବା ବାୟୁ ସ୍ୱଚ୍ଛତା ଇଣ୍ଡେକ୍ସ ଅତ୍ୟଧିକ ମାତ୍ରାରେ ବୃଦ୍ଧିପାଇଛି । ଗୋଟିଏ ବୈଶ୍ୱିକ ସଂସ୍ଥାଦ୍ୱାରା ଦିଲ୍ଲୀ ସହରର ବାୟୁ ସ୍ୱଚ୍ଛତା ସ୍କୋର୍ ୧୬୦୦ରୁ ଅଧିକ ବୋଲି ଆକଳନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ୩୦୦ରୁ ଉର୍ଦ୍ଧ୍ୱ ସ୍କୋର ସଂପୃକ୍ତ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କ ସ୍ୱାସ୍ଥ୍ୟପାଇଁ ବିପଦଜନକ ବୋଲି କୁହାଯାଉଛି । ଏଥିପାଇଁ ପଦକ୍ଷେପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଆଯାଇ, ସ୍କୁଲ୍ ଏବଂ ଦପ୍ତର ଆଦି ବନ୍ଦ କରାଯାଇଛି । ଅଧିକ ଯାନବାହାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ଦିଲ୍ଲୀ ସହରର ବାୟୁମଣ୍ଡଳରେ ଅତ୍ୟଧିକ ମାତ୍ରାରେ କୁହୁଡ଼ି ଦେଖାଯାଉଥିବା ବେଳେ ଏହା ପଡ଼ୋଶୀ ରାଜ୍ୟମାନଙ୍କରେ ଚାଷ ପରେ ବଳିଥିବା ପାଳ ଓ କୁଟା ଆଦି ଜଳାଇବା କାରଣରୁ ହେଉଥିବା ଜଣାଯାଇଛି । ଏହା ସହିତ ବର୍ଦ୍ଧିତ କଳକାରଖାନାର ଉପସ୍ଥିତି ହେତୁ ବାୟୁ ଓ ଜଳ ପ୍ରଦୁଷଣ ହେଉଛି ।

ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ସଂସ୍କରଣ ପ୍ରକାଶନରେ ହୋଇଥିବା ବିଳମ୍ବ ହେତୁ ମୁଁ କ୍ଷମାପ୍ରାର୍ଥୀ । ବିଗତ ଦୁଇ ମାସରେ ମୋର ନୂତନ କର୍ମସଂସ୍ଥାନ ପାଇଁ ସମୟର ଘୋର ଅଭାବ ଦେଖା ଦେଉଛି । ଭବିଷ୍ୟତରେ ଏହି କାର୍ଯ୍ୟ ବାହ୍ୟ ସୂତ୍ରରେ କରିବାକୁ ହେବ । ସେତେବେଳେ ଆପଣ ଆମକୁ ସହାୟତା କରିବାକୁ ହେବ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୋଡ଼କାଷ୍ଟ

ଗତ ମାସରେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କିଛି ଗଳ୍ପ ଆମ ପୋଡ଼କାଷ୍ଟରେ ପ୍ରକାଶିତ ହୋଇଛି । ପ୍ରତ୍ୟେକ ମାସରେ ପ୍ରକାଶିତ ଗଳ୍ପ ଓ ପ୍ରବନ୍ଧ ମଧ୍ୟରୁ ଶ୍ରେଷ୍ଠ ବିବେଚିତ କିଛି ଆଲେଖ୍ୟକୁ ଆମ ପୋଡ଼ କାଷ୍ଟରେ ସ୍ଥାନ ଦିଆଯିବ ।

ଆହ୍ୱାନ ଓଡ଼ିଆ ଇ-ପତ୍ରିକା ଆନୁକୂଲ୍ୟରେ ପ୍ରକାଶିତ ହେଉଛି Odia Podcast Original, ପୋଡ଼କାଷ୍ଟ ଚାନେଲ୍ । ଏଥିରେ ଓଡ଼ିଆ ଭାଷାରେ, ଗଳ୍ପ, କବିତା, ପ୍ରବନ୍ଧ ସମେତ ଅନେକ ବିଷୟରେ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଛି । ଆମ ପୋଡ଼କାଷ୍ଟ ପ୍ରସାରଣ ଆମାଜନ୍, ଆପଲ୍, ସ୍ପଟିଫାଇ ଇତ୍ୟାଦି ସମସ୍ତ ପୋଡ଼କାଷ୍ଟ ଡାରେକ୍ଟରୀ ମାନଙ୍କରେ ଦେଖିବାକୁ ମିଳେ ।

ଏହା ଆପଣ ଆମର ୟୁଟ୍ୟୁବ୍ ଚାନେଲରେ ମଧ୍ୟ ଶୁଣିପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଷ୍କ୍ରିୟ ବୃକକ୍ ବା କିଡ଼ନୀ ଫେଲର୍

କିଡ଼ନୀ ଫେଲ୍ ହେବା ବା ଶରୀରର ଗୋଟିଏ କିମ୍ବା ଉଭୟ ବୃକକ୍ ନିଷ୍କ୍ରିୟ ହେବାକୁ କୁହାଯାଏ । ଏହି ସମସ୍ୟା ବେଳେ ବେଳେ ତ୍ୱରିତ ଭାବରେ ଦେଖାଦିଏ ଏବଂ ଶୀଘ୍ର ଭଲ ବି ହୋଇ ଯାଇପାରେ, କିନ୍ତୁ ଅନେକ ସମୟରେ ଏହା ଦୀର୍ଘଦିନ ଧରି ଆସ୍ତେ ଆସ୍ତେ କିଡ଼ନିର କାର୍ଯ୍ୟକ୍ଷମତାକୁ ହ୍ରାସ କରୁଥିବା ସମସ୍ୟା ଭାବରେ ଦେଖାଦେଇ ପାରେ ।

ଏହା କିଡ଼ନୀର ଏକ ଅତ୍ୟନ୍ତ ଗୁରୁତର ସମସ୍ୟା । ଚିକିତ୍ସା ବିନା ରୋଗୀଙ୍କ ଜୀବନ ବିପନ୍ନ ହୋଇପାରେ । ବିନା ଚିକିତ୍ସାରେ କିଡ଼ନୀ ଫେଲ୍ ହୋଇଥିବା ରୋଗୀ ଅଳ୍ପଦିନ ହିଁ ବଞ୍ଚି ରହି ପାରିବେ ।

ଆମ ଶରୀରରେ ପାକସ୍ଥଳୀ ଏବଂ ଅନ୍ତନଳୀ ମାନଙ୍କ ପଛରେ ଉଭୟ ପାର୍ଶ୍ୱରେ ଦୁଇଟି ଶିମ୍ବମଞ୍ଜି ଆକାରର ଯନ୍ତ୍ର ଦେଖାଯାଏ, ଯାହାକୁ ବୃକକ୍ କୁହାଯାଏ । ହାତ ମୁଠା ଆକାରର ଏହି ଦୁଇଟି ଅଙ୍ଗ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି ଯଥା ରକ୍ତକୁ ନିର୍ମଳ କରିବା, ଶରୀରରେ ଅମ୍ଳତାକୁ ନିୟନ୍ତ୍ରଣ କରିବା, ରକ୍ତ କଣିକା ନିର୍ମାଣ କରିବା ଇତ୍ୟାଦି । ମୁଖ୍ୟତଃ ରକ୍ତକୁ ପରିଷ୍କାର କରି ଏଥିରେ ଥିବା ଅନାବଶ୍ୟକ ଦ୍ରବ୍ୟକୁ ପରିସ୍ରା ମାଧ୍ୟମରେ ଶରୀରରୁ ବାହାରକୁ ପଠାଇବା କାର୍ଯ୍ୟ କିଡ଼ନୀ ଦ୍ୱାରା ହିଁ ହୋଇଥାଏ ।

ଯଦି କୌଣସି କାରଣରୁ କିଡ଼ନୀ ନିଜର କର୍ତ୍ତବ୍ୟ ସମ୍ପାଦନରେ ଅସଫଳ ହୁଏ ତା ହେଲେ ଶରୀରରୁ ନିଷ୍କାସିତ ହେଉଥିବା ଅନାବଶ୍ୟକ ଦ୍ରବ୍ୟ ସବୁ ଶରୀରର ରକ୍ତରେ ହିଁ ଜମା ହୋଇ ରହେ, ଯାହା ଫଳରେ ବ୍ୟକ୍ତି ରୋଗାକ୍ରାନ୍ତ ହୋଇ ବିଭିନ୍ନ ଲକ୍ଷଣ ଦେଖାଇଥାନ୍ତି ଏବଂ ଏହାକୁ ତୁରନ୍ତ ଠିକ୍ କରାନଗଲେ, ସଂପୃକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ହୋଇପାରେ । ସଠିକ ଚିକିତ୍ସାଦ୍ୱାରା କିଡ଼ନି ଫେଲ୍ ହୋଇଥିବା ରୋଗୀ ଅନେକ ବର୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପର୍ଯ୍ୟନ୍ତ ବଞ୍ଚି ରହି ପାରିବେ ।

କିଡ଼ନୀ ଫେଲ୍ ହେବାର ଲକ୍ଷଣ ସବୁ କଣ ?

ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇପାରେ । ସୁସ୍ଥ ବ୍ୟକ୍ତିଙ୍କ କ୍ଷେତ୍ରରେ ଲକ୍ଷଣ ସାମାନ୍ୟ ହେଉଥିବା ବେଳେ ଦୁର୍ବଳ ବ୍ୟକ୍ତିଙ୍କ କ୍ଷେତ୍ରରେ ଲକ୍ଷଣ ସବୁ ମାରାତ୍ମକ ବି ହୋଇପାରେ । ସାଧାରଣତଃ ଏହି ସବୁ ଲକ୍ଷଣ ମଧ୍ୟରୁ କିଛି କିଛି ଲକ୍ଷଣ ଦେଖା ଦେଇପାରେ ।

ଅତ୍ୟଧିକ ଦୁର୍ବଳତା ଲାଗିବା

ବାନ୍ତି ଲାଗିବା ଏବଂ ବାନ୍ତି ହେବା

ମାନସିକ ଅସ୍ଥିରତା ଏବଂ ମନ ନ ଲାଗିବା

ହାତ, ପାଦ ଏବଂ ମୁହଁ ଫୁଲିବା

ଏକାଧିକ ବାର ପରିଶ୍ରା ଲାଗିବା

ମାଂସପେଶୀ କାଟିବା

ଚମଡ଼ା ଶୁଖିଲା ଏବଂ କୁଣ୍ଡେଇ ହେବା

ଅଗ୍ନିମାନ୍ଦ୍ୟ ବା ଭୋକର ଅଭାବ ଦେଖାଦେବା

ନିଶ୍ୱାସ ପ୍ରଶ୍ୱାସରେ ଅସୁବିଧା ହେବା ।

କେଉଁମାନଙ୍କୁ କିଡ଼ନୀ ଫେଲର୍ ହେବାର ସମ୍ଭାବନା ଅଧିକ ଥାଏ ?

ଯେ କେହି ବି କିଡ଼ନୀ ଫେଲରର ଶୀକାର ହୋଇ ପାରନ୍ତି । କିନ୍ତୁ ଯଦି ଜଣେ ବ୍ୟକ୍ତିଙ୍କୁ ନିମ୍ନୋକ୍ତ କୌଣସି ସମସ୍ୟା ଆଗରୁ ହିଁ ଥାଏ ତା ହେଲେ ତାଙ୍କର କିଡ଼ନୀ ଫେଲ୍ ହେବାର ସମ୍ଭାବନା ବଢ଼ିଯାଏ । ଯଥା;

ମଧୁମେହ ରୋଗୀ

ଉଚ୍ଚରକ୍ତଚାପ ରୋଗୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟ ରୋଗୀ

ପରିବାରରେ କିଡ଼ନୀ ଫେଲର ଇତିହାସ

ଜନ୍ମଗତ କିଡ଼ନୀ ଦୋଷ

ବୟସ୍କ ରୋଗୀ

ଅଧିକ ବ୍ୟଥାନିବାରକ ଔଷଧ ନେଉଥିବା ରୋଗୀ

କିଡ଼ନୀ ଫେଲର ଏକ ସାଧାରଣ ସମସ୍ୟା ନ ହୋଇଥିଲେ ସୁଦ୍ଧା ପ୍ରତିବର୍ଷ ଲକ୍ଷାଧିକ ଲୋକ କିଡ଼ନୀ ଫେଲର ରୋଗର ଶୀକାର ହୁଅନ୍ତି । ଭାରତ ଭଳି ଦେଶରେ ଏହି ରୋଗର ସଠିକ ସଂଖ୍ୟା ଜଣା ନଥିଲେ ସୁଦ୍ଧା ବାର୍ଷିକ ଅନ୍ୟୁନ ଏକ ଲକ୍ଷ ଲୋକ ଏଥିଯୋଗୁଁ ପ୍ରାଣ ହରାଉଥିବା ଅନୁମାନ କରାଯାଏ । ଜନସଂଖ୍ୟାର ପାଖାପାଖି ଦଶ ପ୍ରତିଶତ ଲୋକଙ୍କୁ ଏହି ରୋଗ ଆକ୍ରାନ୍ତ କରୁଥିବା ଅନୁମାନ କରାଯାଉଛି ।

କିଡ଼ନୀ ଫେଲ୍ ହେଲେ ଶରୀରରେ କଣ ପରିବର୍ତ୍ତନ ଦେଖାଯାଏ ।

ଆମ କିଡ଼ନୀ ମଧ୍ୟରେ ଥିବା ପରିଶ୍ରା ପ୍ରସ୍ତୁତ କରୁଥିବା ସଂରଚନାକୁ ନେଫ୍ରନ୍ କୁହାଯାଏ ଏବଂ ସେଠାରେ ପ୍ରତି ମୁହୂର୍ତ୍ତରେ ପରିଶ୍ରା ତିଆରି ହେଉଥାଏ । ଏହି ପ୍ରକ୍ରିୟାକୁ ଗ୍ଲୋମେରୁଲାର୍ ଫିଲ୍ଟ୍ରେସନ୍ କୁହାଯାଏ । ସାଧାରଣତଃ ପ୍ରତି ମିନିଟରେ ଶହେ ମିଲିଲିଟର୍ ପରିଶ୍ରା ତିଆରି ହୁଏ । ଏହି ପ୍ରକ୍ରିୟା ଯେତେ ଯେତେ ଶିଥିଳ ହୋଇଯାଏ, କିଡ଼ନୀ ଫେଲରକୁ ସେଇ ଭାବରେ ସଂଖ୍ୟାବଦ୍ଧ ନାମକରଣ କରାଯାଇଥାଏ । ଯେମିତି, ଯଦି ଜଣେ ବ୍ୟକ୍ତିଙ୍କର ଗ୍ଲୋମେରୁଲାର୍ ଫିଲ୍ଟ୍ରେସନ୍ ଦର ବା ଜିଏଫଆର୍ ୧୦୦ ରହିଲେ କିଡ଼ନୀ ସଠିକ୍ କାର୍ଯ୍ୟ କରୁଛି ବୋଲି କୁହାଯିବ । ଯଦି ଏହା ୯୦ ଏବଂ ୧୦୦ ମଧ୍ୟରେ ରହେ ତା ହେଲେ ଏହାକୁ ପ୍ରଥମସ୍ତର, ୬୦ ରୁ ୮୯ ରହିଲେ, ଦ୍ୱିତୀୟ, ୩୦ ରୁ ୫୯ ରହିଲେ ତୃତୀୟ, ୧୫ ରୁ ୨୯ ରହିଲେ ଚତୁର୍ଥ ଏବଂ ୧୫ରୁ ନିମ୍ନକୁ ରହିଲେ ପଞ୍ଚମ ସ୍ତରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଡ଼ନୀ ଫେଲର୍ ବୋଲି ଧରାଯିବ ।

ମଧୁମେହ ଏବଂ ଉଚ୍ଚ ରକ୍ତଚାପ ରୋଗ କିଡ଼ନୀ ନିଷ୍କ୍ରିୟତାର ପ୍ରମୁଖ କାରଣ । ମଧୁମେହ ରୋଗ ସଠିକ ଭାବରେ ନିୟନ୍ତ୍ରଣ ନ କରାଗଲେ, ଶରୀରରେ ଶର୍କରା ଅତ୍ୟଧିକ ମାତ୍ରାରେ ଦେଖାଦିଏ ଏବଂ ଏହା କିଡ଼ନୀ ଉପରେ ଚାପ ପକାଇଥାଏ, ଯାହା ଫଳରେ ଆସ୍ତେ ଆସ୍ତେ କିଡ଼ନୀ ସମେତ ଶରୀରର ଅନେକ ଅଙ୍ଗ ନିଷ୍କ୍ରିୟ ହୋଇଥାଏ ।

ସେହିଭଳି ଉଚ୍ଚରକ୍ତଚାପକୁ ନିୟନ୍ତ୍ରିତ କରାନଗଲେ ଏହା ଅନ୍ତତଃ କିଡ଼ନୀକୁ ନିଷ୍କ୍ରିୟ କରିଦେଇ ପାରେ । ସାଧାରଣତଃ କିଡ଼ନୀ ଫେଲର ଶୀଘ୍ର ହୁଏନାହିଁ । ଏବଂ ଏହି ଦୁଇ ରୋଗ ବ୍ୟତୀତ ଅନେକ କାରଣ ଥାଇପାରେ ଯେଉଁଥିପାଇଁ କିଡ଼ନୀ ଫେଲ୍ ହୋଇ ପାରେ ।

କିଡ଼ନୀ ଫେଲ୍ ହୋଇଥିଲେ କିଭଳି ରୋଗ ନିଦାନ ଓ ନିରୁପଣ କରାଯାଏ ?

ଯଦି ଚିକିତ୍ସକ ସନ୍ଦେହ କରନ୍ତି ଯେ ଜଣେ ବ୍ୟକ୍ତିଙ୍କର କିଡ଼ନୀ ଫେଲ୍ ହୋଇଛି ତା ହେଲେ ସେ ସେହି ସମ୍ବନ୍ଧୀୟ ଅନେକ ପରୀକ୍ଷଣ କରିବାପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି । ଏଥିରେ ରକ୍ତ ଏବଂ ପରିସ୍ରା ପରୀକ୍ଷା ସମେତ, ଏକ୍ସ ରେ, ଅଲ୍ଟ୍ରାସାଉଣ୍ଡ ଏବଂ ଉଚ୍ଚ କମ୍ପ୍ୟୁଟରୀକୃତ ପରୀକ୍ଷା ଅନ୍ତର୍ଭୁକ୍ତ ।

କିଡ଼ନୀ ନିଷ୍କ୍ରିୟତାର ଚିକିତ୍ସା କେଉଁଭଳି ଭାବରେ କରାଯାଏ ?

କିଡ଼ନୀ ଫେଲର ରୋଗର କାରଣ ନିରୂପଣ କରିବା ପରେ ହିଁ ଚିକିତ୍ସା ବ୍ୟବସ୍ଥା କରାଯାଏ । ସମ୍ଭାବ୍ୟ କାରଣକୁ ଖୋଜି ବାହାର କରିବା ପରେ ରୋଗୀଙ୍କୁ ଚିକିତ୍ସା ପଦ୍ଧତି ବିଷୟରେ ଜଣାଇ ଦିଆଯାଏ । ଅତ୍ୟଧିକ ଗୁରୁତର ରୋଗୀଙ୍କୁ ଆପଦକାଳୀନ ସେବା ବା ଆଇସିୟୁ ବ୍ୟବସ୍ଥାରେ ରଖିବାକୁ ପଡ଼ିପାରେ । ଆବଶ୍ୟକ ହେଲେ ହେମୋଡାଇଲିସିସ୍ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥାଏ ।

ସାଧାରଣତଃ ନିୟମିତ ରକ୍ତ ପରୀକ୍ଷା, ରକ୍ତଚାପ ଓ ରକ୍ତ ଶର୍କରା ନିୟନ୍ତ୍ରଣ ସମେତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି ଔଷଧ ଦ୍ୱାରା ହିଁ ପ୍ରାଥମିକ ଭାବରେ କିଡ଼ନୀ ଫେଲର୍ ରୋଗୀଙ୍କ ଚିକିତ୍ସା କରାଯାଏ । କିନ୍ତୁ ଏହି ସବୁ ବ୍ୟବସ୍ଥା ସତ୍ତ୍ୱେ ଯଦି ରୋଗୀଙ୍କ ବଞ୍ଚିବାର ସମ୍ଭାବନା କମ ମନେ ହୁଏ ତା ହେଲେ ତାଙ୍କୁ ନିୟମିତ ଡାଇଲିସିସ୍ ସେବା କିମ୍ବା କିଡ଼ନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦିଆଯାଇ ଥାଏ ।

ଡାଇଲିସିସ୍ ପ୍ରକ୍ରିୟାରେ ଏକ ବୈଦ୍ୟୁତିକ ଉପକରଣ ମାଧ୍ୟମରେ ବ୍ୟକ୍ତିଙ୍କର ରକ୍ତକୁ ବିଶୋଧନ କରାଯାଏ ଏବଂ ଏହି ପ୍ରକ୍ରିୟା ସାଧାରଣତଃ ବ୍ୟକ୍ତିଙ୍କର କିଡ଼ନୀ କାର୍ଯ୍ୟକ୍ଷମତା ଅନୁସାରେ ସାପ୍ତାହିକ କିମ୍ବା ସପ୍ତାହରେ ଅନେକ ଥର ମଧ୍ୟ କରିବା ପାଇଁ କୁହାଯାଇପାରେ । ଏହି ପ୍ରକ୍ରିୟା ଦ୍ୱାରା ରୋଗୀ ଅନେକ ବର୍ଷ ବଞ୍ଚି ରହିପାରନ୍ତି ।

ଯଦି ଉଭୟ କିଡ଼ନୀ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥାଏ, ତା ହେଲେ ନୂତନ କିଡ଼ନୀ ପ୍ରତ୍ୟାରୋପଣ ହିଁ ଶେଷ ଉପାୟ ରହେ । ଏଥିରେ ପରିଚିତ ବା ପରିବାର ସଦସ୍ୟଙ୍କ ଠାରୁ କିଡ଼ନୀ ନେଇ ପ୍ରତ୍ୟାରୋପଣ କରି ହେବ କିମ୍ବା ଅନ୍ୟମାନଙ୍କ ଠାରୁ ଦାନ ସୂତ୍ରରେ ଗ୍ରହଣ କରି ହେବ । ଆଜିକାଲି ମୃତବ୍ୟକ୍ତିଙ୍କ ଠାରୁ ମଧ୍ୟ କିଡ଼ନୀ ସଂଗ୍ରହ କରାଯାଇ ପ୍ରତ୍ୟାରୋପଣ କରାଯାଇ ପାରୁଛି । ଏହି ସମସ୍ତ କ୍ଷେତ୍ରରେ ସଂପୃକ୍ତବ୍ୟକ୍ତିଙ୍କ ବୟସ ଆହୁରି ଦଶରୁ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ବଢ଼ାଇ ହୋଇପାରେ ବୋଲି କହିହେବ ।

କିଡ଼ନୀ ଫେଲର୍ ରୋଗୀ କଣ କେବେ ଭଲ ହୋଇ ପାରିବେ ?

ହଁ, ନିଶ୍ଚୟ ହୋଇ ପାରିବେ । ସଠିକ ନିୟମିତ ଚିକିତ୍ସା ଏବଂ ପରୀକ୍ଷାନିରୀକ୍ଷା ଦ୍ୱାରା ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ସୁସ୍ଥ ରହି ପାରିବ । ଅବଶ୍ୟ ଏଥିପାଇଁ ଆଜୀବନ ଔଷଧ ଉପରେ ନିର୍ଭର କରିବାକୁ ପଡ଼ିପାରେ ।

ଯଦି କୌଣସି ଔଷଧ ନିଆଯାଏ ନାହିଁ, କିମ୍ବା ଡାଇଲିସିସ୍ ଅଥବା କିଡ଼ନୀ ପ୍ରତ୍ୟାରୋପଣ କରାଯାଏ ନାହିଁ, ତା ହେଲେ ଜଣେ ରୋଗୀ ଅନେକ ଦିନ ବଞ୍ଚି ରହିବା ଅସମ୍ଭବ । କେବଳ ଡାଇଲିସିସ୍ ଦ୍ୱାରା ଜଣେ ରୋଗୀ ଦଶରୁ ତିରିଶି ବର୍ଷ ପର୍ଯ୍ୟନ୍ତ ଅଧିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଞ୍ଚିପାରେ । କିଡ଼ନୀ ପ୍ରତ୍ୟାରୋପଣ ଦ୍ୱାରା ୧୨ରୁ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିହେବ ।

କିଡ଼ନୀ ଫେଲର ନ ହେବାପାଇଁ କଣ କରିବା ଉଚିତ ହେବ ?

ସୁସ୍ୱାସ୍ଥ୍ୟକର ଅଭ୍ୟାସ ଆମ କିଡ଼ନୀର ବୟସ ବୃଦ୍ଧି ହେବାରେ ସହାୟକ ହୋଇପାରେ । ନିୟମିତ ରକ୍ତଚାପ ଓ ଶର୍କରା ନିୟନ୍ତ୍ରଣ ଏଥିରେ ବହୁତ ଲାଭପ୍ରଦ ହୋଇପାରେ । ନିୟମିତ କିଡ଼ନୀ ସମ୍ବନ୍ଧୀୟ ପରୀକ୍ଷା ସବୁ କରିବା, ତମ୍ବାଖୁ ସେବନରୁ ବଞ୍ଚିବା, ଅତ୍ୟଧିକ୍ ପ୍ରୋଟିନ୍ ଏବଂ ଲବଣ ସେବନରୁ ବଞ୍ଚିବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରାମର୍ଶ ନେବା ଆବଶ୍ୟକ ।

କିଡ଼ନୀ ଫେଲ୍ ହେବା ପରେ କଣ ଭବିଷ୍ୟ ପନ୍ଥା ରହିଛି ?

ଥରେ କିଡ଼ନୀ ଫେଲ୍ ହୋଇଗଲେ, ଏହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭବ ନୁହେଁ, କିନ୍ତୁ ସଠିକ୍ ଚିକିତ୍ସା ଦ୍ୱାରା ଏହାର କୁଫଳକୁ ଆମେ ଅନେକ ଦିନ ପର୍ଯ୍ୟନ୍ତ ଦୂର କରି ରଖିପାରିବା ।

ଆପଣଙ୍କ କିଡ଼ନୀ ଆପଣଙ୍କ ଶରୀରକୁ ଦୋଷମୁକ୍ତ ରଖିବା ପାଇଁ କାର୍ଯ୍ୟ କରେ ଏବଂ ଏହା ଶରୀରର ଅନାବଶ୍ୟକ ଦ୍ରବ୍ୟ ଓ ଜଳୀୟାଂଶକୁ ଶରୀରରୁ ନିଷ୍କାସନରେ ସହାୟତା କରିଥାଏ । ଯଦି କିଡ଼ନୀ ନିଷ୍କ୍ରିୟ ହୋଇଯାଏ ତାହା ହେଲେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ବିପଦଜନକ ହୋଇ ପାରେ । ତେଣୁ ନିଜ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ଚିକିତ୍ସକଙ୍କ ସହ ନିୟମିତ ପରାମର୍ଶ କରନ୍ତୁ । ନିୟମିତ ପରୀକ୍ଷା କରନ୍ତୁ ଏବଂ ସୁସ୍ଥ ରହନ୍ତୁ ।

ଆଜି ମାନେ ଶୁଣିଲେ କିଡ଼ନୀ ଫେଲର୍ ବା ନିଷ୍କ୍ରିୟ ବୃକକ୍ ରୋଗ ବିଷୟରେ ।

ଅଧିକ ସୂଚନା ତଥା ଚିକିତ୍ସୀୟ ପରାମର୍ଶ ହେତୁ ନିକଟସ୍ଥ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ନିମ୍ନରେ ଦିଆଯାଇଥିବା ନମ୍ବରରେ କଥା ହୋଇ ପାରିବେ ।

ଧନ୍ୟବାଦ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବ୍ରେନ୍ ଷ୍ଟ୍ରୋକ୍ ବା ମସ୍ତିଷ୍କଘାତ ମାନେ କଣ ?

ନମସ୍କାର, ଆସନ୍ତୁ ଶୁଣିବା ଆଜିର ସ୍ୱାସ୍ଥ୍ୟ ସୂଚନା । ଆଜି ଆମେ ଶୁଣିବା ବ୍ରେନ୍ ଷ୍ଟ୍ରୋକ୍ ବା ମସ୍ତିଷ୍କଘାତ ବିଷୟରେ ।

ଷ୍ଟ୍ରୋକ୍ ଅର୍ଥାତ କୌଣସି ଜିନିଷକୁ ଅତ୍ୟଧିକ ଶକ୍ତିର ସହ ଆଘାତ କରିବା, ବାସ୍ ସେଇ ଭଳି ଯେତେବେଳେ ଆମ ମସ୍ତିଷ୍କକୁ ଆଘାତ ହୁଏ ତାହାକୁ କୁହାଯାଏ ବ୍ରେନ୍ ଷ୍ଟ୍ରୋକ୍ । ଏହା ମେଡ଼ିକାଲ ସେବା କ୍ଷେତ୍ରରେ ଏକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ବା ଜରୁରୀ ବା ତ୍ୱରିତ ଚିକିତ୍ସା ଆବଶ୍ୟକ କରୁଥିବା ସମସ୍ୟା ।

ମସ୍ତିଷ୍କ ମନୁଷ୍ୟ ଶରୀରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମନୁଷ୍ୟର ମସ୍ତିଷ୍କ ସ୍ନାୟୁତନ୍ତ୍ର ଦ୍ୱାରା ନିର୍ମିତ । ଏଥିରେ ଥିବା ତନ୍ତୁ ଅତ୍ୟନ୍ତ ସମ୍ବେଦନଶୀଳ ଅଟନ୍ତି ଏବଂ ଏହାର ସୁରକ୍ଷା ପାଇଁ ଆମ ମସ୍ତିଷ୍କକୁ ଏକ ସୁଶକ୍ତ ଖପୁରୀ ମଧ୍ୟରେ ସୁରକ୍ଷିତ କରାଯାଇଛି । ସ୍ନାୟୁତନ୍ତ୍ର ଶରୀରରେ ଥିବା ସମସ୍ତ ପ୍ରକାର ତନ୍ତୁ ବା ଟିସୁ ଠାରୁ ଭିନ୍ନ ଅଟେ କାରଣ ଆଘାତ ପାଇଲେ ଏହା ନଷ୍ଟ ହୋଇଯାଏ ଏବଂ ପୁଣିଥରେ ଏହା ରିଜେନେରେସନ୍ ବା ପୁନର୍ଜନ୍ମକ୍ଷମ ନୁହେଁ । ଏହା କେବଳ ରକ୍ତ ମାଧ୍ୟମରେ ଅମ୍ଳଜାନ ତଥା ଅନ୍ୟାନ୍ୟ ପୌଷ୍ଟିକ ତତ୍ତ୍ୱ ପାଇବା ଦ୍ୱାରା ହିଁ ବଞ୍ଚି ରହି ଆମ ଶରୀରକୁ ନିୟନ୍ତ୍ରଣ କରିଥାଏ । ଆମ ଶରୀରକୁ ନିୟନ୍ତ୍ରଣ କରିବା ସହ ଆମେ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମେ ମସ୍ତିଷ୍କ ଉପରେ ନିର୍ଭର କରିଥାଉ । ଶରୀରର ପ୍ରତ୍ୟେକ ଅଙ୍ଗ ମସ୍ତିଷ୍କ ଉପରେ ଏକ ନିର୍ଦ୍ଦିଷ୍ଟ ଏରିଆ ବା ଅଂଶ କିମ୍ବା ଅଞ୍ଚଳ ଦ୍ୱାରା ନିୟନ୍ତ୍ରିତ ହେଉଥାଏ । ଯଦି ମସ୍ତିଷ୍କର ସେହି ଏରିଆ ବା ଅଂଶ କିମ୍ବା ଅଞ୍ଚଳରେ କୌଣସି ଆଘାତ ହୁଏ ତା ହେଲେ ସଂପୃକ୍ତ ଶାରୀରିକ ଅଙ୍ଗ ଅଚଳ ହୋଇଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହଜ ଭାଷାରେ ବୁଝିବାକୁ ହେଲେ ବ୍ରେନ୍ ଷ୍ଟ୍ରୋକକୁ ଆମେ ଏହିଭଳି ବୁଝାଇ ପାରିବା ଯେ ଯଦି ମସ୍ତିଷ୍କକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ ତାହା ହେଲେ ଷ୍ଟ୍ରୋକ୍ ହୁଏ । ଯେହେତୁ ମନୁଷ୍ୟର ମସ୍ତିଷ୍କ ପ୍ରାୟ ପନ୍ଦରଶହ ଗ୍ରାମର ହୋଇଥାଏ ଏବଂ ଗୋଲାକାର ଦେଖାଯାଏ ଏବଂ ଏହାକୁ ରକ୍ତ ଯୋଗାଇବା ପାଇଁ ଅନେକ ଶିରାପ୍ରଶିରାର ସମୁହ ରହିଛି । ଯେକୌଣସି ସମୟରେ ଏହି ସମସ୍ତ ଶିରାପ୍ରଶିରା ଏକାଥରେ ବନ୍ଦ ହୋଇଯିବା ଭଳି ସମସ୍ୟା ବିରଳ କିନ୍ତୁ ହଁ ଏହି ସମସ୍ତ ଶିରାପ୍ରଶିରା ମଧ୍ୟରୁ କିଛିରେ ରକ୍ତ ସଂଚାଳନ ବାଧା ପ୍ରାପ୍ତ ହେବା ସମ୍ଭବ । ସମ୍ପୂର୍ଣ୍ଣ ମସ୍ତିଷ୍କର ରକ୍ତ ସଂଚାଳନ ବନ୍ଦ ହେବା ଅସମ୍ଭବ କିନ୍ତୁ ମସ୍ତିଷ୍କର କିଛି କିଛି ଅଂଶରେ  ରକ୍ତ ସଂଚାଳନ ବାଧାପ୍ରାପ୍ତ ହୋଇପାରେ । ବିରଳ ଘଟଣାରେ ଯଦି ସମୁଦାୟ ମସ୍ତିଷ୍କକୁ ରକ୍ତସଂଚାଳନ ବାଧାପ୍ରାପ୍ତ ହୁଏ ତେବେ ମନୁଷ୍ୟ ମୃତ୍ୟୁବରଣ କରିପାରେ ।

ମସ୍ତିଷ୍କକୁ ରକ୍ତ ଯୋଗାଉଥିବା ପ୍ରମୁଖ ଶିରା ଓ ଧମନୀ ଯଦି ଠିକ ଭାବରେ କାମ କରନ୍ତି ନାହିଁ, କିମ୍ବା ଯଦି ରକ୍ତ ନଳୀ ଫାଟିଯାଏ, ତା ହେଲେ ମସ୍ତିଷ୍କକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଏ, ଏବଂ ସଂପୃକ୍ତ ଅଂଶ ଶରୀରର ଯେଉଁ ଭାଗକୁ ପରିଚାଳନା କରୁଥାଏ ସେହି ଭାଗରେ ଅଚଳତା ଦେଖାଦିଏ । ଶରୀରରେ କୌଣସି ସ୍ପର୍ଶ ପ୍ରତିକ୍ରିୟା ଦେଖାଯାଏ ନାହିଁ । ମନୁଷ୍ୟର ମସ୍ତିଷ୍କ ଦୁଇଭାଗରେ ବିଭକ୍ତ ହୋଇଛି ଏବଂ ଏହାର ବାମ ଭାଗ ଶରୀରର ଦକ୍ଷିଣ ଭାଗକୁ ନିୟନ୍ତ୍ରଣ କରୁଥିବା ବେଳେ ଦକ୍ଷିଣ ଭାଗ ଶରୀରର ବାମ ଭାଗକୁ ନିୟନ୍ତ୍ରଣ କରିଥାଏ । ତେଣୁ ଯଦି ମସ୍ତିଷ୍କର ବାମ ପାର୍ଶ୍ୱରେ ରକ୍ତ ସଂଚାଳନ ବାଧାପ୍ରାପ୍ତ ହୁଏ ତା ହେଲେ ଶରୀରର ଦକ୍ଷିଣ ଭାଗରେ ଦୁର୍ବଳତା ଓ ଅଚଳତା ଦେଖାଦିଏ ।

ହେଲେ ଏତେ ସୁରକ୍ଷା ଭିତରେ ରହୁଥିବା ବ୍ରେନ୍ ବା ମସ୍ତିଷ୍କରେ ରକ୍ତ ସଂଚାଳନ କାହିଁକି ବାଧାପ୍ରାପ୍ତ ହୁଏ ? ଷ୍ଟ୍ରୋକ୍ ହେବାର ଦୁଇଟି କାରଣ ରହିଛି, ଗୋଟିଏ ହେଉଛି ମସ୍ତିଷ୍କକୁ ରକ୍ତ ସଂଚାଳନରେ ବାଧା ଏବଂ ଅନ୍ୟଟି ହେଉଛି ମସ୍ତିଷ୍କ ମଧ୍ୟରେ କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରକ୍ତନଳୀକା ଫାଟିଯିବା । ଉଭୟ କ୍ଷେତ୍ରରେ ମସ୍ତିଷ୍କକୁ ରକ୍ତ ମିଳେନାହିଁ ଏବଂ ସେଇଥିପାଇଁ ସ୍ନାୟୁତନ୍ତ୍ର ଶୀଘ୍ର ନଷ୍ଟ ହୋଇଯାଏ ।

ବ୍ରେନ୍ ଷ୍ଟ୍ରୋକ୍ ହେବାଦ୍ୱାରା ଆମ ଉପରେ ଏହାର ପ୍ରଭାବ କେମିତି ପଡ଼ିଥାଏ? ଆମେ କେମିତି ଜାଣିବା ଯେ ମସ୍ତିଷ୍କ ମଧ୍ୟରେ ଷ୍ଟ୍ରୋକ୍ ହୋଇଛି ?

ମାଂସପେଶୀ ମାନଙ୍କରେ ଅତ୍ୟଧିକ ଦୁର୍ବଳତା ଯଥା ଚାଲିବା ବୁଲିବାରେ ଅକ୍ଷମତା, ଶରୀରର ଗୋଟିଏ ଭାଗ ସମ୍ପୂର୍ଣ୍ଣ ଅକାମୀ ହୋଇଯିବା ଇତ୍ୟାଦି ହେଉଛି ମସ୍ତିଷ୍କଘାତର ପ୍ରାରମ୍ଭିକ ଲକ୍ଷଣ ଯେଉଁଥିପାଇଁ ଲୋକମାନେ ଚିକିତ୍ସକଙ୍କ ସହାୟତା ଲୋଡ଼ିଥାନ୍ତି ।

ଏହା ସହିତ ଦୃଷ୍ଟିଶକ୍ତି ହ୍ରାସ ପାଇବା କିମ୍ବା ଗୋଟିଏ ବା ଉଭୟ ଚକ୍ଷୁ ହଠାତ ଦୃଷ୍ଟିଶକ୍ତି ହରାଇବା, ଶାରୀରିକ ଦୁର୍ବଳତା, ମୁହଁ ବୁଲାଇବା, କଥା କହି ନ ପାରିବା, ଧିରେ ବା ଅସ୍ପଷ୍ଟ ଭାବରେ କହିବା, ଶରୀରର ସ୍ପର୍ଶେନ୍ଦ୍ରିୟ କ୍ଷୁର୍ଣ୍ଣ ହେବା, ମୁହଁରେ କୌଣସି ଭାବ ନ ଦେଖାଦେବା, ଶରୀର ଉପରେ ନିୟନ୍ତ୍ରଣ ହରାଇବା, ଖାଦ୍ୟ ଗିଳିବାରେ ଅକ୍ଷମତା, ମସ୍ତିଷ୍କ ପୀଡ଼ା, ଦୁଶ୍ଚିନ୍ତା ଏବଂ ପାଗଳଙ୍କ ଭଳି ବ୍ୟବହାର କରିବା ଇତ୍ୟାଦି ମଧ୍ୟ ମସ୍ତିଷ୍କଘାତର ଲକ୍ଷଣ ହୋଇଥାଏ ।

କେଉଁ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କଘାତ ହେବାର ସମ୍ଭାବନା ଅଧିକ ଥାଏ ?

ସାଧାରଣତଃ ଉଚ୍ଚ ରକ୍ତଚାପ ରୋଗୀ, ମେଦବହୁଳ ବ୍ୟକ୍ତି, ଶାରୀରିକ ଭାବେ ନିଷ୍କ୍ରିୟ ଅର୍ଥାତ ଯେଉଁମାନେ ଶାରୀରିକ ପରିଶ୍ରମ ଆଦୌ କରନ୍ତି ନାହିଁ ସେହିଭଳି ବ୍ୟକ୍ତି, ଅଣପୁଷ୍ଟିକର ଖାଦ୍ୟ, ତମ୍ବାଖୁ ସେବନ କରୁଥିବା ବ୍ୟକ୍ତି ମାନଙ୍କ କ୍ଷେତ୍ରରେ ମସ୍ତିଷ୍କଘାତ ହେବାର ସମ୍ଭାବନ ଅତ୍ୟଧିକ ।

ସେହିଭଳି ବୟସ୍କ ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ବା ଅତ୍ୟଧିକ ଚାପରେ କାମ କରୁଥିବା କିମ୍ବା ଭୟ ଓ ଆଶଂକାଗ୍ରସ୍ତ ତଥା ଅବସାଦ ଗ୍ରସ୍ତ ବ୍ୟକ୍ତିଙ୍କୁ ମଧ୍ୟ ଏହା ହୋଇପାରେ । ଯଦି ଆପଣଙ୍କ ପରିବାରରେ ଆଗରୁ କୌଣସି ସଦସ୍ୟଙ୍କୁ ମସ୍ତିଷ୍କଘାତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥାଏ ତାହେଲେ ଆପଣଙ୍କର ମଧ୍ୟ ହୋଇପାରେ । ଅତ୍ୟଧିକ ପ୍ରଦୁଷିତ ବାତାବରଣରେ କାମ କରୁଥିବା ବ୍ୟକ୍ତି । ଘୁଙ୍ଗୁଡ଼ି ମାରୁଥିବା, ବୃକକ୍ ରୋଗଗ୍ରସ୍ତ ଏବଂ ଅର୍ଦ୍ଧକପାଳି ହେଉଥିବା ବ୍ୟକ୍ତିମାନଙ୍କୁ ମସ୍ତିଷ୍କଘାତ ହେବାର ସମ୍ଭାବନା ଅଧିକ । ଅତ୍ୟଧିକ ମଦ୍ୟପାନ କରୁଥିବା, ନିଷେଧିତ ନିଶାଦ୍ରବ୍ୟ ସେବନ କରୁଥିବା, ପରିବାର ନିୟନ୍ତ୍ରଣ ପାଇଁ ଔଷଧ ସେବନ କରୁଥିବା ମହିଳା ଇତ୍ୟାଦିଙ୍କ କ୍ଷେତ୍ରରେ ମଧ୍ୟ ମସ୍ତିଷ୍କଘାତର ସମ୍ଭାବନା ଅଧିକଥାଏ । ଏହା ଉଭୟ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସମାନ ଭାବରେ ଦେଖାଯାଏ, ପୁରୁଷ ମାନଙ୍କ ଅଳ୍ପବୟସରେ ହିଁ ମସ୍ତିଷ୍କଘାତ ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବିଳମ୍ବରେ ହୋଇଥାଏ । ବେଳେ ବେଳେ ଗର୍ଭବତୀ ମହିଳାମାନଙ୍କର ଉଚ୍ଚରକ୍ତଚାପ ଜନିତ ସମସ୍ୟା ଭବିଷ୍ୟତରେ ମସ୍ତିଷ୍କଘାତ ପାଇଁ ସମ୍ଭାବନା ସୃଷ୍ଟି କରିପାରେ ।

ମସ୍ତିଷ୍କଘାତ ହୋଇଛି ବୋଲି ଜାଣିବା କେମିତି ?

ଏଥିପାଇଁ ଆପଣଙ୍କୁ କୌଣସି ଚିକିତ୍ସକଙ୍କ ସହାୟତା ନେବାକୁ ପଡ଼ିବ । ଆପଣଙ୍କ ଲକ୍ଷଣ ଦେଖି ସେ ଏହାର ନିଦାନ କରି ପାରନ୍ତି, କିମ୍ବା ଆବଶ୍ୟକ ସ୍ଥଳେ ଏକ୍ସ ରେ, ତଥା ମସ୍ତିଷ୍କର କମ୍ପ୍ୟୁଟର୍ ଛବି ଉତ୍ତୋଳନ କରି ରୋଗ ନିଦାନ ଓ ନିରୁପଣ କରିପାରନ୍ତି । ଏହା ସହିତ ଆବଶ୍ୟକ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷଣ ମଧ୍ୟ କରାଯାଇ ପାରେ ।

ମସ୍ତିଷ୍କଘାତ ହୋଇଥିଲେ କଣ କରିବା ଉଚିତ ହେବ ?

ତୁରନ୍ତ ସ୍ୱାସ୍ଥ୍ୟ ସେବାପାଇଁ ଚେଷ୍ଟା କରନ୍ତୁ । ନିକଟସ୍ଥ ସ୍ୱାସ୍ଥ୍ୟସେବା କେନ୍ଦ୍ର ହେଉ କିମ୍ବା ବଡ଼ ହସପିଟାଲ୍, ଶୀଘ୍ର ସେଠାରେ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ନ୍ତୁ । ଜଣେ ଚିକିତ୍ସକ ଯଦି ଶୀଘ୍ର ଆପଣଙ୍କ ରୋଗ ନିରୁପଣ କରି ପାରନ୍ତି ତା ହେଲେ ମସ୍ତିଷ୍କଘାତ ଜନିତ ଲକ୍ଷଣ ହ୍ରାସ ପାଇବା ସହ ଏଥିପାଇଁ ହେଉଥିବା ସମସ୍ୟା ମଧ୍ୟ ହ୍ରାସ କରିହେବ । ତ୍ୱରିତ ଚିକିତ୍ସାଦ୍ୱାରା ରୋଗମୁକ୍ତିର ସମ୍ଭାବନା ବହୁତ ଅଧିକ ହୋଇଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନେ ରଖନ୍ତୁ ମସ୍ତିଷ୍କଘାତ ରୋଗୀଙ୍କ ଚିକିତ୍ସା ବେଳେ ବେଳେ ଅନେକ ଦିନ ବା ମାସ ପାଇଁ ହୋଇପାରେ, ସେଇଥିପାଇଁ ଧୈର୍ଯ୍ୟର ସହ ଚିକିତ୍ସକଙ୍କୁ ସହାୟତା କରନ୍ତୁ । ନିୟମିତ ଚିକିତ୍ସା ଏବଂ ପରାମର୍ଶ ଦ୍ୱାରା ହିଁ ଆପଣଙ୍କ ସମସ୍ୟାର ସମାଧାନ ହୋଇପାରିବ ।

ମସ୍ତିଷ୍କଘାତ ନ ହେବାପାଇଁ କଣ କରାଯାଇ ପାରେ ? ସ୍ୱତଃ ମନରେ ପ୍ରଶ୍ନ ଉଠୁଥିବ ଯେ କେମିତି ମୋତେ ଏହି ରୋଗ ନ ହେଉ, ନୁହେଁ କି ? ? ଆମେ ସମସ୍ତେ ଚାହୁଁ ଯେ ଆମ ସ୍ୱାସ୍ଥ୍ୟ ସବୁବେଳେ ଭଲ ରହୁ । ତେଣୁ ମସ୍ତିଷ୍କଘାତରୁ ବଞ୍ଚିବାକୁ ହେଲେ ଆମର ଉଚ୍ଚରକ୍ତଚାପକୁ ନିୟନ୍ତ୍ରଣ କରିବାକୁ ହେବ, ରକ୍ତରେ କଲେଷ୍ଟ୍ରଲ୍ ବା ସ୍ନେହସାରର ମାତ୍ରା କମ କରିବାକୁ ହେବ, ଯେ କୌଣସି ପ୍ରକାରର ନିଶାଦ୍ରବ୍ୟ ବା ତମ୍ବାଖୁ ସେବନ ବନ୍ଦ କରିବାକୁ ହେବ, ମଧୁମେହ ରୋଗ ଥିଲେ ତାହାକୁ ନିୟନ୍ତ୍ରଣ କରିବାକୁ ହେବ, ନିଜ ଶରୀରର ଓଜନକୁ ନିୟନ୍ତ୍ରଣ କରିବେ, ସୁଷମ ଓ ପୁଷ୍ଟିକର ଖାଦ୍ୟ ଗ୍ରହଣ କରିବେ, ନିୟମିତ ବ୍ୟାୟାମ କରିବେ, ମାନସିକ ଦୁଶ୍ଚିନ୍ତା ବା ଚାପକୁ ଦୂର କରିବାକୁ ଚେଷ୍ଟା କରିବେ ଏବଂ ଆବଶ୍ୟକ ହେଲେ ତୁରନ୍ତ ସ୍ୱାସ୍ଥ୍ୟସେବା ଗ୍ରହଣ କରିଲେ ଆପଣ ମସ୍ତିଷ୍କଘାତ ରୋଗକୁ ଦୂରେଇ ପାରିବେ ।

ଆଜି ମାନେ ଶୁଣିଲେ ମସ୍ତିଷ୍କଘାତ ବା ବ୍ରେନ୍ ଷ୍ଟ୍ରୋକ୍ ରୋଗ ବିଷୟରେ । ଅଧିକ ସୂଚନା ତଥା ଚିକିତ୍ସୀୟ ପରାମର୍ଶ ହେତୁ ନିକଟସ୍ଥ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ନିମ୍ନରେ ଦିଆଯାଇଥିବା ନମ୍ବରରେ କଥା ହୋଇ ପାରିବେ । ଧନ୍ୟବାଦ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍.
ସିନିୟର୍ ରେସିଡେଣ୍ଟ ମେଡ଼ିକାଲ୍ ଅଫିସର୍
ଆଇଏମ୍ଏସ୍ ଏବଂ ସମ୍ ହସ୍ପିଟାଲ୍ – ୩, ବ୍ରହ୍ମପୁର, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୧

ଅଶୋକ ବିଶ୍ୱାଳ



## ରୌପ୍ୟ ବନ୍ଦୀଶାଳାର ଜେଲର-୧

୧

ସବୁଠାରୁ ବଡ଼ ଐତିହ୍ୟ ଭିତରୁ ଅଜଣା ମଣିଷ ଖୋଜାଯାଇପାରେ ।- ଅବିନାଶ ଏକ ପଥରର ଫଳକରେ ସ୍ପଷ୍ଟ ଲେଖାହୋଇଥିବା ଧାଡିପଢିଲା । ତା' ମୁହଁ ଉଜ୍ଜ୍ୱଳ ହୋଇଉଠିଲା ଆଉ ଛାତି ଫୁଲିଗଲା । ଆକାଶ ଯେମିତି ଘନ ନୀଳ ହୋଇଗଲା ଆଉ ହ୍ୱାଇଟ ବେଲିଡ ସି ଇଗଲ ଡେଣାଖୋଲି ଉଡିବାକୁ ଲାଗିଲା ।

ଅଜଣା ମଣିଷମାନେ ଆତ୍ମବଳୀ ଦେଇଛନ୍ତି । ଜରାଜୀର୍ଣ୍ଣ ହୋଇଯାଇଛନ୍ତି, ଧୂଳି ଭଳି ଝରି ପଡିଛନ୍ତି, ମରି ଅମର ହୋଇଯାଇଛନ୍ତି ।- ତା' ଭିତରେ କିଏ କହିଲା ।

ଅବିନାଶକୁ କେତେଟା ବଡ଼ ଫଳକ ଦେଖାଗଲା । ସେଥିରେ ଅନେକ ନାମ ଖୋଦା ଯାଇଥିଲା । ଭିନ୍ନ ଭିନ୍ନ ପ୍ରଦେଶର ଲୋକ, ଅଲଗା ଅଲଗା ସମୟରେ ଆସି ସେଲୁଲାର ଜେଲର ଇଟାରେ ନିଜ ନାମ ବହୁ ଯତ୍ନରେ ଲେଖିଛନ୍ତି । ଜଣଙ୍କ ହାତଲେଖା ଏତେ ସୁନ୍ଦର ହୋଇପାରେ ବୋଲି ଜଣେ ଭାବିପାରିବନି । କେଉଁଠି ସାମାନ୍ୟ ଘେଷେରା ନାହିଁ, ତେଣୁ ସେ ଏତେ ନାମ ଭିତରୁ ସେ ନିଜ ହିସାବରେ ଏକ ଅଜଣା ଲୋକକୁ ସହଜରେ ଖୋଜିନେବ । ସବୁ ଫଳକ ଉପରେ ଗଙ୍ଗଶିଉଳୀ ଫୁଲମାନ ଝରିପଡିଥିଲା ।

ତା'ପରେ ଏକ ସନ୍ଧ୍ୟାର ମୁହଁ ଅନ୍ଧାରରେ ଅବିନାଶ ସେଲୁଲାର ଜେଲର ପାଚେରୀକୁ ଲାଗି ଠିଆହୋଇଗଲା । ବାହାରେ ଲୋକମାନଙ୍କ ଆତଯାତ କମ, କେହି ଅବିନାଶର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ଚୁପଚାପ ଠିଆ ହେବାକୁ ଧ୍ୟାନ ଦେଲେନାହିଁ । ତା'କୁ ପାଚେରୀର ଲୁହାବାଡ ଫାଙ୍କରୁ ସେଲୁଲାର ଜେଲ ଭିତରେ ଅତି ଉଜ୍ଜ୍ୱଳ ଏକ ମଶାଲ ଦେଖାଯାଉଥିଲା । ଜେଲର କିଛି କୋଠରୀ ମଧ୍ୟ ଦିଶୁଥିଲା । କିଛି କିଛି କୋଠରୀରେ ଆଲୋକ ଜଳି ହଠାତ୍ ଲିଭି ଯାଉଥିଲା ଆଉ ତା' ସହ କିଛି ବର୍ଣ୍ଣନା ଆସୁଥିଲା । ଏମିତି ଖୋଠରୀକୁ କାଳ କୋଠରୀ, ହଣ୍ଟେଡ ହାଉସ, କି ନାଁ ଦେଲେ ଠିକ ହେବ ଅବିନାଶ ଭାବୁଥିଲା । ଏକ ବୋଧ ଦେଲା ଭଳି ନାଁ ମନକୁ ଜୁଟିଲା ନାହିଁ । ଅବିନାଶ ଦଣ୍ଡେ ଠିଆହୋଇ ମଶାଲକୁ ଅନାଇ ରହିଲା । ମଶାଲର ଶିଖା ପବନରେ ଥରୁଥିଲା । ପାଖର ଗଛ ନୀଳ ଆଲୋକରେ ଆଲୋକିତ ଥିଲା, ମଶାଲର ଶିଖା ଥିଲା ଗାଢ ଲାଲ ଆଉ ଉପରେ କଳା ଆକାଶ, ପଛରେ ଅବଶ୍ୟ କିଛି ଦୂରରେ କଳା ସମୁଦ୍ର, ଯାହା ଅବଶ୍ୟ ଦିଶିବନି । ଅବିନାଶ ଅନୁଭବ କରୁଥିଲା ଯେମିତି ମଶାଲର ଲାଲ ଶିଖା ଏକ ରକ୍ତର ନଦୀର ଉତ୍ସରେ ପରିଣତ ହୋଇଯାଇଛି ଆଉ ସେଥିରୁ ଲାଲ ରକ୍ତ ପାଣି ହୋଇ ତା' ଆଡକୁ ବୋହି ଆସୁଛି । ଆଲୋକ ଏମିତି ନଦୀର ଉତ୍ସରେ ପରିଣତ ହୋଇଯାଇପାରେ ! ଅବିନାଶ ବିସ୍ମିତ ହେବା ସ୍ୱାଭାବିକ । କେତେ ରକ୍ତ ବୋହିଯାଇଥିବ ତା' ହେଲେ ଏଇଠି ? ଆଲୋକର ପ୍ଲାବନ ଭିତରେ ଶିଖାର ମଝି ଅଂଶ କ'ଣପାଇଁ ଅତି ଦୀପ୍ତିମନ୍ତ ଅଛି ? ସବୁ ମହମ ଭଳି ତରଳି ତା' ଆଡକୁ ବୋହିଆସୁ, ଆଉ ତା'କୁ ଲାଗୁ ଯେ ସେ ଗାଧୋଇ ପଡୁଛି ।

ଅମର ଆତ୍ମା । କିଛି ଲକ୍ଷ୍ୟ, ମରିପାରେନା ।–ସେ ନିଜକୁ ନିଜେ କହୁଥିଲା ।

ଅବିନାଶ, ଡେଭିଡ ବେରୀର ଚୁକ୍ତିନାମା ଏ ଗଛର ପତ୍ରରେ ଲେଖାହୋଇ ଯୁଗଯୁଗ ପାଇଁ ରହିଛି । ଯଦି ଆଗରୁ ପଢିନ ତେବେ ଚୁକ୍ତିନାମାର ପ୍ରତିଟି ଶବ୍ଦ ଭଲକରି ପଢିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା' ଛଡା ପ୍ରତିଦିନର କାର୍ଯ୍ୟ ବିବରିଣୀ ମଧ୍ୟ ଲେଖା ହୋଇଛି ।- ସେ କାନ ପାଖରେ ଏକ ଧାଡି ଶୁଣିଲା । କାହା ସ୍ୱର ଥିରୁଥିଲା ।

ଗଛରେ ସହସ୍ର ସହସ୍ର ପତ୍ର । କେଉଁ ପତ୍ର ?

ଜଳନ୍ତା ମଶାଲକୁ ଦେଖ । ମଶାଲ ଶିଖା ଥରି ଥରି ବେଳେ ବେଳେ ରହିଯାଉଛି । ସେତେବେଳେ ସେଥିରୁ ଏକ ସ୍ୱଷ୍ଟ ଆଲୋକ ରେଖା ଉପରର ଗୋଟିଏ ପତ୍ର ଉପରେ ପଡୁଛି । ସେଇ ପତ୍ର । ଭଲକରି ଅନାଅ ।

ଅବିନାଶ ଉପରକୁ ଅନାଇଲା । ଅନେକ ଅନେକ ମଶାଲର ଶିଖା ଯେମିତି ସବୁ ବାରଣ୍ଡାରୁ ଜଳି ଉଠିଲା । ତଳେ ଅବଶ୍ୟ ଗଛ ମୂଳେ ମୁଖ୍ୟ ମଶାଲ ଜଳୁଥିଲା । ତା' ପରେ ସବୁଶିଖା ଏକା ସାଙ୍ଗରେ ଥରିବାକୁ ଲାଗିଲା । କିନ୍ତୁ ତଳ ଶିଖା ସ୍ଥିର ଥିଲା । ଅବିନାଶକୁ ଆଶ୍ଚର୍ଯ୍ୟ ଲାଗିଲା । ଏକା ସମୟରେ ଏତେ ଶିଖା ଆସିଲା କୁଆଡୁ ଆଉ ଥରୁଛନ୍ତି କାହିଁକି ? ପବନ କେଉଁଠି ବୋହିବା ପରି ଲାଗୁନଥିଲା । ତା'ପରେ ହଠାତ୍ ଶିଖାମାନ ସାମନ୍ୟ ନିଷ୍ପ୍ରଭ ହୋଇଗଲା ଆଉ ସବୁ ମଶାଲର ଶେଷ ଅଂଶ ଯେମିତି ଦପ୍‌ଦପ୍ କରିଉଠିଲା । ତା'ପରେ ସବୁଆଡୁ ଏକ ଏକ ବହୁତ ସରୁ କିନ୍ତୁ ତୀବ୍ର ଆଲୋକର ରେଖା ଗଛ ଉପରେ ଏକ ପତ୍ର ଉପରେ ସ୍ଥିର ହୋଇଗଲା । ସେ ପତ୍ରଟା ହଠାତ୍ ଯେମିତି ଆଲୋକରେ ଜଳି ଉଠୁଥିଲା । ଏତେ କିରଣ ଆସୁଥିବ ବୋଲି ଅବିନାଶ ଭାବିପାରୁନଥିଲା । ଅବିନାଶ ସେ ପତ୍ରକୁ ଅନାଇଲା, କିଛି କିଛି ଲେଖା ଜଳିଉଠି ଲିଭି ଯାଉଥିଲା । ତା'ପରେ ସେ ପତ୍ରଟା ଏକ ଟିଭି ସ୍କ୍ରିନ ଭଳି ଉଜ୍ଜ୍ୱଳ ହୋଇ ଉଠିଲା ।

"ଡେଭିଡ ବେରୀର ଚୁକ୍ତିନାମା ।"- ଏକ କଳା ପରଦା ଉପରେ ଏକ ଦସ୍ତାବିଜ ଦେଖାଗଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବିନାଶ ଗଛ ତଳକୁ ଅନାଅ । ଡେଭିଡ ବେରୀ ତା' କୋଠରୀକୁ ଯାଉଛି ।- ଅବିନାଶ କାନରେ ପ୍ରାୟ କମ୍ପନଶୂନ୍ୟ ସ୍ୱର ଶୁଣାଗଲା ।

ଚୁକ୍ତିନାମା ତୁମେ ଏବେ ଦେଖିପାରିବ ଆଉ ଲେଖା ହୋଇଥିବା ବିବରିଣୀମାନ ପଢିପାରିବ ।– ସେ ସ୍ୱର ଆଉଥରେ କହିଲା ।

ଅବିନାଶ ତଳକୁ ଅନାଇଲା । ସେଇଠି ଏକ ଲମ୍ବା ମୋଟା ତାଗଡା ଲୋକ ଠିଆ ହୋଇଥିଲା । ଦେହରେ ମାଂସପେଶୀ ଫୁଟି ଉଠୁଛି। । ମୁହଁଟା ଅତି ନିଷ୍ଠୁର ଲାଗୁଥିଲା । ସେ ଲମ୍ବା ପାଦ ପକାଇ ଚାଲୁଥିଲା । ତା' ଦେହରେ ପରିଷ୍କାର ପୋଷାକ । ଯୋତାରେ ଟିକିଏ ଧୂଳି ଲାଗିନି । ସେ ଚାଲିଗଲେ ମାଟି ଯେମିତି ଦୁଲୁକୁଥିଲା ଆଉ ଜୋରରେ କିଏ କିଏ ସାଲ୍ୟୁଟ ମାରୁଥିଲା, ବେଶ ଜୋର ଜୋତାର ସାଲ୍ୟୁଟ । କିନ୍ତୁ କିଏ ମାରୁଥିଲା ଦେଖାଯାଉନଥିଲା । ଲୋକଟା ଗଛମୂଳରୁ ଆଡମିନଷ୍ଟ୍ରେଟିଭ ବିଲଡିଙ୍ଗ୍‌କୁ ଗଲା । ସେ ବିଲଡିଙ୍ଗ୍ ଯେମିତି ଚମକି ଉଠିଲା । ସବୁଆଡେ ଲାଲ ବଲ୍ବ ଯେମିତି ଲାଗିଛି । ଚାରିଆଡେ ଲାଲ ରଙ୍ଗର ତରଙ୍ଗ । ତା'ପରେ ଲୋକଟା ଏକ ବଡ଼ କୋଠରୀକୁ ଯାଇ ନିଜର ହ୍ୟାଟକୁ ଟାଙ୍ଗିଦେଲା ଏବଂ ଏକ ବଡ଼ ଚେଆର ପାଖରେ ଠିଆ ହୋଇଗଲା ।

ଡେଭିଡ ବେରୀ । ଫେରି ଆସିଲ, ଥକି ଯାଇଥିବ । କାଗଜ, କଲମ ଆଉ କାଳି ଦୁଆତ ତୁମ ଟେବୁଲ ଉପରେ ସଜା ହୋଇ ରଖାଯାଇଛି ।- ଏକ ପୁରୁଣାକାଳିଆ, ଅତି ଗଭୀର ତଥା ସ୍ୱଷ୍ଟ ସ୍ୱରରେ କିଏ କହୁଥିଲା । ଏକ କଳା ଛାଇ କେଯମିତି ପାଖରେ ଠିଆ ହୋଇଥିଲା । କିଛି ସ୍ୱଷ୍ଟ ଜଣାଯାଉନଥିଲା । ଛାୟାରୁ ଲାଗୁଥିଲା ବେଶ ବିଶାଳ ଆକାର, ଚୌଡା କାନ୍ଧ । କହିଲାବେଳେ ଛାୟା ହଲୁ ମଧ୍ୟ ନଥିଲା ।

ଡେଭିଡ ବେରୀ ତାଙ୍କୁ ଅନାଇଲା । ତା' ମୁହଁରେ ଖୁସି ଫୁଟି ଉଠିଲା । ସେ ମୁଣ୍ଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୁଆଁଇ କାନ୍ଧକୁ ପ୍ରାୟ ସମକୋଣରେ ବଙ୍କାଇ ଦେଇ ଅଭିବାଦନ କଲା ।

ତୁମକୁ କେବଳ ଏହି କଲମରେ, ଟେବୁଲ ଉପରେ ପଡିଥିବା କାଗଜରେ ଲେଖିବାକୁ ପଡ଼ିବ । କଲମ ଉଠାଇବାକୁ ଦେହରେ ଶକ୍ତି ଅଛି ତ ?– ଏକ ଅତି ସ୍ଥିର ପ୍ରଶ୍ନ ଥିଲା ।

ମୁଁ ଆଇରିଶ ଇଂଲିଶମ୍ୟାନ । ଲୋକେ ମୋ ବିଶାଳ ଆକାର ଦେଖୁଛନ୍ତି । ଲୋକେ ମୋ ଯୋତାର ଶବ୍ଦ ଶୁଣିଛନ୍ତି ? ମୋ ହାତବାଡିର ଓଜନ ଜାଣିଛନ୍ତି । ତଥାପି ଆପଣ କହୁଛନ୍ତି ମୋ ପାଖରେ କଲମ ଉଠାଇବାକୁ ଶକ୍ତି ଅଛି କି ନାହିଁ? ଅଣ୍ଟାରେ ଲାଗିଥିବା ଏଇ ରିଭଲଭରକୁ ଦେଖନ୍ତୁ । ସେଥିରୁ ଗୁଳି ଭୀଷଣ ଶବ୍ଦ କରି ଫୁଟେ, ହଜାରେ କଇଦୀଙ୍କ କାନ ପରା ବଧିର ହୋଇଯାଏ । ମୋର ବାହୁରେ ନିଶ୍ଚୟ ଶକ୍ତି ଅଛି ମାନନୀୟ ।

ମୋର ବିଶ୍ୱାସ ଅଛି । ଯାହାହେଉ ତୁମେ କଲମ ନେଇ ଲେଖ ।

ଆଗରେ ଟେବୁଲ ଉପରେ ଏକ ଲଣ୍ଠଣ ବତୀ ଥିଲା । ଟେବୁଲଟା ବହୁତ ସୁନ୍ଦର ଭାବେ ପାଲିସ ହୋଇଥିଲା । ପାଡକ ଗଛର ମଞ୍ଜି କାଠରେ ତିଆରି । ତେଣୁ ଲାଲ କଳା ଦିଶୁଥିଲା । ବେଶ ଶକ୍ତ କାଠ, । ଚେଆର ମଧ୍ୟ ବେଶ ପଲିସ ଥିଲା । ଟେବୁଲରୁ ଲଣ୍ଟଣ ବତୀର ପ୍ରତିଫଳନ ଆସୁଥିଲା । ସେଇଠି ଏକ କଲମ ରଖା ହୋଇଥିଲା, ମୂଲ୍ୟବାନ ରୂପା କଲମ ଭଳି ଲାଗୁଥିଲା । ପାଖରେ ଏକ କାଳି ବୋତଲ, ଆଉ ସେଥିରେ କାଳି ଭରିଥିଲା । ଲେଖିବାପାଇଁ ଆଗରେ ବହୁତ କାଗଜ ଫର୍ଦ୍ଦଥିଲା । ସଫା କାଗଜ, କେଉଁଥିରେ ଦାଗଟିଏ ଲାଗିନି । ଡେଭିଡ ବେରୀକୁ ଚେଆରରେ ବସି ଲେଖିବାର ଥିଲା ।

ଡେଭିଡ ବେରୀ ନିଜର ବିରାଟ ମୁହଁରେ ଚିପି ହୋଇଯାଉଥିବା ଆଖିର ଦେଇ ହସହସ ହୋଇ କାଳି ବୋତଲ ଆଉ କଲମ ଆଡକୁ ଅନାଇଲା । ତା'ର ତମ୍ବା ଭଳି ରଙ୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଣ୍ଠନ ଆଲୁଅରେ ହଳଦିଆ ଲାଲ ଦେଖାଯାଉଥିଲା । ସେ ନିଜ ଦେହର ଖାକି ପୋଷାକକୁ ଟିକେ ଝାଡିଦେଲା । ଚେଆରରେ ବସିବା ଆଗରୁ କେଉଁଠି ଦେହରେ ଟିକେ ଧୂଳି ଲାଗିବାର କଥା ନୁହେଁ । ତା'ପରେ କାଲମକୁ ଅନାଇଲା । ଅତି ସାମାନ୍ୟ କଥା । ସେ ନିଜର ଦୃଢ ହାତରେ କଲମକୁ ଉଠାଇଲା । କଲମଟା ବେଶ ଓଜନିଆ ଥିଲା । ଓଜନିଆ କଲମ ହେଲେ ଲେଖା ସ୍ୱଷ୍ଟ ହୁଏ, ଯଦି ହାତରେ କିଛି ଥିଲା ବେମାରୀ ଥିବ ତାହା ଜଣାପଡ଼ିବନି । ସ୍ୱଷ୍ଟ ଲେଖା ଉତୁରି ଆସିବ । ସେ କଲମକୁ ଉଠାଇ କାଚ ବୋତଲରୁ ଟିକିଏ କାଳି ଡ୍ରପରରେ ବାହାର କରି କଲମରେ ପୁରାଇଲା । କଲମ ମୁନ ଚିକଚିକ କରୁଥିଲା । ସୁନାରେ ତିଆରି କଲମ । ଏମିତି କଲମ ତା'କୁ ମିଳିଥିବାରୁ ଡେଭିଡ ବେରୀ ବେଶ ଖୁସି ଥିଲା । ସେ ଅତି ଖୁସିରେ କାଳି ପୁରାଉ ପୁରାଉ ବୁନ୍ଦିଏ କାଳି ଟେବୁଲ ଉପରେ ପଡିଗଲା । ଚମକୁଥିବା କାଠ, ଦାଗ ଲାଗିବା କଥା ନୁହେଁ । କିନ୍ତୁ କାଳେ ଦାଗ ଲାଗିଯିବ ଭାବି ସେ ଏଣେତେଣେ ପୋଛା କପଡାପାଇଁ ଅନାଇଲା । କୁଆଡେ କପଡାଟିଏ ନଥିଲା । କୋଠରୀରେ କେହି ନଥିଲେ ଯାହାକୁ କପଡାପାଇଁ କହିପାରିଥାନ୍ତା । ତେଣୁ ସେ କାଳିକୁ ନିଜେ ପୋଛି ପକାଇଲା । ଟୋପାଏ ବି କାଳି ନୁହଁ, ସାମାନ୍ୟ ଟିକିଏ ଛିଞ୍ଚି ପଡିଛି । ତା' ହାତରେ କାଳି ଲାଗିଗଲା ଆଉ ପାପୁଲିରେ ସାମାନ୍ୟ ନେସି ହୋଇଗଲା । କିଛି କଥାନାହିଁ । ପରେ ସାବୁନରେ ଧୋଇଦେଲେ କାଳି ଛାଡିଯିବ । ସେ ଫର୍ଦ୍ଦେ କାଗଜ ଉଠାଇ ଆଣିଲା ଆଉ ସେଥିରେ କୁହାଯାଇଥିବା ଭଳି ସ୍ୱଷ୍ଟ ଲେଖିଲା-

"ମୁଁ ମୋତେ ଡରେନାହିଁ ।"

ତା' ହାତ ଥିରିଲାନି । କଲମର ଓଜନ ହେତୁ ହାତର ସାମାନ୍ୟ ଥରା ଆଡଜଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଯାଏ । ଆଜିକାଲି କ୍ୟାମେରାର ଇମେଜ ଷ୍ଟାବିଲାଇଜର ଭଳି କଲମ ସାମାନ୍ୟ ଓଜନିଆ ହେଲେ ଆଙ୍ଗୁଠି ଏତେ ଥରେନି । ଶିରାରେ ଆସୁଥିବା କମ୍ପନକୁ ସମ୍ଭାଳି ନିଏ ।

ଡେଭିଡ ବେରୀ ଭାବିଲା ଏତିକି ଲେଖିବାକୁ ଏତେ ନାଟ । ଆଉ ମାତ୍ର ଏତିକି ଲେଖି ମୋତେ କି ସମ୍ମାନ ଆଉ ସୁଖ ସୁବିଧା ମିଳୁଛି । ଏମିତି ନିୟମରେ ଚାକିରୀ କରିବା ବଡ଼ ସହଜ । ତା' ପୁଣି ମହାମହିମ ଇଂରେଜ ଶାସନ ଅଧିନରେ । ଇଂଲାଣ୍ଡରେ କେଉଁଠି ଏତେ ଟେବୁଲ ମିଳିଥାନ୍ତା ? ସେଇଠି କାଠ ଏତେ ଲାଲ କଳା ହୁଏନି କିମ୍ବା ପଲିସ ଏତେ ଚମକେନି । ଓକ କାଠର ରଙ୍ଗ ବେଶି ସୁନେଲୀ । ସେଇଠି କାଳି, କଲମ ସବୁ ଅଛି । କିନ୍ତୁ କେହି କେଉଁ ଟେବୁଲରେ ତା'କୁ ବସିବାକୁ କହିନି । ଏଇଠି ଅତି ସହଜରେ ଏତେ ମହାର୍ଘ୍ୟ ଚେଆରରେ ବସି ହେଉଛି ଆଉ ଲେଖି ହେଉଛି । ଅହୋ, ମହାଭାଗ୍ୟ ।

ଡେଭିଡ ବେରୀ । ତୁମକୁ ସବୁଦିନ ଗୋଟିଏ ଧାଡି ଲେଖିବାକୁ ପଡ଼ିବ । "ମୁଁ ମୋତେ ଡରେନାହିଁ ।"- ସେ ସ୍ୱର ଆଗଭଳି କମ୍ପନଶୂନ୍ୟ ଥିଲା ଆଉ ନିର୍ଦ୍ଦେଶ ମଧ୍ୟ ଅତି ସ୍ୱଷ୍ଟ ଥିଲା ।

ମାନନୀୟ, ତା' କରିବି ନିଶ୍ଚୟ । ଆପଣ ଜାଣନ୍ତି ମୁଁ ନିୟମରେ ବନ୍ଧା । ସାମାନ୍ୟ ଚ୍ୟୁତି ହେବନି ।

ମୋର ତୁମ ଉପରେ ପୂର୍ଣ ବିଶ୍ୱାସ ଅଛି । ଏତିକି ସବୁଦିନ ି ନିଷ୍ଠାର ସହ ଲେଖିବ । ଲେଖା କାଗଜକୁ ଟେବୁଲ ଉପରେ ଛାଡିଦେବ । ଅକ୍ଷରର ଆକାର ହିସାବରେ, ତୁମ ଲେଖିବା ସହ କାଗଜର ଆକାର ମନକୁ ମନ ଛୋଟ ବା ବଡ଼ ହୋଇଯିବ । ତୁମ ବିଶ୍ୱାସ ସହ ଟେବୁଲର ଆକାର ବଡ, ଛୋଟ ହେବ । ତୁମ ପାଇଁ କେବେ କିଛି କମ ହେବନି ।

ଧନ୍ୟବାଦ ମାନନୀୟ । ଆପଣଙ୍କର ଅସୀମ କୃପା ।– ଡେଭିଡ ବେରୀ କହି ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଣ୍ଡକୁ ଅଣ୍ଟାଠୁ ତଳକୁ ମଧ୍ୟ ନୁଆଁଇଦେଲା ।

ସେ ସ୍ୱର ଲୁଚିଗଲା ଆଉ ପାଖରେ କେହି ନଥିଲେ । ଆଗରେ ଲେଖା କାଗଜଟି ଏକ ପେପର ୱେଟ ତଳେ ଚାପି ହୋଇ ରହିଥିଲା । ଲେଖା ଧାଡି ଅତି ପରିଷ୍କାର ଦିଶୁଥିଲା । ଡେଭିଡ ବେରୀ ସେହି ଲେଖାକୁ ବାରବାର ପଢିଲା । ଏକ ଛୋଟ ଧାଡି, ମନେ ରଖିବାକୁ କିଛି କଷ୍ଟ ହେଉନି । "ମୁଁ ମୋତେ ଡରେ ନାହିଁ ।" ସେ ମନକୁ ମନ ସେହି ଧାଡି ଘୋଷିହେଲା । ତା'କୁ ଲାଗିଲା ସେ ଆଉ କିଛି ଲେଖେ । ହାତ ପାହାନ୍ତାରେ କିଛି କାଗଜ ଥିଲା । ଏକ କାଗଜ ଉଠାଇ ଆଣି ଲେଖିଲା

"ମୁଁ ହର୍ତ୍ତା, କର୍ତ୍ତା, ଏଠାକାର ବିଧାତା ।"

ତାକୁ ବହୁତ ଖୁସି ଲାଗୁଥିଲା । ତଥାପି ଭିତରେ କିଛି ଦବିଗଲା ଭଳି ମନେ କରୁଥିଲା । ସେ କିଛି ସମୟ ଚୁପଚାପ ନିଜ ଚେଆରରେ ବସିରହିଲା । ଆଉ ତା' ଆଖି ସେହି କାଗଜ ଉପରେ ଲାଗି ରହିଲା । ସେ ଆଉ କୁଆଡକୁ ଅନାଇ ମଧ୍ୟ ପାରୁ ନଥିଲା ।

ଅବିନାଶ ଏମିତି ଚୁକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥିଲା । ପ୍ରତିଦିନ ଏକ ଟେବୁଲରେ ବସି ଲେଖିବାକୁ ପଡ଼ିବ – "ମୁଁ ମୋତେ ଡରେନାହିଁ ।" ବାସ୍ କି ସହଜ ଲେଖା । ଗୋଟାଏ ଧାଡି । ସେତିକିରେ କାମ ଶେଷ ଆଉ ଏତେ ବଡ଼ ନାମୀ ଜେଲର ହର୍ତ୍ତାକର୍ତ୍ତା । ଏମିତି ଚାକିରୀ କରିବା ଅତି ସହଜ । ପାଞ୍ଚ ଶହରୁ ଛଅଶହ ସଂଖ୍ୟାର କଇଦୀ ଜୋତାର ମଚମଚ୍ ଶବ୍ଦରେ ନିଜ ଛାତିରେ ହଠାତ୍ ଜୋରରେ ଧକ୍‌ଧକ୍ ଅନୁଭବ କରୁଥିବେ । ଚାଲି ଅତି ଓଜନିଆ ହୋଇଯାଉଥିବ । ଜୋତାର ଓଜନ ଆଉ ଆକାର ବଢିଯାଉଥିବ । ଅବିନାଶ ଡେଭିଡ ବେରୀକୁ ଲକ୍ଷ୍ୟ କରିବାକୁ ଲାଗିଲା ।

୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡେଭିଡ ବେରୀ ନିଜର ଲମ୍ବା ଛାଇ ଦେଖି ଗର୍ବ ଅନୁଭବ କଲା । ତା'କୁ ଲାଗୁଥିଲା ତା' ଆକାର ଆଠଫୁଟରୁ ଊର୍ଦ୍ଧ୍ୱର୍ ହୋଇଯାଇଛି ଆଉ ଅନ୍ୟମାନେ ଚାରିଫୁଟରୁ ଛୋଟ ହୋଇଯାଇଛନ୍ତି । ସେ ଜୋରରେ ହସିଲା । ସେ ହସରେ ତା' କୋଠରୀ ଥରୁଥିଲା । ସତରେ ଲେଖା କାଗଜରେ କିଛି ଶକ୍ତି ଅଛି । ସମସ୍ତେ ଡରି ମୁଣ୍ଡ ତଳକୁ କରିଦେଉଛନ୍ତି ।

ମୁଁ କଇଦୀମାନଙ୍କ ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ ଦେଖିପାରେ । ମୋ ଆଖିରୁ କିଛି ଲୁଚିିବନି, କେହି କିଛି ଲୁଚାଇ ପାରିବେନି ।– ଡେଭିଡ ବେରୀ ସେଣ୍ଟ୍ରାଲ ଟାୱାରର ସବୁଠାରୁ ଉଚ୍ଚ ଯାଗରେ ଠିଆ ହୋଇ ମନକୁମନ କହୁଥିଲା । ଏମିତି ତା'କୁ କହିବାକୁ ତା' ଭିତରୁ କେହି ଠେଲୁଥିଲା । ନିଜ ଉପରେ ଭରସା ଆସିବାକୁ ଭିତରେ କିଏ ଉସୁକାଇବା ଦରାକର । ତା'ପରେ ମନରେ ପ୍ରତ୍ୟୟ ଆସେ । ଏକ ସଫଳ ଜେଲର ଆଗରେ ସମସ୍ତ କଇଦୀଙ୍କ ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ ସବୁ ବହିର ପୃଷ୍ଠାଭଳି ଖୋଲିଯିବା ଦରକାର । ଲୋକ ଦେଖି ରୋଗର ଚିକିତ୍ସା ।

ସାତଟା ଭାଗଥିବା ସେଲୁଲାର ଜେଲ ଆକାଶରୁ ଏକ ଏକ ଷ୍ଟାର ଫିଶ ପରି ଲାଗୁଥିଲା । ମଝିରେ ଥାଇ ଏକ ଯୋଡା ଆଖି ସବୁ ଆଡକୁ ଲକ୍ଷ୍ୟ କରିପାରେ । ଏହି ଜେଲର ମଡେଲ ଜେର୍ମି ବେନଥାମଙ୍କ ପେନୋପ୍ଟିକନ (ଚରଭକ୍ଟକ୍ତ୍ରଗ୍ଧସମକ୍ଟଭ) ମଡେଲ ହିସାବରେ ହେବା ଉଚିତ ବୋଲି ସମସ୍ତେ ମନେକରିଥିଲେ । ଏମିତିଆ ମଡେଲରେ କଇଦୀମାନଙ୍କୁ ଲାଗିବ ଯେ ସେମାନଙ୍କୁ କିଏ ସବୁବେଳେ ଲକ୍ଷ୍ୟ କରୁଛି । ଫରାସୀ ଦାର୍ଶନିକ ମାଇକେଲ ଫୋଉକଲ୍ଟ ଆଗରୁ ଯେ ଏମିତିଆ ମଡେଲକୁ ନିରୀକ୍ଷଣର ପ୍ରତୀକ ଭାବେ ନାମିତ କରିଥିଲେ । ଆଉ ଜେଲରେ ତିନି ପ୍ରକାର ଯନ୍ତ୍ରଣା ଥିଲା, ଭୋକରେ ରଖିବା, ଯନ୍ତ୍ରଣା ଦେବା ଆଉ ନିର୍ଜ୍ଜନ କାରାବାସ । ସବୁଠାରୁ କଷ୍ଟଦାୟକ ଥିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଲିଟାରୀ କନଫାଇନମେଣ୍ଟ ବା ନିଃସଙ୍ଗ ଆବଦ୍ଧ କାରାବାସ ।

ଡେଭିଡ ଜେଲ ଉପରେ ନଜର ପକାଇଲା । ବେଶ ଶକ୍ତ ହୋଇ ତିଆରି ହୋଇଛି । ଜେଲର କାନ୍ଥ କଠିନ ଆଉ ଶକ୍ତ ହେଲେ ଜେଲରର ମନ ପାହାଡ ଭଳି ଦୃଢ ହୋଇଯାଏ । ଏମିତି ଏକ ବିଶାଳ ଜେଲର ଅଧୀକ୍ଷକ ହେବାଯୋଗୁ ତା'କୁ ଅତି ଗର୍ବ ଲାଗୁଥିଲା । ଏମିତି ନିରାପଦ ଜେଲ କେଉଁଠି ନାହିଁ । ଏ ଜେଲରୁ କଇଦୀ ଖସି ପଳାଇପାରିବ ନାହିଁ । ଆଉ ଆଣ୍ଡାମାନର ପେନାଲ ସେଟଲମେଣ୍ଟରୁ କଇଦୀମାନେ ଖସିପାରି ନାହାନ୍ତି ।

ହଁ କଇଦୀ ଛୋଇଟନ ଆଉ ମେହତାବ ମେ ୨୬, ୧୮୭୨ ମସିହାରେ ସେଲୁଲାର ଜେଲ ନଥିଲା ବେଳେ ଏକ ଦେଶୀ ଭେଳାରେ ବସି ଖସି ପଳାଉଥିଲେ । ହଜାରେ କିଲୋମିଟରର ଅଶାନ୍ତ ସମୁଦ୍ରକୁ ସେମାନେ ଦେଶୀ ଭେଳାରେ ପାର ହେବେ ବୋଲି ଭବିଥିଲେ । ତାଙ୍କୁ ଧରିବା ପାଇଁ ଅନେକ ଲୋକ ଯାଇଥିଲେ ଆଉ ସେମାନଙ୍କ ଉପରେ ୨୫୦ ଟଙ୍କାର ପୁରଷ୍କାର ରାଶି ଘୋଷଣା କରାଯାଇଥିଲା । ଶେଷରେ ଏକ ବ୍ରିଟିଶ ଜାହାଜ ସେମାନଙ୍କୁ ଉଦ୍ଧାର କଲା । ସେମାନେ ଯେ ଦୁର୍ଘଟଣାଗ୍ରସ୍ତ ମତ୍ସ୍ୟଜୀବୀ । ଏମିତି ନିଜର ପରିଚୟ ଦେଲେ । ସେମାନଙ୍କୁ ମୁକ୍ତ ଭାବରେ ଏସିଆଟିକ ଷ୍ଟ୍ରେନଜରର୍ସ ହୋମ, ଲଣ୍ଡନରେ ବିଚରଣ କରିବାକୁ ଦିଆଗଲା, ଶୋଇବାପାଇଁ ବିଛଣା ମଧ୍ୟ ଦିଆଗଲା । ଦିନେ ସେମାନେ ଶୋଇବା ସମୟରେ କର୍ଣେଲ ହ୍ୟୁଜସ ସେମାନଙ୍କର ଫଟୋ ନେଇଗଲେ ଆଉ ତାହା ବ୍ରିଟିଶ ସାମ୍ରାଜ୍ୟରେ ବିତରଣ କରିଦିଆଗଲା । ସେଥିରୁ ସେମାନଙ୍କର ପରିଚୟ ଜଣାପଡିଗଲା । ଆଉ ଏକ ଦିନ ସକାଳେ ମେହତାବ ଏବଂ ଛୋଇଟନ ନିଜକୁ ବେଡି କରଡା ଭିତରେ ବନ୍ଧା ପାଇଲେ । ସେମାନଙ୍କୁ ବେଙ୍ଗ ଭଳି ଡିଆଁଇ ଡିଆଁଇ ଏକ ଭାରତ ଅଭିମୁଖେ ଯାଉଥିବା ଜାହାଜରେ ବସାଇଦିଆଗଲା । ସେମାନଙ୍କ ଭାଗ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରାବାସରେ ।

ଅବିନାଶ ସେଲୁଲାର ଜେଲ ବିଷୟରେ ଆଉ ପୁରୁଣା ସେଟଲମେଣ୍ଟ ଉପରେ କିଛି କଥା ମନେପକାଉଥିଲା । ତା' ପଢାଶୁଣା ଇତିହାସ ହିସାବରେ ପେନାଲ ସେଟଲମେଣ୍ଟରେ କମିଟି ସୁପାରିଶ ଅନୁସାରେ ସାଂଘାତିକ ଅଭ୍ୟାସଗତ ଅପରାଧିମାନଙ୍କୁ ଅତିକମରେ ପ୍ରଥମେ ପ୍ରଥମେ ଅତି କଠିନ ଶୃଙ୍ଖଳା ଦେଇ ଗତି କରିବାକୁ ପଡ଼ିବ । ସେମାନଙ୍କୁ ଛଅମାସ ପାଇଁ ଏକାକୀ ସେଲରେ ଅନ୍ୟମାନଙ୍କ ସହ ମିଶିବାକୁ ନଦିଆଯାଇ ରଖାଯିବ । ତା'ପରେ ସେମାନଙ୍କୁ ଅଠରମାସ ପାଇଁ ବ୍ୟାରାକରେ ରଖାଯିବ ଯେଉଁଠାରେ ସେମାନେ ଅନ୍ୟମାନଙ୍କ ସହ ମିଶି କାମ କରିବେ । କିନ୍ତୁ ସେମାନଙ୍କୁ ଜେଲ ବାହାରକୁ ଯିବାକୁ ଅନୁମତି ମିଳିବ ନାହିଁ । ତା'ପରେ ପରବର୍ତ୍ତୀ ଅବସ୍ଥାରେ ସେମାନଙ୍କୁ ଚାରିବର୍ଷ ପାଇଁ ବାହରେ କାମ କରିବାକୁ ଅନୁମତି ମିଳିବ କିନ୍ତୁ ସେମାନେ ସଂନ୍ଧ୍ୟାରେ ନିଜ ବାରାକକୁ ଫେରିଆସିବେ ।

ତା'ପରେ ସେହି କଇଦୀମାନଙ୍କୁ ଦ୍ୱିତୀୟ ଶ୍ରେଣୀ କଇଦୀ ବୋଲି ବିଚାର କରାଯିବ । ପରବର୍ତ୍ତୀ ପାଞ୍ଚ ବର୍ଷପାଇଁ ତା'କୁ ଲେବର ବାରାକରେ ରହିବାକୁ ପଡ଼ିବ କିନ୍ତୁ ତା'କୁ ପେଟି କାମରେ ନିଯୁକ୍ତ କରାଯାଇ ପାରିବ କିମ୍ବା ସେ ହାଲୁକା କାମ କରିବ । ନିର୍ବାସନର ଦଶ ବର୍ଷ ପରେ ତା'କୁ ଟିକେଟ-ଅଫ-ଲିଭ ବା ଆତ୍ମ ନର୍ଭର କଇଦୀ ବୋଲି ବିଚାର କରାଯିବ । ସେ ସମୟରେ ସେ ନିଜେ ଚାଷବାସ, ଗାଈ ଗୋରୁ ରଖିବା ଇତ୍ୟାଦି କାମ କରିବ । ଏହି ସମୟରେ ତା'କୁ ବିବାହର ଅନୁମତି ମିଳିବ କିମ୍ବା ସେ ନିଜ ପରିବାର ଆଣିପାରିବ । କିନ୍ତୁ ଏପର୍ଯ୍ୟନ୍ତ ତା'କୁ ମୁକ୍ତି ମିଳିନାହିଁ । ତା' ପାଖରେ ସାଧାରଣ ନାଗରିକର ଅଧିକାର ରହିବ ନାହିଁ । ସେ ସେଟଲମେଣ୍ଟ ଛାଡି ଯାଇ ପାରିବ ନାହିଁ କିମ୍ବା ବିନା କାମରେ ବସି ପାରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ ।

ଯେଉଁ କଇଦୀ ଆତ୍ମ ନିର୍ଭର କଇଦୀ ବୋଲି ବେବଚିତ ହେବ ଏବଂ ଆଣ୍ଡାମନରେ ବାସ କରିବାକୁ ଚାହିଁବ, ତା'କୁ ବିବାହର ଅଧିକାର ମିଳିବ । ସେ ଏକ ସ୍ତ୍ରୀ ପାଇଁ ଆବେଦନ କରିବ । ଏକ ନିର୍ଦ୍ଧିଷ୍ଟ ଦିନରେ ଉପଯୁକ୍ତ କଇଦୀ ମହିଳାମାନଙ୍କୁ ଆତ୍ମ ନିର୍ଭର ଥିବା କଇଦୀମାନଙ୍କ ସହ ଦେଖାସାକ୍ଷାତ କରିବାକୁ ଦିଆଯିବ । ଆତ୍ମ ନିର୍ଭର କଇଦୀ ଯଦି କେଉଁ ମହିଳା କଇଦୀକୁ ମନୋନୀତ କରେ ଆଉ ଯଦି ସେ ମହିଳା ରାଜି ହୁଏ ତେବେ ସେମାନଙ୍କୁ ବିବାହ ପାଇଁ ଅନୁମତି ମିଳେ ଏବଂ ସେମାନଙ୍କୁ ଏକ ଆତ୍ମ ନିର୍ଭର ଗ୍ରାମରେ ବସାଯାଏ । ସେହି ବିବାହକୁ ସୁପରିଟେନଡେଣ୍ଟଙ୍କ ପାଖରେ ରେକର୍ଡ କରାଯାଏ । ଏହି ପ୍ରଥା କିଛି ଦିନ ସୁରୁଖୁରୁରେ ଚାଲିଲା । କିନ୍ତୁ ସମସ୍ୟା ଆସିଲା ମହିଳମାନଙ୍କ ସଂଖ୍ୟା ଯାହାକୁି ପୁରୁଷମାନଙ୍କ ସଂଖ୍ୟାରୁ ବେଶ କମ ଥିଲା । କଇଦୀମାନଙ୍କର ସ୍ତ୍ରୀମାନେ ମଧ୍ୟ ଆସିବାକୁ ରାଜି ହେଉନଥିଲଲେ । ସମୁଦ୍ର ପାରିହେଲେ ଜାତି ଚାଲିଯିବ ବୋଲି ଭୟ ଥିଲଲା । ୧୮୬୦ ମସିହାରେ କେବଳ ୩୫ ଜଣ ମହିଳା କଇଦୀ ବେଙ୍ଗଲରୁ ଆସିଲେ । ୧୮୯୭ ମସିହାରେ ୨୪୪୭ ଜଣ ପୁରୁଷଙ୍କ ତୁଳନାରେ କେବଳ ୩୬୩ ଜଣ ମହିଳା କଇଦୀ ଥିଲେ ।

ଏ ଭିତରେ ଜେଲ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଲା । ୧୮୯୦ ମସିହାରେ ଲ୍ୟାଲ ଏବଂ ଲେଥବ୍ରିଜ ( ଲ୍ୟାଲ – ହୋମ ସେକ୍ରେଟାରୀ ଆଉ ଲେଥବ୍ରିଜ – ବେଙ୍ଗଲ ମେଡିକାଲ ସର୍ଭିସର ସର୍ଜ୍ଜନ) କମିଟି ସୁପାରିଶ ଅନୁସାରେ ମୁଖ୍ୟ ଭାରତ ଭୁଖଣ୍ଡରେ କଇଦୀମାନଙ୍କୁ ବେଶୀ ଦଣ୍ଡ ମିଳୁଛି କିନ୍ତୁ ଆଣ୍ଡାମନକୁ ନିର୍ବାସିତ ହୋଇଥିବା କଇଦୀମାନଙ୍କୁ ଆନୁପାତିକ ଦଣ୍ଡ ମିଳୁନାହିଁ । ତେଣୁ ଦଣ୍ଡ ବ୍ୟବସ୍ତାକୁ କଠିନ କରିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦରକାର ।

ଅବିନାଶ ନିଜ ମନେମନେ କିଛି ହୃଦୟହୀନ ପୃଷ୍ଠାକୁ ତର୍ଜ୍ଜମା ମଧ୍ୟ କରୁଥିଲା । ବ୍ରିଟିଶ ଶାସନର ଏକ ବଡ଼ ଗୁଣଥିଲା ସବୁ କାମର ଲିଖିତ ରୂପଲେଖ ଆଉ ତା'ର ଉପଯୁକ୍ତ ପ୍ରତିପାଳନ । କିଛି ନିୟମ, କିଛି ପ୍ରଣାଳୀର ସବୁବେଳେ ପରିବର୍ତ୍ତନ ଆସୁଥିଲା ଆଉ ସେମାନେ ନିଜ କାମର ଉପଯୋଗିତାକୁ ପ୍ରାୟ ବିଶ୍ଳେଷଣ କରୁଥିଲେ । ଅବିନାଶ ନିଜ ମନେମନେ ହସିଲା, ନିଜକୁ ପ୍ରଶ୍ନ କଲା- ହାସ୍ୟାସ୍ପଦ ବିଶ୍ଳେଷଣ ଯେତେବେଳେ କାହାକୁ କେବଳ ଦଣ୍ଡ ଶେଷରେ ମିଳୁଛି । କିନ୍ତୁ ସେମାନଙ୍କ ହିସାବରେ ଏକ ହିଂସ୍ର ପଶୁକୁ ଶାସନ । ଦୁଇପଟୁ ଅଲଗା ଯୁକ୍ତି ।

ଲ୍ୟାଲ ଏବଂ ଲେଥବ୍ରିଜ କମିଟିର ସୁପାରିଶ ଅନୁସାରେ ସେଲୁଲାର ଜେଲର ନିର୍ମାଣ ୧୮୯୬ ମସିହାରୁ ଆରମ୍ଭ ହେଲା ଆଉ ୧୯୦୬ ମସିହା ଆଡକୁ ଶେଷ ହେଲା । ଜେଲ ନିର୍ମାଣ ଶେଷ ହେଲାବେଳକୁ ବେଙ୍ଗଲ ଆଉ ପଞ୍ଜାବ ଆଉ ମହାରାଷ୍ଟ୍ରରୁ ବନ୍ଦୀ କ୍ରାନ୍ତିକାରୀମାନଙ୍କ ଆସିବା ଆରମ୍ଭ ହେଲା । ୧୯୦୯ ମସିହାରେ ଆଲିପୁର ବୋମା ବଷ୍ଫୋରଣର ଅଭିଯୁକ୍ତମାନଙ୍କୁ କଲିକତା ହାଇକୋର୍ଟ ଦୋଷୀ ସାବ୍ୟସ୍ତ କଲା ଆଉ ସେମାନଙ୍କୁ ଆଣ୍ଡାମାନକୁ ନିର୍ବାସିତ କରାଗଲା ।

ତେଣିକି ଆଗକୁ ପ୍ରାୟ ୨୯ ବର୍ଷ ପର୍ଯ୍ୟନ୍ତ ବିଦ୍ରୋହୀ କ୍ରାନ୍ତିକାରୀ ରାଜନୈତିକ ବନ୍ଦୀମାନଙ୍କ କାରାଗାର ବନିଗଲା ସେଲୁଲାର ଜେଲ ।

ଆଣ୍ଡାମାନରୁ ଖସି ପଳେଇବ, ଆଉ ତା'ପରେ ସେଲୁଲାର ଜେଲର କାରାବାସରୁ । ଅସମ୍ଭବ ।- ସେ ଏଇଆ କହି ହୋ ହୋଇ ହସି ଉଠିଲା । ତା' ସ୍ୱର ଅକ୍ଟୋପସର ସାତବାହୁକୁ ଛୁଇଁ ପ୍ରତି ସେଲରେ କମ୍ପନ ସୃଷ୍ଟି କରୁଥିଲା । ଆକାଶରେ ହ୍ୱାଇଟ ବେଲିଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସି ଇଗଲ ଘୁରିବୁଲୁଥିଲା । ସେଲୁଲାର ଜେଲଟା ତ ସମୁଦ୍ର କୂଳରେ । ଆକାଶର ଇଗଲ ଆଖିରୁ କିଛି ଲୁଚି ପାରେନା, କିଛି ଲୁଚି ପାରିବନି । ଇଗଲ ପରା ଏକ ଛୁଞ୍ଚିକୁ ଆକାଶରୁ ଦେଖିଦେଇପାରେ । ଡେଭିଡ ବେରୀ ନଜରରୁ କିଛି ଲୁଚି ପାରିବନି ।

ବିଶ୍ୱର ସବୁଠାରୁ ସୁରକ୍ଷିତ ବନ୍ଦୀଶାଳା ।– ସେ ପୁଣି ସିଂହର ଗର୍ଜ୍ଜନ ଭଳି ନିଜ ଭିତରେ ଗର୍ଜ୍ଜନ କଲା । ଏ ଶବ୍ଦ କେତୋଟି ଘଡଘଡିର ଶବ୍ଦଭଳି ଖଣ୍ଡମଣ୍ଡଳ ଯେମିତି କମ୍ପାଉଥିଲା ଭଳି ତା'କୁ ଲାଗୁଥିଲା ।

ଏଇଠୁ ମୁଁ ତୁମ ସମସ୍ତଙ୍କ ଉପରେ ନଜର ରଖିଛି ।– ସେ ଜୋରରେ କହିଲା ଆଉ ସବୁଆଡୁ ଜୋତାର ମଚମଚ ଶବ୍ଦ ଭାସି ଆସିଲା ଆଉ ଜୋରରେ ଥଡ୍ ଥଡ୍ କରି ଶବ୍ଦମାନ ଏକାସାଙ୍ଗରେ ହେଲା । ଓ୍ୟାର୍ଡରମାନେ ବେରୀଙ୍କ ସ୍ୱର ଶୁଣି ନିଜ ମାର୍ଚ୍ଚିଙ୍ଗ କ୍ଷଣକପାଇଁ ବନ୍ଦ କରି ବେରୀ ଦେଖନ୍ତୁ କି ନଦେଖନ୍ତୁ ସାଲ୍ୟୁଟ କଲେ । ଡେଭିଡ ବେରୀର ଆସୁଥିବା ନୂଆ କଇଦୀମାନଙ୍କ ପାଇଁ ଅଭିଭାଷଣ ଯମିତି ସମସ୍ତଙ୍କ କାନରେ ଗୁଞ୍ଜରୁଥିଲା । ସେ ସ୍ୱରରେ ଥିଲା ପଥରର ସ୍ଥିର ଗାମ୍ଭୀର୍ଯ୍ୟ ଆଉ ବରଫର ଜମିଯାଉଥିବା ହିମ ଶୀତଳତା, ତା' ପୁଣି ଏହି ବିଷୁବମଣ୍ଡଳୀୟ ଜଙ୍ଗଲ ଧାରରେ । ଡେଭିଡ ବେରୀ ନିଜ ଉପର ଅଫିସରୁ ସମୁଦ୍ରକୁ ଆଖି ପକାଇଲା । କିଛି ନୂଆ କଇଦୀ ଆସିବେ ।

ଏଣେ ଆଣ୍ଡାମାନ ସମୁଦ୍ରରେ ଏକ ଜାହାଜ ଦେଖାଗଲା । ଷ୍ଟିମ ଚାଳିତ ଜାହାଜ । ଧୂଆଁ ଭସ୍‌ଭସ୍ ହୋଇ ବାହାରୁଥିଲା । ସମୁଦ୍ର ଗାଢ ନୀଳ ଆଉ ଆକାଶ ମଧ୍ୟ ନୀଳ ଥିଲା । ଜାହାଜ ଧାରରେ ଫେଣ ତିଆରି ହୋଇଚାଲୁଥିଲା । ଜାହାଜଟି ଏ ପର୍ଯ୍ୟନ୍ତ ମଝି ସମୁଦ୍ରରେ, କୂଳରୁ ବେଶ ଦୂରରେ । ଯାତ୍ରୀବୁହା ଜାହାଜ । ଜାହାଜରେ କିଛି ଦୁର୍ଦ୍ଧାନ୍ତ କଇଦୀ ଅଛନ୍ତି । ଶସସ୍ତ୍ର ରକ୍ଷୀମାନ ଜାହାଜ ଉପରେ ବନ୍ଧୁକ ଧରି ଠିଆ ହୋଇରହିଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

। ଏ ପଟେ ମଝିରେ ଗୋଟିକିଆ ପଥର ନାହିଁ, କୂଳ ଆଡକୁ ସମୁଦ୍ର କାହିଁ କାହିଁ ପଥୁରିଆ । ଶେଷରେ ଗାଢ ସବୁଜ ଦ୍ୱୀପର କୂଳରେ ସମୁଦ୍ର ଭିତରେ ଜାହାଜ ନଙ୍ଗର ପକାଇଲା । ଛୋଟ ଛୋଟ ଢେଉ ଜାହାଜରେ ବାଡେଇ ହୋଇ ଫେରିଯାଉଥିଲା ।

ଆଣ୍ଡାମାନ ଆସିଗଲା । ତୁମମାନଙ୍କ ଏତେ ଦିନର ଅପେକ୍ଷା ଶେଷ ହେଲା ।- କଇଦୀମାନଙ୍କ କାନ ପାଖରେ କିଏ ବାଘ ଭଳି ଗର୍ଜ୍ଜନ କଲା ।

ତୁମମାନଙ୍କର ନୂଆ ଘର । ସେଲୁଲାର ଜେଲ ।– ହେଟା ଭଳିଆ କିଏ ହେଁ ହେଁ ହୋଇ ଆଉ କିଏ ବଙ୍କ କ୍ଲାସରେ ଥିବା ଦଳେ ଲୋକଙ୍କ ଉଦ୍ଦେଶ୍ୟରେ କହୁଥିଲା । ବନ୍ଧା ହୋଇଥିବା ଲୋକମାନେ ଜାହାଜ କେଉଁଠି ପହଁଞ୍ଚିଲା ଦେଖିପାରୁନଥିଲେ । କେବଳ ଇଞ୍ଜିନର ଶବ୍ଦ କମ ହୋଇଯିବା ଅନୁଭବ କରୁଥିଲେ । ଆଣ୍ଡାମାନ ତାହାହେଲେ ପହଞ୍ଚିଗଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଲୀନ ତାମସ୍

ସୁଶାନ୍ତ ଶେଖର ଦାଶ୍

ଜନମାନବ ଶୂନ୍ୟ, ଦୁର୍ଭେଦ କଣ୍ଟକିତ ଓ ପ୍ରସ୍ତରବହୁଳ ଏ ରାସ୍ତା ! ରବି-ତମସ ର ଅଦ୍ଭୁତ ଛକ୍କାପଞ୍ଝା ।

ପ୍ରକୃତିର ଭରପୁର ସମ୍ଭାରରେ ନୀରବତାର ଖୁବ ରାଜତ୍ୱ । ବେଇମାନିଆ ପବନ ପୁଳାକ ବାଟ ମାରଣା ହୋଇ ବୃକ୍ଷରାଜି ଦେହରେ ପିଟି ହୋଇ ସତ୍ତା ହରାନ୍ତି । ପୁଷ୍ପସାର ବାସ୍ନାରେ ଚଉଦିଗ ମହ ମହ । ବୃକ୍ଷ ସମୂହ ପରସ୍ପର ଛନ୍ଦା ଛନ୍ଦି ହୋଇ ପ୍ରେମାଳାପରେ ମଗ୍ନ ।

ଆଃ କି ସୁନ୍ଦର ଅରଣ୍ୟାନୀ ! ! କି ସୁନ୍ଦର ନିର୍ଝରିଣୀର ମନୋରମ ନାଦ ! ମନ ମୋହିଲା ପରି ପୁଷ୍ପସାର ଆଶାରେ ମଧୁକାରର ଗୁଣୁ ଗୁଣୁ ଗୁଞ୍ଜନ !

ବନ୍ୟପ୍ରାଣୀଙ୍କ ବିକଟ ଶବ୍ଦ ପ୍ରତିଧ୍ୱନିର କିଛି ଭ୍ରମାତ୍ମକ ପ୍ରତିଛବି .... ..

ଆଉ, କିଛି କିଛି ଭାସି ଆସୁଥିବା ସୁମଧୁର ଓ ମନୋହର କାକଳୀ ଧ୍ୱନି ।

ଆଉ -

ଅମାନିଆ ମଳୟ ସ୍ପର୍ଶରେ ଆନନ୍ଦ ବିଭୋର କେତେକ ଆକାଶଛୁଆଁ ବୃକ୍ଷମାନଙ୍କ କୋଳାକୋଳିର ଧ୍ୱନି ।

ଶୂନଶାନ ଏଠି ଭୂଷଣ । ଅବଗୁଣ୍ଠନବତୀ ଅବଳାଟିଏ ଅବା ! ତିଳ ଟିଏ ପଡିଲେ ତାଳ ପଡିଲା ପରି ଗର୍ଜନ ! ! ବୃନ୍ତ ଚ୍ୟୁତ ଶୁଷ୍କ ପଲ୍ଲବଟିଏ କେବେକେମିତି ବେସାହାରା ହୋଇ ଖସି ପଡିଲେ ମହାସନ୍ତର୍ପରେ ଧରାଶାୟୀ ହୁଏ । ପ୍ରକମ୍ପିତ ହୋଇ ଉଠେ ନିଶ୍ଚଳ ବନାନୀ !

ଏପରି ମନୋରମ ମୁହୂର୍ତ୍ତରେ ଏକାକୀ ପଥରେ ଜଣେ ପଥିକ ! ପ୍ରକୃତି ସ୍ତବ୍ଧ । ହାତରେ ବୀଣା, ସ୍ୱଳ୍ପ ପରିହିତ ବସ୍ତ୍ର, କାନ୍ଧରେ ଉତ୍ତରୀୟ ଓ ଉପବୀତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧୁର ମହତୀ ବୀଣା ଝଙ୍କାର ସାଙ୍ଗକୁ ପଥିକଙ୍କ ସୁଲଳିତ କଣ୍ଠ ଶବ୍ଦ ନିଘଞ୍ଚ ବନାନୀଖଣ୍ଡକୁ ଖୁଞ୍ଚ ସଂଗୀତମୟ କରିଦେଇଥିଲା । ପ୍ରକୃତିସ୍ଥ ହୋଇ ପଡିଲେ ସମସ୍ତ ବନାନୀ ।

ଏମିତି ଏକ ଅଦ୍ଭୁତ ଓ ପବିତ୍ର ପରିବେଶ ସହ ସେଠାକାର ଅଧମ ନିରୀହ ଆରଣ୍ୟକଙ୍କ ପାଇଁ ଏହା ଏକ ନୂଆ ଅନୁଭୂତି !

କ୍ଷଣକ ପାଇଁ ନିଜନିଜକୁ କାବୁ କଲେ ।

ସୁଲଳିତ କଣ୍ଠ, ମଧୁର ବୀଣା ଗୁଂଜନ , ସମତାଳରେ ଘୁଙ୍ଗୁରର ମାଦକତା ଓ ଲହରୀ ମାରୁଥିବା ଭକ୍ତିପୂର୍ଣ୍ଣ - ନାରାୟଣ..... ନାରାୟଣ.....ଶବ୍ଦ କ୍ଷଣକ ପାଇଁ ସ୍ଥିର, ସ୍ଥାଣୁ, ସ୍ତବ୍ଧ କରି ପକାଇଥିଲା ସମଗ୍ର ବନାନୀକୁ ।

ଉନ୍ମାଦନ ଖେଳିଗଲା । ପ୍ରକୃତି ସ୍ତବ୍ଧ ହୋଇଗଲା ।

ଆରଣ୍ୟକ ମାନେ ଆଗନ୍ତୁକ ଜଣଙ୍କୁ ପାଛୋଟି ନେଲେ । ଆଗମନର ଉଦ୍ଦେଶ୍ୟ ଜିଜ୍ଞାସା କଲେ ।

କୁମ୍ଭାଟୁଆ ଆଗମନୀ ଗାଇଲେ । ବୃକ୍ଷସମଷ୍ଟି ପୁଷ୍ପ ବୃଷ୍ଟି କଲେ ।

ବିଷ୍ଣୁଙ୍କୁ ଦେଇଥିବା ରମଣୀ ବିଚ୍ଛେଦ ଅଭିଶାପଟିର କାବ୍ୟ ରୂପରେଖ ପାଇଁ ଏକ ବିଜ୍ଞ ରଚୟିତାର ଅନୁସନ୍ଧାନରେ ରାହୀ ସେଇ ଗେରୁଆ ବସ୍ତ୍ରଧାରୀ ଆଗନ୍ତୁକ ।

ଅଦ୍ଭୁତ ରାହା ଆଉ ଅଦ୍ଭୁତ ରାହୀ !

ବିଧିର କି ବିଚିତ୍ର ବିଧାନ ! କି ଅଦ୍ଭୁତ ବିଚାର ପ୍ରଭୁଙ୍କର !! ସେଠାରେ ମିଳନ ମଧ୍ୟ ବିଚିତ୍ର !!!

ମିଳନ କଣ ଏମିତି ହୁଏ ? ଏକ ନିଃସ୍ୱ ମହର୍ଷି ଏବଂ ଆଉ ଜଣେ ଧନ ଲୋଭି ଦସ୍ୟୁ !

ହେ ପ୍ରଭୁ, ଲୁକାୟିତ ଦସ୍ୟୁପତିଟି ସହିତ ସେଇ ଗେରୁଆ ଭେକ, ପଦରେ କଠାଉ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୁଦ୍ରାକ୍ଷର ମାଳା, ବାହୁଟି, ଜଟା ଓ ବୀଣା ଆଭୂଷିତ ଏକ ନିର୍ଦ୍ଧନ ସନ୍ୟାସୀ ସହ ମିଳନ କରାଇଦେଲ !

ବଳିଷ୍ଠବାହୁ ପ୍ରଚେତା ପୁତ୍ର କ୍ଷଣିକ ମଧ୍ୟରେ କାବୁ କରି ନେଲା ନିଃଶ୍ୱ, କ୍ଷୀଣ, ନିର୍ବଳ ସେଇ ବ୍ରହ୍ମର୍ଷିଙ୍କୁ ।

ଚାହୁଁ ଚାହୁଁ ଖୁବ ଶାନ୍ତ ଓ ଆଧ୍ୟାତ୍ମିକ ପରିବେଶଟି ହିଂସା ଆଉ ରଣକ୍ଷେତ୍ର ପାଲଟିଗଲା ।

ଚାରିଆଡେ ହା' ହା'କାର ଖେଳିଗଲା ।

ଦଣ୍ଡେକମାତ୍ର ଈଶ୍ୱର ସତ୍ତା ଅନୁଭବ କରୁଥିବା ଆରଣ୍ୟକମାନେ ଭୟରେ ଇତସ୍ଥତ ହୋଇପଡିଲେ । ସଦ୍ୟ ରହସ୍ୟମୟୀ ତମସରେ ବୁଡିଗଲେ ।

ଚାରିଆଡେ ଭୟଙ୍କର ବାତାବରଣ !

ଅଦମ୍ୟ ସାହସ ସଞ୍ଚି, ମହତିକୁ ଦମ ଦେଇ, ଅତ୍ୟନ୍ତ ନମନୀୟ କଣ୍ଠରେ ଖୁଵ୍ ସୁନ୍ଦର ପ୍ରଶ୍ନ ଟିଏ ପଚାରିଥିଲେ, ବ୍ରହ୍ମର୍ଷି ।

ପ୍ରଶ୍ନଟିରେ ଗୁରୁଗାମ୍ଭୀର୍ଯ୍ୟ ଥିଲା ।

ସେଇ ଶବ୍ଦ କେତୋଟି ଦସ୍ୟୁଟିର ପଥର ହୃଦୟକୁ ଠଣ ଠାଣ ଆବାଜ କରି ଭିତରକୁ ଭେଦି ଗଲା ।

ଅନ୍ତରାତ୍ମା ସ୍ତବ୍ଧ, ନିଶ୍ଚଳ, ସ୍ପନ୍ଦନହୀନ ।

ମୁଣ୍ଡରେ ଭିଡିଥିବା କଳା ପଟିଟାକୁ ଉତ୍ତାରି ଆଣି ଯଥା ସମ୍ଭବ ପବନ ଦୁଲୁକାଏ ମୁହଁରେ ବିଞ୍ଚି ଦେଇ, ଲାଲ ଲାଲ ଆଖିରେ ସନ୍ୟାସୀଙ୍କୁ ପରଖି ନେଲେ ଏବଂ ପ୍ରଶ୍ନଟା ଯେ ନିହାତି ମାମୁଲି ଓ ଖସି ଯିବାର ଏହା ଗୋଟାଏ ବାହାନା... ଏମିତି ମନକୁ ଆସୁଛି ବୋଲି ସନ୍ୟାସୀଙ୍କୁ ଅବଗତ କରାଇଥିଲେ ।

ଋଷିରାଜ ! ତୁମେ'ତ ବ୍ରହ୍ମାଙ୍କ ମାନସ ସନ୍ତାନ । କେତେ କେତେ ପ୍ରଶ୍ନର ସ୍ରଷ୍ଟା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେ କେତେ ପ୍ରଶ୍ନର ସମାଧାନ ମଧ୍ୟ ।

ଭୂତ, ଭବିଷ୍ୟ ଓ ବର୍ତ୍ତମାନକୁ ପରଖିବାର ଅଖଣ୍ଡ କ୍ଷମତା ତୁମର ଅଛି ।

'ଦେବକୀଙ୍କ ଅଷ୍ଟମ ଗର୍ଭ କାହିଁକି, ଯେ କୌଣସି ଗର୍ଭର ସନ୍ତାନ ତୁମ ମୃତ୍ୟୁର କାରଣ ହୋଇପାରେ' ବୋଲି କଂସଙ୍କୁ ମନ୍ତ୍ରଣା ଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ସହାୟତା କରିଥିଲ.......ନୁହେଁ ନା ?

ରୁକ୍ମିଣୀଙ୍କୁ ଶ୍ରୀକୃଷ୍ଣଙ୍କ ଅସୀମ ସୌନ୍ଦର୍ଯ୍ୟ ଓ ଅନ୍ତରହିତ ଅଲୌକିକ ଶକ୍ତି ଅବଗତ କରାଇ, ତାଙ୍କୁ କୃଷ୍ଣଙ୍କ ଆଡେ ଆକର୍ଷିତ କରି, ଶିଶୁପାଳଙ୍କୁ ସବୁଦିନ ପାଇଁ ଶିଶୁପାଳ କରିଦେଲ.............

ମହାମୁନି ବ୍ୟାସଦେବଙ୍କୁ ଶ୍ରୀକୃଷ୍ଣଙ୍କ ଲୀଳା ଲିପିବଦ୍ଧ କରିବାର ମନ୍ତ୍ରଣା ଦେଇ ଏକ ମହାନ କାବ୍ୟ ସୃଷ୍ଟି କରାଇପାରିଲ.........

ଏସବୁ ତୁମର ମହିମା !

ଏତେ ବଡ଼ ମହାନ ବ୍ୟକ୍ତିତ୍ୱ ସାମ୍ନାରେ, ଏ ସାମାନ୍ୟ ଅଗ୍ନିଶର୍ମା !

ଦୁଇ ଅସମାନ୍ତରାଳ ବ୍ୟକ୍ତିତ୍ୱ ମଧ୍ୟରେ କିଛି କ୍ଷଣ ପାଇଁ ଅସମ୍ଭବ ନୀରବତା ଖେଳିଗଲା । ଶୂନ୍ୟତା ଖୁବ୍ ମୁଣ୍ଡ ପିଟୁଥାଏ । ବାନ୍ୟଜନ୍ତୁ ନିର୍ବାକ ଓ ନିଶ୍ଚଳ ।

ଦସ୍ୟୁ ହୃଦୟରେ ଦୁଇଟା ଅନୁଭୂତି । ଗୋଟେ, ଦୀର୍ଘ ବର୍ଷର କଠୋର ଆଉ ଲୋମହର୍ଷଣକାରୀ ଦସ୍ୟୁବୃତ୍ତିର ଅନୁଭୂତି ଏବଂ ଏଇ ସଦ୍ୟ ସାମ୍ନାକୁ ଆସିଥିବା ଛୋଟ ପ୍ରଶ୍ନଟି ନିଜ ମନ ଓ ବିବେକକୁ ବାରମ୍ବାର ଦଂଶୁଥିବାର ଅନ୍ୟ ଏକ ଅନୁଭୂତି ।

ଏଇ ଦୁଇ ଅନୁଭୂତି ସେଦିନ ଦସ୍ୟୁ ହୃଦୟରେ ନିଜ ନିଜର ପ୍ରଭୁତ୍ୱ ଜାହିର କରୁଥିଲେ । କେହି କାହାଠାରୁ କମ ନ ଥିଲେ ।

ବାଜିବ କଥା !

ଯେଉଁ ସ୍ତ୍ରୀ, ପୁଅ-ଝିଅ, ବାପ-ମା' ଙ୍କ ପାଇଁ ଏତେ ସ୍ୱପ୍ନ ! ଯେଉଁ ମାନଙ୍କ ସୁଖ ହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ସୁଖ !! ପାପ କରି , ଲୁଣ୍ଠନ କରି, ଡକାୟତି କରି ସେମାନଙ୍କ ମୁହଁରେ ଦାନା ଦେଉଛି । ସେମାନେ କଣ ତା'ର ସହାୟ ହେବେନି ? ନିଶ୍ଚୟ ତା' ଦୁଃଖରେ ଦୁଃଖୀ ହେବେ ଏବଂ ପାପର ଭାଗିଦାର ହେବେ...

ଦସ୍ୟୁପତି ସନ୍ତୁଳିତ । ଏମିତି କେତେ କେତେ ସକାରାତ୍ମକ ଚିନ୍ତା ମନକୁ ଢାଙ୍କି ଆସିଲା । ନିଶ୍ଚୟ ସେମାନେ ମୋର ତଥାକଥିତ ପାପର ଭାଗିଦାର ହେବେ । ହେଲେ, ପାପ ତ ତାଙ୍କ ପାଇଁ କରିଥିଲା ।

କଣ ବା ଭୁଲ ମୋର ?

ଦସ୍ୟୁକୂଳେ ଜାତ କଲୁ ମୋତେ, ସ୍ୱଭାବ ଛାଡ଼ିବି କେମନ୍ତେ.... ?

ସନ୍ୟାସୀ ଜଣଙ୍କୁ ବୃକ୍ଷ ମୂଳେ ବାନ୍ଧି ଘରକୁ ଧାଇଁଲେ ରତ୍ନାକର ।

ହୃଦୟକୁ ଛୁଇଁଲା ପରି ପ୍ରଶ୍ନ ଟିଏ ! ଭୁଲି ହେଇନି । ତନ୍ନ ତନ୍ନ କରି ବଖାଣିଗଲେ ସମସ୍ତ ପ୍ରିୟଜନଙ୍କ ଆଗରେ । ସନ୍ୟାସୀଙ୍କ ସେଇ ପ୍ରଶ୍ନର ଉତ୍ତର ଟିକୁ ଖୋଜୁଥିଲେ ପ୍ରିୟ ଜନଙ୍କ ମୁଖରୁ ।

ମୁହଁ ମୋଡିଦେଲେ ସମସ୍ତେ । ପରିହାସ କଲେ ।

'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ'........ ?

'ଧରାପୃଷ୍ଠରେ ଜନ୍ମ ହୋଇ ନିଜ ନିଜର କର୍ମ ବଳରେ ମୋକ୍ଷ, ଏହା ହିଁ ତ ସଂସାରର ନିୟମ'.............

'ଆମେ ଯାହା କରୁଛେ ସବୁ ଈଶ୍ୱରଙ୍କ ଇଛାରେ ହେଉଛି ' ଉକ୍ତିଟି ଖୁବ୍ ଉପାଦେୟ ଓ ଯୁକ୍ତିଯୁକ୍ତ ହୋଇଥାନ୍ତା, ଯଦି ସୃଷ୍ଟି ନିୟନ୍ତା ଆମକୁ ଭଲ-ମନ୍ଦ, ହିତାହିତ, ଉଚିତ-ଅନୁଚିତ, ପାପ-ପୁଣ୍ୟ ପରଖିବାର ଶକ୍ତି ଦେଇ ନ ଥାନ୍ତେ !........... ।

ଏମିତି କେତେ କେତେ ଉପଦେଶ ନିଜ ଆତ୍ମୀୟଙ୍କଠୁ ସମ୍ବଳ କରି ଦସ୍ୟୁରାଜ ଫେରିଗଲେ ଅରଣ୍ୟକକୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିବା ବାଟ ଗୁଡାକ କେମିତି ଅଲଗା ଅଲଗା ଲାଗୁଥାନ୍ତି । ସେଇ ତ ଫେରିବା ବାଟ । କିନ୍ତୁ, ଅନୁଭୂତି ଭିନ୍ନ ସ୍ୱାଦର !

ଅନୁଭବ କଲେ, ଗଲା ବେଳର ସେଇ କଚା ଭଙ୍ଗୁର ରାସ୍ତା, ଉତ୍ତପ୍ତ ଝାଂଜି, କର୍କଶ ଓ ନିଷ୍ଠୁର ଭାବେ ଠିଆ ହୋଇଥିବା ପାହାଡ଼ରୁ ଆଗତ ପୋଡା ପୋଡା ବାସ୍ନା ... ଏସବୁ କେମିତି କୋମଳ, ଶୀତଳ ଓ ସୁବାସିତ ପାଲଟି ଯାଇଛି ! ଗମନ ଓ ଆଗମନ ମଧ୍ୟରେ ନାହିଁ ନ ଥିବା ଅନ୍ତର ।

ଦେହର ନିଶ୍ୱାସ ପ୍ରଶ୍ୱାସ, ପ୍ରବାହିତ ଘର୍ମ୍ୟ, ଧମନୀର ପ୍ରଖରତା.. ଏସବୁ ଖୁଵ ଧୀର, ଶୀତଳ, ଶାନ୍ତ ଓ ନିଶ୍ଚଳ ।

ମହର୍ଷି ନିକଟରେ ନତ ମସ୍ତକ ମୁଦ୍ରାରେ ମୋକ୍ଷ୍ୟ କାମନା କଲେ । ହେଉ ଅବା ଭକ୍ତିପଥ, ଜ୍ଞାନପଥ, କର୍ମପଥ ବା ରାଜପଥ !

'ରାମ' ନାମ ସତ୍ୟ, ରାମ ଚିରନ୍ତନ, ରାମ ମୋକ୍ଷ ଆଦି ଗୁଢ ତତ୍ୱରେ ଉବୁଟୁବୁ ହୋଇ ପଡୁଥିଲେ ରତ୍ନାକର ।

ବ୍ରହ୍ମର୍ଷିଙ୍କ ପ୍ରଦତ୍ତ 'ରାମ' ଶବ୍ଦ ଦୁଷ୍ପ୍ରାପ୍ୟ ମନେ ହେଲା । ରାମ ପରି ସୁକ୍ଷ୍ମ ସରଳ ଓ ସାବଲୀଳ ଶବ୍ଦଟି କଣ ଏତେ କଠିନ ? 'ମରା' ଶବ୍ଦକୁ କୁ ହିଁ ଆଦରିନେଲ ??

'ମରା' ତ ଅରୁଚିକ,

'ମରା' ଅପବିତ୍ର,

'ମରା' ଅଗ୍ରାହ୍ୟ,

'ମରା' ଶଙ୍କାସୂଚକ,

'ମରା' ଭିତିବ୍ୟଞ୍ଜକ...........

କିନ୍ତୁ,

'ମରା' ହିଁ ଅନ୍ତିମ ସତ୍ୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ମରା' ଚିରନ୍ତନ ।

'ମରା' ଲୋକ ପରଲୋକର ମାଧ୍ୟମ ।

'ମରା' ହିଁ ଶେଷ ସାଥି ।

'ମରା' ଯେ ସଂସାରର ନିୟମ ।

ନିତ୍ୟ, ଶାଶ୍ୱତ, ଚିରନ୍ତନ, ସନାତନ ସେଇ 'ମରା' ଶବ୍ଦଟି ସେଦିନର ପ୍ରସ୍ତର ହୃଦୟଟିକୁ କାଳ କାଳକୁ ବିବର୍ତ୍ତନ ମୋଡରେ ଘାଣ୍ଟି ଚକଟି ବିଦୀର୍ଣ୍ଣ କରି ଦେଇଥିଲା । ବିବର୍ତ୍ତନ ମୋଡ଼ର ଚିରନ୍ତନ ସତ୍ୟ ପନ୍ଥା ସନ୍ଧାନରେ ବୁଡିଗଲେ ବେସ୍ କାଳ କାଳ ଧରି । ଭୁଲିଗଲେ ନିଜକୁ । ଉଇ ହୁଙ୍କା ପାଲଟିଗଲେ ।

କ୍ରମ ବିବର୍ତ୍ତନରେ ଦସ୍ୟୁ ହୃଦୟରେ ଜ୍ଞାନର ଆଭା ପ୍ରଜ୍ୱଳିତ ହୋଇ, ଜ୍ଞାନ ଜାହ୍ନବୀରୁ ଜନ୍ମ ନେଇଥିଲା ସାହିତ୍ୟ ସୃଜନ ଭଳି ଏକ ମହାନ ସୃଜନୀର ସ୍ରଷ୍ଟା- ରାମାୟଣ ରଚୟିତା ।

ରୟାଲ ଲାଗୁନ ଆପାର୍ଟମେଣ୍ଟ, ଭୁବନେଶ୍ୱର

Sushant.dash1962@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନନ୍ତ ପ୍ରତୀକ୍ଷା

ବିନୟ ମହାପାତ୍ର



ପ୍ରତି ବର୍ଷ କ୍ୟାଲେଣ୍ଡର ବଦଳୁଛି, ମାସ ଶେଷରେ କ୍ୟାଲେଣ୍ଡରର ପୃଷ୍ଠା ବି ବଦଳି ଯାଉଛି । ବହୁତ କିଛି ବଦଳି ଯାଉଛି ଗୋଟିଏ ଗୋଟିଏ ଦିନରେ । କିନ୍ତୁ ତୁମର ଫଟୋଟି ଯୋଉଁଠି ଲାଗିଥିଲା ଠିକ୍ ସେଇଠି ସେମିତି ଲାଗିଛି । ଫୁଲମାଳଟି ସୁଖି ସୁଖି ଦିନେ ଛିଣ୍ଡି ଆପଣାଛାଏଁ ତଳେ ଖସି ପଡିଲା । ତା'ପରେ ଆଉ ସାହାସ ଜୁଟେଇ ପାରୁନି ନୂଆ ମାଳଟିଏ ଆଣି ଲଗାଇ ଦେବି ବୋଲି । ତୁମେ ମଲ୍ଲୀ ଫୁଲକୁ ବହୁତ ପସନ୍ଦ କରୁଥିଲ, ଗଭାରେ ଖୋସିଦେଲେ କେତେ ଖୁସି ହୋଇ ଯାଉଥିଲ । ଆଜି ବି ମନେ ଅଛି, ତୁମ ଜନ୍ମ ଦିନରେ ତୁମ ପାଇଁ ଥରେ ଗୋଲାପ ତୋଡାଟିଏ ଆଣି ଦେଇଥିଲି । ତୁମେ ତ ବହୁତ ଖୁସି ହୋଇ ଯାଇଥିଲ, ହେଲେ ଉତ୍ସୁକତାଭରା ନୟନରେ ମୋତେ ସେମିତି ଅନେଇ ରହିଗଲ । ଯେମିତି ତୁମେ ଗୋଲାପ ନୁହେଁ ଆଉ କିଛି ଖୋଜୁଥିଲ । ମୁଁ ପଚାରିଲି ଭଲ ଲାଗିଲାନି, ଗୋଲାପ ଫୁଲର ତୋଡାଟା ? ତୁମେ ଟିକିଏ ହସିଦେଇ କହିଲ, ଖୁବ୍ ସୁନ୍ଦର ହୋଇଛି ଗୋଲାପ ଗୁଡିକ, ହେଲେ ମୁଁ ଭାବିଥିଲି ତୁମେ ମୋ ପାଇଁ ମଲ୍ଲୀ ମାଳଟିଏ ଆଣିବ, ନିଜ ହାତରେ ମୋ ଗଭାରେ ବାନ୍ଧିଦେବ ବୋଲି । ସେଇ ଦିନ ମୁଁ ଜାଣିଗଲି ମଲ୍ଲୀଫୁଲର ଗଜରା ପ୍ରତି ତୁମର କେତେ ଦୁର୍ବଳତା । ଏବେ ବି କେବେ ବଜାର ଗଲେ, ତୁମକଥା ମନେପଡେ, ପୁଣି କିଣିଆଣେ ମଲ୍ଲୀମାଳ, କେବଳ ତୁମରି ଜୁଡାରେ ଖୋସି ଦେବାପାଇଁ । ହେଲେ ତୁମ ଫଟୋରେ ତୁମ ଜୁଡାଟା ତ ଦିଶୁନି, କେମିତି ବାନ୍ଧିଦେବି କହୁନ ? ଏଇ ଟେବୁଲ ଉପରେ ଏମିତି ପଡି ପଡି ମାଳ ସବୁ ସୁଖି ଯାଉଛି ସିନା ହେଲେ ତୁମ ଫଟୋରେ ନୁଆ ମାଳାଟିଏ ଚଢେଇବାର ସାହାସ ଏକାଠି କରି ପାରୁନି । ବିଶ୍ୱାସ ହୁଏନି ତୁମେ ଆଉ ନାହଁ ବୋଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଇତି ସକାଳେ ଶେଜରୁ ଉଠିଲେ ପ୍ରଥମେ ବାଆଁପଟ ଶେଜ ଆଡକୁ ଆଖି ଚାଲିଯାଏ, ତୁମକୁ ସେଇଠି ଖୋଜେ, ତୁମରି କଥା ଭାବେ । ମନେହୁଏ ତୁମ ଯେପରି ସକାଳୁ ସକାଳୁ ଉଠି ରୋଷେଇ ଘରେ ମୋ ପାଇଁ ଚାହା ତିଆରି କରୁଛ ! ଏଇ ଏବେ ଏବେ ଗରମ ଗରମ ଚାହା କପ୍ ଟେ ନେଇ ଚାଲି ଆସିବ, ଆଉ ପାଖ ଟେବୁଲରେ ରଖି ମୋ ଉପରୁ ଚାଦରଟା ଓଟାରି ନେଇ କହିବ, ଆରେ ଉଠମ, କେତେ ବେଳୁ ସକାଳ ହୋଇ ସାରିଲାଣି, ଆଉ କେତେ ସମୟ ଶୋଇବ ? ତୁମେ ପୁରା ଅଳସୁଆ ହୋଇ ଗଲଣି ଏବେ । ହେଲେ ଆଜି କାଲି ମୋତେ କେହି ଉଠାଇବାକୁ ଆସେନି, କିନ୍ତୁ ସକାଳୁ ସକାଳୁ ଆପେ ଆପେ ନିଦ ଭାଙ୍ଗି ଯାଉଛି । ସକାଳୁ କେହି ଚାହା କପେ ବେଡ ପାଖକୁ ନେଇ ଆସୁନି । ଉଠିଗଲା ପରେ ମୁହଁଧୋଇ ଡାଇନିଂ ଟେବ୍ଲ ପାଖରେ ଯାଇ ଦେଖେ, ପିଲାଏ ଉଠିଲେଣି କି ନାହିଁ । ତୁମେ ତ ଜାଣିଛ, ପିଲାଏ ଡେରିରେ ଉଠନ୍ତି । ନିଜେ ରୋଷେଇ ଘରେ ପଶି ଚାହା କପଟେ ତିଆରି କରି ପିଇବାକୁ ଇଚ୍ଛା ବି ହୁଏନି । ତୁମେ ଥିଲା ବେଳେ କେତେ ଥର ତୁମ ସାଙ୍ଗରେ ଟିକେ ସମୟ ବିତେଇବା ପାଇଁ ମୁଁ ଚାହା କରିବା ବାହାନାରେ ରୋଷେଇ ଘରକୁ ଚାଲି ଆସୁଥିଲି । ଚାହା ତିଆରି କରିବାକୁ ଚେଷ୍ଟା ବି କରୁଥିଲି । ହେଲେ ସବୁ ଥର ତୁମେ ମୋତେ ଅଟକେଇ ଦିଅ, ସବୁବେଳେ କୁହ, ରୁହ ମୁଁ ତିଆରି କରି ଦେଉଛି । ହେଲେ ଆଜି କାଲି ରେଷେଇଘରର ସେ ଆକର୍ଷଣ ମୋ ପାଇଁ ଆଉ ନାହିଁ । ରାତିରେ ସେମିତି ଶେଜକୁ ଗଲେ, ଶେଜରେ ପଡି ପଡି ତୁମକୁ ଅପେକ୍ଷା କରେ । ମନେହୁଏ ରୋଷେଇଘର କାମ ସାରି, ଲୁଗା କାନିରେ ହାତ ପୋଛୁ ପୋଛୁ ତୁମେ ଏବେ ଆସିଯିବ ସତେ । ହେଲେ ତୁମେ ଆଉ କେବେ ବି ଆସନା । ଏମିତି ଅପେକ୍ଷା କରୁ କରୁ କେତେବେଳେ ନିଦରେ ଆଖି ନଇଁ ଆସେ ଜାଣି ପାରେନି । ତୁମେ ନାହଁ, ଏକଥା ବିଶ୍ୱାସ ହୁଏନା । କେମିତି ଭୁଲିଯିବି ସେଇ ପଚିଷ ବର୍ଷକୁ, ସାଥିହୋଇ ବିତେଇଥିବା ଜୀବନର ପ୍ରତିଟି ମୁହୁର୍ତ୍ତକୁ । କେତେ ସୁଖ ଦୁଃଖ, ହସ କାନ୍ଦର ମୁହୁର୍ତ୍ତ ସବୁକୁ । କେମିତି ବୁଝେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଦେବି, ତୁମେ କେବଳ ମୋର ଆବଶ୍ୟକତା ନଥିଲ, ତୁମେ ତ ମୋର ଗୋଟିଏ ଅଭ୍ୟାସ ହୋଇ ଯାଇଥିଲ । ତୁମେ ମୋର ଅଧା ଅଙ୍ଗ, ଅଧା ପ୍ରାଣ ଥିଲ, ଏକାତ୍ମ, ସବୁ ଠାରୁ ବେଶି ଅନ୍ତରଙ୍ଗ ଥିଲ । ମନେହୁଏ ତୁମେ ସତେ ଆଜି ବି ମୋ ସାଙ୍ଗରେ ସେମିତି ଅଛ, କଣ ଟିକେ ଅଭିମାନ କରି ତୁମେ ତୁମ ଭାଇଙ୍କ ପାଖକୁ ଚାଲି ଯାଇଛ । ପୁଣି ଶିଘ୍ର ଫେରି ଆସିବ, ନିଶ୍ଚୟ ଫେରି ଆସିବ । ତୁମ ପାଇଁ ମୁଁ ସବୁ ଦିନ ସବୁ ମୁହୁର୍ତ୍ତରେ ଏମିତି ଅପେକ୍ଷା କରି ରହିଛି ।

ତୁମେ ଆସିବ ବୋଲି କେବେ ସିନା କଥା ଦେଇ ନଥିଲ, ହେଲେ ମୁଁ ମୋ ଅଭ୍ୟାସକୁ ଆଜି ଯାଏ ବଦଳେଇ ଦେଇ ପାରୁନି । ତୁମେ ଫଗୁଣକୁ ଭଲପାଅ, ହୋଲିର ରଙ୍ଗକୁ ଭଲପାଅ, ସେଥି ପାଇଁ ଭାବି ଥିଲି ଏଇ ଫଗୁଣରେ ତୁମେ ନିଶ୍ଚୟ ଆସିବ । ତୁମେ ଆସିବ ବୋଲି, ପ୍ରତିଥର ପରି ଏଥରକ ବି ବସନ୍ତକୁ ଡାକିଥିଲି, ମଳୟକୁ ଆଉ କୋଇଲିକୁ ବି ଡାକିଥିଲି । ହେଲେ ତୁମେ ଆସିଲନି । କିଛି କଥା ନାହିଁ, ତୁମେ ଆସିଲନି ବୋଲି କିଛି ଦୁଃଖ ବି ନାହିଁ । ତୁମେ ଆସିଲନି ତ ଆସିଲନି, କଣ ବା ବିଗିଡି ଗଲା !

ବସନ୍ତ ତା ସମୟରେ ଆସିଗଲା, ଚାରି ଦିଗରେ ତାର ରଙ୍ଗ ବିଛାଡି ଦେଲା । ମୋ ଅଗଣାର ଗୋଲାପ ଗଛରେ ନୁଆ ନୁଆ ଗୋଲାପ କଢ ଆସି ଗଲାଣି, ତୁମେ ନିଜ ହାତରେ ଲଗେଇଥିଲ ନା ଏଇ ଗୋଲାପ ଗଛଟା, ହେଲେ ଫୁଲ ଫୁଟିବା ଆଗରୁ ତୁମେ ନିଜେ ଝାଉଁଳି ଗଲ । ରାସ୍ତା କଡର କୃଷ୍ଣଚୁଡା ଗଛଟା ତା ମୁଣ୍ଡରେ ନାଲି ଓଢଣୀଟିଏ ଢାଙ୍କି ସାରିଲାଣି, ବୋଧହୁଏ ବସନ୍ତକୁ ଦେଖି ଲାଜେଇ ଯାଉଛି । ଜାଣିଛ କିଛିଦିନ ହୋଇଗଲାଣି ଶୋରିଷ ଖେତରେ କିଏ ଜଣେ କଳାକାର ହଳଦିଆ ରଙ୍ଗ ବୋଳି ଦେଇଛି, ଆହା, କି ସୁନ୍ଦର ଦିଶୁଛି ସଦ୍ୟ ଅଙ୍କା ପେଣ୍ଟିଙ୍ଗଟିଏ ପରି, ଦୁର ପାହାଡର ନୀଳ ଚାଦର ପର୍ଯ୍ୟନ୍ତ ସବୁ କିଛି ହଳଦିଆ ହୋଇ ଯାଇଛି । ଆଉ ତ ଆଉ, ଆମ୍ବ ଗଛରେ ବଉଳ ଆସିଲାଣି, ମହୁଲ ଗଛରେ ଫୁଲ ବି ଫୁଟିଲାଣି, ମଳୟର ଧୀର ପବନରେ ଚଉ ଦିଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହମହ ବାସ୍ନାରେ ମହକି ଗଲାଣି । ଆଜି ସକାଳେ ପ୍ରଥମ କୋଇଲିର କୁହୁ କୁହୁ ଗୀତ ଶୁଣିଲି, ସତେ ଯେମିତି ସିଏ କହୁ ଥିଲା ଆଖିଖୋଲି ଦେଖ, ବସନ୍ତ ଆସି ଗଲାଣି । ବସନ୍ତର ପ୍ରଥମ ସ୍ପର୍ଶ ପ୍ରେମୀମାନଙ୍କ ହୃଦୟରେ ପ୍ରଣୟର ରୋମାଞ୍ଚ ଭରି ଦେଲାଣି । ବନ, ଉପବନ, ତରୁ, ଲତା ଆଉ ଉପବନ ସବୁ କିଛି ପ୍ରେମର ରଙ୍ଗରେ ସତେ ଯେମିତି ଜୁଡୁ ବୁଡୁ ହୋଇ ଗଲେଣି ।

ତୁମେ ଆସିଥିଲେ ମୋତେ ଭଲ ଲାଗିଥାନ୍ତା । ପାର୍କର କୋଣରେ, ତୁମର ସେଇ ପ୍ରିୟ ପୁରୁଣା କୃଷ୍ଣଚୁଡା ଗଛଟା ଆଜି ବି ତୁମକୁ ଅପେକ୍ଷା କରିଛି । ତୁମେ ଆସିବ, ଆଉ ତାଆରି ତଳେ ସିମେଣ୍ଟ ବେଞ୍ଚରେ ଆମେ ସାଥିହୋଇ ଦେହକୁ ଦେହ ଲଗାଇ ବସିଯିବା । ଯେମିତି ଆଗରୁ ପାର୍କକୁ ଗଲେ ଆମେ ସେଇଠି ସବୁବେଳେ ବସୁଥିଲେ । ମୁଁ ତୁମ ହାତକୁ ମୋ ହାତରେ ଜାବୁଡି ଧରିଥାଆନ୍ତି । ଆମେ କିଛି ଗପ୍ ସପ୍ କରି ଥାଆନ୍ତେ । ପୁରୁଣା ଦିନର ସ୍ମୃତି ସବୁ ମନେ ପକେଇ ଥାଆନ୍ତେ ଆଉ କିଛି ଭବିଷ୍ୟତର ଯୋଜନା ବି କରି ଥାଆନ୍ତେ । ତୁମେ କିଛି କହିଥାନ୍ତ ମୁଁ ଶୁଣିଥାନ୍ତି, ଆଉ ମୁଁ କିଛି କହିଥାନ୍ତି, ତୁମେ ଶୁଣିଥାନ୍ତ । ଛୋଟ ଛୋଟ କଥାରେ ତୁମେ କେବେ ରୁଷି ଯାଆନ୍ତ, ଯେମିତି ଆଗରୁ ସବୁବେଳେ ନାକ ଫୁଲେଇ ରୁଷି ଯାଉଥିଲ ! ଆଉ ମୁଁ ଟିକେ ଗେହ୍ଲେଇ ଦେଲେ, କୁନି ଝିଅଟିଏ ପରି ତୁମେ ପୁଣି ଖିଲି ଖିଲି ହସି ଦେଇଥାନ୍ତ ଆଉ ମୋ ଦେହକୁ ଆଉଜି ପଡିଥାନ୍ତ । ହେଲେ ତୁମ ଅପେକ୍ଷାରେ ଦିନ ଲମ୍ବା ହୋଇଗଲା, ରାତି ବି ରୁଷିଗଲା, କିନ୍ତୁ ତୁମେ ଆସିଲନି । ମୋ ସ୍ୱପ୍ନ ସବୁ କଳ୍ପନାରେ ହିଁ ରହିଗଲା । କେବେ ମନେ ମନେ ଭାବେ, ସେଠିକି ଯିଏ ଯାଏ ସେ କଣ ଆଉ କେବେ ଫେରେ ? ସେଇ ଅଜଣା ଦେଶରେ କଣ ଏମିତି ମିଳିଯାଏ ସେମାନଙ୍କୁ କେଜାଣି, ଯିଏ ଥରେ ଯାଏ ତାର ମନ ଲାଗି ଯାଏ ସେଇଠି । ହେଲେ ତୁମକୁ ଭୁଲି ହେଉନି, ତୁମକୁ ଅପେକ୍ଷା କରିବା ଛଡା ଆଉ କଣ କରି ପାରିଥାନ୍ତି ? କିନ୍ତୁ ଏଇ ଅବୁଝା ମନକୁ ବୁଝେଇ ପାରୁନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି କଥା ନାହିଁ, ଦୁଃଖ ବି ନାହିଁ ତୁମେ ଆସିଲନି ବୋଲି । ତୁମେ ସିନା ଆଖି ବୁଜିଦେଲ, ନିଶ୍ଚିନ୍ତରେ ଚିରନିଦ୍ରା ଶୋଇଗଲ ! କିନ୍ତୁ ଫଗୁଣ ତ ସବୁ ବର୍ଷ ଆସୁଛି, ସମସ୍ତଙ୍କୁ ହୋଲିର ନାଲି ନୀଳ ହଳଦିଆ ନାରଙ୍ଗୀ ରଙ୍ଗରେ ରଙ୍ଗେଇ ଦେଉଛି । ପୋଷାକ ତ ପୋଷାକ, ଗଛର ପତ୍ର, ଘରର କାନ୍ଥରେ ବି ହୋଲିର ଛିଟା ଲାଗି ଯାଉଛି । ହେଲେ ତୁମେ କଣ ବିଶ୍ୱାସ କରିବ ? ମୋ ମନରେ ଟୋପିଏ ବି ରଙ୍ଗ ଲାଗି ପାରିଲାନି । କେମିତି ଲାଗି ଥାଆନ୍ତା କୁହନି, ଅପରାହ୍ନ ସୂର୍ଯ୍ୟର କିରଣ ମୋ ଦେହ, ମୋ ମନ ଆଉ ହୃଦୟରେ କେବେ ଠାରୁ କ୍ଲାନ୍ତିର ନାଲିମା ବୋଳି ସାରିଲାଣି । ହୋଲିର ରଙ୍ଗ ପାଇଁ ଦେହ ମନରେ ଆଉ ଜାଗା କେଉଁଠି ବାକି ଥିଲା ! ତୁମେ ମୋତେ ଏକୁଟିଆ କରି ଆଗ ଚାଲିଗଲ, ଟିକିଏ ଅପେକ୍ଷା କରିବାକୁ ବି ତୁମର ମନ ହେଲାନି । ଏମିତି କଣ କିଏ ଯାଏ ? ଯାହାକୁ ଏତେ ନିଜର ଭାବୁ ଥିଲ ଶେଷରେ ତାକୁଇ ଏକୁଟିଆ ଛାଡିଦେଲ ! ତୁମେ କଣ ବୁଝି ପାରୁଛ ତୁମ ବିନା ଜୀବନଟା କେମିତି ନିସଙ୍ଗ, ବେରଙ୍ଗ ହୋଇ ଯାଇଛି, ତୁମ ବିନା ମୁଁ କେମିତି ବଞ୍ଚିଛି ? ଏଇ ଦେଖ ଏବେ ସଂଜ ଘୋଟି ଆସିଲାଣି, ରାତ୍ରି ହେବାକୁ ଆଉ କେତେ ବା ଡେରି ? ହୋଇପାରେ ପୁଣି ଥରେ ଦେଖା ହୋଇଯିବ ! ଆର ପୁରରେ, ଅବା ଆର ଜନ୍ମରେ, ଦେଖାହେଲେ ଦୁହିଙ୍କୁ ବହୁତ ଖୁସି ଲାଗିବ, କିନ୍ତୁ ସେତେ ବେଳେ ତୁମେ ମୋତେ କଣ ଚିହ୍ନି ପାରିବ ? ହଁ ଯଦି ଦେଖା ନହୁଏ ତେବେ ବି କିଛି କଥା ନାହିଁ । ଜୀବନର ଏଇ ନିଃସଙ୍ଗତା ଏବେ ମୋର ଦେହସୁହା ହୋଇ ସାରିଲାଣି । ତୁମ ବିନା ଜୀବନକୁ ଜୀଇଁବା ଶିଖିଗଲିଣି । କିନ୍ତୁ ତଥାପି ଅପେକ୍ଷା କରିଛି, ଏମିତି କରୁଥିବି ଅନନ୍ତ କାଳ ଯାଏ । ଏଇ ପ୍ରତୀକ୍ଷା ଯେ ମୋର ଅନନ୍ତ ପ୍ରତୀକ୍ଷା ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋଜିଜ୍ ଓ ଛେଳି ଚରାଳି

ସୁଧାଂଶୁ ଶେଖର ଦ୍ୱିବେଦୀ



ମୋଜିଜ୍ ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ଦେଖିଲେ ଜଣେ ଛେଳି ଚରାଳି ଚିରା ଫଟା ବସ୍ତ୍ର ପରିଧାନ କରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରୁଛି । ତା' ନିକଟରୁ ଏତେ ଦୁର୍ଗନ୍ଧ ଆସୁଥାଏ ଯେମିତି ମାସ ମାସ ଧରି ସ୍ନାନ କି ଶୌଚ କରିନାହିଁ । ଆରେ ବାବା - ଛେଳି ମେଣ୍ଢାଙ୍କ ପାଖେ ପାଖେ ରହିବାକୁ ହେଲେ ସ୍ନାନ ଶୌଚ କରି ରହି ହେବ ନାହିଁ । ଦୁର୍ଗନ୍ଧର ଅଭ୍ୟାସକୁ ଆପଣେଇବାକୁ ପଡିବ । ଉଃ- ତା' ଶରୀରରୁ ଅଣନିଃଶ୍ୱାସୀ ଦୁର୍ଗନ୍ଧ ବାହାରୁଥାଏ । ପ୍ରକୃତରେ ତା' ଦେହରୁ ଛେଳି, ମେଣ୍ଢାଙ୍କ ଦୁର୍ଗନ୍ଧ ଏମିତି ବାହାରୁଥାଏ ଯେ କେହି କ୍ଷଣେ ବି ସେଠି ରହିପାରିବ ନାହିଁ । ଚାରିପଟେ ଛେଳି, ମେଣ୍ଢାମାନେ ଭେଁ-ଭେଁ ରଡି କରୁଥା'ନ୍ତି । ଲାଙ୍ଗୁଡ଼ ହଲେଇ ହଲେଇ ପାଟି ପାକୁଳି କରୁଥାନ୍ତି । ଗୋଡ଼ କଚାଡି ମଶା ଡାଆଁସ ଘଉଡାଉଥା'ନ୍ତି । ହେଲେ ସେ ନିଶ୍ଚଳ ଭାବେ ଗୋଟିଏ ସ୍ଥାନରେ ବିସି ଈଶ୍ୱରଙ୍କୁ ପ୍ରାର୍ଥନା କରିବାରେ ମଗ୍ନ ଥାଏ । ପ୍ରାର୍ଥନାରେ ଈଶ୍ୱରଙ୍କୁ ସେ ଯେ କଣ କହୁଥାଏ ତାହା ବଡ଼ ମଜା କଥା ।

ମୋଜିଜ୍ ତା' ପ୍ରାର୍ଥନାକୁ ଚୁପଚାପ୍ ଶୁଣିବାକୁ ଲାଗିଲେ । ଏଭଳି ପ୍ରାର୍ଥନା ଶୁଣି ସେ ଯଥାଶୀଘ୍ର ବିବ୍ରତ ହୋଇପଡିଲେ । କେତେକେତେ ଲୋକଙ୍କୁ ପ୍ରାର୍ଥନା କରିବାର ସେ ଦେଖିଛନ୍ତି । ହେଲେ ଏଭଳି ଲୋକ କେବେ ଦେଖିନାହାନ୍ତି । ଛେଳି ଚରାଳି ଈଶ୍ୱରଙ୍କୁ ପ୍ରାର୍ଥନା କରିବା ବେଳେ କହୁଥାଏ-ହେ ଈଶ୍ୱର ! ତୁ ମୋତେ ଥରେ ମାତ୍ର ତୋ ନିକଟକୁ ନେଇଯାଆ, ମୁଁ ତୋର ଏମିତି ସେବାଶୁଶ୍ରୁଷା କରିବି ଯେ ଜୀବନ ଥିବା ଯାଏ ମନେ ରଖିବୁ । ତୋ ଗୋଡ଼ ଘଷି ଦେବାରେ ମୋ ପାଖେ କିଛି ବି ଅବଶୋଷ ନାହିଁ । ମୁଁ ତୋର ଏମିତି ଗୋଡ଼ ଘଷି ଦେବି ଯେ ସାଙ୍ଗେ ସାଙ୍ଗେ ବ୍ୟଥା ଯନ୍ତ୍ରଣା ଛୁ-ମନ୍ତର ହେଇଯିବ । ତୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହରେ ତେଲ ହଳଦୀ ଘଷି ସ୍ନାନ କରେଇଦେବି । ଯଦି ତୋ ମୁଣ୍ଡରେ ଉକୁଣୀ ହୋଇଥିବ ତାକୁ ମାରି ସଫା ପରିଷ୍କାର କରିଦେବି ।

ମୋଜିଜ୍ ଙ୍କ ପାଇଁ ଏଭଳି ଶୁଣିବା ସହ୍ୟ କରିବାର ସୀମା ଟପି ଯାଉଥାଏ । ଏ ଲୋକ ଈଶ୍ୱରଙ୍କୁ କଣ ନାଇଁ କଣ କହିଯାଉଛି । ପୁଣି ତୁ ତାକର କରି ସମ୍ବୋଧନ କରୁଛି । ସେ ଏହା ବି କହୁଥାଏ-ମୁଁ ତୋ ପାଇଁ ରୁଟି, ଭାତ, ତରକାରୀ, ଶାଗ ଠିକ୍ ଠାକ୍ ବନେଇଦେବି । ତୋପାଇଁ ପ୍ରତିଦିନ ଭୋଜନ ପ୍ରସ୍ତୁତ କରିଦେବି । ବିଶ୍ୱ ବ୍ରହ୍ମାଣ୍ଡର ଦେଖରେଖ କରି ଫେରିଲେ ତୁ ଥକି ଯାଇଥିବୁ । ମୁଁ ତୋ ଗୋଡ଼ ଘଷିଦେବି । ସ୍ନାନ କରିଦେବି । ତୁ ଥରେ କେବଳ ମୋତେ ସୁଯୋଗ ଦେଇ ଦେଖ... !

ଏସବୁ ଶୁଣି ମୋଜିଜ୍ ଆଉ ବରଦାସ୍ତ କରି ପାରିଲେନି । ଯେବେ ସେ ଲୋକ କହିଲା ଈଶ୍ୱରଙ୍କ ମୁଣ୍ଡରୁ ଉକୁଣୀ ସଫା କରିଦେବ, ଶରୀରରୁ ମଇଳା ଘଷମାଜି ସଫା କରିଦେବ । ସେଇବେଳେ ମୋଜିଜ୍ କହିଲେ-ଚୁପ୍ ! ଚୁପ୍ ହେଇଯା ସାଇତାନ୍ । ତୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏପରି କଣ କହି ଚାଲିଛୁ ? ତୁ ଜାଣୁ କାହା ସହିତ ବାର୍ତ୍ତାଳାପ କରୁଛୁ ? ଈଶ୍ୱରଙ୍କ ସହିତ । ଖୁଦ୍ ଈଶ୍ୱରଙ୍କ ସହିତ । ମୋଜିଜ୍ ର ତାଗିଦ୍ ଶୁଣି ଛେଳି ଚରାଳି ଆଖିରୁ ଲୁହ ଝର ଝର ହୋଇ ବହିବାକୁ ଲାଗିଲା । ସେ ଭୟରେ କାତର ହୋଇ କହିଲା-ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଖରାପ ଶବ୍ଦ ପ୍ରୟୋଗ କରିଥିବାରୁ ମୋତେ କ୍ଷମା କରିଦିଅ ।

ମୋଜିଜ୍ କହିଲେ-ଈଶ୍ୱରଙ୍କ ଉଦ୍ଦେଶ୍ୟରେ ତୋ କଣ୍ଠରୁ ବାହାରିଥିବା ପ୍ରତିଟି ବାଣୀ ଭୁଲ । ଆରେ ଭାଇ ! ଈଶ୍ୱରଙ୍କର ଗୋଡ଼ ଘଷିଦେବାକୁ ତୁ କିଏ ? ତାଙ୍କ ପାଇଁ ଭୋଜନ ପ୍ରସ୍ତୁତ କରିବାକୁ ତୋତେ କିଏ କହିଲା ? ତାଙ୍କ ମୁଣ୍ଡରୁ ଉକୁଣୀ ସଫା କରିବାକୁ ତୋର ଏତେ ସାହାସ ? ତୋ ଦେହରୁ ଯେଉଁ ଦୁର୍ଗନ୍ଧ ହେଉଛି, ତୋ ହାତ ଯେଉଁପରି ଅପରିଷ୍କାର ହୋଇଛି ତୁ ଈଶ୍ୱରଙ୍କୁ ସ୍ପର୍ଶ ବି କରି ପାରିବୁ ନାହିଁ । ତୁ କଣ ଭାବିଛୁ ଈଶ୍ୱର ତୋ ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛେଳି ମେଣ୍ଢା ଚରାଉଛନ୍ତି ? ମୋଜିଜ୍ ଙ୍କ ତାଗିଦ୍ ରେ ଛେଳି ଚରାଳି କୋହ ସମ୍ଭାଳି ନ ପାରି ଆହୁରି ଜୋର କାନ୍ଦିବାକୁ ଲାଗିଲା । ସେ ମୋଜିଜ୍ ଙ୍କର ଗୋଡ଼ ଧରି କହିଲା- ମୋତେ କ୍ଷମା କରିଦିଅ । ମୁଁ ତ ଅପାଠୁଆ ଗାଁ ଲୋକ । ଅକ୍ଷର କଣ ଶିଖିନାହିଁ । ଏଇ ପାହାଡ଼ ତଳ ଜଙ୍ଗଲରେ ଛେଳି, ମେଣ୍ଢାଙ୍କ ସହିତ ଜୀବନ କାଟୁଛି । ଶାସ୍ତ୍ର ଜ୍ଞାନ କଣ ଜାଣେ ନାହିଁ । ଈଶ୍ୱରଙ୍କୁ କେମିତି ପ୍ରାର୍ଥନା କରିବାକୁ ହୁଏ କିଛି ଜାଣେନି । ଯାହା ମନରେ ଆସିଲା କହିଦେଲି । ମୁଁ ଜଣେ ମେଣ୍ଢା । ମୁଁ ଜଣେ ଛେଳି । ମୋତେ କ୍ଷମା କରିଦିଅ । ଆଉ କେବେ ଏମିତି ଭୁଲ କରିବି ନାହିଁ । ହେଲେ ଠିକ୍ ଠିକ୍ ପ୍ରାର୍ଥନା କେମିତି ହୁଏ ମୋତେ ଜଣାଇ ଦିଅ । ତା'ପରେ ମୋଜିଜ୍ ଛେଳି ଚରାଳିକୁ ଠିକ୍ ଭାବେ ପ୍ରାର୍ଥନାର ନିୟମ ଜଣାଇ ଦେଲେ । ଲୋକଟି କହିଲା-ଆଜ୍ଞା ! ଇଏତ ମୋ ପାଇଁ ବଡ଼ କଠିନ । ତୁମ କଥା ମୁଁ ଭୁଲିଯିବି । ତୁମେ ଯାହା ସବୁ କହିଲ ମୋର ମନେ ରହିବ ନାହିଁ । ଆଉଥରେ କହିଦିଅ ହୁଏତ ମନେ ରହିପାରେ !

ମୋଜିଜ୍ ପୁଣିଥରେ ପ୍ରାର୍ଥନାର ବାକ୍ୟ ଓ ନିୟମକୁ ଦୋହରାଇଲେ ।

ମନେ ମନେ ସେ ଅତି ପ୍ରସନ୍ନ ହେଉଥାନ୍ତି ଜଣେ ଲୋକକୁ ସେ ଠିକ୍ ରାସ୍ତା ବିତାଇ ପାରିଛନ୍ତି । ଲୋକଟି ପୁଣିଥରେ କହିଲା-ହେ ପଥ ପ୍ରଦର୍ଶକ ! ଆଉଥରେ ସେଇ ପ୍ରାର୍ଥନା କୁହ । ଏଥର ମୋଜିଜ୍ ପ୍ରାର୍ଥନା ନ ଶୁଣେଇ ଜଙ୍ଗଲ ଭିତରକୁ ଯାଉଥିବା ବେଳେ ଆକାଶ ମାର୍ଗରୁ ଈଶ୍ୱରଙ୍କ କଣ୍ଠସ୍ୱର ଶୁଭିଲା-ମୋଜିଜ୍ ! ମୁଁ ତୁମକୁ ଦୁନିଆର ଲୋକଙ୍କ ସହିତ ମୋତେ ଯୋଡିବା ପାଇଁ ପଠାଇଥିଲି ହେଲେ ତୁମେ ତାହାକୁ ବିଚ୍ଛିନ୍ନ କରି ଚାଲିଛ । ଛେଳି ଚରାଳି ଈଶ୍ୱରଙ୍କ କଣ୍ଠସ୍ୱର ଶୁଣି ଭୟରେ ଥରିବାକୁ ଲାଗିଲା । ମୋଜିଜ୍ ମଧ୍ୟ ଭୟଭୀତ ଅବସ୍ଥାରେ ସେଇଠି ବସି ପଡିଲେ । ଈଶ୍ୱରଙ୍କ ତାଗିଦ୍ ଶୁଣି ତାଙ୍କ ହାତ ଗୋଡ଼ରେ କମ୍ପନ ସୃଷ୍ଟି ହେଲା । ଯଥାଶୀଘ୍ର ସେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତଯୋଡି କହିଲେ-ହେ ଈଶ୍ୱର ! ମୋତେ ଆପଣ ଭୁଲ ବୁଝନ୍ତୁ ନାହିଁ । ମୁଁ ଆପଣଙ୍କ ସ୍ୱାଭିମାନକୁ ଭଙ୍ଗ କରିନାହିଁ ବରଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଛେଳି ଚରାଳି ଆପଣଙ୍କର ମାନ ସମ୍ମାନକୁ ନଷ୍ଟ କରିଛି । ସେଥିପାଇଁ ମୁଁ ତାକୁ ଠିକ୍ ଠିକ୍ ପ୍ରାର୍ଥନା ଓ ତା'ର ନିୟମ ସବୁ ବତେଇ ଦେଇଛି ।

ଈଶ୍ୱରଙ୍କ ଗମ୍ଭୀର କଣ୍ଠସ୍ୱର ଶୁଭିଲା- ଠିକ୍ ଠିକ୍ ପ୍ରାର୍ଥନାର ଅର୍ଥ କଣ ହୋଇପାରେ ? ଠିକ୍ ଶବ୍ଦ, ଠିକ୍ ଭାଷା, ଠିକ୍ ପ୍ରାର୍ଥନାର ଅର୍ଥ ହୋଇ ଥାଏ-ସମର୍ପଣ । ଛେଳି ଚରାଳି ଯେଉଁ ଭାଷା ଯେଉଁ ଶବ୍ଦ ଉଚ୍ଚାରଣ କରି ମୋତେ ପ୍ରାର୍ଥନା କରୁଥିଲା ତୁମେ ତାହାରି ଭାଷା ଓ ଶବ୍ଦକୁ ପ୍ରୟୋଗ କରି ସେଭଳି ପ୍ରାର୍ଥନା କରିପାରିବ ?

ମୋଜିଜ୍ କହିଲେ-ହେ ଈଶ୍ୱର ! ମୋତେ କ୍ଷମା କରିବେ । ମୁଁ ସେଭଳି ଭାଷା ଓ ଶବ୍ଦ ଆପଣଙ୍କ ପ୍ରତି ପ୍ରୟୋଗ କରିପାରିବି ନାହିଁ । ପୁଣିଥରେ ଈଶ୍ୱରଙ୍କ କଣ୍ଠସ୍ୱର ଶୁଭିଲା-ତୁମ ନିର୍ଦ୍ଦେଶରେ ସେ ଲୋକ ଆଉ କେବେ ବି ଠିକ୍ ରୂପେ ପ୍ରାର୍ଥନା କରିପାରିବ ନାହିଁ । ତୁମେ ତା'ର ସମସ୍ତ ଭାଷା, ଶବ୍ଦ, ଉଚ୍ଚାରଣ ସବୁକିଛି ଛଡେଇ ନେଇଛ । କିନ୍ତୁ ମୁଁ ତା' ପ୍ରାର୍ଥନାରେ ଖୁବ୍ ପ୍ରସନ୍ନ ହୋଇଥିଲି । ସେ ପ୍ରକୃତରେ ଜଣେ ସତ୍ ଚରିତ୍ର ଲୋକ ଥିଲା । ନିଜ ଅନ୍ତରର କଥା କହୁଥିଲା । ମୁଁ ପ୍ରତ୍ୟହ ତା' ପାଇଁ ପ୍ରତୀକ୍ଷା କରେ ସେ କେବେ ମୋର ପ୍ରାର୍ଥନା କରିବ । ସେ ତ ତା' ଭାଷାରେ ପ୍ରାର୍ଥନା କରୁଥିଲା । ତୁମେ ତା' ନିକଟରେ କ୍ଷମା ମାଗି ତା' ଭାଷାର ପ୍ରାର୍ଥନା ଦୋହରାଇବାକୁ କୁହ । ସେ ପୂର୍ବରୁ ଯେମିତି ପ୍ରାର୍ଥନା କରୁଥିଲା ସେମିତି କରୁ । ଶବ୍ଦର କୌଣସି ଫରକ ନାହିଁ । ତୁମେ କିଭଳି କହୁଛ ତାହା ହିଁ ଫରକ ପଡିଥାଏ । ଶବ୍ଦରେ ତୁମ ଲୁହ ବି ସମ୍ମିଳିତ ହେବା ଆବଶ୍ୟକ । ଯେବେ ତୁମ ଶବ୍ଦ ତୁମ ଲୁହରେ ଭିଜିଯାଏ ସେଇବେଳେ ହଜାର ହଜାର ପ୍ରାକର ଫୁଲ ଫୁଟି ହସୁଥାଏ । (ଇହୁଦି ଲୋକକଥା)

ବିସି-୭୪,ସଲ୍ଟ ଲେକ୍,କଲକତା-୭୪

ମୋ-୯୮୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏ ମୋତେ ଭୁଲି ଯିବନି ତ

ଏଲିନା ପାଣିଗ୍ରାହୀ



କାଲି ରାତିରେ ଗୋଟେ ଗୀତ ରେକର୍ଡ଼ିଂ କରି ଘରକୁ ଫେରିବାରେ ବିଳମ୍ବ ହୋଇଥିଲା, ତା' ଛଡ଼ା ସକାଳୁ ଫ୍ଲାଇଟ ଧରିବାକୁ  ଥିଲା ବୋଲି ବ୍ୟସ୍ତତା ଭିତରେ ସିଦ୍ଧାର୍ଥ ରାତିରେ ଠିକ୍ରେ ଶୋଇ ପାରି ନଥିଲା । ଫ୍ଲାଇଟ ଟି ଉଡ଼ାଣ ଭରିବାରୁ ସେ ତାର ସିଟଟିକୁ ପଛକୁ ଦେଇ ଶୋଇବାକୁ ଚେଷ୍ଟା କରିଲା । ସିଦ୍ଧାର୍ଥ ଜଣେ ଯୁବ ପ୍ରଚ୍ଛଦପଟ ଗାୟକ । ପ୍ରାୟ ଦୁଇ ବର୍ଷର ଦୃଢ଼ ସଂଘର୍ଷ କରିବା ପରେ ଆଜି ସେ ଜଣେ ପ୍ରତିଷ୍ଠିତ ଗାୟକ ଭାବେ ସୁପରିଚିତ । ଅନେକ ସିନେମାରେ ଗୀତ ଗାଇବା ସହ କିଛି ଷ୍ଟେଜ ଶୋ ମଧ୍ୟ କରି ସାରିଲାଣି । ଏଇ ଷ୍ଟେଜ ଶୋରେ ଗୀତ ଗାଇବା ପାଇଁ ହିଁ ସେ ଆଜି ଓଡ଼ିଶା ଯାଉଛି । ନିଜର କାର୍ଯ୍ୟବ୍ୟସ୍ତତା ସତ୍ୱେ ସେ ଓଡ଼ିଶା ଆସିବା ପାଇଁ ରାଜି ହୋଇଯାଇଥିଲା କାରଣ ଥିଲା ଓଡ଼ିଶାର ଭୁବନେଶ୍ୱର ସହର ଆଉ ସେ ସହରର ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି ସେଫାଳି । ଯିଏ ଭୁବନେଶ୍ୱରରେ ଏବେ ରହୁଛି ବୋଲି କିଛି ଦିନ ତଳେ ଜଣଙ୍କ ପାଖରୁ ଖବର ପାଇଥିଲା । ଏହା ଭିତରେ ଦୁଇ ବର୍ଷ ବିତି ଗଲାଣି, କନ୍ତୁ ଶେଫାଳିର ସ୍ମୃତି ଏବେ ବି ତା ହୃଦୟରେ ସତେଜ ଅଛି । ତା ସହ ବିତେଇ ଥିବା ମୂହୁର୍ତ୍ତ ଗୁଡ଼ିକ ତା ଆଖି ଆଗରେ ଭାସି ଉଠିଲା । ଶେଫାଳି ଆଉ ସେ ଏକା କଲେଜରେ ଗୋଟେ ହିଁ ବ୍ୟାଚ୍ ରେ କଟକରେ  ଆଡ଼ମିଶନ ନେଇଥିଲେ । ଶେଫାଳି ସହ ତାର ପ୍ରଥମ ଭେଟ ହୋଇଥିଲା ଯେଉଁଦିନ ସିନିୟର୍ ମାନେ ତାଙ୍କ ବ୍ୟାଚର ପିଲାମାନଙ୍କୁ ସ୍ୱାଗତ କରୁଥିଲେ । କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଗୋଟେ ଗୀତ ଗାଇଥିଲା, ଯାହାକି କଲେଜର ସମସ୍ତଙ୍କ ହୃଦୟକୁ ଛୁଇଁ ଯାଇଥିଲା । କଲେଜର ସମସ୍ତେ ତାକୁ ଅଭିନନ୍ଦନ ଜଣାଇଥିଲେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ଭିତରୁ ଶେଫାଳିର ଅଭିନନ୍ଦନ ଜଣେଇବାର ଶୈଳୀ ଥିଲା ପୁରା ଅଲଗା । ତା ପାଇଁ ସେ ସମ୍ପୂର୍ଣ ଭାବେ ଅଜଣା ହୋଇଥିଲେ ବି ସେ ତା ପାଖକୁ ଦଉଡ଼ି ଆସି ତା ହାତକୁ ଧରି ସୁନ୍ଦର ଢଙ୍ଗରେ ଶୁଭେଚ୍ଛା ଜଣାଇଥିଲା । ଗୋଟେ ଗୋଲାପି ରଙ୍ଗର ଡ୍ରେସ ପିନ୍ଧି ସମସ୍ତଙ୍କଠୁ ସମ୍ପୂର୍ଣ ବାରି ହେଇ ପଡୁଥିଲା ସେ । ପ୍ରଥମ ଦେଖାରେ ହିଁ ତା ପ୍ରତି ଆକର୍ଷିତ ହୋଇ ପଡ଼ିଥିଲା ସିଦ୍ଧାର୍ଥ, କିନ୍ତୁ ପିଲାବେଳୁ ଲାଜୁଆ ସ୍ୱଭାବର ଥିବା ହେତୁ ଝିଅମାନଙ୍କ ସହ ମିଶିବାରେ ଭାରି ଲାଜ ଲାଗେ ତାକୁ । ଏତେ ଲୋକଙ୍କ ସାମ୍ନାରେ ଶେଫାଳି ତା ହାତ ଧରି ପକେଇ ଥିବାରୁ ତାକୁ ଭାରି ଅଡୁଆ ଲାଗିଥିଲା । ହେଲେ ଯେତେ ଚେଷ୍ଟା କରିଲେ ବି ସିଦ୍ଧାର୍ଥ ତା ହାତକୁ ଶେଫାଳି ହାତରୁ ଖସାଇ ପାରି ନଥିଲା । ବେଶ୍ କିଛି ସମୟ ଯାଏଁ ତା ହାତକୁ ଧରି ରହିଥିଲା । କାର୍ଯ୍ୟକ୍ରମ ଶେଷ ହେବା ଯାଏଁ ଶେଫାଳି ତା ପାଖେ ପାଖେ ରହିଥିଲା ହେଲେ ନିଜର ଲାଜୁଆ ସ୍ୱଭାବ ଯୋଗୁ ଶେଫାଳିକୁ ତା ନାଆଁଟା ପଚାରି ପାରି ନ ଥିଲା । ଯିବା ବେଳେ କିନ୍ତୁ ଶେଫାଳି ନିଜ ଆଡୁ ତା ନାଆଁ ଟା କହି ଯାଇଥିଲା, ମୋ ନାଆଁ ଶେଫାଳି, ମୁଁ ତୁମ ବ୍ୟାଚର । ଶେଫାଳି ତା ସହ ସମ୍ପୂର୍ଣ ଅଜଣା ହୋଇଥିଲେ ମଧ୍ୟ ତା ସହ ହଠାତ୍ ଯେପରି ମିଳା ମିଶା କରିଥିଲା, ସେଥିରୁ ସେ ଜାଣି ଯାଇଥିଲା ଯେ ସେ ଜଣେ ଖୋଲା ହୃଦୟର ଝିଅ ଏବଂ ଖୁବ୍ ମେଳାପି ସ୍ୱଭାବର । ଶେଫାଳିର ବାପା ଜଣେ ସରକାରୀ ବ୍ୟାଙ୍କ୍ ମ୍ୟାନେଜର, ହେଲେ ଟିକେ ବି ଅହଙ୍କାର ତା ଭିତରେ ଦେଖିବାକୁ ମିଳୁ ନଥିଲା । ତାର ଏଇ ମେଳାପି ସ୍ୱଭାବ ଯୋଗୁ ସେ ଖୁବ୍ ଅଳ୍ପ ଦିନରେ କଲେଜରେ ସବୁ ମହଲରେ, ସେ ତାର ପରିଚୟ ସୃଷ୍ଟି କରି ଦେଇଥିଲା । ଅପର ପକ୍ଷରେ ସିଦ୍ଧାର୍ଥ ଗୋଟେ ସାମାନ୍ୟ ପରିବାରରୁ ଆସିଥିଲା ତାର ବାପା ଜଣେ ପୂଜକ ଥଲେ । ବାପାଙ୍କ କଥା ମାନି ସେ ଆସିଥିଲା ପଢ଼ିବା ପାଇଁ କଟକ କିନ୍ତୁ ସଙ୍ଗୀତ ଥିଲା ତାର ପ୍ରଥମ ପସନ୍ଦ । ପିଲାବେଳୁ ଭଲ ଗୀତ ଗାଇ ପାରୁଥିବାରୁ ଜଣେ ପ୍ରତିଷ୍ଠିତ ଗାୟକ ହେବାର ଲକ୍ଷ୍ୟ ରଖିଥିଲା, ସେଥିପାଇଁ ସେ ତା ସାଧନା ଜାରି ରଖିଥିଲା । ଶେଫାଳି ପରି ସେ ସମସ୍ତଙ୍କ ସହ ଶୀଘ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଶି ପାରୁ ନଥିବାରୁ କଲେଜରେ ତାର ଖୁବ୍ ଅଳ୍ପ ସାଙ୍ଗ ଥିଲେ ସେଥି ମଧ୍ୟରୁ ଶେଫାଳି ଥିଲା ଅନ୍ୟତମ । ଶେଫାଳି ତାର ଗୀତ ଗାଇବା ପ୍ରତି ବେଶ୍ ଆକର୍ଷିତ ଥିଲା । ଯେତେବେଳେ କଲେଜରେ କୌଣସି କାର୍ଯ୍ୟକ୍ରମରେ ଗୀତ ଗାଏ ଶେଫାଳି ଆଗ ଧାଡ଼ିରେ ବସି ଗୀତ ଶୁଣେ । ତା ପ୍ରତିଭାର ଶେଫାଳି ଜଣେ ପ୍ରଶଂସକ ଥିଲା । ଏମିତି ମିଳାମିଶା ଭିତରେ ସେ ଶେଫାଳିର ଜଣେ ବନ୍ଧୁରୁ କେତେବେଳେ ସବୁଠୁ ଭଲ ବନ୍ଧୁରେ ପରିଣିତ ହୋଇ ତାକୁ ସେ ଭଲପାଇ ବସିଥିଲା, ସେମାନେ ଦୁଇଜଣ ପ୍ରତିଦିନ ସାକ୍ଷାତ କରୁଥିଲେ, ଏକାଠି ସମୟ ବିତାଉଥିଲେ । ଦୁହେଁ ଦୁହିଁକୁ ଭଲ ପାଇ ବସିଥିଲେ । ହେଲେ ମନରେ ଅନେକ ଦ୍ୱନ୍ଦ ଆସିଥିଲା, ଶେଫାଳିର ବାପା କଣ ତା'ପରି ଜଣେ ସାଧାରଣ ପିଲାକୁ ତାଙ୍କ ଝିଅ ପାଇଁ ସ୍ୱୀକୃତି ଦେବେ ? ସମୟ ସମୟରେ ସେ ଶେଫାଳିକୁ ନେଇ କେତେ ସ୍ୱପ୍ନ ଦେଖୁଥିଲା ପୁଣି କେତେବେଳେ ସେ ତା ପାଇଁ ଯୋଗ୍ୟ ନୁହଁ ବୋଲି ବିଚାର କରି ନିଜ ମନକୁ, ମନ ଭିତରେ ମାରି ଦେଉଥିଲା ।

ଏମିତି ଭିତରେ ତାଙ୍କ ପାଠ ପଢ଼ା ସରିଯାଇଥିଲା । ଠିକ୍ କିଛି ଦିନରେ ଶେଫାଳିର ଜନ୍ମଦିନ ପଡ଼ିଥିଲା, ଆଉ ତା ଜନ୍ମ ଦିନକୁ ଶେଫାଳି ତାଙ୍କ ଘରକୁ ସିଦ୍ଧାର୍ଥକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲା ।

ଶେଫାଳିର ବାପାଙ୍କ ସହ ଭେଟ ହେଲା ପରେ ସିଦ୍ଧାର୍ଥ ଠୁଁ ଯେତେବେଳେ ଜାଣିଲେ ସେ ତାର କ୍ୟାରିୟର ପାଇଁ ସଙ୍ଗୀତକୁ ବାଛିଛି ସେଠି ଶେଫାଳିର ବାପା ରୋକ୍ ଠୋକ୍ ମନା କରିଥିଲେ ଶେଫାଳି ପାଇଁ  ସିଦ୍ଧାର୍ଥକୁ ଜୀବନସାଥୀ ଭାବେ ଗ୍ରହଣ କରିବାକୁ । ତା'ପରେ ଶେଫାଳି ବାରଣ ସତ୍ତ୍ୱେ ସିଦ୍ଧାର୍ଥ ସେଠାରୁ ଫେରି ଆସିଥିଲା ଆଉ ଚାଲି ଯାଇଥିଲା ମୁମ୍ବାଇକୁ ନିଜ ସ୍ୱପ୍ନ ଗଢ଼ିବାକୁ । ମୁମ୍ବାଇରେ ସେ ଅକ୍ଲାନ୍ତ ପରିଶ୍ରମ କରିଥିଲା ଏବଂ ନିଜକୁ ପ୍ରତିଷ୍ଠିତ କରିଥିଲା ତା ଭିତରେ ସେ ସବୁବେଳେ ଶେଫାଳି ସହ ଫୋନ୍ ରେ କଥା ହୁଏ ହେଲେ କେବେ ଦେଖା କରି ନାହିଁ । କିନ୍ତୁ ଠିକ୍ ବର୍ଷେ ତଳେ ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ କଲ କରିଥିଲା ଅନ୍ୟ ଜଣେ କେହି ଫୋନ ଉଠେଇ କହିଥିଲେ ଯେ ଶେଫାଳି ତୁମ ସହ କଥା ହେବାକୁ ଚାହୁଁନି, ତାର ବାହାଘର ଠିକ୍ ହୋଇ ଯାଇଛି । ସିଦ୍ଧାର୍ଥ ଏ କଥା ବିଶ୍ୱାସ କରି ପାରିନଥିଲା, ଶେଫାଳି କଣ କେବେ ଏମିତି କରି ପାରିବ, ନିଜକୁ ବହୁତ୍ ପ୍ରଶ୍ନ କରିଥିଲା । ସେ କିନ୍ତୁ ଶେଫାଳିକୁ କେବେ ଭୁଲି ପାରିନି ।

ସେଥିପାଇଁ ତ ସେ ଆଜି ଆସିଛି ପୁଣି ଥରେ ଓଡ଼ିଶାର ଭୁବନେଶ୍ୱରକୁ ଷ୍ଟେଜ ଶୋ କରିବାକୁ । ଆଉ ଶେଫାଳିକୁ ଦେଖା କରି ତାକୁ ସାମ୍ନା ସାମ୍ନି ପଚାରିବାକୁ ସେ ଏମିତି କେମିତି କରିପାରିଲା ଟିକେ ବି ଅପେକ୍ଷା କରି ପାରିଲାନି, ତାକୁ ଛାଡ଼ି ଆଉ କାହାକୁ ବାଛି ନେଲା ତା ଜୀବନ ସାଥି ରୂପେ ।

ଏମିତି ଭାବୁ ଭାବୁ ଫ୍ଲାଇଟ ପହଞ୍ଚିଲା ଭୁବନେଶ୍ୱରରେ ଆଉ ସିଦ୍ଧାର୍ଥ ଡେରି ନ କରି ଶେଫାଳି ଘର ଖୋଜି ଖୋଜି ଯାଇ ପହଁଚିଲା ତା ଘରେ । ଘରର ଦରଜା ଖୋଲିଲେ ଶେଫାଳିର ବାପା, ଉଦାସ ମୁହଁ, ନିଷ୍କ୍ରିୟ ଆଖି ଯେପରି ମନରେ ଅନେକ କୋହ ସତେ ଯେମିତି ସେ କହି ପକେଇବେ ବାବାରେ ମୋର ଭୂଲ୍ ହୋଇଥିଲା ତୁମକୁ ଭୁଲ ବୁଝିବାରେ । କିନ୍ତୁ ସିଦ୍ଧାର୍ଥ ପାଖରେ ସମୟ କମ୍ ଥିଲା କାରଣ ତାକୁ କାର୍ଯ୍ୟକ୍ରମରେ ଶୀଘ୍ର ପହଞ୍ଚିବାକୁ ଥିଲା ସେଥିପାଇଁ ସେ ତାଙ୍କୁ ପ୍ରଣାମ କରି ପଚାରିଲା ଆପଣ ଏଠି ଅଛନ୍ତି ? ଶେଫାଳି କୋଉଠି ଅଛି କି ମୁଁ କଣ ତା ସହ ଟିକେ ଶେଷଥର ପାଇଁ ଦେଖା କରି ପାରିବି ? ଶେଫାଳିର ବାପା ଭୋ ଭୋ କରି କାନ୍ଦି ଉଠିଲେ ଆଉ ଆଙ୍ଗୁଠି ନିର୍ଦ୍ଦେଶ କରିଥିଲେ ପଛପଟ ଥିବା କାନ୍ଥରେ ଝୁଲୁଥିବା ଶେଫାଳିର ଫୋଟ ଆଡ଼କୁ ଯେଉଁଥିରେ ଗୋଟେ ଫୁଲ ମାଳ ଟଙ୍ଗା ହୋଇଥିଲା ।

ସିଦ୍ଧାର୍ଥ ଥମ୍ କରି ବସି ପଡ଼ିଲେ ବୁଝି ପାରିଲାନି ସେ କଣ ଘଟି ଯାଉଛି ତାଙ୍କ ସହ, ଦୁନିଆଟା ଓଲଟ ପାଲଟ ହେଇଗଲା ଭଳି ଲାଗିଲା । ଶେଫାଳିର ବାପା କହିଲେ ତାକୁ ବ୍ଲଡ଼ କ୍ୟାନ୍‌ସର ବୋଲି ଆମେ ବର୍ଷେ ତଳେ ଜାଣିବାକୁ ପାଇଲୁ ମୁଁ ଚାହୁଁଥିଲି ତୁମକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେଇବାକୁ ସେ କିନ୍ତୁ ମନା କରିଥିଲା, କହିଲା ଏମିତି କରନି ବାପା ଏମିତି କରିଲେ ସେ ତାଙ୍କ ଭବିଷ୍ୟତ ଗଢ଼ି ପାରିବେନି ଆଉ ତୁମ କଥା ସତ ହେଇଯିବ । ମୁଁ ଆର ପୁରରେ ରହିଲେ ବି ତାଙ୍କ ଉନ୍ନତି ରେ ଖୁସି ହେବି ।

ଏତିକି କହି ଶେଫାଳିର ବାପା ସିଦ୍ଧାର୍ଥ ହାତକୁ ଗୋଟେ ଲଫାପା ବଢ଼େଇ ଦେଇଥିଲେ ଆଉ କହିଥିଲେ ଏଇଟା ସେ ତାର ମୃତ୍ୟୁର କେଇ ମୂହୁର୍ତ୍ତ ପୂର୍ବରୁ ଲେଖିକି ଦେଇ ଯାଇଥିଲା ଆଉ କହିଥିଲା ଏଇଟା କେବଳ ତୁମ ହାତରେ ଦେବା ପାଇଁ । କାରଣ ସେ ଜାଣିଥିଲା ତୁମେ ନିଶ୍ଚୟ ଭାବେ ଦିନେ ନା ଦିନେ ତାକୁ ଖୋଜି ଖୋଜି ଆସିବ । ତତକ୍ଷଣାତ୍ ସିଦ୍ଧାର୍ଥ ସେ ଲଫାପାଟାକୁ ଖୋଲି ପଢ଼ିଥିଲା ।

ଆଉ ସେଥିରେ ଲେଖାଥିଲା ସିଦ୍ଧାର୍ଥ ମୁଁ ଆଜି ବି ତୁମକୁ ବହୁତ ଭଲ ପାଏ । ତୁମେ ଏ ଚିଠି ପଢ଼ିଲା ବେଳକୁ ହୁଏତ ମୁଁ ଏ ଦୁନିଆରେ ନଥିବି କିନ୍ତୁ ଦୁଃଖ କରିବନି କି କାନ୍ଦିବନି । ମୁଁ ଜାଣେ ତୁମେ ବି ମୋତେ ବହୁତ୍ ଭଲ ପାଅ ।

ଶେଷ ଥର ପାଇଁ ଗୋଟେ ପ୍ରଶ୍ନ କରୁଛି ତୁମକୁ,

"ଏ ମୋତେ କେବେ ଭୁଲି ଯିବନି ତ ?"

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୁଲି ଯିବନି ତ

ରଶ୍ମିତା ନାୟକ



ଅପ୍ରେଲ ମାସ ଦିନ ଏଗାରଟା... ସେଦିନ ମୁଁ ଯ୍ୱାଙ୍କ ସହିତ ମୋ ବାପଘର ଯିବାକୁ ରତ୍ନପୁର ଦେଇ ଯାଉଥାଉ । ରତ୍ନପୁର ଗ୍ରାମାନ୍ତେ ପ୍ରବାହମାନ ଜଟାଧାରନଦୀର ବୁକୁର ସେତୁଟି ପରେ ନଦୀ ଧାରେଧାରେ ଗଡ଼କୁଜଙ୍ଗ ଉପକଣ୍ଠରେ ଥିବାଘଞ୍ଚ ଜଙ୍ଗଲ ଏପଟେ ସୁନୀଳ ଜଳରାଶିକୁ ସେପଟେ ସବୁଜ ବନାନୀର ଚିରବାସୀ ବିହଙ୍ଗମାନଙ୍କ  କିଚିରି ମିଚିର  ଶବ୍ଦ ଆଉ ଶୁଭୁନି, ଶୁଭୁନି ବିଲୁଆ ନାନାର ହୁକେ......ହୁ ଚିହ୍ଲାର, ସମ୍ବର, ହରିଣ, ଠେକୁଆ,  କୁଟୁରା, ହେଟାଙ୍କ ବଂଶ ବୁଡେଇଛି ଜିନ୍ଦଲ କମ୍ପାନୀ । କମ୍ପାନୀ ବସାଇବା ପାଇଁ ଜଙ୍ଗଲ କାଟିବା ସହ ଜଙ୍ଗଲରେ ଥିବା ଚୁଆଗୁଡିକୁ ପୋତି ସୁବିସ୍ତୃତ ସମତଳ ହୋଇଛି ବାଲି ଟିକିରାମାନ । ପାଣି ଟୋପା ପିଇବାକୁ ନପାଇ ବିଚରା ଜୀବଗୁଡା ଛଟ ଛାଟ ପଡି ମଲେ । ଏବେ କେବଳ ଧୋବ ଫରଫର. ବାଲୁକାରାଶି ଉପରେ  ସେ ନିରୀହ ପ୍ରାଣୀଙ୍କୁ ଭକ୍ଷୀ କଳା ଅଜଗରସାପ ପରି ଲମ୍ବି ଯାଇଛି ପିଚୁ ରାସ୍ତା । ତା ଦୁଇ କଡରେ ଥିବା ବାଲୁକା ରାଶି ସତେ ଯେମିତି କହୁଛି ଏ ତମେ ମୋତେ ଭୁଲିଯିବନି ତ ?

କା.. ଭାଁ ନୂଆନୂଆ ପାନ ବର୍ଜ ଖଣ୍ଡେଖଣ୍ଡେ ମୁଣ୍ଡ ଟେକିଛି ଜଙ୍ଗଲର ସୀମାନ୍ତରେ । ସାତବର୍ଷ ତଳର ଜଙ୍ଗଲ ମୋ ଭାବନାରେ ଥିବାବେଳେ ଟିକେ ଆଗକୁ ମୁଁ ଚାହିଁଦେଲି, ଡରିଯାଇ ଯ୍ୱାଙ୍କୁ ଗାଡି ରଖିବାକୁ କହିଲି । ମୁଁ କହିବା ସମୟ ଭିତରେ ସେ ବୋଧେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟଣାଟିକୁ ଦେଖିଥିଲେ ସେ ଗାଡି ରଖିଲେ ସେଇଠି । ଦୁହେଁ ଗାଡ଼ିରୁ ଓହ୍ଲାଇ ଦୌଡ଼ିଗଲୁ ବର୍ଜତାଟି ପାଖରେ ପଡିଥିବା ବୃଦ୍ଧ ଜଣଙ୍କପାଖକୁ । ଭାବୁଥିଲି ସେ ବୋଧେ ଆଉ ନାହାନ୍ତି, ତାଙ୍କର ହାତ ଟିକେ ହଲାଉଥାନ୍ତି । ମୁଁ ଭ୍ୟାନିଟିରୁ ପାଣି ବୋତଲ ବାହାର କରି ତାଙ୍କ ପାଟିରେ ଟିକେ ଦେଇ ଆଉ ଟିକେ ପାଣି ମୁହଁରେ ଛିଞ୍ଚି ଦେଲି । ବୃଦ୍ଧାଙ୍କୁ ଟେକିନେଲୁ ବର୍ଜ ଭିତରକୁ ଦୁହେଁ । ବାଲିସାଲୁବାଲୁ ଦେହକୁ ଝାଡିଦେଇ କୋଳକୁ ଆଉଜାଇ ନେଲି । ଇଏ ଟିକେ ଟିକେ ପାଣି ପିଆଇ ଚାଲିଲେ । କିଛିସମୟ ପରେ ବୃଦ୍ଧ ଜଣକ ପ୍ରକୃତିସ୍ଥ ହେଲେ । ଉପରକୁ ହାତ ଟେକି ଗୁଣୁଗୁଣୁ ହୋଇ କଣ କଲ୍ୟାଣ କରୁଥିଲେ । ତା'ପରେ ମା...ରେ ତମ ପାଇଁ ମୋ ଜୀବନ ରହିଲା ।

ମୁଁ ପଚାରିଲି ମଉସା ଏକା ଆସିଛନ୍ତି ଏମିତି ଖରାରେ? ସାଙ୍ଗରେ ପାଣି ଆଣିଲେନି ? ବର୍ଜ ଚୁଆରୁ ପାଣି ପିଇ କାମ କଲା ଲୋକ ମୁଁ । କି ନିଆଁଗିଲା କୁମ୍ପାନୀ ଆସିଲା ଆମ ଚାରି ଦେଶର ଭିଟା ମାଟିରୁ ଆମକୁ ଅଲଗା କଲା । ଆମ ବାପ ଅଜା ଅମଳରୁ ଆମେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲୁ । ପାନବରଜ କଡରେ କାଜୁ, ଆମ୍ବ, ପଣସ, ସପୁରି, ସଜନା, ନଡ଼ିଆ, ଗୁଆ, ଲଙ୍କା, କାଙ୍କଡ଼, ଠୂଷି କଲରା, କୁନ୍ଦୁଲି, ଦେଶୀଆଳୁ ଆପଣା ଛାଏଁ ଉଠୁଥିଲା ତାକୁ ନେଇ ଆମେ ଗୁଜୁରାଣ ମେଣ୍ଟାଉ । ବିଭିନ୍ନ ପ୍ରକାର କୋଳି ଖାଇ ଓଳିଏ ଭୋକ ସମ୍ଭାଳି ନେଉ । ଖରାଦିନେ ଝାଉଁ ବନର ଶିରୀଶିରୀ ପବନ ଦିହରେ ବାଜିଲେ ନିମିଷକେ ଝାଳ ମରିଯାଏ ସାଙ୍ଗେ ସାଙ୍ଗେ ଆଖିରେ ନିଦଆସେ ସେଇ ଗଛ ମୂଳେ ଢୁଲେଇ  ପଡୁଥିଲି । ଆଉ ସେ ସୁଖ ନାଇଁ  । ପିଲାମାନେ କୁମ୍ପାନୀ ଟଙ୍କାରେ ମଟର ସାଇକଲ ଚଢି ମଦ ଗଂଜେଇ ଖାଇ ପରିବାରର ଶାନ୍ତି ହଜେଇଲେଣି । ଆସିଲା ବେଳେ ପାଣି ବୋତଲ ବୋହୁ ଦେଲାରୁ ପୁଅ କହିଲା ବର୍ଜ ଭିତରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଳକୂପରୁ ପାଣି ପିଇ ଦେବ, ଶୋଷହେବାରୁ ନଳକୂଅ ମାଡିଲି ଯେ ସେ ଖାଲି ସାପ ପରି ସଂ.... ସଂ ଗରଜିଲା ପାଣି ବାହାରିଲାନି ।

ଶୋଷରେ ମୁଣ୍ଡ ମୋର କଣ ହୋଇଗଲା ପଡ଼ିଗଲି ।

ମୁଁ କହିଲି 'ଖରା ଜୋରେ ହେଲାଣି ଚାଲ ଆମେ ତୁମକୁ ତୁମ ଘରେ ଛାଡି ଦେବୁ । ମଉସାଙ୍କୁ ନେଇ ତାଙ୍କ ଘରେ ଛାଡି ଦେଲୁ । ଆସିବା ସମୟରେ ମଉସା ସ୍ନେହ ଭରା ସ୍ୱରରେ କହିଲେ ମା'ରେ ତମେ ଦୁହେଁ ମୋ ଜୀବନ ରଖିଛ । ପରେ ତମେ ମୋତେ ଭୁଲିଯିବନି ତ ?

ଜଗତସିଂହପୁର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁବଘାସ

ବିଷ୍ଣୁ ପ୍ରସାଦ ମିଶ୍ର



ସଞ୍ଜ ନଇଁ ଆସୁଥାଏ, କାହିଁକି କେଜାଣି, ଅଭିମାନ ଭରା ମନଟାରେ ଉଙ୍କୁରି ଉଠିଲା ସେଇ ରାସ୍ତାଧାରର ସ୍ତମ୍ଭିତ ଚିନ୍ତା ଟିକକ !

ଦେଖୁଥାଏ ସେଇ, ରାସ୍ତା କଡର କେତୋଟି ଥୁଣ୍ଟା ବରଗଛ ପାଖରେ ଥିବା ସେଇ ଆକାଶ ଛୁଆଁ ତାଳବୃକ୍ଷମାନଙ୍କ ମୂଳରେ ଶିଶିର ସ୍ପର୍ଶରେ ଉଙ୍କୁରି ଉଠୁଥିବା, ସେଇ, ଶତପଦ ଘଷିତ ନୀଳ ସବୁଜିମା ଛନଛନ ପବନରେ ହଲୁଥିବା ଦୁବଘାସ ବୁଦାଟିକୁ । ସତରେ, କେତେ ଉଦାରତାପୂର୍ଣ୍ଣ, କିଛି ସମୟର ମ୍ଳାନ ହୁଏତ ତାପାଇଁ ସତେ ଯେମିତି ଭଗବାନଙ୍କ କୃପା, ଦେଖୁନ, ଏତେ ପଦାଘାତ ସହିବା ପରେ ବି ସତେ ଯେମିତି ହସି ଦେଉଥାଏ, ସେଇ ସକାଳର କଅଁଳ ଖରାରେ । ଆକାଶ ଛୁଆଁ, ଉର୍ଦ୍ଧ୍ୱକୁ ଉଠି ଠିଆ ହୋଇଥିବା ତାଳଗଛର ଅତ୍ୟାଚାର, ପ୍ରତି ମୂହୁର୍ତ୍ତରେ ସାଜିଥାଏ, ସେଇ ଦୁବଗୁଚ୍ଛର ସ୍ନେହର ପ୍ରତୀକ । ଏଇ ତ, କେତେବେଳେ ଗୋରୁମାନଙ୍କ ପାକୁଳି ଭିତରେ ଚକଟି ହେଉଥାଏ ତ, ଆଉ କେତେବେଳେ ସେଇ ବାଛୁରୀମାନଙ୍କ ଖେଳ ଭିତରେ ଚକଟି ହେଇ ଯାଉଥାଏ ସେମାନଙ୍କ କୋମଳ ଖୁରାଘାତରେ । ତଥାପି, ହାରି ଯାଇନି ସିଏ, ଶରୀରରୁ ସ୍ୱଳ୍ପକାଳ ପାଇଁ ପରାଜିତ ଜ୍ୟୋତି ନିକଟରେ, ମାଟି ଦେହରେ ଲୁଚି ରହିଥିବା କ୍ଷୁର୍ଣ୍ଣ କଣିକା ମଧ୍ୟ ଉଲ୍ଲସିତ ହୋଇଯାଏ କିଛି କାକରର ସ୍ପର୍ଶ ସାଥୀରେ ।

ନିର୍ବିକାର ମଧ୍ୟରେ ଠିଆ ହୋଇ ଦେଖୁଥାଏ ମୁଁ ସେଇ ରାସ୍ତାଧାରର ଦୁବଗୁଚ୍ଛର ଲମ୍ବାଲମ୍ବା ଧାଡ଼ି । ହଠାତ୍, ମେଞ୍ଚାଏ ପବନରେ ଖସି ପଡ଼ିଥିବା ତାଳଗଛର ଲମ୍ବା ଡାଳଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଡ଼ିପଡିଲା ସେଇ ମେଞ୍ଚା ମେଞ୍ଚା ଦୁବକେରା ଗୁଡ଼ିକୁ । ସ୍ନିତ ପବନରେ ଉଠି, ହଲିହଲି ଖେଳୁଥିବା ଦୁବକେରା ଗୁଡ଼ିକୁ ଦେଖି ପ୍ରଶ୍ନଟିଏ ପଚାରିଲା ସେଇ, ମାଡ଼ି ବସିଥିବା ତାଳ ବାହୁଙ୍ଗାଟି, ଦୁବ ! ସତରେ କଣ ? ମୋର ଆଘାତ ତୋତେ କଷ୍ଟ ଦେଇନି ? ?

କ୍ଷୁଦ୍ର ରୂପଟି ତୋର, କେତେ ଯେ ଯନ୍ତ୍ରଣା ପାଇଥିବୁ ! ! ସତରେ, ତୋର ଏଇ ଛୋଟିଆ ରୂପଟି ଦେଖି ମୁଁ ନିଜକୁ ଗର୍ବିତ ମନେ କରେ; ତୋ ପରି ମୁଁ ମଧ୍ୟ ଗଛଟିଏ, ତଥାପି, ମଣିଷ ମୋତେ ଛୁଇଁ ପାରିନି, ମୋତେ ପାଇବାକୁ ବହୁତ କଷ୍ଟ ସହିବାକୁ ହୁଏ ସେହି ମଣିଷକୁ, ମୋର ପ୍ରତ୍ୟେକ ଅଙ୍ଗ ପାଇବା ମନୁଷ୍ୟ ପକ୍ଷେ କଷ୍ଟ ସାଧ୍ୟ; ସମସ୍ତେ ପାଇ ନଥାନ୍ତି, ମୋ ଆଶା, ପଥିକ ପାଇଁ ଆଶା ଖାଲି ସ୍ୱପ୍ନ ଦେଖିବା । ସତରେ ଦେଖ୍, ମୁଁ କେତେ ବଡ଼ । ପୁଣି, ସେଇ ଶାନ୍ତ୍ର ପବନରେ ହଲିହଲି ହସିହସି ଦୁବ କହିଲା, ଦେଖ ସାଥୀ, ସେଇଥିପାଇଁ ମୋତେ ଜଗନ୍ନାଥ ଟାହ୍ୟାରେ ଶୀର୍ଷକ କରନ୍ତି, ଆଉ, ତୁ, ସେଇ,ବଡଦାଣ୍ଡ ତତଲା ବାଲିରେ । ସତରେ, ବିଚିତ୍ର ଏ ଭାବର ବିଚାର ।

ରଥଶର୍ମା କଲୋନୀ

କୋରାପୁଟ

୯୧୨୪୦୪୯୧୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ସକାଳ

ପ୍ରତାପ କିଶୋର ରାଉତ



ଶାଶୁଙ୍କ ସବୁ ନିର୍ଯାତନାକୁ ମଥାପାତି ଆଜିଯାଏ ସହି ଆସୁଥିଲା ସୁନନ୍ଦା । ହେଲେ ଆଜି ସବୁ ସୀମାକୁ ଡେଇଁ ହାତ ଉଠେଇ ନିର୍ମମ ଭାବେ ପିଟି ଚାଲିଛନ୍ତି ଶାଶୁ ବାସନ୍ତୀ ଦେବୀ । ନାନା କୁଭାଷା ସହିତ ପିତୃକୁଳର ନିନ୍ଦା । ଭୁଲଟା ହେଉଛି ଆଠ ବର୍ଷର ବିବାହ ବନ୍ଧନ ଭିତରେ ସେ କୁଳକୁ ଗୋଟିଏ ପୁତ୍ର ସନ୍ତାନ ଦେଇପାରି ନାହିଁ । ସେଇଟା କଣ ତାର ଭୁଲ ?

କିନ୍ତୁ ଆଜି ସାମାନ୍ୟ କଥା । ଭାତ ଆଜି ସିଝି ପେଜୁଆ ହୋଇ ଯାଇଛି । ତେଣୁ ବାସନ୍ତୀ ଦେବୀଙ୍କ ମୁଣ୍ଡକୁ ପିତ ଚରି ଯାଇଛି । ସେଇଥିପାଇଁ ଆଜି ଏତେ ନିର୍ଯାତନା । ଏଥିରେ କିଏ ଯଦି ଟିକେ ତାପାଇଁ ପିଠି ଦେଖେଇଥାନ୍ତା ସେ ହେଉଛି ସ୍ୱାମୀ ସମୀର । ସେ ତ ବାହାରେ ଚାକିରୀ କରନ୍ତି । ତେଣୁ ନାଚାର । ସବୁ କଷ୍ଟକୁ ଏମିତି ସ୍ୱାମୀଙ୍କୁ ଲୁଚାଇ ଆଜି ଯାଏ ଗୋଟିଏ ଭଲ ବୋହୂର ଅଭିନୟ କରି ଆସିଛନ୍ତି ।

ବୋଉ ଆଉ ମୋତେ ମାରନି । ରାତି ପାହିଲେ ମୁଁ ଏ ଘରୁ ଚାଲିଯିବି । ଆଉ ତୁମ ଆଗରେ ଠିଆ ହୋଇ ତୁମକୁ ଆଉ କଷ୍ଟ ଦେବିନି ।

ଏବେ ବାହାରି ଯା ଅଲକ୍ଷଣି ! ଭାତ ଗଣ୍ଡେ ରାନ୍ଧିବା ଶିଖିନାହୁଁ ? ତୋ ବାପ ମା ତୋତେ କିଛି ସଣ୍ଠଣା ଶିଖାଇ ନାହାନ୍ତି ।

ଥାଉ ବୋଉ, ତୁମର ଏ କଥା ଶୁଣିବା ପାଇଁ ତ ଆଉ ମୋ ବାପା ମାଆ ଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁନିଆରେ ନାହାନ୍ତି । ତାଙ୍କୁ ଦୋଷ ଦେଇ ଲାଭ କଣ ବୋଉ ? ମୋତେ ତ ଯାହା କହିବା କହିଲ, ହାତ ଉଠେଇ ଢେର ମାରିଲ । ଏତିକିରେ ତୁମ ମନ କଣ ବୁଝିଲାନି ବୋଉ ???

ଛୋଟ ଲୋକ ଘରର ଝିଅ ତୁ । ଏ ଘରର ସବୁ ସୁଖଶାନ୍ତିକୁ ତୁ ଆସିଲାପରେ ପୋଡି ଖାଇଦେଲୁ । ତୋ ପାଇଁ ଆଜି ମୋ ଘରେ ଟିକେ କଅଁଳ ଛୁଆର ହସ ଟିକେ ଫୁଟିଲା ନାହିଁ ।ତୋର କୋଉ ଗୁଣଟା ଭଲ କହିଲୁ ????

ଠିକ ଏତିକି ବେଳେ କବାଟ ଠକ ଠକ ଶବ୍ଦ । ବୋଉ----- ବୋଉ-----

ଏ ତ ଝିଅ ଅବନ୍ତୀର କଣ୍ଠସ୍ୱର । ଦୌଡ଼ିଗଲେ ଦାଣ୍ଡ ଦ୍ୱାରକୁ । ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ ବାସନ୍ତୀ ଦେବୀ । ଅଲରା କେଶ, ହାତରେ ଛ ମାସର ଛୋଟ ଛୁଆ । ରାତି ଦଶଟା ବାଜିଲାଣି । ହାତରେ ଖଣ୍ଡେ ଆଟାଚ । ପାଖରେ ଅଟୋ ଠିଆ ହୋଇଛି ।

ବୋଉ !!! ତୁ ଆଗ ଅଟୋ ବାଲାକୁ ଭଡା ଦେଇ ଦେ । ସେ ଯାଆନ୍ତୁ ।

ତରତର ହୋଇ ଘରଭିତରୁ ତାଙ୍କ ନେଇ ଭଡା ଦେଲେ । ଅଟୋ ଙ୍ଗାଲା ଚାଲିଗଲା । ଭୋ ଭୋ କରି କାନ୍ଦି ଉଠିଲା ଝିଅ ଅବନ୍ତୀ । ସୁନନ୍ଦା ହାତରୁ ପିଲାଟିକୁ ନେଇ ଧରିଲା ।

ଏମିତି କଣ ହେଲା ଅବନ୍ତୀ । ଏତେ ରାତିରେ ତୁମେ ଶାଶୁଘର ଛାଡ଼ି ପଳାଇ ଆସିଲ କାହିଁକି ? ମୋର ସବୁ ସୁଖ ଆଜି ପାଣି ଫୋଟକା ପରି ଭାଉଜ !!!

ତୋରି ପାଇଁ ସବୁ ଅମଙ୍ଗଳ । ତୋ ପରି ବୋହୂ ଯାହା ଘରେ ଥିବେ ତାର ଅବସ୍ଥା ଏମିତି ହେବ । ରାଗରେ ଶୋଧି ଦେଲେ ବାସନ୍ତି ଦେବୀ ।

ଏ ବୋଉ ! ଭାଉଜଙ୍କୁ ଏମିତି କଣ କହୁଛୁ ? ନିଜ ଝିଅ ପରି ଅନ୍ୟ ଝିଅକୁ ଭାବିଥିଲେ ମୋର ଆଜି ଏ ଦଶା ହୋଇ ନଥାନ୍ତା । ତୋ ଜ୍ୱାଇଁ ମଦ ନିଶାରେ ଦୈନିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାରି ମାରି ମୋର ଅବସ୍ଥା ଏମିତି କରିଛନ୍ତି । ଏକଥା ତୋତେ କେବେ ଜଣେଇ ନଥିଲି । ହେଲେ ଆଜି ଜୀବନରୁ ମାରି ଦେଇଥାନ୍ତେ । ସବୁ ଦିନ ପାଇଁ ସେ ଘର ଛାଡ଼ି ମୁଁ ଚାଲି ଆସିଛି । ମୁଁ ଏଠାରେ ବାସନ ମାଜି ଗଣ୍ଡେ ଖାଇବାକୁ ଚାହେଁ ବୋଉ । ମୋ ଛୁଆଟିର ଭବିଷ୍ୟତ ପାଇଁ ମୁଁ କିଛି ବି କରିପାରେ । ମୋତେ ପର କରି ଦେବୁନିତ ?

ବାସନ୍ତୀ ଦେବୀ ଅମାନିଆ ଲୁହକୁ ଅଟକେଇ ପାରିଲେ ନାହିଁ । ବୋହୁ ସୁନନ୍ଦାକୁ କହିଲେ, ଆରେ ଚାହିଁଛୁ କଣ, ଝିଅଟା ଉପାସରେ ଆସିଛି ତାକୁ କଣ ଦିଟା ଖାଇବାକୁ ଦେ । ଆଖିରେ ଥିଲା ଆଖିଏ ଲୁହ । ସତେ ଯେମିତି ଆକାଶଟା ତାଙ୍କ ମୁଣ୍ଡ ଉପରେ ଛିଡି ପଡିଲା ।

ତେନ୍ତୁଲିପଦୀ, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ଭାରତୀ ସାହୁ



"ହଇଲୋ ଛତର ଖାଇ, ବାପାର ନାଁ ପକେଇଲୁ, ଘରର ମାନ ଇଜ୍ଜତ ସାରିଲୁ ! ଶେଷରେ ଇଚ୍ଛା ବର ବରିଲୁ । ରାଗରେ ଗର୍ଜନ କରୁଥିଲେ ସୁମତିଦେବୀ ଶିଳ୍ପପତି ଦେବେନ୍ଦ୍ର ରାୟଙ୍କ ଦ୍ୱିତୀୟ ପତ୍ନୀ, ସଉତୁଣୀ ଝିଅ ଶିଖାର ସୁଖ ସହିପାରୁନି ସେ ।

ଶିଖା କହୁଥିଲା "ମୁଁ ବାପାଙ୍କ ପ୍ରସ୍ତାବରେ ରାଜିନୁହେଁ ମାଆ । ମୁଁ ମାନୁଛି ଜୀବନବାବୁଙ୍କ ପାଖରେ ଢେର ଟଙ୍କା, ଗାଡି, ବ୍ୟାଙ୍କ ବାଲାନ୍‌ସ ଅଛି, ହେଲେ ସେ ଗୋଟେ ମଦୁଆ, ନଷ୍ଟଚରିତ୍ର । ପିତୃମାତୃ ପରିଚୟହୀନ ଗରିବ ସୌମ୍ୟକାନ୍ତକୁ ବାହାହେବା ଶହେଗୁଣ ଭଲ । ଦରକାର ନାହିଁ ଉଆସ ଜୀବନ । ସବୁଠାରୁ ବଡକଥା ହେଲା ସୌମ୍ୟ ଜଣେ "ଭଲ ମଣିଷ" ।

ଆଢୁଆଳରେ ରହି ଦେବେନ୍ଦ୍ର ବାବୁଙ୍କ ଆଖିରୁ ଝରି ପଡିଲା ଦୁଇଟୋପା ଲୁହ । ମାନିନେଲେ ଶିଖାର ନିଷ୍ପତ୍ତି । କାରଣ ପ୍ରାଣଠାରୁ ଭଲ ପାଉଥିବା ପ୍ରଥମ ସ୍ତ୍ରୀର ଝିଅ ସିଏ । ତା ଖୁସିରେ ମୁଁ ଖୁସି । ଭଲ ପାଠ, ଭଲ ରୋଜଗାର ଅପେକ୍ଷା ସାଥୀହେଇ ବଞ୍ଚିବା ପାଇଁ ଜଣେ "ଭଲ ମଣିଷ" ଦରକାର ।

କିନ୍ତୁ ସହଜରେ ସୁମତି ଦେବୀ ମାନିନେଇ ପାରୁ ନଥିଲେ ଶିଖାର ଏ ନିଷ୍ପତ୍ତିକୁ । ତା ଆଖି ଆଗରେ ସଉତୁଣୀ ଝିଅ ଭଲରେ ରହିବ, ସୁଖରେ ରହିବ, ପୁଣି ଜଣେ ଭଲ ମଣିଷକୁ ବିବାହ କରିବ ଏକଥା ମୁଁ ଜମା କରେଇ ଦେବିନି । ସୁମତି ଦେବୀ ହୀନ ଚକ୍ରାନ୍ତ କରିବାକୁ ଲାଗିଲେ ।

ଝିଅର କଥା ରଖିଲେ ଦେବେନ୍ଦ୍ର ବାବୁ । ଦିନ ବାର ଠିକ କରି ସୌମ୍ୟକୁ ନିଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତରଫରୁ ମୁଦି ପିନ୍ଧେଇବା ପାଇଁ ନିମନ୍ତ୍ରଣ ଜଣାଇଲେ କିନ୍ତୁ ସୌମ୍ୟ ଶିଖାକୁ ବିବାହ ନକରିବା ପାଇଁ ରୋକ ଠୋକ ମନା କରିଦେଲେ । କାରଣ ଏତେ ବଡ ଘରର ଝିଅକୁ ବାହା ହେଇ ସେ କଣ କେବେ ସୁଖୀ କରି ପାରିବେ । ଯାହାର ଦିନ ତୁଳୀତଳ୍ପ ଶଯ୍ୟାରେ କଟୁଛି ସେ ମୋ ଭଳି ଗୋଟେ ଦୀନହୀନକୁ ବାହା ହେଇ କି ସୁଖ ପାଇବ ! ଭଲ ହେବ ଗୋଟେ ବଡ ଘର ପୁଅ ସାଙ୍ଗେ ଶିଖା ବାହା ହେଇଯାଉ । ସେଇ ଗୋଟିଏ ଦିନ କଲେଜ ଫେରିବା ରାସ୍ତାରେ ଶିଖା ସାଙ୍ଗେ ଭେଟ ହେଇଥିଲା । ସ୍କୁଟି ତାର ଖରାପ ହେଇଯାଇ ଥିଲା । ମୁଁ ତାକୁ ଗୋଟେ ଛୋଟ ହେଲ୍ପ କରିଥିଲି । ସେତିକିରୁ ତାର ଭଲ ପାଇବା ମୋ ପାଇଁ ଅଜାଡି ହେଇ ପଡିଲା । ହେଲେ ଏଇଟା କେମିତି ସମ୍ଭବ । କାହିଁ ଆକାଶର ଚାନ୍ଦ କାହିଁ ଏ ବାମନ । ତାକୁ ହାତରେ ଧରିବା କଣ ସମ୍ଭବ ।

ଇଏ କଣ, କାହାର ସ୍ପର୍ଶରେ ସୌମ୍ୟ ଚମକି ଉଠିଲା, ଶିଖା ତମେ, ଏଠି, ମୁଁ ତୁମକୁ ବିବାହ କରି ଠକି ଦେଇ ପାରିବିନି ।

ଶିଖା କହିଲା ମୋର କିଛି ଦରକାର ନାହିଁ କେବଳ ତୁମେ ଦରକାର, ଜଣେ ଭଲ ମଣିଷ ଦରକାର, ବାସ ଏତିକି । ତାପରେ ସୌମ୍ୟ ଶିଖାର ଲୁହ ପୋଛି ଦେଇଥିଲେ ।

ଯୁନିଦା ପାଟଣା, ଦଶରଥ ପୁର,

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆତ୍ମଜୀବନୀ

ଅଭିପ୍ସା ପ୍ରିୟଦର୍ଶିନୀ



ମୋର ନାମ : ଅଭିପ୍ସା ପ୍ରିୟଦର୍ଶିନୀ, ବାପା : ଲିଙ୍ଗରାଜ ବେହେରା, ମାଆ : ଲିଙ୍ଗରାଜ ବେହେରା । ଜନ୍ମ : ତା ୧୩.୦୫. ୧୯୮୭ ମସିହା (ବୁଦ୍ଧ ପୁର୍ଣିମା) । ଆମେ ଘରେ ୩ ଭାଇ ଭଉଣୀ ଥିବା ହେତୁ ବାବାଙ୍କର ସ୍ୱଳ୍ପ ରୋଜଗାର ଭିତରେ ବହୁ କଷ୍ଟରେ ଜୀବନ ଅତିବାହିତ କରିଛୁ, ସେଥିରେ ପୁଣି ଜଣେ ରୋଗିଣା ଅବିବାହିତ ପିଉସୀ ନାନୀ ଓ ମୋ ଜେଜେ । ସମୁଦାୟ ୭ପ୍ରାଣୀ କୁଟୁମ୍ବ । ଘରର ଗୁଜୁରାଣ ମେଣ୍ଟାଇବା ଦାୟିତ୍ୱ କେବଳ ବାବାଙ୍କ ଉପରେ ହିଁ ନ୍ୟସ୍ତ ଥାଏ । ମୁଁ ଯେହେତୁ ଘରର ବଡ଼ ଝିଅ; ତେଣୁ ମୋ ପାରୁପର୍ଯ୍ୟନ୍ତ ଚେଷ୍ଟା ଜାରିରଖେ ବାବା/ମାଆଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ । ଛୋଟ ଥିଲାବେଳେ ନିଜର ପାଠପଢା ସହିତ ଦୁଇ ସାନ ଭାଇ ଭଉଣୀଙ୍କର ମଧ୍ୟ ପଢା, ଅନ୍ୟାୟ କାର୍ଯ୍ୟ ଉପରେ ନଜର ରଖିବାକୁ ପଡେ ।

ଗୋଟିଏ ଗୁରୁତ୍ୱପୂର୍ଣ କଥା ଏହିକି ଯେ ମୋ ବାବା, ମାଆ ୨ ଜଣ ଠାକୁର ଅନୁକୂଳ ଚନ୍ଦ୍ରଙ୍କର (ସ୍ୱାସ୍ଥ୍ୟିନୀ)ଦୀକ୍ଷାରେ ଦୀକ୍ଷିତ ଥିଲେ । ତାଙ୍କରି ନୀତି ଆଦର୍ଶକୁ ଅନୁକରଣ କରି ମୁଁ ମଧ୍ୟ ସେଇ ପଥ ଦେଇ ଆଜି ପର୍ଯ୍ୟନ୍ତ ଚାଲିଆସୁଛି । ଜୀବନର ଏହି ଅଙ୍କାବଙ୍କା ପଥରେ ବହୁ ବାଧାବିଘ୍ନ ଆସିଛି ସତ ହେଲେ, ସେ ସବୁକୁ ଲଘିଁ ପୁଣି ପଥ ଅତିକ୍ରମ କରିବା ପାଇଁ ଅଫୁରନ୍ତ ଶକ୍ତି ବି ଜାଗ୍ରତ ହୋଇ ପାରିଛି । ମୋର ସେଇ ବନ୍ଦେ ପୁରୁଷୋତ୍ତମମ୍, ଠାକୁର ଅନୁକୂଳଚନ୍ଦ୍ରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରହିଛି ।

ମୋର ମନେ ଅଛି ଛୋଟ ବେଳୁ ମୁଁ ଯେତେବେଳେ ଚାଟଶାଳୀ ଯାଉଥିଲି ସେତେବେଳେ ଦିଦି ପଣକିଆ ଘୋଷିବାକୁ ଦିଅନ୍ତି ଘରୁକୁ । ସେ ଯଦି ୨କ ପଣକିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିବେ, ମୁଁ ସେଇଟା ଘୋଷି ପୁଣି ମାଆଙ୍କଠାରୁ ୩କ ଘୋଷା ନେଇ ପୂର୍ଣ କରିଦେଇ ତା ପରଦିନ ଦିଦିଙ୍କ ପାଖରେ ଉପସ୍ଥାପିତ କରିଥାଏ ।

ଏମିତି ଅନେକ କିଛି ଛୋଟବେଳର ପାଠପଢା ସମୟ । ଏସବୁ ଦେଖି ଆମ ଚାଟଶାଳୀ ଦିଦି ମାଆଙ୍କୁ ପ୍ରାୟ ସମୟ ଡକାଇ ମୋର ସୁଗୁଣ ବଖାଣିବା ସହିତ "ତୁଳସୀ ଦୁଇ ପତ୍ରରୁ ବାସିବା ଭଳି" ଯେ ୟା ଗୁଣ ଗୁଡିକ ଏମିତି ମହକି ଉଠିବ ଏହି କଥା ପ୍ରତିପାଦିତ କରୁଥିଲେ । ସେ ଦିଦି ଟଙ୍କାର କୌଣସି କାରଣରୁ ଅବିବାହିତ ଅଛନ୍ତି । ତେଣୁ ଆଜି ବି ଯେତେବେଳେ ଯିବାଆସିବା ସମୟରେ ତାଙ୍କ ସାମ୍ନାସାମନି ହୋଇଯାଏ ମୁଣ୍ଡ ତଳକୁ ନଇଁଯାଏ; କାରଣ ସବୁଗୁଣ ଥାଇ ବି ମୁଁ ହୀନକପାଳିଟେ ।

ସ୍କୁଲ ଜୀବନରେ ମଧ୍ୟ ସେହିପରି । ମୁଁ ବେଶୀ ପାଠ ପଢିନି ଯଦିଓ କିନ୍ତୁ ଯେତିକି ସମୟ ସ୍କୁଲରେ ଅଧ୍ୟୟନରତ ଥିଲି, ସବୁବେଳେ ପ୍ରଥମ ଶ୍ରେଣୀ ଏବଂ ପ୍ରଥମରେ ରହୁଥିଲି; ଯୋଉଟାକି ମୋର ମାଟ୍ରିକ ଆଉ +୨ପ୍ରମାଣ ପତ୍ରରେ ଲିପିବଦ୍ଧ ଅଛି । ସେଥିପାଇଁ ସବୁ ଗୁରୁଜୀ, ଗୁରୁମା, ସାଙ୍ଗସାଥୀମାନଙ୍କର ପ୍ରିୟ ଥିବା ବେଳେ କେତେକ କୁଟିଳ ପ୍ରକୃତିର ପିଲାମାନଙ୍କର ଈର୍ଷାର କାରଣ ବି ସାଜିଥିଲି । ଆହୁରି ମଧ୍ୟ ମୋର ସବୁବେଳେ ପାଠ ଉପରେ ନଜର ରହୁଥିବାରୁ ମୋତେ ଫୁର୍ତ୍ତି ଫାଜିଲାମି ଭଲ ଲାଗେନି, ଯେଉଁଥିପାଇଁ ମୁଁ ପ୍ରାୟତଃ କାହା ସହିତ ମିଶି ପାରେନି । ବଡ଼ ଦୁଃଖର ବିଷୟ, ମୋ ବାବା ଜଣେ ସାଧାରଣ କର୍ମଚାରୀ ଥିବାରୁ ସେ ଆମକୁ ଟ୍ୟୁସନ ଦେଇ ପାରିନାହାନ୍ତି । କାହାର ବିଶ୍ୱାସ ହୋଇ ନପାରେ ମୁଁ କିନ୍ତୁ ମୋ ନିଚ୍ଛକ ଅନୁଭୂତିରୁ ଏଇଆ ବଖାଣୁଛି କି ଯେହେତୁ ସାନ ଭାଇ ଭଉଣୀଙ୍କର ଦାୟିତ୍ୱ ବି ମୋରି ଉପରେ ହିଁ ନ୍ୟସ୍ତ ରହିଥାଏ; ତେଣୁ ମୁଁ ସମୟର ଢେର ସଦୁପଯୋଗ କରେ । ଏମିତିକି ଘରେ ନିଜେ ନିଜେ ଆଗୁଆ ସବୁ ବିଷୟକୁ ଅଧ୍ୟୟନ କରିବା, ଅଙ୍କ କଷିବା ଆଦି କରିଚାଲେ । ସେଥିରୁ ଯାହା ଅବୁଝା ରୁହେ ଆବଶ୍ୟକ ସ୍ଥଳେ ମାଆଙ୍କୁ ପଚାରି ବୁଝେ, ପୁଣି ତାଙ୍କଠାରୁ ବଳିଲେ ବାବାଙ୍କ ଆସିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଟକୁ ଚାହିଁ ବସିଥାଏ ଟ୍ରେନସଲେସନ ବୁଝିବା ଆଉ ଦେଖିନେବା ପାଇଁ । ବାକି ତକ ଅବୁଝା ଅଙ୍କ ବା ଅନ୍ୟ କୌଣସିଟି ଅତି ଅବୁଝା ପାଠ ଥିଲେ ଜଗିକି ରହିଥାଏ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଛୁଟିରେ ଦିଦି, ସାର ମାନେ(ଯିଏ କି ଖୁସିରେ ସମୟ ଦେଇପାରନ୍ତି)ଖାଇ ସାରିବା ପରେ ତାଙ୍କ ପାଖରେ ପାଠ୍ୟକ୍ରମକୁ ନେଇ ଆଲୋଚନା ରଖିବାକୁ । ସେମାନେ ବି ମୋ ଆଗ୍ରହ ଆଉ ପରିସ୍ଥିତି ଦେଖି ମନା କରିପାରନ୍ତିନି । ଇଏତ ଗଲା ପାଠପଢ଼ା ଶୈଳୀ କଥା ।

ଏମିତି ଦିନ ଗଡୁଥାଏ, ସବୁବେଳେ ମୁଁ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହିତ ଗୀତ, ବକ୍ତୃତା, ଡ୍ରଇଂ ପ୍ରତିଯୋଗିତାରେ ମଧ୍ୟ ବେଶ ପାରଦର୍ଶିତା ଲାଭ କରିଛି । ଅବସର ସମୟରେ ଡ୍ରଇଁ କରି କାନ୍ଥରେ ଟଙ୍ଗେଇଦିଏ । କିଛି ଦିନ ପରେ ମୋ ମାଆ ବଲବାଡ଼ି (ଆଜିକାର ଅଙ୍ଗନବାଡ଼ି)ରେ ୩୦୦ ଟଙ୍କା ବେତନରେ ପିଲାଙ୍କୁ ଶିକ୍ଷାଦାନ କରୁଥାନ୍ତି । ସେହି କେନ୍ଦ୍ରରେ ମୋ ହସ୍ତରେ ନିର୍ମିତ ଚିତ୍ରସବୁ ଅଦ୍ୟାବଧି କାନ୍ଥରେ ଝୁଲୁଛି ।

ଏମିତି ଅଧାଗଢ଼ା ଶୈଶବ ଅବସ୍ଥା ମୋର ଦିନେ ଭିନ୍ନ ଏକ ମୋଡରେ ଉପନୀତ ହେଲା । ମୁଁ ୨୦୦୨ ମସିହାରେ ମାଟ୍ରିକ ପାସ କରିଲି କଟକର ବିରିବାଟୀରୁ ୮ କି. ମି. ଦୂରତାରେ ଥିବା ହଂସନାଥ ଉଚ୍ଚ ବିଦ୍ୟାଳୟରୁ । ଆଉ ତା' ପରେ ପରେ ମୋର ବାହାଘର ହୋଇଗଲା । ମୋତେ ସେତେବେଳେ ୧୫ବର୍ଷ ଚାଲିଥାଏ । ସିଏ ଗୋଟେ ଲମ୍ବା ଇତିହାସ । ସିଏ ଯାହାବି ହେଉନା କାହିଁକି ମୋର ପାଠ ପଢ଼ାରେ କିନ୍ତୁ ବିରାମ ଲାଗିଗଲା । ଶତ ଚେଷ୍ଟା ପରେ ବି ପରିସ୍ଥିତି ଆଉ ପରିବେଶ ମୋତେ ସାତ ଦେଇନଥିଲା ଆଗକୁ । ୧୬ବର୍ଷ ବୟସରେ ପୁତ୍ର ସନ୍ତାନ ଏବଂ ୨୧ବର୍ଷ ବୟସରେ କନ୍ୟା ସନ୍ତାନର ଜନନୀ ହେଲି । ଏହିପରି ବହୁ ଝଡଝଞ୍ଜା ଭିତରେ କେବଳ ୨ଓଳି ଦୁଇ ମୁଠା ଖାଇବା ଆଉ, ଖଣ୍ଡେ ପିନ୍ଧିବା ବ୍ୟତୀତ ଜୀବନର ମାନେ କିଛି ନଥାଏ । କେବେ କିନ୍ତୁ ଭାଗ୍ୟକୁ ନିନ୍ଦା ନକରି ପ୍ରାରବ୍ଧ ଭାବି ସବୁ ପରିସ୍ଥିତିକୁ ସାମ୍ନା କରିଛି । ପୁନଶ୍ଚ ସେଇ ପରମ ଦୟାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ଆଶୀର୍ବାଦ ବଳରେ ଧୀରେ ଧୀରେ ମୋର ଆର୍ଥିକ, ପାରିପାର୍ଶ୍ୱିକ ଅବସ୍ଥା ସୁଧୁରିବାକୁ ଲାଗିଲା ଏବଂ ମୁଁ ମୋ ନିଜ ରୋଜଗାରରେ ପିଲାଙ୍କୁ ପଢ଼ାଇବା ସହିତ ୨୦୨୦ ମସିହାରେ +୨ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ପାସ କରିଲି । ତା ପରେ ଧୀରେ ଧୀରେ ନିଜର ସବୁ ପ୍ରକାରର ଆବଶ୍ୟକତାକୁ ନିଜେ ମେଣ୍ଟାଇ ପାରିଲି । ଗୋଟେ ନାଇଁ ଦିଇଟା ନାହିଁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଅନେକ ଗୁଡିଏ ସଂସ୍ଥାରେ ମୁଁ କାର୍ଯ୍ୟ କରିଛି । ଏସବୁ ଭିତରେ ମୁଁ ୨୦୧୫ ମସିହାରେ ବିନା ପ୍ରତିଯୋଗିତାରେ ମୋ ଗ୍ରାମରେ ଆଶାକର୍ମୀ (ସ୍ୱାସ୍ଥ୍ୟ ସେବିକା)ଭାବରେ ନିଯୁକ୍ତି ପାଇଲି । ଯେହେତୁ ମୁଁ ସେଇ ପାଖାପାଖି ଗ୍ରାମର ଝିଅ ଏବଂ ବୋହୂ ସେଥିପାଇଁ ମୋର ଲୋକମାନଙ୍କ ସହିତ ସମ୍ପର୍କ ଟିକେ ନିବିଡ଼ । ଯୋଉଟାକି ମୋତେ କାର୍ଯ୍ୟ କରିବା କ୍ଷେତ୍ରରେ ସହଜ ବୋଧ ହେବା ସହିତ ଆବଶ୍ୟକତାଠାରୁ ଅର୍ଥାତ ପ୍ରାପ୍ୟ ଠାରୁ ବେଳେବେଳେ ଅଧିକ କାମ ବି କରିବାକୁ ପଡେ । କଷ୍ଟ ହେଲେ ବି କେବେ ସେଥିରେ ମନ ଊଣା କରିନି, କାରଣ, ଆମେ ଯଦିଓ ସରକାରଙ୍କଠାରୁ ଗୋଟେ ନିର୍ଦ୍ଦିଷ୍ଟ ପରିମାଣରେ ଆର୍ଥିକ ରାଶି ପାଉଛୁ, ସିଏବି ୧୪ଗୋଟି ବାଧ୍ୟତା ମୂଳକ କାମକୁ ନେଇକି । ତା ଛଡା ଏହି ପଦବୀ ପାଇଁ ଆବେଦନ ଫର୍ମରେ ଦସ୍ତଖତ କରିଛି କି, ଏହା ଗୋଟିଏ ସ୍ୱେଚ୍ଛାସେବୀ ଭଳି କାମ । ତେଣୁ ତାକୁ ସବୁବେଳେ ହୃଦୟଙ୍ଗମ କରି ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରି ସେହିଥିରୁ ହିଁ ଆନନ୍ଦ ପାଏ ।

ଏମିତି କଟିଯାଏ କେତେବର୍ଷ । ଗତ ତା ୨୬. ୦୭. ୨୦୨୩ ମୋର ଗୋଟିଏ ବିରାଟ ଧରଣର ଦୁର୍ଘଟଣାରେ ହୋଇଥିଲା । ବଞ୍ଚିବାର ଆଶା ୯୦% ହରାଇ ବସିଥିଲି । ଯେଉଁଥିରେ କି ମୁଁ ପ୍ରାୟତଃ ମାନସିକ, ଶାରୀରିକ ଭାବରେ ଦୁର୍ବଳ, ଏପରିକି ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନ ସମସ୍ତଙ୍କୁ ହରାଇ ବସିଥିଲି । ୨ମାସ ଶଯ୍ୟାଶାୟୀ ହୋଇ ପଡି ରହିଲି । ଆଉ ଠିକ ସେହି ଦୁଃଖଦ ସମୟରୁ ହିଁ ମୁଁ ସାହିତ୍ୟକୁ ସାଥୀ କରିନେଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେହେତୁ କଥା କହି ପାରୁନଥିଲି, ପାଟି ଖୋଲି ପାରେନି, ଚିତ ହୋଇ ରହିବା ବ୍ୟତୀତ କଡ଼ ବି ଲେଉଟେଇ ପାରେନି । ଆଉ ଯେତେବେଳେ ଧୀରେ ଧୀରେ କର ଲେଉଟେଇ, ପେଟମାଡ଼ି, ପେଟମାଡ଼ି ଶୋଇ ଅଳ୍ପ ଟିକେ ମୁଣ୍ଡ ଟେକି ପାରିଲି ସେତିକିବେଳେ କେମିତି କେଜାଣି ମାଆ ସରସ୍ୱତୀ ମୋ କଣ୍ଠରେ ବିଜେ କରିଲେ ମୁଁ ନିଜର ସେହି ସମୟର ଅନୁଭୂତିକୁ ଟିକେ ଟିକେ ଶବ୍ଦରେ ଖଞ୍ଜୁ ଖଞ୍ଜୁ ସେସବୁ କବିତାର ରୂପ ନେଇଗଲେ । ଆଉ ସେବେଠାରୁ ହିଁ ମୁଁ ଲେଖୁ ଲେଖୁ ଲେଖି ଚାଲିଲି । ମୁଁ ବେଶୀ ଦିନର ଲେଖିକା ନୁହେଁ ମ, ମାତ୍ର ବର୍ଷକର । ଆଗରୁ ଯଦିଓ ଛୋଟମୋଟ ଲେଖେ କିନ୍ତୁ ସମୟ ଅଭାବ ଥାଏ । ଅନ୍ୟ ସବୁ କାର୍ଯ୍ୟରେ ମଧ୍ୟ ଛନ୍ଦି ହୋଇଯାଇଥାଏ । ସେହି ଦୁର୍ଘଟଣା ହିଁ ମୋତେ ଏକ ନୂତନ ଜୀବନ ଶୈଳୀ ଶିଖେଇଦେଲା । ସେବେଠାରୁ ପ୍ରତିଦିନ ଲେଖି ଚାଲିଛି, ଜାଣିନି ମୋ ଲେଖାର ମାନ କେମିତି ଲାଗେ ପାଠକଙ୍କୁ । ହେଲେ ପ୍ରତି ପୋଷ୍ଟରେ ନମ୍ବର ଦେଇଦିଏ ଏଇଥିପାଇଁ ଯେ, ପାଠକ ପାଠ କରି ମୋତେ ଭୁଲ, ଠିକ ଦର୍ଶାଇ ସମୀକ୍ଷା କରିପାରିବେ ବୋଲି । ସେଇଆ ହିଁ ହୁଏ, ପ୍ରତିଦିନ ପୋଷ୍ଟ ପରେ କେହିନା କେହି ପଢ଼ି ମତାମତ ଦିଅନ୍ତି ଏବଂ ସଂଶୋଧିତ ଶବ୍ଦ ମଧ୍ୟ ବତାଇ ଦିଅନ୍ତି । ଯୋଉଟାକୁ ମୁଁ ସସମ୍ମାନରେ ଗ୍ରହଣ କରିଛି ।

ସିଏ ଯାହାବି ହେଉନା କାହିଁକି ମୋ କାହାଣୀ ଟିକେ ନିଆରା । ମୋ ଜାତକ, ରାଶି, ନକ୍ଷତ୍ର ଯିଏ ବି ଦେଖିଛନ୍ତି କୁହନ୍ତି “ତୋ ଭାଗ୍ୟରେ ସୁଖର ସ'ଅକ୍ଷର ନାହିଁ" । ତେଣୁ ଏହି ପାରିବର୍ତ୍ତିତ ଜୀବନଶୈଳୀକୁ ବଜାୟ ରଖିବାକୁ ଏବଂ ସାହିତ୍ୟକୁ ଚିର ସହଚର କରିବାକୁ ଆପଣମାନଙ୍କର ଆଶୀର୍ବାଦ ଭିକ୍ଷା କରୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଳେସି

ସିଦ୍ଧେଶ୍ୱର ତ୍ରିପାଠୀ



ମଧୁ ଦେହୁରୀ ଦେହରେ ଦିଅଁ ଲାଗନ୍ତି । ସିଏ ଏଇ ମଲ୍ଲୀପୁର ଗାଁର ପୁରୁଣା କାଳେସି । ବୟସ ତାକୁ ଷାଠିଏ ଛୁଇଁବଣି । ଗାଁରେ ତାର ଭାରି ଖାତିରି ତା ଦିହରେ ମଙ୍ଗଳା ଲାଗନ୍ତି । କେତେ ଲୋକଙ୍କର କେତେ ଦୁଃଖ ଦୂର କରନ୍ତି ମାଆ ।

କାହାକୁ ରୋଗରୁ ଭଲ କରିଛନ୍ତି ତ କାହାକୁ ବିପତ୍ତିରୁ ଉଦ୍ଧାର କରିଛନ୍ତି କାହା ଶୁନ୍ୟ କୋଳକୁ ନନ୍ଦନ ଦେଇଛନ୍ତି । ଆଉ କାହାକୁ କନ୍ୟା ରତ୍ନ । ଏଇ ପଧାନ ଘର ବୋହୁ କଥା ଦେଖୁନ ତାର ଚାରି ପୁଅ ଝିଅଟିଏ ପାଇଁ ଭାରି ମନ ଦୁଃଖ ଥିଲା ସେଇ ମଧୁ ଦେହୁରୀ ହୁକୁମରୁ ପରା ତାର ଝିଅଟିଏ ହେଲା । ସମସ୍ତଙ୍କ ମନ ଭାରି ଖୁସି ।

ମଙ୍ଗଳା ମନ୍ଦିର ଝାମୁ ପଣା ପୂଜା ପାର୍ବଣ କେତେ ଘଣ୍ଟି ମାଟି ଘୋଡା ବାନା ବାଉଁସ ଏମିତି ଭକ୍ତିମୟ ପରିବେଶରେ ଚାଲେ ସମୟ ।

ଏବେ କିନ୍ତୁ  ମଧୁ ଦେହୁରୀ ବିବାଦର ଶୀର୍ଷରେ । ଲୋକ ତାକୁ ଭଣ୍ଡ ମିଛୁଆ ଠକ ବୋଲି କହିଲେଣି । ବୁଝୁ ବୁଝୁ କଥାଟା ଏମିତି ଫିସନ ପରି ଏଥର ବି ଗାଁରେ ଝାମୁ ହେଲା ଦିଅଁ ଆସିଲେ ସବୁ ଦୁଆରେ ପଣା ପିଇଲେ ଦୀପ ବଳିତା ଖାଇଲେ ଆଶୀର୍ବାଦ ଦେଲେ । ହେଲେ ମହାନ୍ତି ଘର ପଣା ପିଇଲେନି କି ତାଙ୍କ ଦୁଆରେ ରହିଲେନି । ବୁଝିଲା ବେଳକୁ ଜଣା ପଡିଲା ଏଇ ଛଅ ମାସ ତଳେ ଏଇ ଜମି ଜମା ବିବାଦକୁ ନେଇ ମହାନ୍ତି ବାବୁ ମଧୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେହୁରୀକୁ ଗାଳି କରିଥିଲେ । ସେଇ କଥାଟାକୁ ଗଣ୍ଠି କରି ସେ ଏବର୍ଷ ଆଉ ମହାନ୍ତି ଘର ଦୁଆରେ ପଣା ପିଇଲାନି ।

ଝାମ୍ପୁ ସରିଲାଣି ଆସନ୍ତା ରବିବାର ଗାଁ ସଭାରେ କଥା ପଡିବ । ଏ ମଧୁ ଦେହୁରୀ ଦିହରେ ଦିଅାଁ ଫିଅାଁ କିଛି ଲାଗୁନାହାନ୍ତି ଏ କଥାଟା ସ୍ୱଷ୍ଟ ହେଇଯିବ । ସଭା ତ ଆଉ ଦି ଦିନ ଅଛି ହେଲେ ମାଆ ମଙ୍ଗଳାଙ୍କ ପ୍ରସିଦ୍ଧ କାଳେସି ମଧୁ ଦେହୁରୀ ଆଉ ଗାଁରେ ଦିଶୁନି ।

କୁଣ୍ଡିଲୋ ଖୋର୍ଦ୍ଧା

୭୦୦୮୩୧୫୦୪୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହାରିବା ଶିଖିନି ସିଏ

ସୁନନ୍ଦା ମହାନ୍ତି



ଜୀବନ ଯୁଦ୍ଧରେ ନିଜକୁ ପରାଜିତ ସୈନିକଟିଏ ବୋଲି କେବେ ଭାବିନାହାନ୍ତି ସିଏ । ବୟସ ପାଖାପାଖି ସତୁରୀ ହେଲେ ବୟସର ଅପରାହ୍ନକୁ ବେଖାତିର କରି ସମସ୍ତଙ୍କ ଆଗରୁ କାଉ କା କା କହିବା ପୂର୍ବରୁ ସେ ଉଠନ୍ତି । ରାତିରୁ ସଜାଡି ସୁଜୁଡ଼ି ରଖିଥିବା ପସରାର ଆସରାରେ ଷ୍ଟେସନ ଚାଲିଯାଆନ୍ତି ରଘୁ ମଉସା । ଷ୍ଟେସନରେ ହିଁ ନିତ୍ୟକର୍ମ ବଢ଼େଇ ଧୁଆ ଶୁଖା କରି ସ୍ୱଚ୍ଛ ଅଖା ଓ ଗାମୁଛା ପାରି ବସିଯାଆନ୍ତି ଝାଲମୁଢି ପୂର୍ବ ପ୍ରସ୍ତୁତିରେ । ପିଆଜ, ଟମାଟୋ, ଗାଜର, କାଞ୍ଚା ଲଙ୍କା, ଧନିଆଁ ପତ୍ର ସବୁ କାଟି ଡବାମାନଙ୍କରେ ଭର୍ତ୍ତି କରି ନିଜେ ବି ପ୍ରସ୍ତୁତ ହୋଇଯାଆନ୍ତି । ପଛକୁ ପଛ ଟ୍ରେନ ସବୁ ଲାଗୁଥାଏ ଷ୍ଟେସନର ପ୍ରଥମ ପ୍ଲାଟଫର୍ମଠୁ ଶେଷ ପ୍ଲାଟଫର୍ମ ଯାଏଁ । ଲକ୍ଷ ରଖିଥାନ୍ତି ରେଳଗାଡି ଘୋଷଣାକୁ, ଯାତ୍ରୀମାନେ ଦୟାକରି ଧ୍ୟାନ ଦିଅନ୍ତୁ ଅମୁକ ଗାଡି, ସମୁକ ନମ୍ବର, କୋଉ ପ୍ଲାଟଫର୍ମରେ ଲାଗିବ । ପସରା ବେକରେ ଓହଳେଇ ଚାଲନ୍ତି ପ୍ରଥମରୁ ଶେଷ ପ୍ଲାଟଫର୍ମ ପର୍ଯ୍ୟନ୍ତ । ଭଲ ବିକ୍ରୀ ହୁଏ । ସକାଳ ନିତ୍ୟକର୍ମଠୁ ଆରମ୍ଭ କରି ମଧ୍ୟାର୍ହ୍ଣ ଭୋଜନ ସେହି ପ୍ଲାଟଫର୍ମରେ । ଭଲ ଦି ପଇସା ହୁଏ ତ ସେହି ପଇସାରେ ଲୁନା ଖଣ୍ଡେ କିଣି ଏଣିକି ଆସନ୍ତି ରଘୁ ମଉସା ।

ଘରେ ଖାଲି ଉପସ୍ଥିତି । ଷ୍ଟେସନ କିନ୍ତୁ ତାଙ୍କ ଘର । ଝୁରେ ତାଙ୍କ ଅନୁପସ୍ଥିତି ଷ୍ଟେସନ । ସେଦିନ ପଡିଯିବା ପରେ ତାଙ୍କର ଅନୁଭବ ହୋଇଥିଲା, ବୟସର ଅପରାହ୍ନରେ ନିଜେ ନିଜର ସାହାରା ହେବା ସହ ଅନ୍ୟ ମାନଙ୍କର କିଛି କରି ନପାରିଲେ ପରିବାର, ଜ୍ଞାତି କୁଟୁମ୍ବ ସମସ୍ତଙ୍କ ପାଇଁ ବୋଝ । ସମସ୍ତଙ୍କର ବି ଏମିତି ଦିନ ଆସିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି କହୁଥିବା ବୁଝୁଥିବା ଲୋକ ମଧ୍ୟ ବୁଝିପାରେ ନାହିଁ ଅନ୍ୟର ପରିସ୍ଥିତି । ଅଲୋଡ଼ା ହୁଏ ବିଚରା ବୟସର ଅପରାହ୍ନରେ ପହଞ୍ଚିଥିବା ମଣିଷମାନେ । ସ୍ତ୍ରୀ ପୁରୁଷ ନିର୍ବିଶେଷରେ ଜରାନିବାସୀ ହୁଏ । ତେଣୁ ଅନ୍ୟର ବୋଝ ନହେବା ପାଇଁ କିଛି କରିବାକୁ ରଘୁ ମଉସା ସଦା ବ୍ୟାକୁଳ । ଏତେ ଦିନର ଅନୁପସ୍ଥିତି ପରେ, ରଘୁ ମଉସା ପୁଣି ଫେରିଛନ୍ତି, ଚଳଚଞ୍ଚଳ ଷ୍ଟେସନରେ ସାମିଲ ହେବାକୁ ।

ସବୁ ଯାତ୍ରୀ ଯେମିତି ତାଙ୍କୁ ଅପେକ୍ଷା କରିଛନ୍ତି, ଝାଲମୁଢିର ସ୍ୱାଦ ପାଇବା ପାଇଁ ସମସ୍ତେ ବ୍ୟାକୁଳ । ଏବେ ରାତିରେ ବି ଆଉ ଘରକୁ ଯାଆନ୍ତି ନାହିଁ ରଘୁ ମଉସା । ବହୁଦିନର ଅଭିଜ୍ଞତା ପରେ ସବୁଦିନ କିଛି ନା କିଛି ବୋହୁ ପାଇଁ ନେଇକି ଘରକୁ ଫେରୁଥିବା ମଉସା କେବଳ ରାତିଟା କଟାନ୍ତି ଘରେ । ନା ଦିନର ଜଳଖିଆ ନା ମଧ୍ୟାହ୍ନ ଭୋଜନ ଏମିତିକି ରାତି ଭୋଜନ ବି ସାରି ଦେଇଥାନ୍ତି । ଗଲାବେଳେ ବୋହୁ ପାଇଁ କିଛି ନା କିଛି ଜଳଯୋଗ ସହ ଘରକୁ ତଟକା ପରିବା ନେବାକୁ ମଧ୍ୟ ଭୁଲନ୍ତି ନାହିଁ । କିନ୍ତୁ ପଡିଯାଇ ବେଉସା ବନ୍ଦ ହେବା ପରେ ଘରେ ପରଝିଅ ବୋହୁ ଯେଉଁ ବ୍ୟବହାର ଦେଖେଇଲା ଛାଡ଼ ନିଜ ଜନ୍ମିତ ପୁଅ ବି କଥା କଥାକେ ଅପମାନିତ ଓ ଅସମ୍ମାନିତ କରୁଥିଲା ବାପାଙ୍କୁ ।

ଏବେ ଏବେ ଯେବେ ଦୂରରୁ ଗାଡି ଆସେ ରଘୁ ମଉସା ଝାଲମୁଢି ପସରା ଆସରା ହୋଇଥାଏ ଯାତ୍ରୀଙ୍କ ଖାଦ୍ୟ ହିସାବରେ ରାତି ଅଧରେ । ଆଉ ଦୂରରୁ ଜଳୁଥିବା ଦିକ ଦିକ ଲଣ୍ଠନ ଆଲୁଅରେ ହସୁଥାଏ ନିଛାଟିଆ ଷ୍ଟେସନର ଅନ୍ଧାରୀ ମୁଲକ । ବଡ଼ ବଡ଼ ଲାଇଟ ଆଲୁଆଲରେ ରଘୁମଉସାଙ୍କ ଝାଲମୁଢି ପସରା ଷ୍ଟେସନର ଅନତି ଦୂରରେ ସ୍ୱାକ୍ଷର ବହନ କରୁଥାଏ ବୟସର ଅପରାହ୍ନର ବି ଚମକ ଅଛି ମହକ ଅଛି ନିଶ୍ଚୟ ।

ସାକ୍ଷୀଗୋପାଳ, ପୁରୀ

୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆଟିଏ ପୁଅଟିଏ

ଡଃ ନାରାୟଣ ଚନ୍ଦ୍ର ସେନାପତି



ଆଃ ! ଆଃ ! କି କଷ୍ଟ !

ବୋଉ, ବୋଉ ଲୋ, ମୁଁ ଆଉ ବଞ୍ଚିବିନି ଲୋ ବୋଉ, ମୁଁ ଆଉ ବଞ୍ଚି ପାରିବିନି ।

କିଛି ହେବନିରେ ଧନ । ତୁ ପୁରା ଭଲ ହୋଇଯିବୁ ।

ହେ ଜଗନ୍ନାଥ, ମୋ ସ୍ୱାମୀକୁ ତ ମୋ ଠୁଁ ଛଡେଇ ନେଲ । କେବଳ ଏ ଛୁଆ ବକଟକ ମୋ ସାହାରା । ତାକୁ ବଞ୍ଚେଇ ଦିଅ ପ୍ରଭୁ ।

ଅନେକ ଦିନ ବିତିଯାଇଛି ମାଆ ମିନତିର ଆଖି ଲୁହରେ, ଅନେକ ରାତି ବିତି ଯାଇଛି ପୁଅ ସନ୍ତୋଷ ଭଲ ହେବା ପାଇଁ ରାତି ଅନିଦ୍ରାରେ । ଶେଷରେ ସୁସ୍ଥ ହୋଇ ଯାଇଛି ସନ୍ତୋଷ ।

ଆରେ ଧନ, ତୋତେ ଗୋଟେ କଥା ପଚାରିବି ସତ କହିବୁ ?

ହଁ ବୋଉ, ପଚାରୁନୁ ?

ଧନରେ, ତୁ ବଡ଼ ହୋଇଗଲେ, ଏ ଦୁଃଖିନୀ ମାଆଟାକୁ ଭୁଲିଯିବୁନି ତ ?

ନାଁ ଲୋ ବୋଉ, ତୁ ପରା ମୋ ପାଇଁ ଦେବୀ ଠାକୁରାଣୀ । ମୋତେ ବଞ୍ଚେଇ ବଢେଇ ଏଡ଼େ ଟେ କରିଛୁ, କେମିତି ତୋତେ ଭୁଲି ଯିବିଲୋ । ଜୀବନରେ ଯେତେ ଝଡ ଝଞ୍ଜା ଆସିଲେ ବି ତୁ ମୋ ପାଇଁ ସେଇ ଦେବୀ ହୋଇ ରହିଥିବୁ ଲୋ ।

*କହିଲ ଦେଖି, ସନ୍ତୋଷ କଣ ଭୁଲି ଯାଇପାରେ କେବେ ତା ମାଆକୁ ?*

ସନ୍ତୋଷ ପଢିଲା ନୂଆ ଦିଲ୍ଲୀରେ । ଭଲ ପାଇଲା ହେଲେନା ପରି ଏକ ଦିବ୍ୟ ସୁନ୍ଦରୀ ଆଧୁନିକାକୁ, ବିବାହ କଲା ନିଜ ମାଆର ସମ୍ମତିରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ କେବେ କଣ ପୁଅର ଖୁସିକୁ ଏଡେଇ ଦେଇ ପାରେ ?

ସନ୍ତୋଷର ମନରେ କିନ୍ତୁ ମାଆର ସ୍ଥାନ ସେଇମିତି ଥାଏ ।

କିଛି ଦିନଗଲା ପରେ ସନ୍ତୋଷଙ୍କର ସବୁ କଥାରେ ମାଆ ମାଆକୁ, ହେଲେନା ସହି ପାରିଲେ ନାହିଁ ।

ଏପଟେ ସନ୍ତୋଷ ମଧ୍ୟ ହେଲେନାଙ୍କୁ ଏତେ ଭଲ ପାଉଥିଲେ ଯେ ତାହା ପ୍ରକାଶ କରି ହେବନି ।

*ଦିନେ ହେଲେନା କହିଲେ ସନ୍ତୋଷ, ତୁମେ ସବୁଠୁ କାହାକୁ ବେଶି ଭଲ ପାଅ କହିଲ ?*

ସନ୍ତୋଷ କହିଲେ ପ୍ରଥମେ ମୋ ମାଆ, ତା ପରେ ତୁମକୁ ।

ହେଲେନା ହସି ଦେଲେ ହେଲେ ଭିତରେ ପ୍ରଥମ ଶୁଣିବାର ଡାକ ତାଙ୍କ ମନରେ କୁହୁଳିଲା । ଯୋଜନା ପରେ ଯୋଜନା ପାଞ୍ଚିଲେ କେମିତି ମାଆଙ୍କୁ ଭଲ ପାଇବା ହଟାଇବାକୁ ।

ଏକ ସମର ଭେକେସନରେ ଗାଆଁରେ ରହିଲେ ସନ୍ତୋଷ ହେଲେନା ମାଆ ମିନତିଙ୍କ ପାଖରେ । ଶୁଣିଥିବା କଥା ଆଉ ଏବେ ଦେଖିବା କଥା ତାଙ୍କୁ ଆହୁରି ଜଳାଇ ଦେଲା । କି ମାଆ ସ୍ନେହ ! କି ମାଆ ପୁଅଙ୍କ ଭଲ ପାଇବା ! ସହି ପାରିଲା ନାହିଁ ହେଲେନା । ଯୋଜନା କରି କିଛି ଜରୁରୀ କାମ କହି ଫେରିଲେ ଦିଲ୍ଲୀ ସନ୍ତୋଷଙ୍କ ସହ ।

ଦିନେ ହେଲେନା କହିଲେ ସନ୍ତୋଷ, ମାଆଙ୍କୁ ଏତେ ଭଲ ପାଉଛ, ହେଲେ ଟିକେ ମାଆଙ୍କୁ ଆଣୁ ନା, ଆମ ପାଖରେ ରହନ୍ତେ, ଖୁସି ମନାନ୍ତେ । ସନ୍ତୋଷ ମାଆକୁ ଆଣିଲେ । ହେଲେନା ଛୋଟ ଛୋଟ ଅଭିଯୋଗ ଆଣୁଥାନ୍ତି ମାଆଙ୍କ ବିରୁଦ୍ଧରେ ଚାଲାକିରେ ସନ୍ତୋଷଙ୍କ ପାଖରେ । ଏଇ ଜିନିଷ ପାଉନି, ଏଇଟା ରଖିଥିଲି ଖାଇବାକୁ କିଏ ନେଇ ଗଲା, ସନ୍ତୋଷ ଏସବୁକୁ ହାଲୁକା ନେଉଥାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ ବାହାରିଲେ ଘରକୁ । ଠିକ୍ ତା ପୂର୍ବଦିନ ରାତିରେ ହେଲେନା ନିଜ ସୁନା ଚେନକୁ ଲୁଚାଇ ଦେଲେ ମାଆଙ୍କ ବ୍ୟାଗ୍ ରେ । ଆଉ ସକାଳୁ ପିନ୍ଧିବା ପାଇଁ ଖୋଜି ନ ପାଇବାରୁ ମାଆ ବିରୁଦ୍ଧରେ ଅଭିଯୋଗ ଆଣିଲେ ସନ୍ତୋଷଙ୍କ ପାଖରେ । ସନ୍ତୋଷ ହେଲେନା ଉପରେ ବିରକ୍ତ ହେଲେ, ଆଉ ହେଲେନାଙ୍କ ସହ ଝଗଡା ଦେଖି ମାଆ ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ଶେଷରେ ମାଆଙ୍କ ବ୍ୟାଗ୍ ଚେକ୍ କଲା ପରେ ହାର ଦେଖି ସେ ମୁଣ୍ଡ ନୁଆଁଇଲେ । ହେଲେନା ଜିଦ୍ ଧରିବାରୁ ସନ୍ତୋଷ କହିଲେ, *ଛି ଛି ବୋଉ, ଧିକ ତୋ ମାଆ ପଣିଆ, ଶେଷରେ ତୁ ଏତେ ତଳକୁ ଖସିଗଲୁ !*

ସନ୍ତୋଷଙ୍କ ଧିକ୍କାର ଓ ତିରସ୍କାର ଶବ୍ଦ ଆଘାତରେ ମାଆ ସବୁ ଆଶା ଭରସା ହରାଇ ଫେରି ଆସିଲେ ନିଜ ଭିଟା ମାଟିକୁ, ଅତୀତର ସ୍ମୃତିକୁ ଭାଳି, ଶୋଇଗଲେ ନିଜ ଶରଧାର ଶେଯରେ ।

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନୁଭୂତି

ଏଲିଜା ଜେନା



ସୃଷ୍ଟିକର୍ତ୍ତାଙ୍କର ବିଚିତ୍ର ସୃଷ୍ଟିରେ ମୁଁ ଏକ କ୍ଷୁଦ୍ରାତିକ୍ଷୁଦ୍ର ଜୀବ । ଏକଥା ସେ ହିଁ ଜାଣନ୍ତି ଯେ ମୁଁ କି କି କାର୍ଯ୍ୟ କରିବା ପାଇଁ ଏ ସଂସାରକୁ ଆସିଛି । ଦୁଃଖ ଜର୍ଜରିତ କଷ୍ଟ-କ୍ଲେଶ-ଜଞ୍ଜାଳ, ଝଡ-ଝଞ୍ଜା, ଆପଦ, ବିପଦ, ସୁଖ-ସୌଭାଗ୍ୟ, ଶ୍ରୀ ବିଭୂତି ଅନୁଭବ କରିବା ହିଁ ମନୁଷ୍ୟ ଜୀବନର ସାର୍ଥକତା । ଜଞ୍ଜାଳଶୂନ୍ୟ ଜୀବନ ଜୀବନ ନୁହେଁ । ଦୁଃଖ ସୁଖକୁ ସାଥିରେ ଧରି ପାପପୁଣ୍ୟ ପୂର୍ଣ୍ଣ ଗାଣ୍ଠିଲିକୁ ପିଠିରେ ଲଦି ଜୀବନ ପଥରେ ଚାଲିବା ପାଇଁ ମୁଁ ଉଚିତ୍ ମନେ କରେ । ସମୟ ଥିଲା ମୁଁ ପରିବାରବର୍ଗଙ୍କ ସହିତ ଆନନ୍ଦ ଉଲ୍ଲାସ ହର୍ଷ ଉତ୍ସାହରେ ଜୀବନ ବିତାଉଥିଲି । ମୋ ସହିତ ନୂତନ ଗୁରୁ ଗୁରୁଜନ, ପରିଜନ, ଜ୍ଞାତି କୁଟୁମ୍ବ ସହଚରଙ୍କ ସହିତ ଖାପ ଖୁଆଇ ବଞ୍ଚିବାକୁ ପଡୁଛି । ସେମାନଙ୍କ ସୁଖ ଦୁଃଖରେ ଅଂଶିଦାର ହୋଇ ଦୁଃଖ ବେଳେ ଦୁଃଖ, ସୁଖ ବେଳେ ସୁଖକୁ ଆପଣେଇବାକୁ ପଡୁଛି ବିଚାରୁଛି ଏଇ ଜୀବନ ବହୁତ ଭଲ । ଈଶ୍ୱରତୁଲ୍ୟ ଶାଶୁ, ଶଶୁରଙ୍କ ସେବା ତଥା ପରିବାରର ଗୁରୁ -ଲଘୁ ବ୍ୟକ୍ତିବିଶେଷଙ୍କ ନିଜ ମର୍ଜିରେ କାମ ଦାୟିତ୍ୱପୂର୍ଣ୍ଣ ହିସାବରେ କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ନ୍ୟାୟିକ ଓ ଉଚିତ୍ କର୍ତ୍ତବ୍ୟ କାୟ ମନୋବାକ୍ୟରେ କରିଚାଲିଲେ ଜୀବନ ଦୌଡ଼ରେ ଜିତିବାକୁ ହୋଇଥାଏ । ଝିଅ ଥିଲି ବୋହୂ ହେଲି । ବୋହୂର କର୍ତ୍ତବ୍ୟ କରିବା ନିଶ୍ଚିନ୍ତ ସତ୍ୟ । ଏଥିପାଇଁ ପ୍ରେରଣା, ଉତ୍ସାହ ସଙ୍ଗେ ଲୋଡା । ସର୍ବୋପରି ପିତା-ମାତା ଗୁରୁଜନମାନଙ୍କ ସ୍ନେହ ସଦିଚ୍ଛା ମୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଥା ଉପରେ ଥାଉ ।

ହେ ଈଶ୍ୱର ! ମୋତେ ଶକ୍ତି ଦିଅ, ସାମର୍ଥ୍ୟ ଦିଅ, ମୁଁ ଯେପରି କର୍ତ୍ତବ୍ୟ ପଥରୁ ବିଚ୍ୟୁତ ନ ହୁଏ ।

"*ବରଂ ମୁଁ ହୀନ, ନଗନ୍ୟ ଛୋଟ ହୁଏ, କିନ୍ତୁ ଭଲ ହୁଏ* ।"

*ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ*

*ପିତରି ପ୍ରୀତିମା ପୂର୍ଣ୍ଣେ ପ୍ରିୟନ୍ତି ସର୍ବଦେବତା*

ସେଦିନ ଥିଲା ୨୦୧୪ ମସିହା ଅଗଷ୍ଟ ମାସ ୨୨ ତାରିଖ । "*ବାବା*" ଡାକିବାର ଆତ୍ମତୃପ୍ତି ଆଜି ସରିଯାଇଛି । ତଥାପି ଆପଣଙ୍କ ପରି "*ବାବା*" ଭାଗ୍ୟରେ ଥିଲେ ସମ୍ଭବ । ପୂର୍ଣ୍ଣତା ଭିତରେ ଆପଣଙ୍କ ଅନୁପସ୍ଥିତି ସୃଷ୍ଟି କରୁଛି ଏକ ଅପୂରଣୀୟ ଓ ଅସହାୟ -ଶୂନ୍ୟତା । ତୁମର ସେଇ ସ୍ନେହଭରା "*ବୋହୂ*" ଡାକ ମନେ ପଡିଲେ ଆଖିରେ ଲୁହ ଆସିଯାଉଛି । କାହିଁ କେଜାଣି ମନ ମାନୁନି ଏହି ସତ୍ୟକୁ ଆପଣେଇବା ପାଇଁ । ତେବେ ଆପଣ ଯେ ଏତେ ଶୀଘ୍ର ଆମ୍ଭମାନଙ୍କୁ ଛାଡି ଶୋକସାଗରରେ ଭସାଇ ଆରପାରିକୁ ଚାଲିଯିବେ ଏହା ଥିଲା ମୋ କଳ୍ପନାର ବାହାରେ । ଆପଣଙ୍କର ଅକାଳ ମୃତ୍ୟୁର ଖବର ଯିଏ ବି ଶୁଣିଲେ ସିଏ ବିଶ୍ୱାସ କରିପାରିଲେ ନାହିଁ । ଆପଣଙ୍କ ପରି ଏକ ଦେବୋପମ ବ୍ୟକ୍ତିଙ୍କ ଅବର୍ତ୍ତମାନରେ ଆଜି ସମସ୍ତ ସ୍ୱଜନ, ସାଥି ସହୋଦର ସ୍ତବ୍ଧ ଓ ମର୍ମାହତ । "*ବୋହୂ*" ହୋଇ ଆସିବା ଦିନଠାରୁ ଆପଣ ଯେଉଁ ସ୍ନେହ, ମମତା ଢାଳି ଦେଇଛନ୍ତି ତାହା ମୋ ହୃଦୟରେ ଏକ ଲକ୍ଷ୍ମଣ ରେଖା ଭଳି । ଏହା ଏକ ଅଲିଭାଗାର ସଦୃଶ । ତୁମର ସେହି ଅଭୁଲା ସ୍ମୃତି ଛଳଛଳ ହୋଇ ଆଖି ଆଗରେ ନାଚି ଯାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"*ବାବା*" ଆପଣ ଯେଉଁଠିଥିଲେ ମଧ୍ୟ ଆପଣଙ୍କ ଉପସ୍ଥିତି ଆମେ ସର୍ବଦା ଅନୁଭବ କରୁଛୁ । ସତେ ଯେମିତି ଆପଣ ଚାରିକାନ୍ଥର ଆବଦ୍ଧରେ ଅଛନ୍ତି ।

ସେମିତି ଚିରାଚରିତ ଢଙ୍ଗରେ କଥା କହୁଛନ୍ତି । ମଝିରେ ମଝିରେ ଅଭିମାନ ମଧ୍ୟ କରୁଛନ୍ତି । ଆପଣ ହୁଏତ ସବୁ ଜାଣିପାରିଲେ, ତାହା ନହୋଇ ଥିଲେ ମୋତେ କ'ଣ କହିଥାନ୍ତେ "*ବୋହୂ*" ! "*ବୁଢ଼ୀମା*"ର ସେବା ଯତ୍ନ ତମେ ହିଁ କରିବ । "*ବୁଢ଼ୀମା*" ତମକୁ ଲାଗିଲା । ଆଉ ଏମିତି ଅନେକ କଥା । *ଓମ୍*, *ଶୁଭମ୍* କେମିତି ଭଲ ପାଠ ପଢିବେ, ଭଲ ମଣିଷ ହେବେ ସେଥିପାଇଁ ଆପଣ କେତେ ଚିନ୍ତା କରୁଥିଲେ । ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ ଓ ଆପଣ ସେହି ନିର୍ଜନ ଦ୍ୱୀପରେ ରହିବାକୁ ଚାଲିଗଲେ ।

ପିଲା ଦୁଇ ଜଣ ପଚାରିଲେ *ମାମା* "*ଜେଜେ*" କ'ଣ ତାରା ହୋଇଗଲେ ? ସେମାନଙ୍କୁ କହିଲି, "ଯେଉଁମାନେ ଏ ଦୁନିଆରେ ଭଲ କାମ କରନ୍ତି ସେମାନେ ନକ୍ଷତ୍ର ଭଳି ଉଜ୍ଜ୍ୱଳ ରହି ସମସ୍ତଙ୍କୁ ଆଲୋକ ଦେଖାନ୍ତି । ସତରେ "*ବାବା*" ଆପଣ ଏକ ନକ୍ଷତ୍ର ସଦୃଶ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପ୍ରତିଫଳିତ ହେଉ । ମଉଳି ପଡ଼ିଥିବା ପୁଷ୍ପ ସୂକ୍ଷ୍ମ ରୂପରେ ପୁଣି ସଜହୋଇ ଆମ୍ଭମାନଙ୍କୁ ପ୍ରେରଣା ଦେଉ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାୟ୍ଖା

ରୁଦ୍ରକାନ୍ତ ରାଉତରାୟ



ଜ୍ୟେଷ୍ଠମାସର ଖରାବେଳ, ହଁ ସମୟ ଦିନ ଦୁଇ ପ୍ରହର ପ୍ରାୟ । ହଠାତ୍ କୋଳାହଳର ଶବ୍ଦ ! ପୋଡିଗଲା, ଜଳିଗଲା, ବଂଚାଅ, ଟୁନା ପ୍ରଧାନ ଘର ଆଉ ନାହିଁରେ । ଏଇଭଳି ହୋ-ହାଲ୍ଲା ହେଉଥାଏ । ଖଟ ଉପରେ ଆଉଜି ପଡିଥିଲି ଆଉ ଆଖିଟା ଟିକେ ଲାଖି ଯାଇଥାଏ । ପାଟି ଶୁଣି ଦୌଡିଯାଇ ଦେଖେତ, ଟୁନା ପ୍ରଧାନ ଘର ରୁଅ କାଠ ସବୁ ଯାହା ଜଳୁଛି ଆଉ ସବୁ ଅଗ୍ନିର ଭୀଷଣ ରୂପରେ ଧ୍ୱଂସ । ଚିତ୍କାର କରି ଟୁନା ପ୍ରଧାନ କହୁଥାଏ, ମୋ ଭାଇ 'ବାୟ୍ଖା' କୁ ବଂଚାଅ, ବଂଚାଅ ।

ହେଲେ 'ବାୟ୍ଖା'? ବିଚରାର ଶରୀରର ସାମାନ୍ୟ ଅଂଶଟିକୁ ଅର୍ଥାତ୍ ଦରପୋଡା, କଳା ଜରଜର ଶରୀରକୁ ବହୁକଷ୍ଟରେ ବାହାର କରି ଆଣିଲେ । ହେଲେ ସେ ଶରୀରରେ ନାଁ ଥିଲା ବଳ, ନା ସେ ଲାଳବୁହା ହସିଲା ମୁହଁ, ନାଁ ପାଟିରୁ ଆଉ ଶୁଭୁଥିଲା "ଥବୁ ଭଲ ତ" ।

'ବାୟ୍ଖା', ଏକ ବିସ୍ତାରିତ ନାଁ । ଆମ ଗାଁ ପଦନ ରାଉତର ଗୋଟିଏ ବୋଲି ପୁଅ । ବାପା, ମା' ଗଲାପରେ "କରୁଣି ପ୍ରଧାନ" ମାନେ ତା ମାମୁଁ ତାକୁ ଆଣି ପାଖରେ ରଖିଲେ । ହେଲେ ମାଇଁର କଠୋର ନୀତି ପାଖରେ 'ବାୟ୍ଖା' ସତରେ ବାୟ୍ଖା ହୋଇଯାଇଥିଲା । ମାମୁଁ ପୁଅ ଟୁକୁନା ଆଉ ଝିଅ 'ମାମି' ବାୟ୍ଖା ଠାରୁ ସାନ । ପ୍ରକୃତରେ ବାୟ୍ଖାର ପ୍ରକୃତ ନାଁ 'ସରୋଜ ରାଉତ', ଏବେ ସେ ୪୦ ବର୍ଷର ଭେଣ୍ଡିଆଟାଏ ଥିଲା । ଗାଁରେ କେମିତି କେଜାଣି ଏ 'ବାୟ୍ଖା' ଡାକଟା ପ୍ରସାରିତ ହେଲା କେହି ଜାଣିନି । ସେ ପୂଜା ହେଉ ବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାର୍ବଣ, ମେଳଣ ହେଉକି ଝୁଲଣ, ବିବାହ କିମ୍ବା ବ୍ରତ ବାୟ୍ଖା କିନ୍ତୁ ଗେଟ୍ ପାଖରେ ରହି ସମସ୍ତଙ୍କୁ ମୁଣ୍ଡିଆ ମାରି ତାର ଲାଳଗଡା ପାଟିରେ "ଥବୁ ଭଲ ତ" କହିବା ସହ ନମସ୍କାର ଟାଏ ମାରେ ଆଉ ସମସ୍ତଙ୍କ ଶେଷରେ "ଖାଇ" ଘରକୁ ଫେରେ । ଘର ବୋଲି ଯାହାକୁ ଭାବେ ସେ ଘରେ ତାର ମାମୁଁ ଘର ଲୋକମାନେ ମାମୁଁ, ମାଇଁ ଆଉ ତାଙ୍କ ଦୁଇପିଲା ରହନ୍ତି, ହେଲେ ପାଖ ଗୁହାଳଘର ପାଖରେ ଏକ ପଲାରେ ଆମ ବାୟ୍ଖା ଶୁଏ । ଦିନରେ ୟା ଘରେ ତା ଘରେ ଖାଏ । ଆଉ ରାତିରେ ସେ ଆମ ଘରେ ନଖାଇଲେ ତାକୁ କୁଆଡେ ନିଦ ହବନି କହି ଫେ କରି ହସି କହୁଥିଲା । ଅତୀତର କବର ତଳେ ବନ୍ଦୀ ସେ ହସିଲା, ହସିଲା ମୁହଁ । ସଂପର୍କର କଠୋର ନୀତି ତା ପାଇଁ ବହୁଲ୍ୟ ।

ବାୟ୍ଖା ଥିଲା ଆମ ଗାଁର ଜଗୁଆଳି । ତାକୁ ଯେତେବେଳେ ଡାକ ସେ ଠେଙ୍ଗା ଖଣ୍ଡେ ଧରି ପ୍ରସ୍ତୁତ । ପାଟି ଟିକେ ଲାଗେ ସିନା ହେଲେ ତାର ସେ ନିର୍ମାୟ୍ଖା ଆଉ ଦରଦଭରା କଥା ଗାଁର ଆବାଳ ବୃଦ୍ଧ ବନିତାଙ୍କୁ ତା ପ୍ରତି ଆକର୍ଷଣ କରୁଥିଲା । ଆଜି କାହିଁକି କେଜାଣି ବାୟ୍ଖା ଖରାବେଳେ ମୋ ସହ ଖାଇବା ପାଇଁ ଜିଦ୍ କଲା । ଆଉ ଖାଇସାରି ଗପ କରୁ କରୁ କେତେବେଳେ ଯେ, ମୋ ଆଖି ପଡିଗଲା, ଟୁନାର ଡାକ ଶୁଣି ବାୟ୍ଖା ଦୌଡିଯାଇ ଦେଖେତ ତା ମାମୁଁ ଘର ଜଳୁଛି । ମାମି ଓ ମାମୁଁ, ମାଇଁ ଘରେ ଅଛନ୍ତି ଜାଣି ବାୟ୍ଖା ସେ ନିଆଁକୁ ଡେଇଁପଡି ମାମିଙ୍କୁ ବଡକଷ୍ଟରେ ଉଦ୍ଧାର କଲା । ମାତ୍ର ମାମୁଁ ମାଇଁଙ୍କୁ ଉଦ୍ଧାର କରିପାରିଲା ନାହିଁ । ତାଙ୍କ ସହ ସେ ବି ସେ ଅଗ୍ନି ଜ୍ୱାଳାରେ ...! ବାସି ପଖାଳର ଋଣ "ବାୟ୍ଖା" ଶୁଝିଦେଲା । ହେଲେ ସେପାରିରେ ଯାଇ ତା ମାମୁଁ, ମାଇଁ ତାକୁ କି ଉତ୍ତର ଦେବେ । "ବାୟ୍ଖା" ତ "ବାୟ୍ଖାଟା" ତା ଖନି ଖନି କଥାରେ ଯଦି ସେ ତା ମାଇଁକୁ ପଚାରିଦିଏ "ମାଇଁ ଲୋ ଥବୁ ଭଲ ତ" ମାମୁଁ, ମାଇଁ କ'ଣ ଉତ୍ତର ଦେବେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଉଁଶ ତଳର ନିଆଁରେ ମୁଁ ବାୟାର ସେ ଚପଳତାକୁ ଖୋଜିଲି, ତାର ନରମ, ନିର୍ମାୟା ଚେହେରାକୁ ଅଣ୍ଡାଳି ଚାଲିଲି ହେଲେ ପାଇଲିନି, ମିଳିଲା ତ ଖାଲି ମୁଠାଏଁ ପାଉଁଶ । ବାୟା ପାଇଁ ସମସ୍ତଙ୍କ ଆଖି ଲୁହ ଛଳଛଳ ଆଉ ଗାଁ ମାଇପିଙ୍କ ମୁହଁରେ ତା ମାମୁଁ, ମାଇଁଙ୍କ ପ୍ରତି କୁତ୍ସାରଟନା । 'ବାୟା' ସତରେ ତା ପ୍ରେମରେ ସମସ୍ତଙ୍କୁ ବାୟା କରିଦେଇଥିଲା । ଆଜି ପ୍ରତାରଣା ଦେଇ ଚାଲିଗଲା । ଆଉ ସାହିରେ ପର୍ବ, ପର୍ବାଣୀ, ବିବାହ, ଟେଣ୍ଟ ଗେଟ୍ ଆଗରେ ଛିଡା ହୋଇ କେହି ପଚାରିବେନି "ଥବୁ ଭଲତ" !!!

ଆଡଭୋକେଟ, ଭଦ୍ରକ

ମୋ. ୯୩୪୮୧୮୪୦୫୪

Email- rudrakanta456@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯାହାକୁ ଯାହା ଗଢ଼ିଚି ଦଇବ

ଅଭୟ କୁଣ୍ଡ



ମାନସରୋବରରେ ରହୁଥିଲା ଏକ ରାଜହଂସ । ଖାଦ୍ୟ ଅନ୍ୱେଷଣରେ ସେ ବୁଲୁଥିଲା । ହଠାତ୍ ଏକ ସୁନ୍ଦର ପଦ୍ମ ସରୋବର ଦେଖି ସେ ଭାବିଲା ଏଠାରେ କିଛି ସମୟ ଅଟକି ଯିବି ଓ ପଦ୍ମନାଡ ଖାଇ କ୍ଷୁଧା ମେଣ୍ଟାଇବି । ସରୋବରରେ ପଶି ଖାଦ୍ୟ ଖାଇବାକୁ ଯାଉଛି ହଠାତ୍ ଦେଖିଲା ଏକ ବକପକ୍ଷୀ ଧ୍ୟାନମଗ୍ନ ଭଙ୍ଗିରେ ବସିଛି । ହଂସର ଶବ୍ଦ ଶୁଣି ବକର ଧ୍ୟାନ ଭଙ୍ଗ ହେଲା । ହଂସକୁ ଦେଖି ବକ ଭାବିଲା ଆହା ମୋ ପରି ଏ ମଧ୍ୟ ଜଳରୁ ଖାଦ୍ୟ ଖାଇ ବଞ୍ଚୁଥିବା ପକ୍ଷୀ । ଏ ହଂସ ଗୋଟିଏ ପକ୍ଷୀ ମାତ୍ର ସେ ଏତେ ସୁନ୍ଦର ପୃଥୁଳ ଅଥଚ ମୁଁ ଦୁର୍ବଳ କାହିଁକି ? ରଙ୍ଗ ସମାନ, ମୋର ଥଣ୍ଟ ଓ ଆଖି ତା ଠାରୁ ସୁନ୍ଦର ମାତ୍ର ବେକ ଓ ପାଦ ସରୁ ଚାଲିଲା ବେଳେ ମୁଁ ଡଗ ଡଗ ଚାଲିଯାଏ । ଲୋକେ ମତେ ପରିହାସ କରନ୍ତି । ମୁଁ ଯଦି ତା ପରି ମୋଟା ହୋଇ ଯାଆନ୍ତି ମୋର ବଳ ମଧ୍ୟ ବଢ଼ିଯାଆନ୍ତା ଆଉ ମୁଁ ବକ ପକ୍ଷୀମାନଙ୍କ ରାଜା ହୋଇ ଯାଆନ୍ତି । ତେଣୁ ପ୍ରଥମେ ଏ ହଂସ ପକ୍ଷୀ ସଙ୍ଗେ ବନ୍ଧୁ ହେବି । ସେ ଯାହା ଖାଉଛି ମୁଁ ତାହା ଖାଇବି । ଏ କଥା ବିଚାରି ବକ ହଂସକୁ ଆଦର କରି ଡାକିଲା । ହେ ମରାଳବର ତୁମେ ମୋ ଦିଗକୁ ଆସ । ସେପଟେ ବ୍ୟାଧମାନେ ଫାସ ବସାଇ ପକ୍ଷୀ ଧରନ୍ତି ଓ ମାରି ମାଂସ ଖାଇଥାନ୍ତି । ବିପଦରେ ପଡ଼ିବା ପୂର୍ବରୁ ମୋ ଆଡ଼କୁ ଆସ । ହଂସ ଭାବିଲା ଏ ବକ ବଡ଼ ଦୟାବନ୍ତ ପକ୍ଷୀ । ମତେ ବିପଦରୁ ରକ୍ଷା କଲା ତେଣୁ ମୁଁ ତାହା ସହ ବନ୍ଧୁ ହେବି । ଦୁହେଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ଧୁ ହେଲେ । କେତେ ଦିନ ଖୁସିରେ କଟିଗଲା । ଦିନେ ବକ କହିଲା ବନ୍ଧୁ ଆପଣ ଦେଖିବାକୁ ଖୁବ୍ ସୁନ୍ଦର, କଣ ସବୁ ଖାଉଛନ୍ତି ? ମୋତେ ଦୟାକରି କୁହନ୍ତୁ । ମୁଁ ତାହା ଖାଇଲେ ଆପଣଙ୍କ ପରି ସୁନ୍ଦର ହେବି । କପଟ ନ କରି ହଂସ କହିଲା ମୁଁ ସେ ସବୁ ଦ୍ରବ୍ୟ ଗଙ୍ଗା ନଦୀରୁ ଆଣି ତୁମକୁ ଦେବି । ତୁମେ ଖାଇ ମୋ ପରି ସୁନ୍ଦର ହେବ । ହଂସ ଗଙ୍ଗା ନଦୀରୁ ଖାଦ୍ୟ ଓ ରସ ସଂଗ୍ରହ କରି ଆସି ବକକୁ କହିଲା ଏଇ ନିଅ ମୁଁ ଗଙ୍ଗା ଜଳରୁ କିଛି ରସ କନ୍ଦ ମୋତି ରଜକ କନକ ପଙ୍କ ମକରନ୍ଦ ଆଣିଛି । ଏ ସବୁ ଖାଅ । ଏ ସବୁ ନାଁ ମଧ୍ୟ ବକ ଶୁଣି ନଥିଲା । ଖୁସି ହୋଇ ସବୁ ବଡ କଷ୍ଟରେ ଓ ଆନନ୍ଦରେ ଖାଇଲା । ଏହି ପରି କିଛି ଦିନ ବକ ହଂସଠାରୁ ଆହାର ଖାଇଲା । ନିଜ ଛାଇକୁ ଜଳରେ ଦେଖୁଥାଏ । ଏ କଣ କିଛି ତ ବଦଳିଲାନି ? ମୋଟା ହେବା ବଦଳରେ ମୁଁ ଦୁର୍ବଳ ହେଲିଣି । ଏ ସବୁ ଖାଇ ମୋର କି ଲାଭ ହେଲା । ମୁଁ ହଂସ ଅଇଁଠା ଯାହା ଖାଇଲି ସମସ୍ତେ ମତେ ନିନ୍ଦା କରିବେ । ଅଜାତି କରିବେ । ଏହା ବକ ଜାତି ପାଇଁ ଅପମାନ । ମୁଁ ମଧ୍ୟ ହଂସକୁ ମୋ ଅଇଁଠା ଖୁଆଇ ଏଠାରୁ ତଡ଼ି ଦେବି । ଦିନେ ବଡ଼ ଆଦର କରି ବକ ହଂସକୁ କହିଲା ବନ୍ଧୁ ଆପଣଙ୍କ ଠାରୁ ବହୁତ କିଛି ଖାଦ୍ୟ ଖାଇଲି ଆପଣଙ୍କୁ ମୁଁ ଆଜି ମୋ ଖାଦ୍ୟ କିଛି ଖୁଆଇବି ନ ହେଲେ ଧାରୁଆ ହେବି । ବନ୍ଧୁ ଭାବରେ ହଂସ ମଧ୍ୟ ରାଜି ହେଲା । ବକ ଗାଡିଆରେ ପଶି ଗେଣ୍ଡା ଶାମୁକା ଜୋକ ଓ ମୀନ ମାରି ଖଣ୍ଡେ ଖଣ୍ଡେ ଖାଇ ଆଉ ଖଣ୍ଡେ ଖଣ୍ଡେ ଥଣ୍ଟରେ ଧରିଆଣି ଆଦରରେ କହିଲା ହଂସରାଜ ନିଅନ୍ତୁ ବନ୍ଧୁତା ରକ୍ଷା କରନ୍ତୁ । ଆମିଷ ଗନ୍ଧରେ ହଂସ ଅତିଷ୍ଠ ହେଲା ମାତ୍ର ବନ୍ଧୁତା ରକ୍ଷା ପାଇଁ କିଛି ବାଧ୍ୟ ବାଧ୍ୟତାରେ ଗିଳି ଦେଲା । ଅଖାଦ୍ୟ ଖାଇ ହଂସ ଛଟପଟ ହେଲା । ଚିତ୍କାର କରି କହିଲା ମୁଁ ବଞ୍ଚି ପାରିବି ନାହିଁ । ଏ କି ପ୍ରକାର ବନ୍ଧୁତା ମତେ ଅଖାଦ୍ୟ ଦେଇ ମାରିଦେଲ । ବକ ହସି ହସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲା ତୁମ ଅଇଁଠା ମୁଁ ଖାଇଲି ଆଉ ମୋ ଅଇଁଠା ବିଷ ହେଲା ? ମୋ ଅଇଁଠା ନ ଖାଇ ତୁମେ କିପରି ଯିବ ? ମୋ ଅଇଁଠାର କରାମତି ଜାଣିଲ ତ ? ତୁରନ୍ତ ଏଠାରୁ ପଳାଅ ନ ହେଲେ ମୋ ବକ ଦଳ ତୁମ ପ୍ରାଣ ନେଇଯିବେ । ହଂସ ଭୟରେ ପଳାଇ ଗଲା ।

ସାଧୁମାନେ କୁହନ୍ତି

ଯାହାକୁ ଯାହା ଗଢିଛି ଦଇବ

ସେ କଥା କଣ ଅନ୍ୟଥା ହୋଇବ ।

କୁସଙ୍ଗର ଫଳ ବିଷମୟ ।

ସହକାରୀ ଶିକ୍ଷକ

ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡ଼ିଆଭଙ୍ଗା ତାଲଚେର ଅନୁଗୋଳ

ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଚିଶି ବର୍ଷ ପରେ

ଶିବନାରାୟଣ ଦାସ



ସେଇ କେବେ ହୋଇଥିଲା ଦେଖା
ତୁମ ସହ
ସୁଚରିତା !
ପଚିଶି ବର୍ଷ ତଳେ,
ନଦୀ କୂଳେ
ଅବା ପୁଣି
ଦେବଦାରୁ - ଲିମ୍ବ ଗଛ ମୂଳେ ।
ଝିପି ଝିପି ବରଷାରେ ଭିଜା
ଲାଜ-ଲାଜ ପଣତ ସାଉଁଟି
ଯୌବନର ପ୍ରସ୍ଫୁଟିତ କୃଷ୍ଣଚୂଡ଼ା ତଳେ,
ତୁମେ ମୋତେ ପଚାରି ବସିଲ -
“ଆଉ ପୁଣି କେବେ ହେବ ଦେଖା ?”
ମନେ ଅଛି କହିଥିଲି -
“ପାଶେ ତୁମେ ଥାଅ ବା ନ ଥାଅ,
ସ୍ମୃତିରେ ଆସିବ ଫେରି
ନିଶ୍ଚେ ଆଉଥରେ
ଆଜିଠାରୁ ପଚିଶି ବର୍ଷ ପରେ
ସୁଚରିତା !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଜୀବନରେ" ।
କାଠଯୋଡ଼ି, ମହାନଦୀ ପଠା
ଆଉ କେବେ ଆସିବନି ଫେରି,
ଚନ୍ଦ୍ରଭାଗା ଝାଉଁବଣ ତୋଫା ଚାନ୍ଦିନୀରେ
ତୁମର କଦମ୍ବ-କାନ୍ତି ଦେଖିବିନି ଆଉ,
ଦିଶିବନି ପଦ୍ମ-ଝରା
ମୃଗଶିରା ନୟନ ତୁମର

ପ୍ରତିବିମ୍ବି ସାଗର ଜଳରେ ।
ଆଃ ! ପଚିଶି ବର୍ଷ ତଳେ
ସେ କଥା ତ ଜାଣି ମୁଁ ନ ଥିଲି
ଆଗୋ ସୁଚରିତା !
ତଥାପି କେମିତି ମୋର ମନେ ହୋଇଥିଲା
ତୁମ ସାଥେ ଦେଖା ନ ହେଲେବି
ସ୍ୱପନେ ଆସିବ ମୋର
ନିଶ୍ଚେ ତୁମେ ବାରମ୍ବାର,
ତେବେଠାରୁ ପଚିଶି ବର୍ଷ ପରେ
ସୁଚରିତା !
ହୋଇ ଧ୍ରୁବ ତାରା -
ମୋ ମନକୁ କରି ପ୍ରଜ୍ୱଳିତ ।
କ୍ଲାନ୍ତ ମୁଁ ଯେ ପଥ ଚାଲି ଚାଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମପା-ଚୁପା ସମ୍ପର୍କର

ଲୁଚକାଳି ଖେଳ,

ଜୀବନର ଲେଣ୍ ଦେଣ୍

ମିଛ ଅଭିନୟେ ।

ସମୟ ଯାଇଛି ଢଳି

ଲୋହିତ ଦିଗନ୍ତେ,

ସଫେନ ସମୁଦ୍ର ସତେ

ମଥା ପିଟି ସାଗର ବେଳାରେ

ନୀରବେ ପଡିଛି ଶୋଇ

ବଡ ଅସହାୟେ ।

ସୁଚରିତା  !

ତୁମ କଥା ଆଜି ମୋର

ଭାରି ମନେ ପଡେ ।

ଘୁମନ୍ତ ଆକାଶ ତଳେ

ଶୋଇ ଶୋଇ

ରାତି ଅନ୍ଧକାରେ

ନକ୍ଷତ୍ର ଓ ତାରକାପୁଞ୍ଜର ମେଳେ

ମୁଁ ତୁମକୁ ଖୋଜୁଅଛି

ବାରେ ବାରେ

ଆଜି ଏହି ପଚିଶି ବର୍ଷ ପରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରି ଆସ ସୁଚରିତା,

ମୋ ଜୀବନ୍ତ ସ୍ମୃତିର ସହରେ,

ଆଉ ବି ଶୟନେ ମୋ'ର ସ୍ୱପ୍ନ ରାଇଜରେ,

ଜୀବନର ବାକି ଦିନ ଯେତେ

କଟିଯିବ ତୁମ ସାନିଧ୍ୟରେ,

ହେଲେ ହେଉ ପଛେ ତାହା

ଆଜି ଏହି ପଚିଶି ବର୍ଷ ପରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ ତୁ ଅବର୍ଣ୍ଣନୀ

ଅଶୋକ କୁମାର ବାରିକ

କି ସନମାନ ଦେଲା ତତେ ଏ ସଂସାର

ନିଜ କୋହ ନିଜେ ରଖି କର ଉପକାର ।

ଆକାର କି ବର୍ଣ୍ଣିବି ମୁଁ ତୁ ଜନମ ମରଣ

ନାରୀ ତୁ ନାରାୟଣୀ ବିଶ୍ୱର କାରଣ ।

ତୋ ବିନୁ କେ ଚିହ୍ନି ପାରେ ସୃଷ୍ଟିର କାହାଣୀ

ଚିତ୍ତ ଚରଣ ନୟନ ଭାଷା କି ବର୍ଣ୍ଣନି ।

ପାଶ ତୋର ଚନ୍ଦନର ବାସ

ଚାନ୍ଦ କି ହୋଇବ ତୋ ହରଷ ।

ହିମ ତରଳ ରବିର କିରଣେ

ନାରୀ ଆର୍ଦ୍ର ହୁଏ ତରୀ ଶରଣେ ।

ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ତୁ ଦୁର୍ଗତି ନାଶିନୀ

ନାଶୀ ନାଶ କରୁ ତୁହି କାଞ୍ଚନ କାମିନୀ ।

ଅଧୁନା ଧିମା କି ହେଲା ତୋ ମହିମା

କାଗଜ କଲମ ଲାଗିଲା ତୋ ସୀମା ।

ଲଜ୍ଜା, ଜଳାଜଂଳି ଭୁଲିଲା ଏ ଜନ

ଯାତନା ଦିଏ ଦେଇ ନାନା କ୍ରୁରମନ ।

ଜ୍ଞାନୀ ଗୁଣି ଜଣେ ଜଣାଏ ତୋ ମାନ

ଅଜ୍ଞାନ କି ବୁଝେ ତୋର ଏ ସମ୍ମାନ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୁଗର ଆରମ୍ଭ ତୁ ଜଗଦମ୍ବା
ବିନୁ ତୋର ଶୋଭା ଦିଶେ କି ନୀଳିମା ।
ଶାଶ୍ୱତ, ସାଧନା, ସାରସ୍ୱତ
ସତ୍ୟ, ଚିର, ଚିରନ୍ତନ ତୋ ଚିତ୍ତ ।
ସଂସାର ଦେଖିବ ତୋ ଅତୀତ
ଜାଣିବ ତୋ ଗୁଣ ରଖିବ ତୋ ନେତ ।
ନାରୀ ତୁହି ଶକ୍ତି ହୋଇ ନେବୁ କି ଶପଥ
ସତପଥ ସତ୍କର୍ମ କି ହୋଇବ ସମର୍ଥ ।
ଅଗ୍ର ପୂଜ୍ୟ ମାତା ତୁଲୋ ମାତୃ ତୁ ଶ୍ୟାମ ର
କେତେ ରୁପବର୍ଣ୍ଣ କେତେ ସୌନ୍ଦର୍ଯ୍ୟ ତୋହର ।
ଏତେ ରୂପବତୀ, ଗୁଣବତୀ ହୋଇ
ପୋଷୁ ତୁ କୁଟୁମ୍ବ ଭାର ଗୃହଲକ୍ଷ୍ମୀ ସେଇ ।
ସଂସାରେ ମିଳିବ ମାନ ଭୁଲିଲେ ଅଭିମାନ
ତୋର ତୁଳନା କାହିଁ ଏ ଜଗତମାନ ।

ବେରୁଆଁବାରୀ (ଦେଉଳ ସାହି)
ନୟାଗଡ
ଦୂରଭାଷ -୮୭୩୭୨୩୫୭୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସିଲେ ମା' ଗଜଲକ୍ଷ୍ମୀ

ଅକ୍ଷୟ କୁମାର ସାହୁ



ଆସିଥିଲେ ଦୂର୍ଗା  ଦୁର୍ଗତି ନାଶିନୀ
ସର୍ବ ଶକତି ସମ୍ପନ୍ନା,
ଆସିଛନ୍ତି ଏବେ  ମାଆ ଗଜଲକ୍ଷ୍ମୀ
ଧନଦାତ୍ରୀ ଅନ୍ନପୂର୍ଣ୍ଣା ।।୦।।

ଜ୍ଞାନ ଭକତିରେ  ନୟନ ନୀରରେ
ଶ୍ରଦ୍ଧାରେ ପୂଜିଲେ ତାଙ୍କୁ,
ହୋଇବେ ପ୍ରସନ୍ନ  ଧନ ଧାନ୍ୟେ ପୂର୍ଣ୍ଣ
କରିବେ ଆମମାନଙ୍କୁ ।
କୃପାବଳେ ଦୁଃଖ  ଦୈନ୍ୟ ଦୂର ହେବ
ଧନ୍ୟ ମାତାଙ୍କ କରୁଣା ।।୧।।
ଆସିଥିଲେ ଦୂର୍ଗା................।

ସୁନାର ଫସଲ  କ୍ଷେତରେ ଫଳିବ
ହସିବ ଚାଷୀ ସଂସାର,
କୃଷକ ହସିଲେ  ହସିବେ ସକଳେ
ଆଭାବ ହୋଇବ ଦୂର।
ଅନ୍ତରରେ ଭାବ  ଭକ୍ତିରେ  ପୂଜିଲେ
ଲଭିବା ତାଙ୍କ କରୁଣା ।।୨।।
ଆସିଥିଲେ ଦୂର୍ଗା................।

ବଡଗଡ ବ୍ରିଟ କଲୋନୀ
ଭୁବନେଶ୍ୱର
ଦୂର ଭାଷା-୯୪୩୭୨୯୮୧୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ବନ୍ଧ

ଅଲେଖ ମେହେର



ମାଳାରେ ଗୁନ୍ଥା ପ୍ରସୂନକୁ ସଦା ଦେଖେ ନୟନ,

ଯାହାବଳେ ସଜା ହାରଟି ଅଲକ୍ଷର ସାଧନ ।

ସୂତାର ତତ୍ତ୍ୱକୁ ଯେ ଜନ କରିପାରେ ସ୍ମରଣ,

ନିର୍ବାଣ ମିଳଇ ନିକର ଲଭି ବିଭୁ ଚରଣ

ସ୍ୱରୁପ ବୋଧକୁ ବରଜି ଯେବେ ଭ୍ରମଇ ବନ,

ମାୟା ମୃଗ ପଛେ ଦଉଡି ଶେଷେ ହାରେ ଜୀବନ ।

ସଜାତୀୟ ଆକର୍ଷଣରେ ବନ୍ଧା ସାରା ସଂସାର,

ଲୌହ ସାଥେ ଚୁମ୍ବକ ପ୍ରୀତି ସଦା ଅଭେଦ୍ୟତର।

ଆତ୍ମା ପରମାତ୍ମା ସମ୍ବନ୍ଧ ଯେସନେ କ୍ଷୀର ନୀର,

ଇନ୍ଦୁ ଅପେକ୍ଷାରେ କୁମୁଦ ଯେସନେ ଧିରସ୍ଥିର।

ସାରଙ୍ଗର ମନ ଯେସନେ ଲିପ୍ତ ସୁରଭି ପାନେ,

ବକ ତୁନ୍ଦ ପାଇଁ  ଯେସନେ ବସେ କାସାରେ ଧ୍ୟାନେ।

ମଦାଳସା କାନ୍ତି ଯେସନେ ଆକର୍ଷେ ଯୁବ ପ୍ରାଣ,

ମିଳିଯାଉ ଏହି ଜୀବାତ୍ମା କରି  ଈଶ ଆଘ୍ରାଣ ।

ବିଭୀଷଣ ଶରଣ ରଖି ଯିଏ କରିଲେ ନୃପ,

ସେହିପଦେ ଧ୍ୟାୟି କିରୀଟୀ ଜାଳିଲେ ଧୂପ ଦୀପ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧର୍ମାରଣ୍ୟେ ଯୋଗୀ ମୁନୀଏ ନିଶ୍ଚିନ୍ତ ଭାବେ ବସି,

ଧ୍ୟାନ ଯୋଗ ସାଧି ଆନନ୍ଦେ ଜ୍ଞାନ ଦିଅନ୍ତି ହସି।

ଚକୋର ଯେସନେ ଅନାଏ ନଭେ କାକରକର,

ତେସନେ ଇକ୍ଷଣ ମାଗଇ ହୀନ ଏ ଯାଯାବର ।

ଅଲେଖ ମେହେର (ଯାଯାବର)

ବରପଦର,ଗୋବିନ୍ଦପୁର,ବରଗଡ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଦମୁହିଁ ଛାଡ଼ି ଦେଇଛି

ଶିଶିର କୁମାର ପଣ୍ଡା



ମଦ ପିଇ ଦିନେ ବାଟରେ ପଡ଼ିଲି
ନିଶାରେ ମୁଁ ଟଳି ଟଳିକି
କେତେ ଅଙ୍ଗଭଙ୍ଗୀ କରୁଥିଲି ମୁହିଁ
ମନଇଚ୍ଛା ଭଳି ଭଳିକି ।
ଯାହାକୁ ତାହାକୁ ଗାଳି ଦେଉଥିଲି
ଶୋଧୁଥିଲି ମାଆ ଭଉଣୀ
ଘେରିଯାଇ ଲୋକ ମାରିଦେଲେ ଭୋକ
ନିର୍ଘାତିଆ ଦେଇ କହୁଣୀ ।
କେଜାଣି କେମିତି ମୁଣ୍ଡ ଫାଟିଗଲା
ଖୋଲିଗଲା ମୋର ପେଏଣ୍ଟ
ଭାଲୁଆ କୁକୁର ଗୋଡ଼ ଟେକିଦେଇ
ମୁହଁରେ ଢାଳିଲା ସେଏଣ୍ଟ ।

ଭାରି ଅପାସ୍ତୁକ ହେଲା ଏ ମଣିଷ
ଭିଡ଼ିଓ ପରେ ଯା' ଦେଖିକି
ଗାଆଁ ସାରା ମତେ ଧରି ବୁଲେଇଲେ
ମଦୁଆ ବୋଲି ମୁଁ ଲେଖିକି ।
ପୁଅ ମୁଣ୍ଡଛୁଇଁ ସେଇଦିନ ଠାରୁ
ମଦ ମୁହିଁ ଛାଡ଼ି ଦେଇଛି
କାହାପାଇଁ ଭଲ ହୁଏ କି ନହୁଏ
ଭଲ ବାପାଟିଏ ହେଇଛି ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଥୁଣ୍ଟା ବରଗଛ

ଅମୃତନାରାୟଣ ଶତପଥୀ



ବାର୍ଦ୍ଧକ୍ୟରେ ମନୁଷ୍ୟ ଜୀବନ ହୋଇପାରେ ଏକ ଥୁଣ୍ଟା ବରଗଛ ସମ,
ଧୀରେ ଧୀରେ ଗ୍ରାସିତ ବାର୍ଦ୍ଧକ୍ୟ ବ୍ୟାଧି ପରିସ୍ଥିତି କରେ ବିଷମ।(୧)
ବଳ ନାଶ ବୁଦ୍ଧି କ୍ଷୟ ହେବା ସହ ଦୁର୍ବଳ ଶରୀର ମନ,
ସ୍ମରଣ ଶକ୍ତି କ୍ରମେ ହ୍ରାସ ପାଏ ଅଚଳ ଅବୟବ ଜାଣ।(୨)
ଉତ୍ସାହ ଉତ୍କଣ୍ଠା ପରିଣତ ହୁଏ ଭୟ ଓ ଉଦ୍ ବେଗ ହୋଇ,
ସଳଖ ଥିବା ମନୁଷ୍ୟର ଅଣ୍ଟା ବାର୍ଦ୍ଧକ୍ୟରେ ପଡେ ନଇଁ।(୩)
ଆଳସ୍ୟ ଥକା ପଣ ଗ୍ରାସ କରିଥାଏ ସାହାସ ତୁଟଇ ଧୀରେ,
ମନୁଷ୍ୟ ପୁଣି ଅସହାୟ ଭାବେ ଅନ୍ୟକୁ ଯେ ଆଶ୍ରା କରେ।(୪)
ଆଶ୍ରିତ ପରାଏ ସେହି ମନୁଷ୍ୟ ନପାଇ ଆଶ୍ରା ଯେ ଆଗ ପଛ,
ଅସମୟରେ ପାଲଟି ଯାଏ ପୁଣି ଥୁଣ୍ଟା ବରଗଛ।(୫)
ଜୀବନ ସତରେ ଲାଗେ ବୋଝ ସମ ମୃତ୍ୟୁ ଲାଗଇ ମୁକ୍ତି,
କେହି କେହି ପୁଣି ସ୍ମରନ୍ତି ଈଶ୍ୱର ଦେଇ ଦେବା ପାଇଁ ଜୀବନରୁ ଛୁଟି।(୬)
ତଥାପି ନିଜର କର୍ମ ଫଳ ଧର୍ମ ବଳ ଅବା ପ୍ରାରବ୍ଧ କୁ ନେଇ,
ଥୁଣ୍ଟା ବରଗଛ ସମ ଏ ମନୁଷ୍ୟ କଷ୍ଟ ସହି ଥାଏ ଭାଇ।(୭)
ଜୀବନରେ ପଛକୁ ଯାଇ ଅନୁଭବ କଲେ ଲାଗେ ପୁଣି ବନ୍ଧୁ ଦୁଃଖ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେଉଁ ବନ୍ଧୁ ପରିବାର ନେଇ ମୋହ ଗ୍ରସ୍ତ ଥିଲା ସେମାନେ ଏବେ ବିମୁଖ।(୮)

ଯେଉଁ ମାୟାରେ ଛନ୍ଦି ହୋଇ ଅନ୍ୟକୁ କରୁଥିଲା ହତାଦର,

ଆଜି ସେହିପରି ପୀଡିତ ପ୍ରାଣ ପାଏ ନାହିଁ ପୁଣି ଆଦର।(୯)

ସ୍ଥିତପ୍ରଜ୍ଞ ହୋଇ ସଂସ୍କାର ଯୋଗାଇ ଲଭିଥାଏ ଯିଏ ଧର୍ମ କରି ସତ୍ କର୍ମ,

ତାହାର ବାର୍ଦ୍ଧକ୍ୟ ଥୁଣ୍ଟା ବରଗଛ ସମ ହୋଇ ନପାରେ ବିଷମ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାୟାମୃଗ

ମନୋରଞ୍ଜନ ସୁରୁଜାଳ



(ରାଗ -ରାସକୁଲ୍ୟା )

ସୁଶୋଭିତ ବନ-ସ୍ଥଳେ-କୁଟୀର
ପ୍ରକୃତି ବିଛିଚି ଯେହ୍ନେ ଅବିର
ବନ୍ୟଯୁଥ କିଆ କେତକୀ କୁଞ୍ଜ
ଝଟକ ଦିଶଇ ଦିବସ ସଞ୍ଜ
ଘନ କୁହେଳିକା ପରି
ଊଷା ଅପସରି ପ୍ରାଙ୍ଗଣେ ତିମିର
ଚିରି ନବ ବଧୂ ସରି ।

ପ୍ରାଚୀ କ୍ଷେତ୍ର ତୁଠ ଲଳିମାଦେହୀ
ଚେଇଁ ଉଠେ ଧରା ତନ୍ଦ୍ରା ବିମୋହୀ
ଏମନ୍ତ ହେମନ୍ତ ମଙ୍ଗଳ ବେଳେ
ବାଳଭାନୁ ହେମ କିରଣ ଢ଼ାଳେ
ଶିଶିର ବିନ୍ଦୁ ଭ୍ରମରେ
ମୋତିମାଳ ଗୁନ୍ଥା ଜ୍ୟୋତି ଶୁଭ୍ର ବେଶା
ଛଟକେ ଅତି ତହିଁରେ ।

ପାରିଜାତ କୁନ୍ଦ ମଧୁ ମଲ୍ଲିକା
ନିଆଳୀ ମାଧବୀ ବଲ୍ଲରୀ ଏକା
ତହୁଁ କାନ୍ତି ଜିଣି ଚନ୍ଦ୍ର ବଦନା
ଭୂମିସୂତା ସତୀ ରାଜ ଲଳନା
ପୁଷ୍ପ ଚୟନର ବେଳେ
ସୁବର୍ଣ୍ଣ ହରିଣୀ ନେଲା ମନ ଟାଣି
ଯେକାଳେ ଦେଖିଲେ ଡୋଳେ ।

ସତୀ-ହୃଦ ଶ୍ୟାମ ଶ୍ରୀରାମ ବର
ଲଭିବାକୁ ଇଛା ମନ ଅଧୀର
ଭାଷିଲେ ହେ ବୀର ଦେବଟି ବର
ପୁରଟ ମିଶ୍ରିତ ମୃଗ ଦେହର
ରସିକ ପ୍ରେମୀ ପ୍ରବର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ପୁଲକିତ ତନୁ ଆଣ ବେଗେ ଯାଇ
ମାଗୁଛି କୋଦଣ୍ଡଧର ।

ପ୍ରେମମୟ-ଭାବ ରାମ ହୃଦୟ
ପ୍ରିୟା ବିଚ୍ଛେଦକୁ ନ କରି ଭୟ
ଚକ୍ଷୁ ଫେରାଇଲେ ବେଳ ଆଖର
ମୃଗ ପଛେ ଯୋଖି ତୁଣୀରୁ ଶର
ଅଭିନୟେ କାଳ ଜ୍ୱର
ଦେଖି ଦାଶରଥୀ ସେ ମାୟା ହରିଣୀ
ପଳାଏ କୁଟୀରୁ ଦୂର ।

ମାୟା ବିମୋହିତା ସତୀ ରତନ
ନିଜ ସୃଷ୍ଟମାୟା ଘନ ଅରଣ୍ୟ
ମାୟାଧର ମାୟା ସୃଷ୍ଟିର ଖେଳ
ନାଶିବାକୁ ଦୁହେଁ ଅସୁର-ବଳ
ପୁରୁଷ-ପ୍ରକୃତି ମେଳ
ଅନୁଜ ଅନୁଜ ଡ଼ାକ କର୍ଣ୍ଣପାତେ
ନୟନୁଁ କ୍ଷରିତ ଜଳ ।

ନଶ୍ୱର ଶରୀର ମାୟା ଜଞ୍ଜାଳ
ଉର୍ଣ୍ଣନାଭ ବୁଣେ ଯେମନ୍ତ ଜାଲ
ତେମନ୍ତ ମନୁଜ ମାୟାର ରସ
ଗଳେ ଲମ୍ବିଅଛି ତହିଁର ଫାଶ
ଟାଣି ନିଏ ମୁଖୁ ହସ
ଉର୍ଣ୍ଣନାଭି ଯେହ୍ନେ ଭ୍ରମି ପ୍ରାଣ ନାଶେ
ମୋହ ମାୟା ପରବଶ ।

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ ଓ ମୃତ୍ୟୁ

ବିଶ୍ୱ ରଞ୍ଜନ ମହାନ୍ତି



ତୁ ଆଉ ମୁଁ ଜୀବନ ଓ ମୃତ୍ୟୁ
ଯିବାକୁ ହେବ ଛପି ଛପିକା
ସୂର୍ଯ୍ୟ ଚନ୍ଦ୍ର ତାରା କାଳେ
ଦେଖିଦେବେ ତୋତେ ଲୁଚି ଲୁଚିକା ।

ମୁଁ ତୋର ସୌନ୍ଦର୍ଯ୍ୟର ପୂଜାରୀ
ସହିବିନି ଚୋରି ତୋ ରୂପର
କୌଣସି ପ୍ରଲେପ ପାରିବନି ରୋକି
ଅଦମ୍ୟ ଇର୍ଷା ସେମାନଙ୍କର ।

ଫୁଲମାନେ ଖୁସିରେ ଡେଇଁବେ
ତୋ ଦେହରେ ସଜା ହେବା ପାଇଁ
ରଙ୍ଗମାନେ ସୌଭାଗ୍ୟ ମଣିବେ
ତୋତେ ଖାଲି ଦେଖିବା ପାଇଁ ।

କିନ୍ତୁ ଗୋଟିଏ ଅନୁରୋଧ
ମୋଠାରୁ କେବେ ହେବୁନି ଅଲଗା
ମହୀରେ ଥିବଯାକେ ଦେଖିବି
ମୃତ୍ୟୁ ପରେ ହୋଇବି ଅଭାଗା ।

ଜୀବନ ଓ ମୃତ୍ୟୁ

ଯିବାକୁ ହେବ ଛପି ଛପିକା
ମୃତ୍ୟୁ, କାଳେ ନେଇଯିବ
ଜୀବନକୁ ଲୁଚି ଲୁଚିକା ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୫, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶରତ ସୁନ୍ଦର

ଧ୍ରୁବ ଚରଣ ଘିବେଲା

ଗାଇଲାଣି ଗୀତ ହରଷେ ଶରତ
ସବୁଜ ବିଲ ପ୍ରାନ୍ତରେ
ମାଟିଠୁ ଆକାଶ ନିର୍ମଳ ଶୋଭିତ
ଘନ ଶ୍ୟାମଳ ରଙ୍ଗରେ ।
ଚାଷ ଜମି କ୍ଷେତ ହରାଭରା ସେ ତ
ସବୁଜ ରଙ୍ଗ ସୁନ୍ଦର
ସବୁଜିମା ଯହିଁ ହସ ଖୁସି ତହିଁ
ବର୍ଣ୍ଣବିଭା ମନୋହର ।
ଶରତ ସୁନ୍ଦର କାଶର ପ୍ରାନ୍ତର
ଆଖି ବୁଲାଇଲେ ଦିଶେ
ସରସୀର ଜଳେ ଫୁଟି ଏଠି ସେଠି
ସୁକୁମାରୀ କଇଁ ହସେ ।
ସବୁଜ କ୍ଷେତରେ ଧାନ ବିଲ ଧାରେ
ଧଳା ବଗ ଥାନ୍ତି ଧ୍ୟାନେ
ପାଣି ସୁଅ ଚାଲେ କ୍ଷେତର ମଝିରେ
ମୀନ ଦଳ ସ୍ଥାନେ ସ୍ଥାନେ ।
କାଚକେନ୍ଦୁ ଜଳ ସଫା ପରିଷ୍କାର
ଦିଶେ ମୁହଁ ଅବିକଳ
ନଈ ହେଉ ଅବା ଗାଡ଼ିଆ ପୋଖରୀ
ସବୁଠି ଜଳ ନିର୍ମଳ ।

ପରବର ଋତୁ ଅଟଇ ଶରତ
ପାର୍ବଣର ପଟୁଆର
ଦେବୀପୀଠଠାରେ ପୂଜାମଣ୍ଡପରେ
ମାଆଙ୍କ ପୂଜା ସୁନ୍ଦର ।
ଅବତରି ଆସି ମର୍ତ୍ତ୍ୟରେ ବିରାଜି
ପୂଜା ପାଇବେଟି ମାଆ
ଦରଶନ ପାଇ ଭକ୍ତ ପ୍ରୀତ ହୋଇ
ମାଆଙ୍କୁ ମାରି ମୁଣ୍ଡିଆ ।
ଅଶିଣ ଶେଷକୁ କାକର ରାତିକୁ
ଭିଜାଇ କି ଦିଏ ଦୁଃଖ
କାକର ଶେଯରେ ଶୋଇବା ବି କଷ୍ଟ
ରାତି ଲଭେ କିବା ସୁଖ !

ବଉଦରାଜ, ଜି. ବୌଦ୍ଧ
ମୋ : ୯୪୩୭୪୭୮୪୬୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆସରେ ବିଦେଶୀ ଚଢ଼େଇ ଆସ

ନୀଳମଣି ଚାନ୍ଦ



ଆସରେ ବିଦେଶୀ ଚଢେଇ ଆସ
ନଳବଣ ଯିବ ବୁଲି
ଆସିଥିଲ ଗତ ଥର ଶୀତରେ
ଗଲ କି ଏକଥା ଭୁଲି ?

ଶରତ ସରିଲା ବଢୁଛି ଧୀରେ
ଶୀତର ପ୍ରକୋପ ପରା
ତୁମ ମୂଲକରେ ହେବଣି ଜାଡ
ସତେ ସିଏ ଦିହ ଥରା ।

ଶୀତ କଟେଇବ ଏଇଠି ରହି
ଚିଲିକା ରହିଛି ଚାହିଁ
ଅତିଥି ସମାନ କରିବ ଚର୍ଚ୍ଚା
ଏଥିରେ ସନ୍ଦେହ ନାହିଁ ।

କେହି ଧରିବେନି କେହି ମାରିବେନି
ନିୟମ ହୋଇଛି ଜାରି
ମେଳରେ ରହିବ ମଉଜ କରିବ
ଯିବ ଶୀତ କରି ପାରି ।

ପର୍ଯ୍ୟଟକଙ୍କର ଭିଡ଼ ଜମିବ
ଦେଖି କେତେ ଖୁସି ହେବେ
ଡଙ୍ଗାରେ ବୁଲିବେ ମଜାଟି ନେବେ
ଫଟୋ ଯେ ଉଠେଇ ଦେବେ ।

ଆସରେ ବିଦେଶୀ ଚଢେଇ ଆସ
ଡେରି ଆଉ କରନାହିଁ
ଚିଲିକା ଚାହିଁଛି ତୁମମାନଙ୍କୁ
ସ୍ୱାଗତ କରିବା ପାଇଁ ।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମା ମାର୍କମା ପଦବନ୍ଦନା ସ୍ତୋତ୍ର

ପ୍ରଦୀପ କୁମାର ଜିଲିକାରା



ସୁପାରିଜାତ ସୁଷମା ବଦନ ଅର୍କ ମାର୍କମା
ଭଗ୍ନୀ କର୍କମା ଭର୍ତ୍ସିତା ସୁରେଶ୍ୱରୀ ଦେବ୍ୟୁତ୍ତମା
ବିଶାଳ ବହ୍ନି ଲୋଚନା ଦାରୁଣ ଦୁଃଖ ମୋଚନା
ବ୍ରହ୍ମରୂପା ଶକ୍ତି ରୂପା ନାରାୟଣୀ ନମସ୍ତୁତେ ।।୦୧

ଅଟ୍ଟହାସୀ ମଧୁଭାଷୀ ସୁଧାଭାଷୀ ବିମୋହିନୀ
ମନ୍ଦାର ଦଳ ସିନ୍ଦୂର ଶୋଭା ସୁନ୍ଦର୍ଚନ୍ଦ୍ରାନନୀ
ଶୂଳ କରା ଧନୁ କରା କୁନ୍ତ କରା ଯାଠୀ କରା
ଗଜାସନା ହୟାସନା ସିଂହାସନା ନମସ୍ତୁତେ ।।୦୨

ଗୂଢ଼ପଦା ଗୂଢ଼ଦେହା ଗୂଢ଼କରା ମା ଶଙ୍କରୀ
ଗ୍ରାମଦେବୀ ନଗ୍ର ଦେବୀ ବିଶ୍ୱ ଦେବୀ ଶୁଭଙ୍କରୀ
ଶତ୍ରୁ ଗୋତ୍ର ଭୟପ୍ରଦା ସୁତାସୁତ ବର ପ୍ରଦା
ଜୟ ଦେବୀ ମହାଦେବୀ ବିଶ୍ୱେଶ୍ୱରୀ ନମସ୍ତୁତେ ।।୦୩

ଅଷ୍ଟ ଚଣ୍ଡୀ ମହାଚଣ୍ଡୀ ଗଡ଼ ଚଣ୍ଡୀ ମା ସାକ୍ଷାତା
ପ୍ରପନ୍ନ ଶରଣକାରୀ ଭୀତଜନ ସୁରକ୍ଷିତା
ମା ଶାରଳା ମା ମଙ୍ଗଳା ମା ବିମଳା ମା କମଳା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମଲେଶ୍ୱରୀ ହିଙ୍ଗୁଳେ ଆର୍ତ୍ତ ତ୍ରାଣୀ ନମସ୍ତୁତେ ।।୦୪

ତୁ ଚର୍ଚ୍ଚିକା ଭଟ୍ଟାରିକା ସରସ୍ୱତୀ ଭଗବତୀ
ଉଗ୍ରତାରା ହରଦାରା ତୁ ଅପର୍ଣ୍ଣା ତୁ ପାର୍ବତୀ
ମୀନ ନେତ୍ରା ମୃଗୀ ନେତ୍ରା ଚଳ ଖଞ୍ଜରୀଟ ନେତ୍ରା
ସୁଶତଦଳ ସୁନେତ୍ରା ଭୟଙ୍କରା ନମସ୍ତୁତେ ।।୦୫

ନାସା ଭୂଷଣ ମନୋହର ମାରାରି ମନୋହରା
କର୍ଣ୍ଣ ଭୂଷଣ ସୁନ୍ଦର ଜବା ବିମ୍ବ ସୁଅଧରା
ମସ୍ତକ ମୁକୁଟ ସ୍ୱର୍ଣ୍ଣ ବର୍ଣ୍ଣ ସ୍ୱର୍ଣ୍ଣ ସୁରୁଚିରା
ବିଷମ କଟକ ରାଟ ଇଷ୍ଟଦେବୀ ନମସ୍ତୁତେ ।।୦୬

ମାଳ ମାଳ ଜବା ପୁଷ୍ପ ହାର ସୁଗ୍ରୀବ ମଣ୍ଡନ
ଖଳ କୁଳ ଦଣ୍ଡଦାତ୍ରୀ ସକଳ ଶୋକ ଖଣ୍ଡନ
ପଞ୍ଚ ପଞ୍ଚ ମହାବିଦ୍ୟା ସୁରାରାଧ୍ୟା ନରାରାଧ୍ୟା
ସୁରେଶ୍ୱରୀ ନରେଶ୍ୱରୀ ନାଗେଶ୍ୱରୀ ନମସ୍ତୁତେ ।।୦୭

ଭୂ ବନ ଭୁବନେଶ୍ୱରୀ ମହାଶ୍ୱେତା ମାହେଶ୍ୱରୀ
ଛିନ୍ନମସ୍ତା ଧୂମାବତୀ ବଗଳାମୁଖୀ ଈଶ୍ୱରୀ
ମାତଙ୍ଗୀ କମଳା କାଳୀ ତାରା ଷୋଡ଼ଶୀ ଭୈରବୀ
ଦଶଭୂଜା ଦଶବିଦ୍ୟା ସିଦ୍ଧିଦାତ୍ରୀ ନମସ୍ତୁତେ ।।୦୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୈଳପୁତ୍ରୀ ବ୍ରହ୍ମ ଚାରିଣୀ ଚନ୍ଦ୍ରଘଣ୍ଟା ମାର୍କମା
କୁଷ୍ମାଣ୍ଡା ସ୍କନ୍ଦ ମାତା କାତ୍ୟାୟନୀ ତୁ ପରାକ୍ରମା
କାଳରାତ୍ରି ମହାଗୌରୀ ସିଦ୍ଧିଦାତ୍ରୀ ବୁଦ୍ଧି ଦାତ୍ରୀ
ବିଦ୍ୟା ଦାତ୍ରୀ ଭୂତି ଦାତ୍ରୀ ମୁକ୍ତି ଦାତ୍ରୀ ନମସ୍ତୁତେ ।।୦୯

ବଳିପ୍ରିୟା ରଣପ୍ରିୟା ଭକ୍ତପ୍ରିୟା ହରପ୍ରିୟା
ରକ୍ଷ କୁଳ ଅସ୍ଥି ମେଦ ଭକ୍ଷଣା ଧୂର୍ଜ୍ଜଟୀଜାୟା
ମୁତ୍ୟାଲାମା ନୁକାଲାମା ବୃଦାଲାମା ସାରକମା
ମାରକମା ମହାଶକ୍ତି ଭୂ- ମୋକ୍ଷଦା ନମସ୍ତୁତେ ।।୧୦

ତୁ ଯୋଗିନୀ ତୁ ଭୋଗିନୀ ତୁ ମୋହିନୀ କାତ୍ୟାୟନୀ
ତୁ ମୁକ୍ତିଦା ତୁ ଶକ୍ତିଦା ତୁ ଭୁକ୍ତିଦାତ୍ରୀ ଜନନୀ
ମନ୍ଦ କୁଦୃଷ୍ଟି ଭେଦିନୀ କାଳ ଅଙ୍କୁଶ ଛେଦିନୀ
ଜୟ କାଳ ଭୟଙ୍କରୀ ମାରକମା ନମସ୍ତୁତେ ।।୧୧

ବନ୍ଦନା କଞ୍ଜ ପ୍ରପଦେ ମାର୍କମା କର୍କମା ଜୟେ
ବନ୍ଦନା ରଣ ଲୋଭିନୀ ଦୁସ୍ତରାସୁର ବିଜୟେ
ଭଦ୍ରରାଜ ଶୃଦ୍ରସିଂହ ପରପନ୍ନେ ଦୀନ ଜନେ
ସଦା ଚାହଁ ସୁପ୍ରସନ୍ନେ ମା ମାର୍କମା ନମସ୍ତୁତେ ।।୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୟସର ଇନ୍ଦ୍ରଧନୁ

ଜନ୍ମଜୟ ନାୟକ



ବୟସର ଇନ୍ଦ୍ରଧନୁ
ଫିକା ପଡେ ଧିରେ ଧିରେ ,
ଅଭିନୟ ସାରିଦେଇ
ବାହୁଡିବି ନିମିଷରେ ।

ମାଖିଥିବା ନାନା ରଂଗ
ଈର୍ଷା ହିଂସା ଅହଙ୍କାରେ ,
ନେବି ନାହିଁ ସାଥେ କିଛି
ଯିବି ଅଫେରା ବାଟରେ ।

ସାଉଁଟିଛି ରଙ୍ଗ ମଞ୍ଚେ
କେତେ ତାଳି କେତେ ଗାଳି ,
ପାଉଣା ମୁଁ ନେବି ନାହିଁ
ସବୁ ଭୁଲି ଯିବି ଚାଲି !

ହଜିଯିବି ସିନା ଦିନେ
ରହିଯିବ ମୋ ସଂଳାପ,
ସରିଯିବ ସିନା ନାଟ
ଖୋଜୁଥିବେ ମୋର ଗପ ।

ନିତି ନିଶି ନିରୋଳାରେ
କି କୋଳାହଳ ଗୋଧୂଳିରେ,
କିଛି ମନ ଖୋଜୁଥିବେ
କାହିଁ ଗଲି କେତେ ଦୂରେ ।

କିଏ କାହିଁ ଝରେଇବ
ଦୁଇ ଟୋପା ଲୁହଧାର,
କାହା ପାଇଁ ସାଜିବିନି
ସପନର ସୌଦାଗର ।

ଗଣିତ ଶିକ୍ଷକ
ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ
୯୩୩୭୮୦୦୫୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶୈଶବ ସୁଖ

ସୁଜିତ କୁମାର ମିଶ୍ର



କୋମଳମତିର ପ୍ରାଣ ଫୁଲବନ କାଗଜ ଡଙ୍ଗାର ଗୀତି,
ଶୈଶବ ସୁଖର ପୂର୍ଣ୍ଣ ମଧୁବେଳ ସରଗ ଛୁଆଁ ସେ ପ୍ରୀତି ।
ଲଳିତ ଛନ୍ଦର ଭାବରେ ଝଙ୍କୃତ ଲକ୍ଷେ ଅନାବିଳ ଛୁଆଁ,
ସରଳ ସୁଷମା ଭରା ସେ ଜୀବନ ସମ୍ମୋହିତ ସ୍ନିଗ୍ଧ ବାଆ ।

ବିଭୋର ପକ୍ଷୀର ଉଡାଣେ ବିକ୍ଷିପ୍ତ ବିମଣ୍ଡିତ ଶୋଭାରାଜି,
ଯମକ ଆଶାର ଯମୁନା ନଈ ସେ  ଜିଦିର ଜୁଆରେ ଭିଜି ।
ବାଲୁତ ମନର ଅଗଣା ପାଲଟେ ବଶୀଭୂତ ବାଲିଘର,
କେବେ ଗଢୁଥାଏ କେବେ ଭାଙ୍ଗୁଥାଏ  ଖିଆଲିରେ ବାରମ୍ବାର ।

ନୂଆ ସକାଳରେ  ନିତି ଜଳୁଥାଏ ନିଷ୍କପଟ ଦୀପଶିଖା,
ମାଟି ସିଲଟର ମହକ ମୂହୁର୍ତ୍ତ ମୁକୁଳିତ ଆଦ୍ୟ ଲେଖା ।
ମାଆ ପଣତର  ପୁଣ୍ୟ ମଧୁମାସ ମମତାର ମହୁଘର,
ବାପା ବନ୍ଧନର ବର୍ଷାଧାର ଆହା  ବିନ୍ଦୁବିନ୍ଦୁ ସୁଧାଝର ।

ଅନନ୍ତ ଐଶ୍ୱର୍ଯ୍ୟ ଭରା ଏଇ ଋତୁ ଜଗତରେ ଆଉ କାହିଁ ?
ସେ ତ ଚିରକାଳ ସ୍ମୃତିର ନିର୍ଝର ଶାଶ୍ୱତ ଶ୍ରଦ୍ଧାର ସ୍ୟାହି ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର, ୭୬୮୩୮୬୬୬୪୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଧୁମାଳତୀର ସାଥେ

କିରନ୍ ସ୍ୱାଇଁ



ଆଶାରେ ଆଶାରେ

ସରିଯାଏ ଯଦି

ଜୀବନର ସ୍ପନ୍ଦନ,

ଲୁହରେ ଲୁହରେ

ଭିଜି ଯାଏ ଯଦି

ସ୍ୱପ୍ନ ସଜଳ ଦିନ,

ବନ୍ଦ ଝରକାର କବାଟ ଖୋଲି

ମଧୁମାଳତୀର ରଙ୍ଗୀନ୍

ମହକେ ହଜିଯାଏ ମୋର ମନ ।

ମୁଁ ଝରିଯିବି ଫୁଲ ପରି ଦିନେ

ଏ ଜୀବନ ବଗିଚାରେ,

ସାଉଁଟି ସାଉଁଟି

ସମ୍ପର୍କର ମାଟି

ଦୂର ନୀଳ ଆକାଶରେ

ବିଭୋର ଚଢ଼େଇ ହୋଇ

ଛୁଇଁ ଯିବି ସବୁ ମେଘ ଓ ତାରାର

ମୁଗ୍ଧ ମୁକୁଳା ବନ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦାନାର ଅପମୃତ୍ୟୁ

ସୁଶାନ୍ତ ଶେଖର ଦାଶ

ତୁମର ଏ ଅପମୃତ୍ୟୁରେ,
ଅପବାଦର କାଳିମା ବହି
ଗରଜୁଥିବା ଟିଭି ସବୁ ଥମିଗଲେ
ଥମିଲା ଡାକବାଜି ଯନ୍ତ୍ରର ଚିତ୍କାର...
ନରମିଲା ବହୁଥିବା ବତାସୀଆ ଝଡ଼
ଥମିଲା ତେର୍ଛା ଘନ କଳା ମେଘ,
ଥମିଲା ହୁ ହୁ ବଢୁଥିବା ବଜାରର ଦର !

ମନକୁ ଘାରୁଥିଲା ନିରାଶା
ଜମୁଥିଲା ଅଜସ୍ର ଆଶଙ୍କା, ହତାଶା
ମେଡିଆର ବୁକୁଫଟା ଚେତାବନୀ
ମାଳ ମାଳ ସ୍ୱେଚ୍ଛାସେବୀ
ନେତାଙ୍କ ତୋଫାନୀ ଗ୍ରସ୍ତ......
ଅଙ୍କୁରୁଥିଲା ମନେ,
ରନ୍ଧାଖାଦ୍ୟ, ପ୍ୟାକେଟ ରେସନ ଓ
ମୋଟା ଅଙ୍କ ଅନୁଦାନର ଭରସା !

ତୁମର ଏ ଅପମୃତୁରେ
ପରସ୍ତେ ଆଶ୍ୱସ୍ତି ଢାଙ୍କି ହୋଇଗଲା
ପ୍ରଶାସନ, ତଟୀୟ ଜନ ମାନସରେ
କିଛି ନେତା ଲୋକସବକ ପ୍ରାଣରେ....
ହେନ୍ତାଳ,ଝାଉଁବଣ, ଲୁଣା ଘେରି ମଧ୍ୟେ
ଫୁଙ୍ଗୁଳା କିଛି ଲୋକ...
ଚରମ ଆଶ୍ୱସ୍ତିରେ ଚାହିଁ ରହିଥିଲେ,
ଆକାଶରେ ଘେରା ଧୂସର ବାଦଲ
ଅକାରଣେ ଉଡୁଥିବା ଆଳୁ ପିଆଜ
ଦୁଲକାଏ କୋହଲା ପବନ ଓ
ଶହ ଶହ ଲମ୍ୱା ହାତ ସହାୟ ଆଶାରେ !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗମନୀର ପ୍ରାରମ୍ଭେ
ଈଶ୍ୱର ଚିନ୍ତନ ସବୁ କୂଳ ଲଂଘୁଥିଲା
ଗାଁ ଦାଣ୍ଡେ ସହାୟତାର ବଜାର
ସମୁଦ୍ର ଢେଉରେ ବାରି ହେଉଥିଲା
ସ୍ନେହ, ପ୍ରେମ, ଭାଇଚାରାର ଆସର...
ତୁମ ଫେରନ୍ତା ରାସ୍ତାରେ,
ନେଇଗଲ ଭ୍ରାତୃଭାବ ବନ୍ଧୁ ଉଦାରତା
ଉଡିଗଲା ସହାୟତା ହାତ ସବୁ
ହଜିଗଲା ଗହଳିଆ ହେନ୍ତାଳ ବଣରେ
ତୁମର ଏଇ ଅପମୃତ୍ୟୁରେ !

ପ୍ରାକ୍ତନ ବ୍ୟାଙ୍କ ମହାପ୍ରବନ୍ଧକ
ରୟାଲ ଲାଗୁନ ଆପାର୍ଟମେଣ୍ଟ
ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ସମୟ !

ଶିବରାମ ନାୟକ



ସମୟ ଆସିବ ବିଭିନ୍ନ ପ୍ରକାର ଭାରି ଦାମ୍ ର ଚପଲ ତ'ଥିବ;
କିନ୍ତୁ ପିନ୍ଧିବା ପାଇଁ ପାଦରେ ଶକ୍ତି ନଥିବ !
ଦିନେ ସମୟ ଆସିବ ହାତ ତ' ଥିବ;
କିନ୍ତୁ କାହାକୁ ହାତ ଯୋଡ଼ିବାକୁ ବଳ ନଥିବ !
ଦେଖିବ ସମୟ ଆସିବ, ପାଖରେ ତ' ସମସ୍ତେ ଥିବେ;
କିନ୍ତୁ ପାଖକୁ କେହି ଆସିବେନି ଜମା !
ପୁଣି ସମୟ ଆସିବ ଆଖିରେ ତ' ଅନେକ ସ୍ୱପ୍ନ ଥିବ;
କିନ୍ତୁ ସ୍ୱପ୍ନ ଦେଖିବାକୁ ରାତି ନଥିବ କି ଦିନ ନଥିବ
ଦିନେ ଧନ ଜନ ବଳ ସବୁକିଛି ମୂଲ୍ୟହୀନ ଲାଗିବ ॥

ସତରେ ! ସମୟ ଆସିବ ଦିନେ ଏହି ପ୍ରକୃତିର ମହିମାମୟ ନମୁନା
ସବୁ କିଞ୍ଚିତ ମାତ୍ର ହେବ ନାହିଁ ବୋଲି କିଏ କହି ପାରିବ ?
ଏହାର ଉତ୍ତର କେବଳ ଏକା ସମୟ ହିଁ ଦେବ !
କୁହାଯାଏ "ଅନ୍ତ ହିଁ ଆରମ୍ଭ" କିନ୍ତୁ ବାସ୍ତବରେ କ'ଣ ?
ସବୁ ଅନ୍ତ ର ଆରମ୍ଭ ଥାଏ କି ? କ'ଣ ଏହାର ରହସ୍ୟ ?
କିଛି ସଂଗୁପ୍ତ ଶବ୍ଦର ମରୀଚିକା ପରି କିୟଦଂଶ ନା
କାଉଁରୀ କାମାକ୍ଷା ମନ୍ତ୍ରେ ନିଶାର୍ଦ୍ଧେ ହୋଇ ସଂଜୀବିତ ଏହା ?
କିଏ, କେମିତି, କେତେବେଳେ, କାହିଁକି, କୋଉଠି, ଜାଣିଛ କେହି ?
କିଏ କହିପାରିବ କେବଳ ସମୟ ହିଁ ଏହାର ମୁକ ସାକ୍ଷୀ ! ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେକେବେ ତ ପ୍ରତୀତ ହୁଏ ଢ଼ିଚିତ୍ର ବ୍ୟଞ୍ଜନା !
ଝଲସିତ ସେ ଓଁକାର ର ଦିବ୍ୟାଭା ରେ,
ପୁଣି କେବେ ହଜିଯାଏ ସେ ତନ୍ଦ୍ରାର ଅନ୍ଧାର ଇଲାକାରେ !
ଯେତେ଼େଳେ ଗୋଟେ ଯୋଗୀ ଯାଏ କେନ୍ଦରା ବଜାଇ ଦୂରେ
ତେବେ କହେ ସମୟର ମୂର୍ଚ୍ଛନା ସ୍ତବ୍ଧ ର ସମ୍ଭାରେ !
ଶିକ୍ତ, ଶକ୍ତ, ସଶତ ଭାବରେ ମଣିଷ ଖୋଜେ ନିଜକୁ;
ଅନ୍ୟ ଏକ ରାଜ୍ୟ ରେ ଖୋଲି ନିଜ ହୃଦୟ ଦରଜା
ବହୁ ଦୂରରେ ରଖି ମାୟା, ମୋହ, ଜଞ୍ଜାଳ, କୋହକୁ
ଆଉ ଖୋଜେ ସେ ନିଜେ ନିଜକୁ କିଏ ମୁଁ ଏହି ଦୁନିଆଁ ରେ ? ॥

ଯେବେ ଯାଇ ସମୟ ପ୍ରତିଶୋଧ ନେବ କେହି ବି:
ପିଠିରେ ପଡ଼ିବେନି କି ପାଖରେ ରହିବେନି !
ବାସ୍ ଥିବ କେବଳ ପ୍ରାୟଶ୍ଚିତ ଓ ଅନୁତାପର କେଇ ଟୋପା ଲୁହ,
ପୁଣି ଗର୍ବ ଅହଙ୍କାରର କେତେ ପଦ ପ୍ରବଞ୍ଚନା,
ଯାହା ମନକୁ ବାରମ୍ବାର ଅଭିଯୋଗ କରୁଥିବ ଏହା କହି,
ସେତେବେଳେ ସବୁ ସରିଯିବ ସତେ ଯେମିତି ଏବେ ପରି,
ଯେହ୍ନେ ସିନ୍ଧୁ ତୀରେ ଅନେକ ପର୍ଯ୍ୟଟକ ଆସନ୍ତି, ଯାନ୍ତି,
କେବଳ ଛାଡ଼ି ଯାଆନ୍ତି ସେମାନଙ୍କର ପାଦ ଚିହ୍ନ କିନ୍ତୁ;
ସାଗର କ'ଣ ରଖେ ? ତାକୁ ମଧ୍ୟ ଧୋଇଦିଏ କିଛି ସମୟ ପରେ ॥

ବାଇଶିପଲ, ଗଞ୍ଜାମ, ଓଡ଼ିଶା, ୭୬୧୧୪୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନେ ପଡ଼େ ସେହି ମୁହୂର୍ତ୍ତ

ପୁଷ୍ପଲତା ମିଶ୍ର



ତୁମର ମୋହର ନିବିଡ଼ ସମ୍ପର୍କ
ହେଲା ଯେଉଁ ଦିନୁ ଗଢ଼ି,
ସେହି ସମ୍ପର୍କ ରେ ବାନ୍ଧି ହୋଇ ଗଲେ
ହେଲା ନାହିଁ ତାକୁ ଛାଡ଼ି ।।
ଅନ୍ତର ଭାବନା ରହିଥିଲା ସ୍ଥିର
ନ ଥିଲା ତ ମନେ ଦ୍ୱନ୍ଦ,
ଦେଖା ହେଉଥିଲା ବାଟରେ ଘାଟରେ
ପାଏ ପଛେ ଅପବାଦ ।।
ଏ ଭଲ ପାଇବା ରହିଥିଲା ସ୍ଥିର
ପ୍ରେମ ସତ୍ୟ ଚିରନ୍ତନ ,
ବାରଣ ସତ୍ତ୍ୱେ ବି ଦେଖା କରୁଥିଲେ
ମିଳେ ଗାଳି ଅପମାନ ।।
ମନରେ ନ ଥିଲା ଡର ତ କାହାରି
ଚାଲୁ ଥିଲେ ହାତ ଧରି,
ପ୍ରେମ ଚିରନ୍ତନ ଅଟଇ ଶାଶ୍ୱତ
ଯିବା ନାହିଁ କେବେ ଡରି ।।

ମନ ରେ ଆସୁଛି ସେହି ମୁହୂର୍ତ୍ତ ଟି
ଅତୀତ ଯାଇଛି ଚାଲି,
ସେଇ ଅତୀତ କୁ ଭାବୁଛି ମୁଁ ବସି
ପାରେ ନାହିଁ ତାକୁ ଭୁଲି ।।
ଦିନ ତ ଯାଇଛି ସମୟ ଯାଇଛି
କଥା ଅଛି କାଳ କାଳ,
ମନେ ପଡୁ ଅଛି ସେହି ତ ମୁହୂର୍ତ୍ତ
ମନ ଧରୁ ନାହିଁ ଥଳ ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ରମେଶ ଟାକ୍ରୀ



ଆଜି ଯେ ନିଜର    କାଲି ହେବେ ପର
    ଏହି ତ ମାୟା ସଂସାର
ବଞ୍ଚିଥିବା ବେଳେ    ନିଜର ନିଜର
    ମରିଗଲେ ସାତପର।୦।

ଗୁରୁ ପିତାମାତା    ବନ୍ଧୁ ଭଗ୍ନୀ ଭ୍ରାତା
    ପତ୍ନୀ ପୁତ୍ର କନ୍ୟା ଯେତେ
ସମ୍ପର୍କ ଡୋରି ରେ    ବାନ୍ଧି ହେଲା ପରେ
    ନିଜର ହୁଅନ୍ତି ମୋତେ

କିଏ କେତେ ଜଣ    ଲାଗନ୍ତି ଯେମିତି
    ନିଜଠୁ ବେଶି ନିଜର।୧।

ସ୍ଥିତି ପରଖିବା    ମଣିଷ ଚିହ୍ନିବା
    ଏହି ମନ ଚାହୁଁଥାଏ
ଯାହର ଯେମିତି    ରହିଛି ପ୍ରକୃତି
    ଜାଣିବା ସହଜ ନୁହେଁ

କିଏ ବା ନିଜର    କିଏ ଅବା ପର
    ଏ ମଣିଷ ସ୍ୱାର୍ଥପର।୨।

ଯା'ପାଖରେ ଥାଏ    ସ୍ନେହ ଦୟା ଭାବ
    ନିଶ୍ୱାର୍ଥପରତା ଗୁଣ
ଦୁଃଖ ବିପଦରେ    ପାଖେ ପାଖେ ରହି
    ହୁଏ ସେବା ପରାୟଣ

ଦୟା କ୍ଷମା ଗୁଣ    ଥିଲେ ପରିପୂର୍ଣ୍ଣ
    ପର ବି ହୁଏ ନିଜର ।୩।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ବନ୍ଦନା ମହାପାତ୍ର



ରାତି ପାହିଗଲେ ସୁରୁଜ ନ ଦେଖୁଁ
କୁକୁଡ଼ା କାଉର ରାବ
ଯୁଆଡେ ଚାହିଁବ ଦୁର୍ନୀତି ବଜାର
ହିଂସା ଘୃଣା ଅହଂଭାବ ।
ପିତା ମାତା ଗୁରୁ ଗୁରୁଜନ ବନ୍ଧୁ
ଗଢିଲେ ଯତ୍ନେ ସନ୍ତାନ
ମୁଣ୍ଡେ ହାତ ପାଇଗଲେ ଭୁଲି ଯାନ୍ତି
କା ହୃଦେ ନାହିଁ ଚିନ୍ତନ ।
ପ୍ରେମର ଫାଶରେ ତୁ ଏକା ନିଜର
ମଧୁ ବୋଲା କଥା କୁହେ
ପ୍ରତିଶୃତି ଦେଇ ପ୍ରତାରଣା କରି
କିଆମୂଳେ ଫିଙ୍ଗି ଦିଏ ।
ରକ୍ତର ସମ୍ପର୍କ ପାଚେରୀ ପକାଏ
ବେଳେ ବେଳେ ହଣା ଖାଏ
ସମ୍ପତ୍ତିର ସ୍ଥାନ ଆଜି ବଳିୟାନ
ଅଛି କି ନିଜର କିଏ ।
ଲୁହ ଲହୁ ଢାଳି ଭିଟା ମାଟି ବିକି
ପୁଅଟି ମଣିଷ ହୁଏ

ଶେଷେ ହତାଦର ନିଃସ୍ୱ ମାଆ ବାପା
ଜରାଶ୍ରମେ ଯାଇ ରହେ
କହିବ କି ବନ୍ଧୁ ଆଜିର ଦିନରେ
ଆପଣଙ୍କ ନିଜର କିଏ
ଆଜି ଅଛ କାଲି ନ ଥିବା ଆମେ ତ
ହେବା ପାଉଁଶ ମୁଠାଏ
ନୁହଇଁ ନିଜର କିଏ
ବିହିତ ବିହିଛି ନାଚି ନଚାଉଛି
ତା ଠାରୁ ବଡ଼ ନାହିଁ କିଏ
ରାମ କୃଷ୍ଣ ନାମ ଜପ ଅନ୍ତରରେ
ଦେଖାଇବ ପଥ ସିଏ,
ହେଲେ ଆଜିର ଦୁନିଆ ଅଜବ
ଯାହା ସ୍ୱାର୍ଥ ପାଇଁ ସିଏ
ହେବନି ନିଜର କିଏ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଜର କିଏ

ହାସ୍ୟମୟୀ ରାଜ



ସମୟ ଗତିରେ ସବୁତ ବଦଳେ
ଆଜି ହୁଏ ପୁଣି କାଲି
ସଂପର୍କର ଡୋରି ଲମ୍ବୁଥାଏ ନିତି
କେବେ ହୁଏନାହିଁ ଭୂଲି ।।

ସଂପର୍କ କେବେ ଖିଲି ଖିଲି ହସେ
ଭାବିଲେ ନିଜର ତାକୁ
ହୃଦୟ ଅମାର ପୁର୍ଣ୍ଣ ହୋଇଉଠେ
ସେଇ ଚିତ୍ର ଆଙ୍କୁ ଆଙ୍କୁ ।।

ସୁଖରେ ସପନ ଦେଖୁ ଦେଖୁ ନିତି
ରାତି ଯାଉଥାଏ ପାହି
ଜୀବନର ଗାଡି ଗଡ଼ି ଚାଲୁଥାଏ
ଲକ୍ଷ ଛୁଇଁବା ପାଇଁ ।।

ସ୍ୱପ୍ନ ପାଲଟେ ଦୁଃସପ୍ନ କେବେ
ସଂପର୍କ ଧକେଇ କାନ୍ଦେ
ସ୍ୱାର୍ଥର ସହରେ ବୁଲି ବୁଲି କେବେ
ଶ୍ରଦ୍ଧା ଶୋଇଯାଏ ନିଦେ ।।

ଦ୍ୱନ୍ଦର ଘନ ବନାନୀ ଭିତରେ
ଧନ୍ଦି ଅତୀତକୁ ଖୋଜେ
କିଏ ପର ଏଠି କିଏସେ ନିଜର
ବଡ଼ ପ୍ରଶ୍ନବାଚୀ ସାଜେ ।।

ସଭିଏଁ ନିଜର କେହି ନୁହେଁ ପର
ମୁଢ ମନ ବୁଝି ରଖ
ଆତ୍ମାର ମିଳନ ଆତ୍ମା ସହ ହେଲେ
କିଣି ହୁଏ ଯେତେ ସୁଖ ।।

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ଲତା ବେହେରା



ମିଛ ମାୟା ଭରା ଏ ସାରା ଦୁନିଆ
ନୁହନ୍ତି ନିଜର କିଏ
ସ୍ୱାର୍ଥ ଥିବା ଯାକ ନିଜର ମଣିବେ
ସରିଲେ ଚାଲିଲେ ସିଏ ।

ଉପକାର ଯଦି କରି ଚାଲି ଥିବ
ସ୍ନେହ ମମତା ମିଳି ଯାଏ
ଯୋଉ ଦିନ ତାଙ୍କ କାମେ ନ ଆସିଲ
ଆଡେଇ ଯାଆନ୍ତି ସିଏ ।

ବଦଳଟି ଯେବେ ହଳ କରୁଥାଏ
ମାଲିକଟି ଭଲ ପାଏ
ଅତି ଯତନରେ କେତେ ଶରଧାରେ
ଖାଇବାକୋ ତାକୋ ଦିଏ ।

ଯେବେ ସିଏ ବୁଢା ହୋଇ ଯାଇଥାଏ
ନା ଖାଇବା ଦିଆ ଯାଏ
ରାଗ ଗରଗର ହେଇ ତା ଉପରେ
ପ୍ରହାର କରୁଣ ଥାଏ ।

କଂସେଇକି ବିକି ପଇସାକୁ ଆଣି
ଘର ଖର୍ଚ୍ଚ କରେ ସିଏ
ମଣିଷ ପ୍ରକୃତି ଅଟେ ତ ଏମିତି
ହୁଏନି କାହାର ସିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାହା ଦ୍ୱାରା କାମଟି ସମ୍ଭବ ହୁଅଇ
ପିଛା ତାର ଧରିଥାଏ
ସୁନା ଅଣ୍ଡା ଦିଆ କୁକୁଡା ଭାବି ସେ
ପାଖରେ ରଖଇ ସିଏ ।

କଥା ଚାତୁରିରେ ମନକୁ କିଣଇ
ବୁଝି ପାରେ ନାହିଁ  ସିଏ
ମଣିଷ ହେଇକି ମଣିଷ ପାଇଁକି
କପଟ ଜାଲ ବିଛାଏ ।

ସୁନା ବେଳେ ସାଥୀ ଅନେକ ମିଳିବ
ଦୁଃଖେ ରହନ୍ତିନି କିଏ
ଦୁଃଖ ବେଳ ସାଥୀ ଅଟଇ ନିଜର
ନା ଧୋକା ସିଏ ଦିଅ ।

ଯାହାକୁ ନିଜର ଭାବୁ ଥାଇ ମନ
ସିଏ ହେଇଯାଏ ପର
ରକତ ଏଇଠି ରକ୍ତକୁ ଚିହ୍ନେନା
ଟଙ୍କା ପଛେ ଧାଇଁ ଥାଏ ।

ଧନ ସମ୍ପତ୍ତିଟି ଯାହା ପାଇଁ ରଖ
ନ ଯିବ ସାଥୀରେ ସିଏ
ବାପା ମାଆ ଭାଇ ଭଉଣୀ ବି ନୁହେଁ
ମାୟାର ଖେଳଟି ଇଏ ।

ନିଜ ପର ମଧ୍ୟ ଫରକ ଦେଖନି
ଦେଖ ଆପାର କିଏ
ବିପଦ ସମୟେ ସାଥୀରେ ଯେ ରୁହେ
ହୋଇଅ ନିଜର ସିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ମାଟି ଶରୀରର ମାଟିରେ ମିଶିବ
ନା ମାଟି ନିଜର ହୁଏ
ଏକା ଭଗବାନ ସାଥେ ରହିଥାନ୍ତି
ଅଟନ୍ତି ନିଜର ସିଏ ।

ସ୍ୱାମୀ ଦାରା ସୁତ ସବୁ ଅଟେ ମିଛ
ମାୟାର ଖେଳଟି ଇଏ
ସମ୍ପଦ ବେଳରେ ସର୍ବେ ସାଥି ଥିବେ
ବିପଦେ ନ ଥିବେ କିଏ ?

ସମ୍ପତ୍ତି ଲୋଭରେ ସାହାଯ୍ୟ ଆଶାରେ
ପିଛା ଛାଡିବେନି ସିଏ
ସରିଗଲା ପରେ ରହି ଯିବେ ଦୂରେ
ସ୍ୱାର୍ଥର ମଣିଷ ଇଏ ।

ହଡା ବଳଦର ପରି ବ୍ୟବହାର
ବେଶୀ ଦେଖେଇବେ ସିଏ
ନ ଚିହ୍ନିଲା ପରି ପାଖକୁ ଆସିଣ
ପଚାରିବେ ତୁମେ କିଏ ?

ମଣିଷ ହେଇକି ମଣିଷକୁ ଶୋଷେ
ନର ରାକ୍ଷାସଟି ଇଏ
ନିଜର ଶରୀର ନିଜର ହୁଏନି
ହଡିବ ନୀଜର କିଏ ?

ରାଜ ଦରବାରେ ଶଶ୍ମାନ ଘାଟରେ
ବିପଦର ସାଥୀ ଯିଏ
ଦୁଃଖ ବେଳେ ସାଥେ ରହିଥାଏ ପଥେ
ସିଏ ହିଁ ନିଜର ହୁଏ ।

ବିପଦ କାଳରେ ଥାଆନ୍ତି ପାଖରେ
ସ୍ୱୟଂ ଅନ୍ତର୍ଯ୍ୟାମୀ ସିଏ
ଏମାନଙ୍କୁ ଛାଡି ଦେଲେ ଦୁନିଆରେ
କୁହ ବା ନିଜର କିଏ ?

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଜର କିଏ

ରାଧାଶ୍ୟାମ ମହାନ୍ତି



ବଡ ବିଚିତ୍ର ଅଟେ ଏ ଦୁନିଆ
କେହି ନୁହନ୍ତି ନିଜର
ହାତ ଗୋଡ ଚାରୋଟି ଛାଡି ଦେଲେ
ଆଉ ଯେତେ ସବୁ ପର ।
ଜନମରୁ ସାଥେ ରହି ଆସିଛି
ନିଶ୍ଚିହ୍ନ ହେବ ଯୁଇରେ
ଆଉ ଏଠି ଯେତେ ସମ୍ପର୍କ ଦେଖୁଛ
ସବୁତ ଦେବା ନେବାରେ ।
ଜନମ ଦେଇଛି ଯିଏ ଆମକୁ
ଚିନ୍ତାକରେ ରାତି ଦିନ
ତାହାପାଇଁ ଟିକେ ସମୟ ଦେବା
ସିଏତ ନିଜର ଜାଣ ।

ନ ଖାଇ ଖୁଆଏ ନ ପିନ୍ଧି ପିନ୍ଧାଏ
ସନ୍ତାନ ଜୀବନ ଧନ
ବଡ ହୋଲାପରେ ପୁଅ ଜାଣୁନି
ସେହି ମାଆ ଟିର ମନ ।
ଭାଇ ବନ୍ଧୁ ସବୁ ସମ୍ପର୍କେ ବନ୍ଧା
ବୁଝେନା କେହି କାହାକୁ
ସ୍ୱାର୍ଥର ହାଟରେ ବଣିକ ଆମେ
ନୀରବରେ ଦେଖିବାକୁ ।
ଛଳନା କପଟ ମନେ ଜମାଟ
ସ୍ଥିତି ଆଉ କେତେ ଦିନ
ଅଙ୍କ କଷା ଏଠି ଚାଲେ ସର୍ବଦା
ନିଜର କିଏ ଜାଣିନ ।।

ଭୋଗରାଇ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ରବିନାରାୟଣ ମିଶ୍ର



ଆସିଅଛୁ ଏକା ଯିବୁ ପୁଣି ଏକା
କେହି ତ ନୁହେଁ ନିଜର,
ଆଖି ବୁଜିଦେଲେ ଦୁନିଆଁ ଅନ୍ଧାର
ସବୁ ହୋଇଯିବେ ପର।୧।

ମୋର ମୋର ବୋଲି ଯାହାକୁ କହୁଛୁ
ସାଥେ କିବା ତାକୁ ନେବୁ,
ଆଜି ମଲେ କାଲି ଦିଦିନ ହୋଇବ
ଭୁଲି ଯିବେ ତୋତେ ସବୁ।୨।

ଏ ଧନ ସମ୍ପଦ ତୁଚ୍ଛ ଅଟେ ସତେ
ଅର୍ଜିଛୁ ଯାହା ଜୀବନେ,
କେତେ ଦିନ ଅବା ଭୋଗିବୁ ତାହାକୁ
କିବା ନେବୁ ଶମଶାନେ।୩।

କାହାକୁ କହୁଛୁ ନିଜର ବୋଲି ତୁ
କାହାକୁ କହୁଛୁ ପର,
ଜୀବନ ନାଟକ ସରିଗଲା ପରେ
ସବୁ ହେବେ ସାତପର।୪।

କନ୍ୟା ସୂତ ଦାରା ଭାଇ ଓ ଭଉଣୀ
ଯେତେଛନ୍ତି ଆପଣାର,
ଜୁଇ ଗଲେ ଲିଭି ଖାଲି ହେବେ ଭାବି
ଭୁଲି ହୋଇଯିବେ ଦୂର।୫।

ଏ ଜୀବନେ ଯେତେ ପୂଣ୍ୟ ଅବା ଧର୍ମ
ଅରଜିଛୁ କର୍ମକରି,
ସେତକ ରହିବ ଅମର କରିବ
ସଂସାରୁ ଗଲେ ତୁ ଫେରି।୬।

ବାଲିପଦା, ଘଣ୍ଟେଶ୍ୱର
ଭଦ୍ରକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଜର କିଏ

ଜୟଶ୍ରୀ ପଟ୍ଟନାୟକ



କେହି ଏଠି କେବେ ନିଜର ନୁହଁନ୍ତି
ସଭିଏଁ ଅଟନ୍ତି ପର
ସ୍ୱାର୍ଥ ସରିଗଲେ ପଛ ନ ଦେଖନ୍ତି
ବନ୍ଧୁ ସଖା ସହୋଦର ।
ଦେଉଥିବ ଯେତେ ଭଲ ପାଉଥିବେ
ନିଜର ପରିକା ଭାବି
ଯେଉଁଦିନ ନିଜ କଥାକୁ ଭାବିବ
ସମ୍ପର୍କ ଯିବରେ ଡୁବି
ସାହା ଭାବୁଥିବା ହାତ ଛାଡିଯିବ
କରିଦେଇ ସାତ ପର ।୧

ଜୀବନଟା ନୁହଁ ଫୁଲ ଶେଜ ବନ୍ଧୁ
କଣ୍ଟା ବି ତ ଥାଏ ତହିଁ
ଏଇକଥା ସଦା ମନେ ରଖିଥିଲେ
ଜିତିବ ଜୀବନ ସେହି
ଖରା ଥିଲେ ଛାଇ ପଛକୁ ଯେ ଥିବ
ସେଥିକୁ ରଖ ନଜର ।୨

ସମୟକୁ ଦେଖି ସବୁ କରୁଥିବ
ଭରସା ନକରି କା'ରେ
ଆଜି ଯଦି ତୁମେ ସୁଖ ଭୋଗୁଥିବ
କାଲି ଥିବ ଲୁହ ଧାରେ
ଭବିଷ୍ୟତ ପାଇଁ ସଂଚୁଥାଅ ପୁଣ୍ୟ
ନ କରି ପାପ ଉଧାର ।୩

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ନଳିନୀ ପ୍ରଭା ମିଶ୍ର



କିଏ ସେ ନିଜର କିଏ ଅବା
ପର ସମ୍ପର୍କ ଦିଏ ସୂଚାଇ
ସମୟ ଆସିଲେ ଆପଣା ଟି
ପର ଯେ ଆପଣା ହୋଇ ।
ସମ୍ପର୍କ ଭିତରେ ଥିଲେ ସ୍ୱାର୍ଥ
ଭାବ ଅଶାନ୍ତ ବାତାବରଣ
ପରିବାର ହୁଏ କୁକୁଡ଼ା କୁକୁଡ଼ା
ମନ ମଧ୍ୟେ ଅମେଳନ ।
ମଧୁର ସମ୍ବନ୍ଧ ବାନ୍ଧି ଥାଏ ବନ୍ଧ
ମଳୟ ର ବାସ ଦେଇ
ତିକ୍ତ ରସ ଭରେ ସମ୍ପର୍କର
କ୍ଷୁର୍ଣ୍ଣ ଅନ୍ତରକୁ ଦିଏ ଦହି ।
ବିପଦ ବେଳରେ ସାହାଯ୍ୟର
ହାତ ବଢାଏ ଯିଏ ଖୁସିରେ
ଆପଣାର ଭଳି ସମବେଦନାରେ
ନୟନରୁ ଲୁହ ଝରେ ।

ଅଜଣା ସ୍ଥାନରେ ଅପରିଚିତଟେ
ନିଜ ଲୋକ ଭଳି ଠିଆ
ସାହସ' ଧୈର୍ଯ୍ୟ ପ୍ରଦାନ ବଳରେ
ଦୃଢ଼ କରିଥାଏ ହିଆ ।
ବିପଦର ବନ୍ଧୁ ବିପଦ ସମୟେ
ନିଜ ଲୋକ ଭଳି ଲାଗେ
ସମ୍ପର୍କଟା ସେଠି ଦିଏ ପରିଚୟ
ଆତ୍ମୀୟର କାର୍ଯ୍ୟ ଆଗେ ।


ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ପଙ୍କଜିନୀ ଉପାଧ୍ୟାୟ



କେତେ ବା ଦିନର ଜୀବନ ଆମର
କାହାକୁ ଅଛି ବା ଜଣା ?
ଅଭିନୟ ସାରି ଯିବା ପୁଣି ଫେରି
କାହିଁ ହେବା ଆନମନା ?

ଉଠା ପକା ଖେଳ ଜୀବନ ବଉଳ
ଲାଗେ ସମ୍ପର୍କର ମେଳା
ମାୟା ମୋହ ଘୋର ସମ୍ପର୍କ ବେଭାର
ସବୁ ସମୟର ଖେଳା ।

ଭଲପାଇବାର ବନ୍ଧନର ଘେର
ସବୁ ଲାଗେ ମୋର ମୋର
ମନକୁ କାହାର ପଢି ପାରିବାର
କିଏ ଜାଣିଛି ମନ୍ତର ?

ଅଢେଇ ଦିନର ନାଟିକା ଆମର
ହାରିବା କେବେ ଜିଣିବା
ଉଚ୍ଚାରଣ ସମ ଆଚରଣ ଆମ
ନିଶ୍ଚିତ ଶୁଦ୍ଧ ରଖିବା।

ଅନ୍ତର ସ୍ୱଚ୍ଛତା ବାହ୍ୟ ଆବିଳତା
ଛଳନା ଚାଦର ସମ
ସତ କଥା କହି ମନ ନେଲେ ମୋହି
ପାଳିବା ଜୀବନ ଧର୍ମ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଚାର ଶୁଦ୍ଧତା ସମ୍ପର୍କେ ମାନ୍ୟତା
ସଂସ୍କାର ସମୃଦ୍ଧ ପଥ
ଆପଣାର ଭାବ ସମ୍ପର୍କର ଲାଭ
ପରସ୍ପର ଦିଏ ସାଥ ।

ଷଡରିପୁ ବଶ ହୋଇଲେ ମାନସ
ଆପେ ହୁଏ ସ୍ୱାର୍ଥପର
ଆପଣା ପରର ସୁଦୃଢ଼ ପ୍ରାଚୀର
ଆନକୁ କରଇ ପର ।

କହି ପାରିବାନି ଆଲୋ ମୋ'ମିତଣୀ
କିଏ ପର କେ ନିଜର ?
ପରଖି ପରଖି ଯିବ ପ୍ରାଣପକ୍ଷୀ
ଶେଷ ହେବ ଜୀବନର ।


ତଥାପି ଜୀବନ ମୋହରେ ଆଚ୍ଛନ୍ନ
କ୍ଷଣକେ ପରିବର୍ତ୍ତନ
ଚାଲୁଛି ଚାଲିବ କିଏ ବା ରୋକିବ
ଏମିତି ପରା ଜୀବନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ବିଦ୍ୟୁତପ୍ରଭା ମିଶ୍ର



କିଏ ସେ ନିଜର ପଚାରିଲେ କେହି
ଉତ୍ତର ସହଜ ନୁହେଁ,
ଲୋକଙ୍କ ଦୃଷ୍ଟିରେ ଉତ୍ତର ଟି ପରା
ଭିନ୍ନ ଭିନ୍ନ ହୋଇଥାଏ ।
ବିପଦରେ ଯିଏ ହାତ କୁ ବଢ଼ାନ୍ତି
ନିଜର ଲାଗନ୍ତି ସେହି,
ଦୁଃଖ ସମୟର ବନ୍ଧୁଙ୍କର ଠାରୁ
ନିଜର କେହି ଯେ ନାହିଁ ।
ଶିଶୁଙ୍କ ଦୃଷ୍ଟିରେ ପିତାମାତା ତାର
ଲାଗନ୍ତି ବେଶୀ ନିଜର,
ଯୁବକ ବେଳରେ ବାନ୍ଧବୀ ବା ପତ୍ନୀ
ଲାଗନ୍ତି ନିକଟତର ।
ବୟସ ବଢିଲେ ବୁଝିପାରିଥାନ୍ତି
ଜୀବନର ବଡ଼ ସତ୍ୟ,
ଈଶ୍ୱର ଅଟନ୍ତି ସବୁଠୁଁ ନିଜର
ଜୀବନ ଅଟେ ଅନିତ୍ୟ ।
ନିଜ ହାତ ଗୋଡ଼କାମ କରେ ନାହିଁ
ବୟସ ବଢିଲା ପରେ,
ନିଃଶ୍ୱାସକୁ ବି ବିଶ୍ୱାସ ରହେନି
କିଏ ନିଜର ମହୀରେ ।
ଈଶ୍ୱରଙ୍କ ଅଂଶ ବିରାଜିତ ଅଛି
ଆମ ଦେହେ ଆତ୍ମା ଭାବେ,
ସଂସାରଟି ଅଟେ ଏକ ରଙ୍ଗମଞ୍ଚ
କଳାକାର ଆମେ ସର୍ବେ ।
ତାଙ୍କ ଠୁଁ ଆସିଛେ ତାଙ୍କରି ଅଙ୍ଗରେ
ମିଶିବା ଯାଇରେ ଦିନେ,.
ମୋର ମୋର ବୋଲି ଯାହାଙ୍କୁ ଭାବୁଛ
ଭୁଲିଯିବେ ସର୍ବ  ଜନେ ॥
ଏକାନ୍ତ ନିଜର ପ୍ରଭୁ ପୂର୍ଣ୍ଣ ବ୍ରହ୍ମ
ତାଙ୍କ ଠାରେ ରଖ ମତି,
ଆଉ ସବୁ ପରା ଅଢେଇ ଦିନିଆ
ଦିନେ ହୋଇଯାଏ ଇତି ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ସୁନିତା ମହାନ୍ତି



ଜୀବନ ଦୁଇ ଦିନର ଖେଳ ଅଟେ,
ହାରିବା ଜିତିବା ନୁହେଁ କିଛି
ସଂସ୍କାର ସ୍ୱଭାବ ଆନ୍ତରିକତା ଦେଇ
ଭଲ ପାଇବା ସାଇତି ରଖିଲେ
ହୃଦୟର ସ୍ୱଚ୍ଛ ମାପକାଠି ସର୍ବଦା
ଦେଇ ଥାଏ ପରିଚୟ ସବୁଠି ।

ମାତାପିତା ସବୁଠୁଁ ନିଜର ଦୁନିଆଁରେ
କହିବି ନିଷ୍ଚୟ ଅଛି ମୋର ଅଧିକାର
ଭାଇ ଭଉଣୀ ଆତ୍ମୀୟ ସ୍ୱଜନ
କେବେ ନୁହଁ ନିଜର,ସ୍ୱାର୍ଥ ଥିଲେ ଥିବେ
ତୁମ ସାଥିରେ, ଦେବେ ହୃଦୟ ବିଦାରି
ଘାତ ପ୍ରତିଘାତ ଦେଇ ଚାଲିଥିବେ
ଯେବେ ହେବ ସ୍ୱାର୍ଥ ପୁରି ।

ମର ପର ଏ ସୁନ୍ଦର ସଂସାର
କେହି ନୁହେଁ ତୁମର, ଚାଲିଯିବେ
ମାତାପିତା କରିଦେବେ କର୍ତ୍ତବ୍ୟ ତାଙ୍କର,
ସମୟ ସାଥିରେ ତୁମେ ଥିବ ନ୍ୟାୟବାନ୍ତ
ଅଧିକାର, ସୁନ୍ଦର ପରିଚୟ ତୁମର
କର୍ତ୍ତବ୍ୟ ସୁନ୍ଦର ଥିବ ସାଥିର,
କେହି  ରହିବେନି ପାଖରେ ସାଥେ ଥିବ
ତୁମ ନିଜ ଶରୀର, ଯିଏ ଅତିଆପଣାର ।

କିଏ ନିଜର  ? ପ୍ରଶ୍ନ ଉଠେ ଯେବେ
ଉତ୍ତରକୁ ରଖିବି ନିଜ ଶରୀର ।
ହାତ ଗୋଡ଼, ଅଙ୍ଗପ୍ରତ୍ୟଙ୍ଗ ସୁସ୍ଥ ଥିଲେ
ନିର୍ଭର ନୁହଁ ତୁମେ କେବେ କାହାର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ ସମ୍ପତି ଅଟେ ଆମ ଜୀବନର
ସୁସ୍ଥ ଶରୀର, ସୁସ୍ଥ ମନ ଶେଷ ଯାଏ
ତୁମ ନିଜର, ବୃଦ୍ଧ ଅବସ୍ଥାରେ ସାହା
ଏକା ତୁମ ଶେଷ ଜୀବନର ।


ଭଲ ପାଅ ନିଜକୁ, ସାଇତି ରଖ
ନିଜ ଜୀବନକୁ, ସବୁ ଘାତ ପ୍ରତିଘାତ
ଆସିବ ଆଗ ପଛ ହୋଇ ମହାମାରୀ
ବେମାରୀ, ଖଣ୍ଡ ବିଖଣ୍ଡ କରିବାକୁ
ତୁମ ଶରୀରକୁ, ଏହି ଭଲ ପାଇବା
ତୁମେ ଦେଇଥିଲେ ହେବନି ତୁମ
ଜୀବନ ଆଉ କାହାର......
ସତରେ ଏ ଶରୀର ନିଶ୍ଚେୟ
ଏକା ଆମ ନିଜର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ବିନୋଦିନୀ ଦାଶ



ଅଳୀକ ସଂସାର ସର୍ବେ ମୋର ମୋର
କହି କି ପାରିବା ନିଜର କିଏ ?
ବାଟୋଇ ପରିକା ନେଇଥାନ୍ତି ଆଶ୍ରା
ଯେ ଯାହାର ବୃକ୍ଷ ମୂଳେ ସଭିଏଁ ।

ସମୟ ସରିଲେ ବାହୁଡ଼ି ଯାଆନ୍ତି
ନିଜ ନିଜ ବାଟ ଧରିଧରିକା
କେହି ବି କାହାକୁ ମନେ ରଖନ୍ତିନି
କର୍ମେ ଫେରି ଆସି ଜଣଜଣକା ।

କର୍ମରେ ଜିଅଁଇ ପାର୍ଥିବ ଶରୀର
ଏ ବିଜ୍ଞାନ ଯୁଗେ ଫଟୋ ଚିତ୍ରରେ
ହେଲେ ଜୀବାତ୍ମାଟି କି ରୂପ ଧରିଛି
ଏକଥାକୁ କେହି ଜାଣି ନ ପାରେ ।

ଯେଉଁ ବାଟେ ହେଉ ଜୀବନତମାମ
ଅର୍ଜିଛନ୍ତି ଯେତେ ସୁଖସମ୍ପଦ
ତାହା ବି କାହାର ସାଥିରେ ଯାଏନି
ଗଲାବେଳେ ସର୍ବେ ଶୂନ୍ୟ ହାତ ।

ସ୍ତ୍ରୀ ପୁତ୍ର କନ୍ୟା ବନ୍ଧୁ ସହୋଦର
କେହି ଯାଆନ୍ତିନି ସାଥିରେ କା'ର
ରହନ୍ତି ସଭିଏଁ କିଛି ଦିନ ଭାଳି
ପଞ୍ଚଭୂତ ଦେହ ଭାବି ନିଜର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଶିଯାଏ ଆମ ପାଉଁଶ ମୁଠାରେ
ଗର୍ବ ସ୍ୱାର୍ଥ ଲୋଭ ଯେତେ ଦୁର୍ଗୁଣ
ହୃଦୟଗ୍ରାହୀର ମୁଖରେ କେବଳ
ମହମହ ବାସେ ଯେତେ ସୁଗୁଣ ।

ବଖାଣନ୍ତି ଦୁଇ ଅବା ତିନି ପିଢ଼ି
କଥାରେ କଥାରେ ଉଭୟ ଗୁଣ
ଏଇ ତ ଜୀବନ କ୍ଷଣକ୍ଷଣ ଆନ
କେ କାହା ନିଜର ନୁହଁନ୍ତି ଜାଣ ।

ଦୁଃଖ ବିପଦରେ ଡାକି ଭଗବାନ
ନିଜର ମନକୁ ଦେଉ ଆଶ୍ୱସ୍ତି
ପୂର୍ଣ୍ଣ ସମର୍ପିତ ଭାବ ଥିଲେ ହୃଦେ
ପ୍ରଭୁ ପରମାଦୁ ମୁକ୍ତ କରନ୍ତି ।

ଅଜାମିଳ ପାପୀ ଲଭିଲା ମୁକତି
ନିଜ ପୁତ୍ର ନାମ ମୁଖରେ ଧରି
କେଡେ ଦୟାବାନ ପ୍ରଭୁ ନାରାୟଣ
ନେଲେ ବିଷ୍ଣୁଲୋକ କୃପାଳୁ ପରି ।

ଯେତେ ନରନାରୀ ଜନମିଛେ ମର୍ତ୍ତ୍ୟେ
ବୁଝିବା ଉଚିତ କିଏ ନିଜର
ସେହି ଅନୁସାରେ ଧାଇଁ କର୍ମ ସାଥେ
ତରି ଯିବା ଆମେ ଭବସାଗର ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ଭରତବନ୍ଧୁ ବିଶ୍ୱାଳ



ରହିଛି ପ୍ରଚ୍ଛନ୍ନ ଦେହେ ଯେଉଁ ଶକ୍ତି
କହୁଛି ମୁଁ ଓ ମୋର
ଅମୃତ ସେ କଣ ସତ ଚିତ ଆତ୍ମା
କେବଳ ଅଟେ ନିଜର ।
ପ୍ରତ୍ୟେକଟି ଆତ୍ମା ପରମାତ୍ମାଙ୍କର
ଅଟଇ ଅଂଶ ବିଶେଷ
ଏଣୁ ପରମାତ୍ମା ପ୍ରତିଟି ଜୀବର
ପ୍ରିୟ ଆପଣା ନିଜର ।
ମାତାପିତା ବନ୍ଧୁ ପ୍ରିୟ ପରିଜନ
ବନ୍ଧୁ ସଖା ସହୋଦର
ଛାଇ ଆଲୁଅର ଲୁଚକାଳି ଖେଳ
ଅଢେଇ ଦିନ ସଂସାର ।
ମାୟା ମରିଚିକା ସୁନାର ହରିଣୀ
ସୁଖ ପଛେ ମନ ଧାଏଁ
ଆସି ଖାଲିହାତେ ଦିନେ ପୁଣି ନିଶ୍ଚେ
ଖାଲି ଫେରିବାକୁ ହୁଏ ।

ଥାଉ ଯେତେ ଧନ ହୀରା ନୀଳା ମୋତି
ସମ୍ପତ୍ତି ଅଚଳାଚଳ
ଯାଏ ନାହିଁ କିଛି ମଲାବେଳେ ସାଥେ
ନୁହଁଇ ତାହା ନିଜର ।
କରିଣ ପ୍ରଯତ୍ନ ସୁକର୍ତ୍ତବ୍ୟ କର୍ମ
ଅରଜିପାରେ ଯେ ପୁଣ୍ୟ
ଭୋଗ ହୋଇଥାଏ ତାହାର ସୁଫଳ
ଲଭେ ଆତ୍ମା ପୁନର୍ଜନ୍ମ ।
ହୁଏ ନାହିଁ କ୍ଷୟ ସତ୍ୟ ଓ ଧର୍ମର
ଆତ୍ମା ଅଜର ଅମର
ଭୋଗିବାକୁ ହୁଏ ନିଜ କର୍ମଫଳ
କର୍ମ ହିଁ ମୁକ୍ତିର ଦ୍ୱାର ।

ଉପର ବରୁଆଁ, କବୀରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ଅନୁପମା ବିଶ୍ୱାଳ



ଆସିଅଛି ଏକା ଯିବିମୁହିଁ ଏକା
କେହି ନ ଯିବେ ମୋ ସାଥେ
ସକାଳରୁ ସଞ୍ଜ ସଞ୍ଜରୁ ସକାଳ
ସୁଖେ ଦୁଃଖେ ଦିନ ବିତେ ।
ଦେଇଥିଲେ ବାସ ମାତୃଗର୍ଭେ ଯିଏ
ସିଏ ଜଗତ ଗୋସାଇଁ
ତାଙ୍କରି ଆଶିଷ ମିଳେ କେବେ ମୋତେ
କେବେ ପୁଣି ମିଳେ ନାଇଁ ।
ପିତା ମାତା ମୋର ଜନମ ଦିଅନ୍ତି
ଭାଗ୍ୟ ତ ଅଟେ ନିଜର
କର୍ମ କରୁଥାଏଁ ତା'ର ଉନ୍ନତିରେ
ତଥାପି ସେ ହୁଏ ଦୂର ।
ଭାଇ ଭଉଣୀଙ୍କ ସ୍ନେହ ଅନୁରାଗ
ପାଇଛି ଜୀବନେ ଯେତେ
ସ୍ୱାର୍ଥ ସହ ଯୋଡି ହୋଇଥାଏ ତାହା
ମିଳେ ନାହିଁ ବିଧିମତେ ।

ଶାଶୁଘର ସୁଖ ଆଲୋକ ଅନ୍ଧାରେ
କରୁଥାଏ ନିତି ଗତି
ବିଶ୍ୱାସ ଭରସା ଖେଳୁଥାଏ ଖେଳ
ଜୁଆର ଭଟ୍ଟାରେ ମାତି ।
ଭାବରେ ଗୁନ୍ଥିତ ସାଙ୍ଗସାଥୀ ମୋର
ଶୋଭା ପାଆନ୍ତି ଗଳାରେ
କାମ ସରୁ ସରୁ ଭାବ ସରିଯାଏ
କିଏ କାହାକୁ ପଚାରେ ।
ଆନ୍ତରିକ ସ୍ନେହ ଅପହଞ୍ଚ ହୁଏ
ପୁତ୍ର କନ୍ୟାଙ୍କ ହୃଦରେ
ମାତୃତ୍ୱ ଭାବନା ପାଏ ଯେ ଯନ୍ତ୍ରଣା
ଭାଗ୍ୟବଳ ହୀନତାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବନ୍ଧୁ ବାନ୍ଧବଙ୍କ ପାଖରୁ କି ଆଶା
କି ଆଶା ପ୍ରେମିକ ଠାରୁ
ରସ ଝରୁଥିଲେ ଭାବ ବଢୁଥାଏ
ସତେ କି ହୃଦ କନ୍ଦରୁ ।
ଗୁରୁ ଗୁରୁଜନ ଯେଉଁଠି ଯେତେକ
ଶିକ୍ଷା ଦିଅନ୍ତି ସକଳେ
ହାତ ଛାଡି ଦେଇ ଯାଆନ୍ତି ଦୂରକୁ
ଆବଶ୍ୟକ ଯେତେବେଳେ ।
ବାହାର ଲୁହକୁ ଦେଖନ୍ତି ସଭିଏଁ
ଦେଖନ୍ତିନି ଭିତରର
ବିଶାଳ ସଂସାରେ କିଏ ବା ନିଜର
ନିଜେ ନିଜପାଇଁ ସାର ।


ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିଜର କିଏ

ନିବେଦିତା ପଣ୍ଡା



ଆସନ୍ତାକାଲିକୁ କିଏ ବା ଦେଖିଛି
ଆଜିର ସମୟ ଅତି ନିଜର ,
ସମୟ ଠୁ ବଳି ଖୁସିର ମୁହୂର୍ତ୍ତ
ଜୀବନ ପାଇଁ ତ ଅତି ମଧୁର... !

ମଣିଷ ତ ଚାହେଁ ବଞ୍ଚି ରହିବାକୁ
ଅପ୍ରାପ୍ତ ମୃତ୍ୟୁକୁ କିଏ ବା ଚାହେଁ....
ନିଜମାନେ ଯେବେ ଶତ୍ରୁ ହୋଇଥାନ୍ତି
ପରକୁ ଆପଣା କରି ସେ ନିଏ.... !

କିଏ ପର ଅବା କିଏ ଯେ ନିଜର
ନାହିଁ ତା'ର କିଛି ପରିମାପକ ,
ସହାନୁଭୂତିର ହାତ ଯେ ବଢାଏ
କେଉଁ ଜନମର ଥାଏ ସମ୍ପର୍କ.... !

ହଜି ଯାଇଥିବା ସପନ ଗୁଡ଼ିକ
ସେଇଠି ସତର ସ୍ୱରୂପ ପାଏ,
ସେଇ ଭାବନାର ସଫଳତା ପାଇଁ
ପର ସାହଚର୍ଯ୍ୟ ପାଥେୟ ହୁଏ।

ଗୋପନ ଯାତନା ଅତୀବ ନିଷ୍ଠୁର
ଭିତରେ ଭିତରେ ଦହନ କରେ...
କହି ପାରିବନି, ସହି ପାରିବନି
ମଲାଜହ୍ନ କରି ମାରେ ଅଚିରେ.... !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହି ସମୟର ବୈଶାଖୀ ବେଳାରେ
ପର ସମ୍ପର୍କଟି ଫଗୁଣ ହୁଏ..
ଆତ୍ମୀୟ ଭାବର ମଳୟ ପବନ
ଅଜଣା ଭାବରେ ମନକୁ ଛୁଏଁ.. !

କରିବାକୁ ଯାହା ନିଜର ପାରେନା
ପରମାନେ ତାହା କରି ଦିଅନ୍ତି....
ସେଇଥିପାଇଁ ତ ପର ବି ନିଜର
ରକ୍ତ ସମ୍ପର୍କକୁ ପଛେ ପକାନ୍ତି... ?

ଭଙ୍ଗା ଅତୀତଟି ଜୀବନ୍ୟାସ ପାଏ
ପର ସମ୍ପର୍କକୁ କରି ମାଧ୍ୟମ....
ନିୟତି ଇଚ୍ଛାରେ ସବୁ ଘଟିଥାଏ
ଦୁର୍ଗମ ପଥ ବି ହୁଏ ସୁଗମ... !

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ଭାସ୍କର ରାଉତ



ବିଚିତ୍ର ପ୍ରକୃତି ଏ ମଣିଷ ଜାତି
ସହଜେ ଚିହ୍ନା ନଯାଏ
ନିଜ ରକତକୁ ନଚିହ୍ନଇ ତାକୁ
ସ୍ୱାର୍ଥପର ସାଜି ସିଏ ।
ଭାଇ ଭଉଣୀଙ୍କୁ ଭୁଲିଯାଏ ତାଙ୍କୁ
ନିଜ ସ୍ୱାର୍ଥରକ୍ଷା ପାଇଁ
ଜନକ ଜନନୀ କାହାକୁ ଚିହ୍ନେନି
ତାହାଙ୍କୁ ହେୟ ମଣଇ ।
ପତ୍ନୀ ଛୁଆ ପାଇଁ ଖଟୁଥାଏ ସେହି
ଇତରଙ୍କ କଥା ଭୁଲି
ନିଜେ ଛୁଆ ଥିଲା ସେ କଥା ଭୁଲିଲା
ବଡ଼ ହୋଇଅଛି ବୋଲି ।
ଭାବିଛି ନିଜର ପତ୍ନୀ ଛୁଆ ତା'ର
ଆସିଲେ ସେହୁ କେମିତି ?
କେଉଁ ଠାରେ ଥିଲେ କା ଲାଗି ଆସିଲେ
ଏକଥା ପାରିନି ଚିହ୍ନି ।
ସଭିଙ୍କ ବୟସ ବଢ଼ିବ ଅବଶ୍ୟ
ହୋଇବେ ବାର୍ଦ୍ଧକ୍ୟ ଯୁବା

ସମୟ ଆସିଲେ ତା ସନ୍ତାନ ଭଲେ
ହୋଇ ବେଟି ସେହି ବିଭା ।
ଘେନି ତା ସଂସାର ହୋଇବ ଅନ୍ତର
ସେବେଳେ କରିବ ଚିନ୍ତା
ନିଜ କରମକୁ ପାଶୋରି ତାହାକୁ
ନିନ୍ଦିବ ରହି ବିଧାତା ।
ତେବେ ଯାଇ ସେହି ବୁଝିବଟି ରହି
କିଏ ସେ ଅଟେ ନିଜର
ବେଳ ତା ନଥିବ ସବୁ ସରିଥିବ
କରୁଥିବ ସେ ଚିତ୍କାର ।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

କଳ୍ପନା ରାୟ



ଛୋଟ ବୟସରୁ ବାଟ କଢାଇବା
ବାପାଙ୍କର ଥିଲା କାମ
ଧୀରେ ଧୀରେ କରି ସମୟ ଗଡିଲା
ବାପା କଲେ ହରିନାମ
ଶୀଘ୍ର ଡାକି ନେଲା ଯମ
ସବୁଠାରୁ ଯିଏ ମୋ ନିଜର ଥିଲା
ସିଏ କରିଦେଲା ପର

ମାଆ ଭାଇଙ୍କୁ ମୁଁ ନିଜର କରିଲି
ଭେଟିଲି ଜୀବନ ଯୁଦ୍ଧ
ନିଜକୁ କଷ୍ଟ ଦେଇ ତାଙ୍କର କଲି
ଘୋଟିଲା ମହା ବିପଦ
ଝିଣି ଆପାଦମସ୍ତକ
ନିଜ ନିଜ ସ୍ୱାର୍ଥ କରିଲେ ସେ ସିଦ୍ଧି
ମୁଁ ଖାଲି ଭୋଗିଲି ରୋଗ

ହାତରୁ କଙ୍କଣ ଦେଇ କିଣି ପୋଇଲି
ଦେବଦାସୀ ହେଲା ସିଏ
ଦେହ କଷ୍ଟ ବେଳେ ନିଜର ହେଲେନି
ପୋଇଲି ଭାବନ୍ତି ମୋତେ
ଯେମିତି କୁକୁର ସତେ
କାମ କରୁଥିବି ମୁଁ ମେସିନ ପରି
ପଚାରିଲେ ନାହିଁ ସିଏ

ସାଙ୍ଗସାଥୀ ବନ୍ଧୁବାନ୍ଧବଠୁ ଦୂରେ
ମୋର କର୍ମର ସଂସ୍ଥାନ
ମାଆ ଭାଇ ଛଡା ପଚାରିଙ୍କ କିଏ
କୁହ କିଏ ମୋ ନିଜର
ଡାକେ ମୁହିଁ ହରିହର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଛଡା ସ୍ୱାର୍ଥପର ଦୁନିଆରେ
କିଏ ହୋଇବ ନିଜର
ଭାଗରୁ ବଳକା କାମ ମୁଁ କରିଛି
ମୁହିଁ ପରା ଛୋଟବେଲୁ
ଦେଖାଣିଆ ପ୍ରେମ ଥିଲା ସେଥିପାଇଁ

ରୋଗ ହେଲା ମହାମେରୁ
ବାପାଙ୍କ ଆଶୀର୍ବାଦରୁ
ବାପାଙ୍କ ଅଧା କାମ ନେଲି ଗୋଟାଇ
ଥଇଥାନ ସମସ୍ତଙ୍କୁ

ଜୀବନ ଗଣିତ ବଡ଼ ଦଗାଦିଆ
ଯିଏ କରେ ସିଏ ମରେ
ସମୟାନୁସାରେ ରୋଗ ମୋ ବଢିଲା
ସେକଥା ପଚାରେ କିଏ
ଛୋଟବେଲୁ ରୋଗୀଟିଏ
ହାତଗୋଡଦେହ ମୋର କେଁକେଁ ହେଲା
କୁହ ମୋ ନିଜର କିଏ

ଶରୀରଟା ଅଛି କଷ୍ଟ ବି ପାଉଛି
ଔଷଧକୁ ଖାଉଅଛି
ଆଣ୍ଠୁ ଅଣ୍ଟା ଥାଇରଏଡ଼ ବଢୁଛି
ଗୋଡ଼ ନିଜର ଭାବୁଛି
ତଥାପି ତାକୁ ସାଧୁଛି
କାମ କରୁଛି, ଆଣ୍ଠୁ କଷ୍ଟ ସହୁଛି
ଆଣ୍ଠୁ ନିଜର ଭାବୁଛି

ନଅ ବର୍ଷ ହେଲା ମାଆ ବିଛଣାରେ
ପାଞ୍ଚଛୁଆ ତାର ଅଛି
ଏବେ ମୋର ଆଣ୍ଠୁ ଯେଉଁ ଅବସ୍ଥାରେ
କିଏ କରିବ ଭାବୁଛି
ଭଗବାନଙ୍କୁ ଡାକୁଛି

ନେଇଯାଅ ପ୍ରଭୁ ଏଇଲାଗେ ମୋତେ
ଜାଣିବି ସତରେ ଅଛି

ଯଦି ମୁଁ ବଞ୍ଚିବି କି କର୍ମ କରିବି
ଗୋଡହାତ ଚଳୁ ନାହିଁ
ହେ ଦୟାସାଗର ମୋର କଷ୍ଟ ହରି
ନେଇଯାଅ ମୁଁ କହୁଛି
ପ୍ରାରବ୍ଧ କ'ଣ ସରିନି
ଗଣିତ ହିସାବ ପଛପଟେ ରଖି
ନିଜର କର କହୁଛି


ଲଇଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

କୁମୁଦିନୀ ପତି



ବଡ଼ କଠିନ ଏ ପ୍ରଶ୍ନର ଉତ୍ତର
ସହଜେ ଜମା ମିଳେନା,
ଧରାକୁ ଆସିବା ଦିନଠୁ ଦେଖିଛି
ସମ୍ପର୍କେ କେତେ ଛଳନା ।

ଛୋଟ ବେଳେ ଯେଉଁ ବାପା ମାଆ ପରା
ଲାଗୁଥିଲେ ଅତି ନିଜର,
ବଡ଼ ହେଲା ପରେ ସେହି ବାପା ମାଆ
କିପରି ହୁଅନ୍ତି ପର ।

ବାପା ମାଆ ଛାଡି ଯେତେକ ସମ୍ପର୍କ
ସ୍ୱାର୍ଥର ଡୋରିରେ ବନ୍ଧା,
ସ୍ୱାର୍ଥ ହାସଲ ହୋଇଗଲା ପରେ
ହୁଏ କେତେ ଅସୁବିଧା ।

ସ୍ୱାର୍ଥ ଥିଲାବେଳେ ଲାଗନ୍ତି ନିଜର
ତାପରେ ତ ସାତପର,
ଏଇ ଦୁନିଆରେ ନିଜ ପର କିଏ
ଜାଣିବାଟା କଷ୍ଟକର ।

ଛଳନା ସମ୍ପର୍କ ଦିଏ କେତେ ଦୁଃଖ
ଜଣାଏ ଅନେକ କଥା,
ଆଶ୍ୱାସନା ଦେବା ଲୋକ ଘୃଣା କଲେ
ଘୁରିଯାଏ ପରା ମଥା ।

ଅବିଶ୍ୱାସୀ ନର ହୁଏନା ନିଜର
ଏଇ ମରତ ଧାମରେ,
ଈଶ୍ୱରଙ୍କୁ ଯେବେ ନିଜର ଭାବିବା
ରହିବା ସିନା ସୁଖରେ ।

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ରଞ୍ଜିତା ଦାଶ



ଅସ୍ତଗାମୀ ସୂର୍ଯ୍ୟକୁ ଯଦି
ସକାଳ ପଚାରେ
ଏଠି ନିଜର କିଏ
ସେ କଣ୍ କହି ପାରିବ
ତା ଉଦୟର କାରଣ ! ! ! !

ସାଗର ଯଦି ପଚାରେ
ଝରଣା କାହିଁକି
ମୋ ସହ ମିଶିବା ପାଇଁ ବ୍ୟାକୁଳ
ସେ କଣ୍ କହି ପାରିବ
ସେ ତା ନିଜର ! ! ! !

ଆକାଶ ଯଦି ପଚାରେ
ଟୋପାଏ ବରଷା ଜଳ ପାଇଁ
ମାଟି କାହିଁକି ଅସ୍ଥିର
ସେ କଣ୍ କହି ପାରିବ
ସେ ତା ନିଜର !

ଯମୁନା ଯଦି ପଚାରେ
ନୀଳ କଦମ୍ବର କଥା
କୃଷ୍ଣ କଣ୍ କହି ପାରିବେ
ସେ କେତେ ନିଜର ! ! ! !

ରାଈ ଯଦି ଭାବିବେ
ବିରହୀ ବେଦନାର ସ୍ୱର
କେତେ ପ୍ରଖର
କଳାକାହ୍ନୁ କଣ୍ କହି ପାରିବେ
ସେ କେତେ ନିଜର ! ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫୁଲକୁ ଯଦି ପଚାରିବା
ତା ମଧୁର ମୂର୍ଚ୍ଛନା
ସେ କଣ୍ କହି ପାରିବ
ଭ୍ରମର କେତେ ନିଜର !!!!

ମାଳିକୁ ଯଦି ପଚାରିବା
ବଗିଚାର ଗୋପନୀୟତା
ସେ କଣ୍ କହି ପାରିବ
ତା ଆତ୍ମୀୟତା କେତେ ନିଜର !!!!

ସୂର୍ଯ୍ୟ କୁ ଯଦି ପଚାରିବା
ତାଙ୍କ ଜଳିବାର କାରଣ
ସେ କଣ୍ କହି ପାରିବେ
କଇଁ ତାଙ୍କ କେତେ ନିଜର !!!!!

ତେବେ ଏଠି ନିଜର କିଏ
ତ୍ୟାଗ ଆଉ ମହନୀୟତାର
ମୂଲ୍ୟ ଆଗରେ ସବୁ ଆପଣାର।
ସେ ବର୍ଷା ହେଉକି ବସନ୍ତ
ସେ ଗ୍ରୀଷ୍ମ ହେଉକି ଶୀତ
ସମସ୍ତେ ଏଠି ନିଜର।
ଷଡ ଋତୁ ପରେ ଯଦି ଆସେ ସପ୍ତମ ଋତୁର
ସମ୍ଭାର

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଜର କିଏ

ସଂଯୁକ୍ତା ସାହୁ



ଏ କ୍ଷଣ ଭଙ୍ଗୁର ଦୁନିଆରେ
କେହି ନୁହେଁ କାହାର
ଆସିଛେ ଏକା ଯିବା ବି ଏକା
ନ ଥିବେ କେହି ନିଜର ।
କିନ୍ତୁ ଏଇ ସଂସାରକୁ ଆସିବା
ବିଧି ନିର୍ଦ୍ଧିଷ୍ଟ ନିୟତିର
ସେ ବାଟ ଦେଖାନ୍ତି ଚାଲିବାକୁ
ସବୁ ଖେଳ ହିଁ ତାଙ୍କର ।
ପ୍ରଥମେ ସଂଚାର ହୁଅନ୍ତି ସଭିଏଁ
ମାଆର ଗର୍ଭରେ
ଏଥିରେ ତ୍ୟାଗ ଥାଏ ସମ୍ପର୍କର
ବାପାଙ୍କ ଭୂମିକାରେ ।
ତା'ପରେ ମାଟି ମାଆ ଛୁଇଁଥାଉ
ଖେଳି ବୁଲି ବଡ ହେଉ
ତା କୋଳର ପାଣି, ପ୍ରକୃତି, ଖାଦ୍ୟ
ଉପଭୋଗ କରିଥାଉ ।

ବଡ ହେଲା ପରେ ମାତୃଭାଷା
ସମସ୍ତଙ୍କୁ ପରିଚିତ କରେ
ଆମ ଜନ୍ମଭୂମୀ ଆମ ପାଇଁ ସ୍ୱର୍ଗ
ଆମକୁ ଗର୍ବ ଗର୍ବିତ ଭରେ ।
ମାଆ,ବାପା,ମାଟି,ମାତୃଭୂମି ପୁଣି
ମାତୃଭାଷା ଅତି ନିଜର
ଜୀବନ କାଳରେ ସମ୍ପର୍କ ଗଢନ୍ତି
ଅନେକ ସଖା ସହୋଦର ।
ସବୁଠୁ ଉର୍ଦ୍ଧରେ ପ୍ରଭୁ ପରମେଶ୍ୱର
ସେ ହିଁ ଆମ ପ୍ରାଣ କର୍ତ୍ତା
କର୍ମ କରିବାକୁ ଦେଇଥାଆନ୍ତି
ସେ ହିଁ ଦୈବ ବିଧାତା ।


ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୁଁ ସ୍ୱପ୍ନ କେବେ

ସନ୍ତୋଷ କୁମାର ସୁତାର



ମୁଁ ସ୍ୱପ୍ନ କେବେ ଝାଟି ମାଟି ଘରେ,
ଆକାଶ ଛୁଇଁବା ଭଳି ।
ମୁଁ ସ୍ୱପ୍ନ କେବେ ଅନିଚ୍ଛା ମଧ୍ୟରେ,
ଅକାରଣେ ଯାଏ ଜଳି ।
ମୁଁ ସ୍ୱପ୍ନ କେବେ ଅଜଣା ସହରେ,
ଲମ୍ବା ଏକା ରାଜପଥ ।
ମୁଁ ସ୍ୱପ୍ନ କେବେ ବିକ୍ଷିପ୍ତ ବେଦନା,
ବେସୁରା କୋଇଲି ଗୀତ ।
ମୁଁ ସ୍ୱପ୍ନ କେବେ ଧିମା ଧିମା ଜଳା,
କେଉଁ ଦୀପରେ ସଳିତା ।
ମୁଁ ସ୍ୱପ୍ନ କେବେ ନିତି ହଜୁଥାଏ,
ଭିତରେ ବି ହୁଏ ଏକା ।

ମୁଁ ସ୍ୱପ୍ନ କେବେ ମରୁଦ୍ୟାନ ସମ,
ନିରାଶାରେ ଆଶା ଭଳି ।
ମୁଁ ସ୍ୱପ୍ନ କେବେ କିଛି ପାଇବାକୁ,
ପ୍ରତିକ୍ଷଣେ ପଡେ ବଳି ।
ମୁଁ ସ୍ୱପ୍ନ କେବେ ପିଲାବେଳ ଗପ,
ବୁଢ଼ୀମାର ଉପାଖ୍ୟାନେ ।
ମୁଁ ସ୍ୱପ୍ନ କେବେ ଅନିଦ୍ରା ଆଖିରେ,
ସୁଖ ନିଦର ସନ୍ଧାନେ ।
ମୁଁ ସ୍ୱପ୍ନ କେବେ ହତୋତ୍ସା ଶୈଶବ,
ଭବିଷ୍ୟତ ବୋଝ ଭରା ।
ମୁଁ ସ୍ୱପ୍ନ କେବେ କଳଙ୍କିତ କାଳି,
ଅପମାନର ପସରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ସ୍ୱପ୍ନ କେବେ ନିରୋଳା ମୁହୂର୍ତ୍ତେ,
ଆତ୍ମବିଶ୍ଳେଷଣ ଟିଏ ।
ମୁଁ ସ୍ୱପ୍ନ କେବେ ବିବସ୍ତ୍ର ଜୀବନ,
ବିପନ୍ନ ର ଆହା ହାଏ ।
ମୁଁ ସ୍ୱପ୍ନ କେବେ ଆପ୍ରାଣ ପ୍ରଚେଷ୍ଟା,
ନିରନ୍ତର ସମନ୍ୱୟର ।
ମୁଁ ସ୍ୱପ୍ନ କେବେ ସଫଳତା ଠାରୁ,
ସ୍ୱଳ୍ପ ବ୍ୟବଧାନ ଦୂର ।
ମୁଁ ସ୍ୱପ୍ନ କେବେ ମନର ଭରଷା,
ମୁକ୍ତ ନଭ ମୁକ୍ତ ପକ୍ଷୀ ।
ମୁଁ ସ୍ୱପ୍ନ ପୁଣି ନିଜଠୁ ଅଲଗା,
ନିଜ ଅପରାଧେ ସାକ୍ଷୀ ॥

ସ୍ନାତକୋତ୍ତର ଇଂରାଜୀ ସାହିତ୍ୟ ସମ୍ମାନ ବିଭାଗ
କଟକ
ମୋ : ୯୭୭୭୭୭୮୨୯୩, ୯୧୧୪୭୭୮୦୭୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ ସଂଧ୍ୟା

କୃଷ୍ଣଚନ୍ଦ୍ର ବାରିକ



ଅସ୍ତଗାମୀ ରବି କିରଣ ଆହା କି ମନୋହର
ଅସ୍ତାଚଳ ଶୋଭା ଉପମା ନାହିଁ ତା ପଟାନ୍ତର
ବିହଙ୍ଗ କାକଳି ଶୁଭୁଛି ଶତ ଶଂଖ ପ୍ରକାର
ଲୋରୀ ଗୀତ ଗାଇ ଫେରଇ ଧରି ଗୋରୁଙ୍କ ପଳ

ତପଚାରୀ ପାଳେ ତୁଠରେ ଗାଇ ସଂଧ୍ୟା ବନ୍ଦନା
ତୁଳସୀ ମୂଳରେ ପୁଜଇ ନବ ବଧୂ ଅର୍ଚ୍ଚନା
ଭାଗବତ ଟୁଙ୍ଗୀ ମୁଖର ଆମ ଅତୀତ ଗାଥା
ବିକଳାଙ୍ଗ ହେଲା ସଂସ୍କୃତି ହୋଇ ପାଶ୍ଚାତ୍ୟ ଲଥା

ହଜିଗଲେ ଘର ଚଟିଆ ହଜିଲା ଢେଙ୍କି ଶାଳ
ଖଦ୍ୟୋତିକା ନେଲା ସମାଧି ଆବର ତୋଟା ମାଳ
ଶାଢୀ ଯାଇ ଫଟା ଜିନ୍‌ସଟି ଏବେ ଦେଖାଏ ଭାଉ
ପ୍ରେମ ଭକ୍ତି ଆଉ ନାହିଁ ହେ କାଳ ସାଜିଲା ଦାଉ

ମାଆ ବାପା ଭୁଲି ମଣିଷ ଡାକିଲା ମମି ଡାଡି
ଇଂରାଜୀ କହୁଛି ବାଲୁତ ଓଡିଆ ଦେଇ ଛାଡି
ମାତୃଭାଷା ଆମ ମହାନ ଜାଣି ହେଉଛି ବାୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂସ୍କାର ବିହୀନେ ଜୀବନ ଜର୍ଜର ଶିଳା ଛାୟା

ଉତ୍ତରାୟଣରେ ଜୀବନ ଠିକ ଯୌବନ କାଳେ
ମନ୍ଦ କୃତ୍ୟ କରି ଅଳ୍ପାୟୁ ପଡିଛି ମାୟା ଜାଳେ
ମୋର ମୋର ବୋଲି ଭୁଲିଛି ସେବା ତ୍ୟାଗ ମହତ୍ତ୍ୱ
ଅସ୍ତାଚଳେ ଥାଇ ଆଚରେ ମିଥ୍ୟା କପଟ ତତ୍ତ୍ୱ। ।

ସାରସମାଲ, ସୁବର୍ଣ୍ଣପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନାରୀଜାତି ପାଇଁ ଆଦର୍ଶ ସୀତା

ବୀଣା ସାହୁ



ନାରୀ ଜାତି ପାଇଁ ଆଦର୍ଶ ସୀତା
ରାଜା ଜନକଙ୍କ ଦୁହିତା
ଯୁଗ ଯୁଗ ପାଇଁ ରଚିଲେ କାହାଣୀ
ସାରା ଜଗତେ ପୂଜିତା ।

ସତୀ ଶିରୋମଣି ଶ୍ରୀ ରାମଙ୍କ ଘରଣୀ
ପତି ଭକ୍ତି ପରମେଶ୍ୱରୀ,
ଶ୍ରଦ୍ଧା ଭକ୍ତିର ପରାୟଣୀ ନିର୍ମଳ ପ୍ରେମ
ପତିବ୍ରତା ସତୀ ଶିରୋମଣି ।

ଏକ ନିଷ୍ଠ ସତ୍ୟରକ୍ଷା ପବିତ୍ର ମହାନତା
ନାରୀ ଜାତି ପାଇଁ ଶିକ୍ଷା
ସଂସ୍କାର ସଂସ୍କୃତି ରିତି ନୀତି ଯେତେ
ନାରୀ ଜାତି ପାଇଁ ପରୀକ୍ଷା ।

ସୀତା ଦେଲେ ସତିତ୍ୱର ଅଗ୍ନୀ ପରୀକ୍ଷା
ନିଜକୁ କଲେ ପ୍ରମାଣ
ବନରେ ରହିଲେ ହୋଇ ନିର୍ବାସିତା
ବିଧିର ଏ କି କଷଣ ।

ସାମାନ୍ୟ ରଜକ ରଜକି କଳି ରେ
ଓଲଟ ପାଲଟ ଜୀବନ
କଳଙ୍କିତ କଲେ ଅଯୋଧ୍ୟା ନୃପତି
ଗଲେ ବାଲ୍ମୀକି ଆଶ୍ରମ ।


ଧୈର୍ଯ୍ୟ ସହିସ୍ନୁତା ଉଦାର ବିସ୍ତୃତା ଥିଲା
ମହନୀୟ ଗୁଣ ସମ୍ପନ୍ନ
ନାରୀ ଜାତି ପାଇଁ ସତୀ ସୀତା ହିଁ
ସାକ୍ଷାତ ଉଦାହରଣ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ କାନ୍ଦୁଛି ସନ୍ଦେହ ଦ୍ୱାରେ

ସରିତା ମହାନ୍ତି



ଶ୍ରେଷ୍ଠ ଜୀବ ରୂପେ ସୃଷ୍ଟି କଲେ ପ୍ରଭୁ
ଶ୍ରେଷ୍ଠ ଉପହାର ଦିଏ ମଣିଷ
ବିଶ୍ୱାସ କାନ୍ଦୁଛି ସନ୍ଦେହ ଦ୍ୱାରରେ
ନିୟତି କରେ ଦେଖ ଉପହାସ ।

ସରଳ ବିଶ୍ୱାସେ ଗରଳ ଢ଼ାଳନ୍ତି
ସାରା ଶରୀରକୁ କରେ ଅବଶ
ମଣିଷ ଭିତରେ ମଣିଷତ୍ୱ ହଜେ
ମୁଖରେ ଅମୃତ ଅନ୍ତରେ ବିଷ ।

ମିଛ ଆଶ୍ୱାସନା କରନ୍ତି ଛଳନା
ଅଡୁଆ ଜାଲରେ ଛନ୍ଦେ ଜୀବନ
ସୂତ୍ର ହଜିଯାଏ ଧୋକା ପାଇଥାଏ
ଦେଖୁଥାଏ ଯେବେ ଦିବା ସପନ ।

ଆଶା ଅସୁମାରୀ ସାଜିଲା ବଇରୀ
ବାମନ ବଢାଏ ଚାନ୍ଦକୁ ହାତ
ସ୍ୱପ୍ନ ମହଲରେ ତୋଳିଥିଲା ଘର
ଦେଖି ହସି ଥିଲା ସାରା ଜଗତ ।

ଅମା ଅନ୍ଧକାର ଘୋଟିଲା ଜୀବନେ
ଦୁଃଖକୁ ସୁଖ ଭାବିଲି ଯେବେ
ଆହାରେ ପ୍ରହାର ଦେବାକୁ ଅନେକ
ଜଗି ବସିଛନ୍ତି ଦେଖିଲି ଏବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମିଥ୍ୟା ଆଗେ ସତ୍ୟ ବନ୍ଧା ପଡ଼ି ଯାଏ
ଆଖି ଥାଇ ଅନ୍ଧ ହେବାକୁ ପଡେ
ତ୍ୟାଗର ପାଉଣା ମିଳିଲେ ଯାତନା
ସମ୍ପର୍କର ଡୋରୀ ଅଦିନେ ଛିଡ଼େ ।

ଯାହାକୁ ପ୍ରାଧାନ୍ୟ ଦେଇ ବଞ୍ଚୁଥିବ
ପ୍ରତାରଣା ଦିଏ ସରିଲେ ସ୍ୱାର୍ଥ
ବିଶ୍ୱାସ କାନ୍ଦଇ ସନ୍ଦେହ ଦ୍ୱାରରେ
ସେନେହ ମମତା ତା ପାଇଁ ବ୍ୟର୍ଥ ।

କାଟି ଫିଙ୍ଗି ଦିଏ ସାହାରା ଲତାକୁ
ସତେକି ଆଶ୍ରୟ ହୋଇଲା ଭାରି
ଜନ ମୁଖ କଥା ନ ହୁଏ ଅନ୍ୟଥା
ସ୍ମୃତି ପୃଷ୍ଠା ଖୋଲି ହେଉଛି ଘାରି ।

ମିଠା ତାର କଥା ମିଠା ତା ସପନ
ମୃଗ ତୃଷ୍ଣା ପରି ଧାଇଁବା ସାର
ରୋଧିର ଝରିବ ଶୋଷ ନ ମେଣ୍ଟିବ
ଠିକଣା ହଜିବ ହେବ ବେଘର ।

ନାହିଁ ପ୍ରତିବାଦ ନାହିଁ ଅଭିମାନ
ଆଶାର ପ୍ରଦୀପ ଲିଭି ଗଲାଣି
ବିଶ୍ୱାସ କାନ୍ଦଇ ସନ୍ଦେହ ଜ୍ୱାଳାରେ
ଜ୍ୱାଳାର କାରଣ ଖୋଜୁଛି ପୁଣି ।

ମଲମ ଲେପନେ ପଡେ ନାହି ଥଣ୍ଡା
ସ୍ୱାର୍ଥର ଆହୁତି ଦେଇ କହିଲା
କର୍ମ ଫଳ ଭୋଗ କରିବାକୁ ପଡେ
ସନ୍ଦେହର ଜ୍ୱାଳା ନିଜେ ସହିଲା ।

କବି ଭାରତୀ ସରିତା ମହାନ୍ତି
ବାଲିଆପାଳ, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ କାନ୍ଦୁଛି ସନ୍ଦେହ ଦ୍ୱାରେ

ସରୋଜ କୁମାର ପଣ୍ଡା



ସମୟ ଡୋରିରେ ବନ୍ଧା ପଡ଼ିଅଛି
ବିଶ୍ୱାସର ଭାବ ରେଖା
ମୁଣ୍ଡ ପିଟି କାନ୍ଦେ ସନ୍ଦେହ ଦ୍ୱାରରେ
ହୋଇ ନିଜେ ଅଣଦେଖା ।।

ଆଗ ପଛ ହୋଇ ସମୟର ଚକ
ଘୁରୁଥାଏ ପ୍ରତିକ୍ଷଣ
ତାଳ ଦେଇ ଚାଲେ ଧର୍ଯ୍ୟ ଓ ବିଶ୍ୱାସ
ସନ୍ଦେହ ଦିଏ କଷଣ ।

ସନ୍ଦେହ ଫୁଲରେ ନ ବସେ ଭ୍ରମର
ପ୍ରୀତିରେ ନ ରଖେ ମୋହ
ଅବିଶ୍ୱାସ ନିଆଁ ଅତି ମାରାତ୍ମକ
ସମ୍ପର୍କରେ ଭରେ କୋହ ।

ବିଶ୍ୱାସରେ ଚାଲେ ଏ ସାରା ସଂସାର
ପୀରତି ରସରେ ଛନ୍ଦା
ପତି ପତ୍ନୀ ଅବା ପ୍ରେମିକ ପ୍ରେମିକା
ବିଶ୍ୱାସ ସୂତ୍ରରେ ବନ୍ଧା ।।

ହସର ମୁହଁରେ ଦୁଃଖକୁ ଯେ ଦେଖେ
ବିଶ୍ୱାସ ରଖ ତା ଠାରେ
ରାଗ ଅନ୍ତରାଳେ ଭଲ ପାଇବାକୁ
ଅନୁଭବେ ଜାଣିପାରେ ।

ଧର୍ମଗଡ, କଳାହାଣ୍ଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ କାନ୍ଦୁଛି ସନ୍ଦେହ ଦ୍ୱାରେ

ସନ୍ତୋଷ କୁମାର ସାହୁ



ଏହି କଳିଯୁଗ ଅନ୍ତିମ ସମୟେ
ପରସ୍ପର ମଧ୍ୟେ କଳି
ବିଶ୍ୱାସର ଭାବ କମିକମି ଯାଏ
ସନ୍ଦେହ ମାରୁଛି ତାଳି...
ବିଶ୍ୱାସ ଭରସା ନିବିଡ଼ ସମ୍ପର୍କ
ସମସ୍ତଙ୍କୁ ଏକା କରେ
ସନ୍ଦେହ ଦ୍ୱାରରେ ବିଶ୍ୱାସ ହାରୁଛି
ବଞ୍ଚିଥାଇ ନିତି ମରେ...
ସମର୍ପଣ ଭାବ ପରିହାସ ଭଳି
ପତି ପତ୍ନୀ ମଧ୍ୟେ ବାଦ
ପରସ୍ପର ପ୍ରତି ରହୁନି ବିଶ୍ୱାସ
ଉଭୟଙ୍କ ମନେ ଖେଦ....
ବିଶ୍ୱାସ ମଧ୍ୟରେ ନାହିଁ ଯେ ଶକତି
ସନ୍ଦେହ କରୁଛି ନାଶ
ସନ୍ଦେହର ମନ ସ୍ୱାର୍ଥରେ ବିକଳ
ବିଶ୍ୱାସରେ ଦେଇ ବିଷ....

ବିଶ୍ୱାସ ପ୍ରମାଣେ ନିର୍ଦ୍ଧୟ ବିଚାର
ସନ୍ଦେହ ମାରୁଛି ବାଜି
ସନ୍ଦେହ ଦ୍ୱାରରେ ଏ କଳି କାଳକୁ
ବିଶ୍ୱାସ ଯାଉଛି ହଜି....
ଶାସକ ଶାସିତ ଶାଶ୍ୱତ ସମ୍ପର୍କେ
ସୁସମ୍ବନ୍ଧ ରହୁ ନାହିଁ
ସନ୍ଦେହ ପାଖରେ ବିଚରା ବିଶ୍ୱାସ
ହାରିଯାଏ କାହିଁପାଇଁ...
ସନ୍ଦେହ ଭିତରେ ଅବିଶ୍ୱାସ ଘୃଣା
ବିଶ୍ୱାସକୁ ନ୍ୟାୟ କାହିଁ
ସନ୍ଦେହ ଦ୍ୱାରରେ ବିଶ୍ୱାସ କାନ୍ଦୁଛି
ତା'ପ୍ରତି ଦରଦ ନାହିଁ....

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଖୀ ଗୋ କି କହିବି ଶ୍ୟାମ କଥା

ସୁହଂସ ଭୋଇ



କି କହିବି ଶ୍ୟାମ କଥା
ସହି ହେଉ ନାହିଁ କହି ହେଉ ନାହିଁ
ସଖୀ ଗୋ ଅକୁହା ମରମ ବ୍ୟଥା
କି କହିବି ଶ୍ୟାମ କଥା

ହାଟ ବାଟେ ନଟ ଜଗୁଛି ନିତି
ଏକୁଟିଆ ଦେଖି ଭାଷେ ପୀରତି
ଯେତେ ବୁଝେଇଲେ ହେଉଛି ଅବୁଝା
ବୁଝେଇ ବୁଝେଇ ହେଲିଣି ଅଥା
କି କହିବି ଶ୍ୟାମ କଥା

ତା ମୁହଁରେ ଲାଜ ସରମ ନାହିଁ
ଗାଧୁଆ ଘାଟରେ ରହୁଛି ଚାହିଁ
ପିନ୍ଧିଲା ବସନ କରୁଛି ହରଣ
ଜାଣି ହଇରାଣ କରେ ଅଯଥା
କି କହିବି ଶ୍ୟାମ କଥା

ବଇଁଶୀ ବଜେଇ ଦଉଛି ଡାକି
କୁଞ୍ଜବନେ କାହ୍ନୁ ରହୁଛି ଟାକି
ଯାଇ ପାରୁନାହିଁ ରହି ପାରୁନାହିଁ
କି କରିବି ଘୁରି ଯାଉଛି ମଥା
କି କହିବି ଶ୍ୟାମ କଥା

ପହଣ୍ଡି, ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱାର୍ଥପର

ସିଦ୍ଧେଶ୍ୱର ତ୍ରିପାଠୀ



ଏ ଦୁନିଆରେ ଏମିତି
ଅନେକ ବ୍ୟକ୍ତି ଥାଆନ୍ତି
ଏ ଜୀବନ ନାଟକରେ
ଏମିତି ଅନେକ ଚରିତ୍ର ଥାଆନ୍ତି

ସେମାନେ ତୁମ ସୁଖରେ ନଥାନ୍ତି
ସେମାନେ ତୁମ ଦୁଃଖରେ ବି ନଥାନ୍ତି
ଡାକିଲେବି ଆସନ୍ତିନି
ହେଲେ କେବେକେବେ
ବିନା ନିମନ୍ତ୍ରଣରେ ଆସି ପହଞ୍ଚନ୍ତି
ଅତି ନିକଟରେ
କେବଳ ତାଙ୍କ ନିଜ ସ୍ୱାର୍ଥରେ ।

ତୁମେ ବୁଡ଼ିଗଲେ କି ଭାସିଗଲେ
ତାଙ୍କର ଯା ଆସ ନଥାଏ
ସେମାନେ କିଛି ଶୁଣନ୍ତିନି
କେବଳ ଶୁଣାନ୍ତି
କିଛି ବୁଝନ୍ତିନି କେବଳ ବୁଝାନ୍ତି ।

ଗର୍ବୀ ଅହଙ୍କାରୀ
ଖାଲି ମୁଁ ମୋର ହୋଇ
ଚାଲିଥାଏ ତାଙ୍କ
ସାରା ଜୀବନର ବାଟ ।
ସେ ନିଜକୁ ଭାରି ଜ୍ଞାନି
ଆଉ ଅନ୍ୟକୁ ଭାବନ୍ତି ଭାରି ଛୋଟ ।

ସେଭଳି ଲୋକକିନ୍ତୁ ନୁହଁନ୍ତି କାହାର
ଅନ୍ୟର ଶିରି ଦେଖି ପାରୁନଥିବା
ସେମାନେ ଗୋଟେ ଗୋଟେ
ବଡ଼ ସ୍ୱାର୍ଥପର ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଁଳା ମହତ୍ୱ

ମଧୁସ୍ମିତା ସାହୁ



ସ୍ୱତନ୍ତ୍ର ଭାବେ ଅଁଳା ମାଳ ପୂଜିତ,
ରାଧାଦେବୀଙ୍କର ପାଦେ ସୁଶୋଭିତ,
କାର୍ତ୍ତିକ ଶୁକ୍ଳ ନବମୀ,
ଶୁଦ୍ଧି ଜନ ପାଳନ ଅଁଳା ନବମୀ।।
ପୁଣ୍ୟ ତପ ତିରେ ମହତ୍ୱ ମାସରେ,
କାର୍ତ୍ତିକ ମାସର ପ୍ରଭାତ ବେଳାରେ
ସ୍ନାନ କରି ଦେବ ପୂଜା,
ଭକ୍ତି ଅର୍ଘ୍ୟ ଅର୍ପଣରେ  ସାଜସଜ୍ଜା ।।
ତୁଳସୀ ଅଁଳା ମୂଳରେ ଝୋଟିଚିତା,
ହବିଷ କରିବାକୁ ବାଲୁକା ପୋତା,
 ନିରାଡ଼ମ୍ବର ଭୋଜନ,
ମୈତ୍ର ସଙ୍ଗାତ ଏକତ୍ରିତ ଧ୍ୟାନ ।।

ଜଗତେ ସାର ଉତ୍ତମ ଫଳମୂଳ,
ଅଁଳା ଅଟଇ ବିଶେଷ ଗୁଣୀ ଫଳ,
ସର୍ବସିଦ୍ଧ ଔଷଧୀୟ ,
ମହାନ୍  ବୈଦ୍ୟ ରୂପରେ ପୂଜନୀୟ ।।
ପ୍ରତ୍ୟହ ହଳଦୀଜଳଦାନ ମୂଳେ,
ଘୃତଦୀପ ଅର୍ପଣ ଭକ୍ତିଭାବ ତିଳେ,
ମାତା ଲକ୍ଷ୍ମୀ   ବିରାଜିତ,
ପ୍ରତିଗୃହେ  ଶୁଭାର୍ଶିବାଦ ସ୍ଥାପିତ ।।


ବ୍ରହ୍ମା ନଗର ପ୍ରଥମ ଗଳି, ବ୍ରହ୍ମପୁର,
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ-୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୀପଂ ଜ୍ୟୋତି

ଦେବାଶିଷ ଚକ୍ରବର୍ତ୍ତୀ



ଦୀପ

*****

ଦୀପଟିଏ ଆମେ ଜାଳିଦେଲେ ସିନା

ଅନ୍ଧାର ଯାଏ ଛାଆଁ କୁ ଘୁଞ୍ଚି

ଲାଭ କଣ କୁହ ହୃଦ ଅଗଣା ରେ

ଅନ୍ଧାର ଯଦି ଖେଳୁଛି ପୁଚି ?

ଆଲୁଅ

******

କେଉଁ ଲାଭ ସତେ ମିଳିବ କାହାକୁ

ଚଉଦିଗ ଗଲେ ଆଲୁଏ ଭରି

ବିବେକ ପ୍ରଦୀପ ପାରୁନାହିଁ ଯଦି

ହୃଦୟ ତିମିରେ ଆଲୁଅ ଢାଳି ?

ପିମ୍ପୁଡ଼ି

******

ବଡବଡୁଆ ଙ୍କୁ ଡ଼ାକି କେଉଁ ଲାଭ

ମିଳିବ କୁହନି ପିମ୍ପୁଡ଼ି ଜାଳି

ହୃଦୟ ଆମର ସାଜିଅଛି ଯେବେ

ଅବିବେକିତା ର ଅନ୍ଧ ଗଳି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକାଶଦୀପ

**********

ପୁଣ୍ୟ କି କେହି ଅରଜି ପାରିଛି
କାର୍ତ୍ତିକ ରେ ଜାଳି ଆକାଶଦୀପ
ସ୍ୱାର୍ଥ ପଞ୍ଜୁରୀ ରେ ମନ ପକ୍ଷୀ ସଦା
କରୁଥାଏ ଯଦି ମନସ୍ତାପ ?

ରାବଣ

*******

ଅଯୋଧ୍ୟା କୁ ଆଜି ଫେରିଥିଲେ ରାମ
ରାବଣ ନିଧନ କରିବା ପରେ
କି ଲାଭ ରାବଣ ଆଶ୍ରା ପାଇକି
ରହିଅଛି ଯଦି ଆମ ଭିତରେ ?

ମଣ୍ଡୁଆ, କେନ୍ଦୁଝର ଗଡ
ମୋ - ୯୪୩୭୭୫୨୩୯୫



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଞ୍ଚିପାରିବିନି ତୋ ବିନା ସାଥୀରେ

ତପନ କୁମାର ବେହେରା



ତୋ ବିନା କି ବଞ୍ଚି ପାରିବି ସତେ ଆଉ ମହୀରେ
ପ୍ରବଳ ଉତ୍ତାପେ ସନ୍ତାପ ଦିଏ ଦେହ ଦହିରେ ।

ଗଲାଦିନୁ ଛାଡ଼ି ମୋହର ଘର ବାଡ଼ି ଅଗଣା
ମରୁଭୂମି ବୋଧ ହୁଅଇ ବାଟ ହୁଏ ମୁଁ ବଣା ।

ଜନନୀ ଭଗିନୀ ପ୍ରେମିକା ମୋର ଜାୟା ତୁ ଥିଲୁ
ମନ୍ଦ ମନ୍ଦ ପବନରେ ଛାଇ ବିଞ୍ଚି ଦେଉ ଥିଲୁ ।

ଫୁଲ ଫଳରେ ନିବାରୁ ଥିଲୁ ମୋ ପେଟର କ୍ଷୁଧା
ଅମ୍ଳଜାନ ଟିକେ ଯୋଗାଇ ହରୁଥିଲୁ ମୋ ବାଧା ।

ରହିଥିଲୁ ବୋଲି ମୋ ଘରେ ଆସୁଥିଲା ମୌସୁମୀ
ଦେଇ ହସଖୁସି ଫେରି ଯାଉଥିଲା ମୋ ତନୁ ଛୁଇଁ ।

ତୋ ବିନା ଆସେନା ମୌସୁମୀ ଆଉ ମୋ ଗାଆଁ ଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଲମନ୍ଦ ପଦେ ଯାଏନା ମୋର କାନରେ କହି ।

ଲଘୁଚାପେ କରି ଭରଷା ଅଛି ଶୂନ୍ୟ କୁ ଚାହିଁ
ସତେକି ବଞ୍ଚିବି ତୋ ବିନା ଆରେ ମୋ ପ୍ରାଣସହୀ ।

ଘେନି ଆସେ ସ୍ମୃତି ହୃଦୟେ ତୋର ଅବର୍ତ୍ତମାନ
ଶୂନ୍ୟରୁ ଅନଳ ବରଷେ ମାରେ ଝାଞ୍ଜି ପବନ ।

ଦୂରଭାଷ - ୭୦୦୮୧୮୮୩୫୬
କାନପୁର, ନରସିଂହପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦିବ୍ୟ ଜୀବନ

ରାମ ପ୍ରସାଦ ସିଂହ



ଭଗବତ କୃପା ଜଡ଼ିତ
ମଣିଷର ପୂର୍ଣ୍ଣ ଜୀବନ
ଯହିଁରେ ହୃଦୟ ଭରେ
ଶାନ୍ତିର ଅସୀମ ସ୍ୱର୍ଣ୍ଣ ।।

ଭୌତିକ ଦୁନିଆରୁ ମୁକ୍ତ
ମଣିଷର ମନ ଓ ଜୀବନ
ଲଭିବାକୁ ଗଢନ୍ତି ଏକ
ଦିବ୍ୟ ଅମରତ୍ୱ ଜୀବନ ।

କଳିଯୁଗେ ମାୟା କବଳିତ
ସଂସାର ସାଗର ଢେଉ
ସ୍ୱାର୍ଥ, ମୋହ ସଂସାର ଗଢେ
ଜୀବନେ ପାପର ଛଉ ।

ଦିବ୍ୟ ଜୀବନ ଅଭିଳାଷା
ମିଳିବ ଈଶ୍ୱରଙ୍କ ଶରଣେ
ଯହିଁରେ ରହିଥାଏ ମଥା
ତାଙ୍କରି ଦୁଇ ଶ୍ରୀଚରଣେ ।

ଦିବ୍ୟ ଜୀବନେ ଥାଏ
ପରମ ଆନନ୍ଦର ବର୍ଣ୍ଣନା
ଯହିଁରେ ପ୍ରତି ମୁହୂର୍ତେ
ଦୁଃଖର ନ ଥାଏ ଭାବନା ।

ସୁକରପଡା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ମୃତି ହଜିଲା ଦିନର

ଆକାଶ ରଣା

ବାଃ ! ରେ, ନିଦୁଆ ମଣିଷ
ଶୋଇବୁ ଆଉ କେତେ ଦିନ
ଶୋଇ ଶୋଇ ମନ ବୁଝିଲାନିକି
ଚେଇଁବୁ ଆଉ କେଉଁ ଦିନ ।।

ମନେ ପଡୁନି କି ତୋର
ପୂରୁବ ପୁରୁଷ କଥା
ରାତି ନ ପାଉନୁ
ବିଲକୁ ଯାଉଥିଲେ ସଦା ।।

କୁକୁଡ଼ା ଡାକିଦେଲେ
ହଳନଙ୍ଗଲ ଧରି କରେ
ଚାଷଜମି କୁ ଚିରି
ଦେଉଥିଲେ ଦୁଇ ବାହୁ ବଳେ ।।

ସୁରଜ ଉଦୟ ହେଇନି ବୋଲି
ଶୋଇ ଦଉଛୁ ନିଦ ବଳେ
ଉଠିବାକୁ ମନ ହେଉନି
କି ସପନ ରାଇଜ କାଳେ ।।

ଉଠିବାକୁ ମନ ମାନୁ ନାହିଁ
ବୋଲି ଉଠୁଛୁ ଯେଉଁ କାଳେ
ଚିଲ ଶାଗୁଣା ପଶୁ ପକ୍ଷୀ
ସବୁ ଲୁଚନ୍ତି ସେହି ରବି ବିକଳେ ।।

ଦେଖି ଶୁଣି ଜାଣି
ଅଜଣା ରହିବୁ ଆଉ କେତେ ଦିନ
ପୂରୁବ ଗୌରବେ ପୂରୁବ ମାନେ
ପଡୁ ନାହିଁ କିରେ ତୋର ଧ୍ୟାନ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଳିଆ ଚୋର

ବିନୟାନନ୍ଦ ବସ୍ତ୍ରସ୍ୟ



ଆଜ୍ଞୁଳେ ପ୍ରେମର ଏତେ ମୂଲ୍ୟ ଯଦି
ସାଗର ପରାଏ ଲାଗେ,
ଜୀବନ ସାରା ଯେ ପ୍ରେମ ଦେଉଅଛି
ତାକୁ କିଆଁ ଏତେ ମାଗେ,
ଯୁଆଡେ ଯାଏଁ ସେ ଜଗେ,
ଆସିବା ବେଳକୁ ହାଣ୍ଡିପରି ମୁହଁ
ଦେଖିଲେ ପାଖରୁ ଭାଗେ ॥

ଚିମୁଟେ ପ୍ରେମରେ ସହର ଜଳୁଛି
ହଣା କଟା ଯାଏ କଣ୍ଟ,
ମାଠିଆଏ ପ୍ରେମ ଅଜାଡ଼ି ଦେଇଛି
ସାଇ ପଡ଼ିଶାକୁ ବାଣ୍ଟ,
ହୋଇଲେ ନିଅଣ୍ଟ ଅଣ୍ଟ,
ପରିବାର ଲୋକେ ହୋଇଯାଇଛନ୍ତି
ସତେ କି ପୁରୁଣା ଖଣ୍ଟ ॥


ସମୁଦ୍ରେ ପ୍ରେମରେ ଅନେକ ଜୁଆର
ମଥା ପିଟେ ବେଳା ଛୁଇଁ,
ସ୍ଥିରତା ନ ଥାଏ କେବେ ବଡ ଛୋଟ
କେବେ ଯାଏ ଦୁରେ ଧାଇଁ
ପ୍ରେମ ଅଢ଼େଇ ଅକ୍ଷର ,
ଅଢେଇ ଦିନିଆ ଭାବ ଦିଆନିଆ ସତେ କି
କାଳିଆ ଚୋର ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଅସ୍ତିତ୍ୱ

ମନ୍ଦାକିନୀ ପାଢ଼ୀ



ଦୁଃଖରେ ଭାଙ୍ଗି ପଡ ବୋଲି
ଚିନ୍ତାରେ ନିମଗ୍ନ ହୁଏ
ସତେକି !!! ତୁମ ଦୁଃଖରେ
ମୁକୁଳି ପଡୁଥିବା ଲୁହ ଟୋପେ
ମୁଁ............................... ।।

ତୁମ ସୁଖ ପାଇଁ ଦୀପଟିଏ ଜାଳୁଥିବା
ଶୁଭଲଗ୍ନ ମୁଁ
ତୁମ ସୁଖର ବିସ୍ତୃତି ପାଇଁ
ନିଜକୁ ସଜାଡି ରଖୁଥିବା
ବିନ୍ଦୁଟିଏ ମୁଁ................. ।।

ମୋ ପାପର ଅନ୍ଧାରୀ କୋଠରୀରେ
ତୁମକୁ ଖୋଜୁଥିବା
ପାଷାଣୀ ଅହଲ୍ୟାଟିଏ ମୁଁ
ମୋ ପାପରେ ପୂଣ୍ୟରେ
ଅବା ପ୍ରାର୍ଥନାରେ
ତୁମକୁ ହିଁ ମାଗୁଥିବା ଆତ୍ମାଟିଏ
ମୁଁ............................ ।।

ସଂପର୍କର ଜୁଇରେ
ଲଜ୍ଜାର ଆହୁତି ଦେଲାପରେ
ଏ ସ୍ରଷ୍ଟା ହିଁ ଜାଣିଛି
ତୁମେ ହିଁ ମୋ ଅସ୍ତିତ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ସଂପର୍କର
ଅବା ପ୍ରତିଟି ଜନ୍ମର । ।

ଆଉ.......... ମୁଁ.............. ?
ତୁମରି ପ୍ରାପ୍ତି ପ୍ରତି ଅବସ୍ଥାର
ଯୁଗ ପରେ ଯୁଗ
ଶତାବ୍ଦୀ ପରେ ଶତାବ୍ଦୀ
ମୋ ଅସ୍ତିତ୍ୱକୁ ଜାବୁଡି ଧରେ
ଅନାବିଳ ସ୍ନେହର ପ୍ରତୀକ୍ଷା କରିଥିବା
ପୂର୍ଣ୍ୟତୋୟା ଏ ଜନ୍ମରେ
ମୁଁ.......................... ।।

ଅଧ୍ୟାପିକା, ପଦ୍ମପୁର, ବରଗଡ଼
ପିନ୍ ୭୬୮୦୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶିଶୁ ଦିବସ

ଦେବେନ୍ଦ୍ର ନାୟକ



ଶିଶୁ ଦିବସର ଭାବ ଏମିତିକା
ଶିଶୁଙ୍କ ମୁହଁରେ ହସ
ଚାଚା ନେହେରୁ ନିଜ ଜନ୍ମଦିନକୁ
ପାଳିଲେ ଶିଶୁ ଦିବସ ।
ଶିଶୁ ମାନଙ୍କୁ ଯେ ଏତେ ସ୍ନେହ ଶ୍ରଦ୍ଧା
ଦେଉଥିଲେ ହୃଦୟରୁ
ନଭେମ୍ବର ଚଉଦରେ ମନେପଡେ
ଶିଶୁ ଦିବସ ଭାବରୁ ।
ଶିଶୁ ମାନେ ଆମ ଭବିଷ୍ୟତ ବୋଲି
ଦୃଢକଣ୍ଠେ କହୁଥିଲେ
ତାଙ୍କ ଖାଦ୍ୟ ବସ୍ତ୍ର ସ୍ୱାସ୍ଥ୍ୟ ଶିକ୍ଷା କଥା
ଭୁଲ ନାହିଁ କେବେ ହେଲେ ।
ଆଜିର ଶିଶୁ କାଲିର ନାଗରିକ
ପାଇବ ସେ ଅଧିକାର
ଶାରୀରିକ ମାନସିକ ଦକ୍ଷତାକୁ
ବଢାଇ ଦିଅ ତାଙ୍କର ।
ଦେଶ ସେବାପାଇଁ ମାଟିର ମଣିଷ
ଲଢ଼ିବେ ମାଟି ମାଆ ପାଇଁ
ଆମ ଦେଶେ ଶାନ୍ତି ଶୃଙ୍ଖଳା ରହିବ
ତାଙ୍କରି ଦୃଢୋକ୍ତି ପାଇଁ ।
ଏହି ଦିନ ସବୁ ବିଦ୍ୟାଳୟ ମାନ
ହୁଏ ଉତ୍ସବ ମୁଖର
ଖେଳ କୁଦ ସାଂସ୍କୃତିକ କାର୍ଯ୍ୟକ୍ରମ
ମିଷ୍ଟାନ୍ନ ଭୋଜନ ସାର ।
ଖୁସିରେ ନାଚନ୍ତି ଶିଶୁଏ ଆଗରୁ
ଆସିଲେ ଏହି ଦିବସ
ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ
ପୂଜିବେ ହୋଇ ହରଷ ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶିଶୁ ଦିବସ

ଡଃ ତାନଶ୍ରୀ ପାଣିଗ୍ରାହୀ



ନଭେମ୍ବର ମାସ

ଚଉଦ ତାରିଖ

ଆସଇ ଶିଶୁଦିବସ

ବିଦ୍ୟାଳୟେ ଥାଏ

ଗହଳ ଚହଳ

ଶିଶୁଙ୍କ ଖୁସି ବିଶେଷ...

ନୃତ୍ୟ ଗୀତ ଆଦି

ସଂଗୀତ ବକ୍ତୃତା

ହୁଏ ପିଲାଙ୍କ ମଧ୍ୟରେ...

ଚାଚା ନେହେରୁଙ୍କ

ଜନମ ଦିନଟି

ଶିଶୁଦିବସ ନାମରେ...

ଜବାହାରଲାଲ

ନେହେରୁ ଥିଲେ

ପ୍ରଧାନମନ୍ତ୍ରୀ ଦେଶର...

କହୁଥିଲେ ସଦା

ଶିଶୁମାନେ ହିଁ ତ

ଦେଶର କର୍ଣ୍ଣଧାର...

ଗୋଲାପ ଫୁଲକୁ

ଅତି ସରାଗରେ

ରଖିଥିଲେ ସେ ପାଖରେ...

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିଶୁମାନେ ତାଙ୍କ

ଅତି ଆପଣାର

ରଖିଥାନ୍ତି ହୃଦୟରେ...

ଶିଶୁଟିର କୁନି

ଦରୋଟି ଭାଷାରେ

କହେ ମନଜିଣା କଥା...

ନେବା ତା ଯତନ

ଦେଇ ମନ ପ୍ରାଣ

ହେବ ସେ ଜଗତଜିତା...

ବରଷକ ପରେ

ଆସେ ଯେବେ ଥରେ

ପବିତ୍ର ଶିଶୁ ଦିବସ

ଖୁସିରେ ନାଚନ୍ତି

ପିଲାଏ ପାଳନ୍ତି

ସେହି ଦିନଟି ବିଶେଷ ॥

ବାଲେଶ୍ୱର

ମୋ -୯୩୩୭୩୦୪୨୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାତ୍ୟା ପରର ସକାଳ

ରଶ୍ମିତା ନାୟକ୍



ସକାଳ ପହରୁ ଅଜୁ ଅଜା ବସି
ଏକା ଏକା ଗପୁଛନ୍ତି
ହାଏରେ ବାତିଆ କାହିଁକି ନହେଲୁ
ମୋ ରାଗଚଢ଼ି ଯାଉଛି ॥

ମୁଁ ଯାଉଥିଲି ଅଜାଙ୍କର ଗାଳି
ପଡିଗଲା ମୋ କାନରେ
ନଖଘଷିଘଷି ଲୁଚିକି ଶୁଣିଲି
ଠିଆ ହୋଇ ଦୋକାରୀରେ ॥

ତୋ ବାଟକୁ ଚାହିଁ ବସିଥିଲି ମୁହିଁ
ଆମ ଗାଆଁକୁ ହେଲୁନି
କାହିଁକି ଧାମରା ପଳେଇ ଗଲୁରେ
ମୁଁ ଆଉ ଖଟିପାରୁନି ॥

ହୁଁକାର ପବନେ ମେଘ ବରଷାରେ
ଘରଦ୍ୱାର ଭାଙ୍ଗିଥିଲେ
ବଢିଆ ରିଲିପି ମିଳିଥାନ୍ତା ମୋତେ
ଖାଇଥାନ୍ତେ ମୋର ପିଲେ ॥

ପାନବରଜଟା ଭାଙ୍ଗି ଯାଇଥିଲେ
ସହାୟତା ମିଳିଥାନ୍ତା
ଅଫିମ କିଣିବା ଖରଚ ମୋହର
ଛଅ ମାସ ପାଇଁ ହୁଅନ୍ତା ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାଲିଚାଉଳ, ମହଣବତୀ , ଲୁଗା
ଅଟା,ପାମଲିନ୍ ତେଲ
ଚୁଡା, ଚିନି,ମକାଗୁଣ୍ଡ, ଦିଆସିଲି
ମିଳିଥାନ୍ତା କେତେ ଭଲ ॥

ହେଲିକାପଟର ମୋ ବର୍ଜ ବାଡ଼ିରେ
ଏକୁଟିଆ ମୋତେ ଦେଖି
ଅଜାଡି ପକାଇ ଯାଇଥିଲା ପୁଳା
ନଖିବୋଉ ଥିଲା ସାକ୍ଷୀ ॥

ପଚିଶ ବରଷ ହେଲାଣି ଦାନା ତୋ
ବଡଭାଇ ଆସିଥିଲା
ଝୁମ୍ପୁଡ଼ି ଘରକୁ ନେଲା ନୁଣାପାଣି
ଇନ୍ଦିରାବାସ ମିଳିଲା ॥

ମୋ ପାଲ, କମଳ ଚିରି ଗଲା ସବୁ
ଘୋଡେଇ ହେବାକୁ ନାହିଁ
ଦାନା ଆସିଥିଲେ ଦାନା ମିଳିଥାନ୍ତା
ସେତକ ଗଲା ଉଭେଇ ॥

ଓଦା ଜାଳ କୁଣ୍ଢେ ଥୋଇ ନକ୍ଷୀବୋଉ
ଶୁଣିଲା ଅଜାଙ୍କ ବୋଲି
ପୋଡାମୁହାଁ ନିଉଛୁଣା ମରଦର
ହାତ କାହିଁକି ଧରିଲି ॥

ଅକର୍ମା କୁଢିଆ ଅଫିମଖିଆର
କିଛି ଆଉ କାମ ନାହିଁ
ସରକାର ଦେବ ରିଲିପି ଚାଉଳ
ବାଡ଼ିପୋଡା ରହ ଚାହିଁ ॥

ହାତେ ଠେଙ୍ଗାଧରି ଅଜା ଗୋଡ଼େଇଲେ
ବଦମାସି ଆଜି ରହ
ଦି ପହାରେ ଦେବି ତୁ ମୋତେ ସୋଦିଲୁ
କାହିଁକି ଶଶୁର ଝୁଅ ॥

କାନି ଘୁଷୁରୁଚି ଆଇ ଦଉଡୁଛି
ଅଣନିଶ୍ୱାସୀ ସେ ହୋଇ
ଲୁଚି ଦେଖୁଥିଲି ଅସମ୍ଭାଳ ସ୍ଥିତି
ଆଇକୁ ଧରିଲି ଯାଇ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ କହିଲି ଅଜା ମାରି ଗୋଡାଉଛ
କାହିଁକି ଆଇକୁ ମୋର
ବାତ୍ୟା ଗଲାବୋଲି ଖୁସି ହେଉଛନ୍ତି
ପଡୋଶୀ ଗାଁ ସହର ॥

କେତେଯେ ନିଜସ୍ୱ କେତେଯେ ରାଜସ୍ୱ
ହୋଇଥାନ୍ତା ସବୁ କ୍ଷୟ
ଶାରଳା ଦୟାରୁ ଦାନା ଆସିଲାନି
ତୁମର ମନ ଅଥୟ ॥

ବୁଝେଇ ଦେବାରୁ ଅଜା ଶାନ୍ତି ହେଲେ
ଆଇ ପଶିଲା ଘରକୁ
କହିଲା ନାତିଆ ଭଲକି ବୁଝେଇ
ଦେଏ ସେଇ ବୁଢାଟାକୁ ॥

ଅଜୁ ଅଜାପରି ସହାୟତା ପାଇ
ଚାହଁନାରେ ଭାଇ କେହି
ଆଇ ପରି ନିତି କର୍ମ କରୁଥିବା
ରାଇଜ ଯିବ ଆଗେଇ ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସିନ୍ଧୁସୂତା ପତି ହେ ଜଗନ୍ନାଥ

ଉପେନ୍ଦ୍ର କୁମାର ବସ୍ତିଆ



(ଗୀତି କବିତା)

ଶ୍ରୀ କ୍ଷେତ୍ରର ବାସୀ ସିନ୍ଧୁସୂତା ପତି
ବିଶ୍ୱ ବ୍ରହ୍ମାଣ୍ଡ ଠାକୁର
ହରି ପ୍ରାଣ ହାରି ଲକ୍ଷ୍ମୀ ଯା’ ପୂଜାରୀ
ରୂପ ମୟ ଏ ସଂସାର ।୧।

ରସେ ରାଜ ରସ ମଧ୍ୟେ ଆଦି ରସ
ହୁଏ ତାଙ୍କର ଶୃଙ୍ଗାର
ମିଳନ ଭକ୍ତରେ ଇଚ୍ଛା ତା ଅପାରେ
ରସିକ ପଣେ ପ୍ରବର ।୨।

ଭକ୍ତେ ବନ୍ଧା ଭାବ ଭାବର ସ୍ୱଭାବ
ଭାବର ଅଭାବେ ଦୂର
ଭାବର ବାଇଶି ପାହାଚ ତାଙ୍କର
ମହା ପ୍ରସାଦ ଭାବର ।୩।

ରତ୍ନ ସିଂହାସନେ ନୀଳାଚଳ ଧାମେ
ଭାଇ ଭଉଣୀ ସଙ୍ଗର
ବିଶ୍ୱ ବିଚାରକ କରନ୍ତି ବିଚାର
ନାହିଁ ଓକିଲ ତାଙ୍କର ।୪

କୁହେନାହିଁ ମିଛ ନିଏ ନାହିଁ ଲାଞ୍ଚ
ରଖନ୍ତି ସବୁ ଖବର
ବାଦି ପ୍ରତିବାଦୀ ଶୁଣିଣ ଗୁହାରି
ଦିଅନ୍ତି ନିଷ୍ପତି ତାର ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ ଉଚ୍ଚ ବାଚ  ସାମ୍ୟ ମୈତ୍ରୀ ଶାନ୍ତ

ନାହିଁ ଭେଦାଭେଦ ତାର

ନିନ୍ଦା ଅପବାଦ ବାଦ ପ୍ରତିବାଦ

ହୃଦୟେ ନ ଥାଏ ଡର ।୬।

ଯେତେ କଲେ ପୂଜା ଦୋଷୀଙ୍କୁ ହିଁ ସଜା

କରନ୍ତି ନାର୍ଯ୍ୟ ବିଚାର

କରେ ନାହିଁ ତ୍ରୁଟି ଖୋଲେ ଅନ୍ଧ ପଟି

ଖଣ୍ଡେ ଗର୍ବ ଅହଂକାର ।୭।

ସିନ୍ଧୁ ସୁତା ପତି ସୌମ୍ୟ ଶାନ୍ତି ପ୍ରୀତି

ସର୍ବେ ପ୍ରଜା ଯେ ତାଙ୍କର

ଗୋପପୁରୁ ଆସି ଶ୍ରୀ ମନ୍ଦିରେ ବସି

କରନ୍ତି ବିଶ୍ୱ ବିଚାର ।୮

ଅନଙ୍ଗ ଭୀମଙ୍କ ଅତୀତର କୀର୍ତ୍ତି

ମୁକସାକ୍ଷୀ ଶ୍ରୀ ମନ୍ଦିର

ଇନ୍ଦ୍ରଦ୍ୟୁମ୍ନ ରାଜା ଗଢି ତିନି ଦିଅଁ

ସ୍ଥାପନ କଲେ ସତ୍ୱର ।୯।

ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କର ପରିହାସ

ଅଙ୍କିତା ପ୍ରିୟଦର୍ଶିନୀ ସାହୁ



ସମ୍ପର୍କ ଦାୟିତ୍ୱର ପ୍ରତିଶବ୍ଦ ହୋଇନଥାଏ
ସମ୍ପର୍କ ଦାୟିତ୍ୱର ସୂତ୍ର ହୋଇଥାଏ
ଯାହାକୁ ବନ୍ଧନରେ ପରିଣତ ହେବାକୁ ଅଧିକ ସମୟ ଲାଗିନଥାଏ।
ଯାହା କାହାର ଅବଦାନକୁ ଅପେକ୍ଷା କରିନଥାଏ !

ମାତ୍ର ସମ୍ପର୍କର ଦୃଶ୍ୟତା ପ୍ରତିଯୋଗିତାରେ ନଥାଏ।
କଣ ସବୁ ପ୍ରତିଯୋଗିତାରେ ଅଂଶ ନେବାକୁ ବି ହୁଏ ?
ଯଦି କେବେ ଅଂଶଗ୍ରହଣ କରା ବି ଯାଏ,
ତେବେ କଣ ଜିତିବା ବି ଆବଶ୍ୟକ ହୋଇଯାଏ ?

ସମ୍ପର୍କରେ ବେଳେ ବେଳେ କିମ୍ବା ସବୁବେଳେ
ଭାଗ ନେଇ ନଥିବା ପ୍ରତିଯୋଗିତାରେ ବି ଭାଗ ନେବାକୁ ପଡେ।
କେବେ ଭାଗ ନେଇଥିବା ପ୍ରତିଯୋଗିତାକୁ ମଧ୍ୟ ଦୂରରୁ ଦେଖିବାକୁ ହୁଏ।
ଏହା ସମ୍ପର୍କର ପରିହାସ ନୁହେଁ ତ ଆଉ କଣ !

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ଗଙ୍ଗାଧର

ଆଲୋକ ମେହେର



ହେ ସ୍ୱଭାବର ମଣି

ତୁମ ପାଦ ପଦ୍ମରେ ମୋର ଭକ୍ତି ପୂତ ପ୍ରଣାମ

ତୁମେ ସରଳ

ତୁମେ ଶାନ୍ତ

ତୁମେ ସରଳ ଛନ୍ଦର ରଚକ

ତୁମେ ସାଧାରଣ ଚରିତ୍ରକୁ କରିପାର ମହନୀୟ

ତୁମ ଭାଷାରେ ରହିଛି ମଧୁର ସ୍ୱର୍ଶ

ତୁମ ରଚନାରେ ରହିଛି ପ୍ରକୃତିର ଅପୂର୍ବ ପ୍ଲାବନ

ତୁମେ ବିଶ୍ୱ ନୀୟନ୍ତାଙ୍କୁ ସବୁଠି ଦେଖ

ଜଳ, ବାୟୁ, ଆକାଶ, ପଶୁ-ପକ୍ଷୀ

ଏପରିକି ପ୍ରକୃତିର ସବୁଠାରେ

ସେଥି ପାଇଁ ତ; ତୁମେ ପ୍ରକୃତିର ଉପାସକ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିର୍ଦ୍ଧାରିତ ହୋଇସାରିଥାଏ

କାହ୍ନୁ ଚରଣ ସାହୁ



ମାଟି ଧୂଳିହେବା ଭଳି
ସବୁ କିଛି ବଦଳିବ
ଆଉ ତା'ସହ ଚେତେଇଦେବ
ତମେ ମଜ୍ଜିଥିବା ମହାଭାରତର
କଥା, ଲଥା ଆଉ ଗାଥାର ଫଳାଫଳ ।

ତମେ, ମୁଁ ଆଉ ସମସ୍ତେ ଜାଣନ୍ତି
କିଛିଦିନ ପରେ ଆମେ ଫେରିଯିବା
ସେହି ଅଜଣା, ଅଚିହ୍ନା
ଠିକଣା ନଥିବା ମହାଶୂନ୍ୟକୁ
ସାଧରଣ ପବନଟିଏ ହେଇ...
ସେଇ ଭିତରେ ବି ତମେ
ଖୋଜ ବୟସ, ପିଠିପଟେ ଛିଡା ହେଇ
ସବୁ ତ୍ରୁଟିକୁ ବନ୍ଦକରୁଥିବା ଷ୍ଟାଟସ୍ ।

ଦେହ, ଧନ, ଜନକୁ ଛାଡିଦେଲା ପରେ
ଦୁନିଆ ସହ ଲଢୁଥିବା ମନ
ବୁଝେ, ବୁଝାଏ, ହସାଇବାର ପ୍ରୟାସରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିତିନିତି ରକତକୁ ଝାଳ କରୁଥାଏ !

ଭେଣ୍ଡିଆ ସପନ ଯେତେ
ଜୁଆର ହେଇ ଛାତିରେ ଲହଡି ଭାଙ୍ଗେ
ଆକାଶକୁ ମୁହଁକରି ମନକଥା ଓଗାଳେ
ଧନ ଦେଖି ମନ ଖୋଲୁଥିବା ଭଦ୍ରଲୋକଙ୍କୁ
ଦୂରରୁ ସଲାମ କରେ ।

ତାଙ୍କୁ କିଏ ବୁଝେଇବ ପୃଥିବୀ ଗୋଲ
ଯିଏ ଯେଉଁଠି ଛିଡାହେଲେ ବି
ପୁଣିଥରେ ସେଇ ସ୍ଥାନକୁ ଫେରିବାକୁ ହୁଏ ବୋଲି,
ମାଟିର ଦେହ ଆକାଶରେ ଉଡିଲେ ବି
ଦିନେ ମାଟିରେ ମିଶିବ ସବୁକିଛି ଥୋଇଦେଇ ।
ଛୋଟଲୋକ, ବଡ଼ଲୋକ ର ପାର୍ଥକ୍ୟ
କେବଳ ରୂପଥିବା ଯାଏଁ, ବାକି ହିସାବ ତ
ଆଗରୁ ନିର୍ଦ୍ଧାରିତ ହେଇସାରି ଥାଏ ।।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ମୋ : ୮୨୪୯୫୨୦୮୮୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୋ ସହ ଶ୍ରାବଣେ

ନନ୍ଦିତା ବଡ଼ାଇ



ଆଜି ଏ ବର୍ଷାର ଟିପି ଟିପି ଜଳେ
ପଡୁଛୁ ତୁ ବେଶୀ ମନେ
ହୃଦୟ ଖୋଜିଛି ଭିଜିବାକୁ ତୋ ସାଥେ
ଏହି ବର୍ଷର ଶ୍ରାବଣେ
କାହିଁକି କେଜାଣି ତୋ ପ୍ରେମ ନିଶାରେ
ଘାରି ହେଉଛି ମୁଁ ପ୍ରତିକ୍ଷଣେ
ସେହି ବର୍ଷାରେ ଦିନେ ରାଜରାସ୍ତାରେ
ଭିଜି ଥିଲା ଆମେ ଦୁହେଁ
ମନେ ପଡ଼ି ଯାଏ ସେହି କଥା ଆଜି
ମୋ ମନ ଲାଜେଇ ଯାଏ

ଆ ରେ ପବନ ଉଡେଇନେ ମୋତେ
ମୋ ପ୍ରିୟ ଘରକୁ
ହୃଦୟ ସହିତ ହୃଦୟକୁ ପୁଣି
ମିଶେଇ ଦେ ଥରେ ଆଉ
ଅତୀତର ସେହି ଅଭୁଲା କଥା କୁ
ଆଉ ଥରେ କରି ଦେଖା
ଡେରି ନ କରି ତୁ ନେଇଯାଆ ଶୀଘ୍ର
ମୋ ପ୍ରିୟର ପାଖକୁ
ଯେତେବେଳେ ଦେଖା ହେବ ମୋ ତା ସହ
ଭିଜେଇବୁ ତୋ ଟିପା ଅମୃତ ଜଳେ

କଦଳୀମୁଣ୍ଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅପେକ୍ଷା

ଜୟଦେବ ମାଝୀ



ସମୟ ତରଙ୍ଗେ ଶୁଣ ସଙ୍ଗିନୀ,
ମାୟା ନଗର ମାୟାବିନୀ ।
ଶୂନ୍ୟ ଉଦ୍ୟାନେ ଅଣ୍ଡଜା କସ୍ତୁରୀ,
ବିଭବ ଭରେ କୃପଣୀ ।।

ବନ୍ଦୀ କପାଳେ ଜହ୍ନ ଜୋଛନା,
ଚିକ୍କଣ ମୁହଁରେ କଳା ।
ଉଦ୍ୟାନ ମଧ୍ୟେ କସ୍ତୁରୀ ନୃତ୍ୟ,
ଲାଗେ ନାଚୁଣୀ ପାଲା ।।

ଯନ୍ତ୍ରଣା ଯୁଇରେ ଲୁହ ଯାତନା,
ଶୋଷନ୍ତି ଡାହାଣୀ ହୋଇ ।
ନର୍ତ୍ତକୀ ରୂପେ ବିଦାଗ ଛଳନା,
ପ୍ରୀତି ପସରା ମେଲାଇ ।।

ମଧୁ ଗୁଞ୍ଜନର କୁସୁମ କାନନ,
ଦରଫୁଟା ହସ ଛାତି ।
ଘନ ଅନ୍ଧାର କାଳ ବୈଶାଖୀ,
ବିରହ ଭରେ ରାତି ।।

ଦୂର୍ବିଦଗ୍ଧ ଝଡ଼ର ପବନ ବହେ,
ଅଣ୍ଡଜା କସ୍ତୁରୀ ମେଳେ ।
ପୂର୍ଣ୍ଣ ଶଶୀପ୍ରଭ ପୁଷ୍ପ ମଧୁରସେ,
ଅନ୍ଧାର ହୃଦୟ ତଳେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପେକ୍ଷା,

ତାର ଫେରିବା ସେ ବାଟରେ,

ନିତି ଦିନ ଯାଏ ବିତି ।

ମନେ ଆଙ୍କେ ବିରହ ନିଆଁରେ,

କଳଙ୍କିତ ଚୋରା ପ୍ରୀତି ।।

ଅଣ୍ଡଜ ହଜେ ଭାବନା ରାଇଜେ,

ଉବୁଡୁବୁ ହୁଏ ନିତି ।

ଅଧାଗଢ଼ା ସମ୍ପର୍କ ଶେଷ ଏହିଠିଁ,

ସାଇତି ରଖେ ସ୍ମୃତି ।।

ଶ୍ରୀ ଜୟଦେବ ମାଝୀ

କଲେଜ ଛକ୍, କଟକ

ପିନ୍- ୭୫୩୦୦୩

ଦୂରଭାଷା - ୮୧୧୪୩୧୭୬୬୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶାଳବଣ ରାଣୀ

ନଳିନୀ ଦାଶ



ତୋ ପାଦେ ଶରଣ ପଶିବି ମା ଘଟଗାଁ ରାଣୀ
ତୋର ଶୁଭାଶିଷ ମଥାରେ ମା ଦେବୁଲୋ ବୁଣି
କେଉଁ ଫୁଲ ଦେଇ ପୂଜିବି ଗୋ ମାଆ ତାରିଣୀ
କେଉଁ ନୈବେଦ୍ୟ ବାଢ଼ିବି ମୁଁଲୋ ପାରୁନି ଜାଣି ।

ନାଲି ମନ୍ଦାରରେ ତୋର ଲୋ ମା ଭାରି ସରାଗ
ଚାଙ୍ଗୁଡ଼ିରେ ଭରି ରଖିଛି ମୁଁ ନଡ଼ିଆ ଭୋଗ
ନାଲି ଛିଟ ଝିନ ବସନ ମୁଁ ଆଣିଛି କିଣି
ଗୋଲା ସିନ୍ଦୂରକୁ ରଖିଛି ମା ସିନ୍ଦୂର ରାଣୀ ।

ଦୀପ ଜାଳି  ତୋ ପାଶେ ବସି କରିବି ଆଳତୀ
ତୋର ଶ୍ରୀଚରଣେ ସଦା ଥିବି ଲୋ ମଥା ପାତି
ଶୟନେ ସପନେ ତୋର ନାମକୁ ଜପୁଥିବି
ସକାଳ ସଞ୍ଜରେ ବସି ତୋ ବନ୍ଦନା ଗାଇବି ।

ତୋର ଆଶିଷ ଢ଼ାଳି ମାଆ କରିବୁ ନିଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୁଃଖରେ ସୁଖରେ ସାହା ହେବୁଲୋ ନିରନ୍ତର

ତୋର ପାଦ ଧୂଳି ହେଉ ମା ଚନ୍ଦନ ମଥାରେ

ତୁ ପରା ଜଗତ ଜନନୀ ବୋଲାଉ ସଂସାରେ ।

ତୋ ଆଶିଷ ବଳେ ମାଆଲୋ ପଙ୍ଗୁ ଲଂଘେ ଗିରି

ଭକ୍ତିରେ ଡ଼ାକିଲେ ଆଶିଷ ପଡ଼ିଥାଏ ଝରି

ରାଇଜେ ଉଡୁଛି ଧ୍ୱଜା ମାଲୋ ନଡ଼ିଆ ରାଣୀ

ଶାଳବଣ ରାଣୀ ଗୋ ଜଗତେ ପାରିଛୁ ଜିଣି ।

ଭିକାରିପଡା, ଶରଣକୁଳ, ନୟାଗଡ

ମୋ –୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୁନା ପିଲାଟିଏ ହେବିରେ

ଚନ୍ଦ୍ରକାନ୍ତ ଜେନା



ସୁନା ପିଲାଟିଏ ହେବିରେ
ଭଲ ପାଠ ପଢ଼ି
ଭଲ କାମ କରି,
ନାମ, ଯଶ ରଖିଯିବିରେ,
ସୁନା ପିଲାଟିଏ ହେବିରେ ।

ପିତା-ମାତା ସେବା କରିବି,
ତାଙ୍କ ଚରଣରେ ପୂଜିବି,
ସେ ମୋ ସୁଖରେ
ସେ ମୋ ଦୁଃଖରେ,
ତାଙ୍କ ତ୍ୟାଗ ଭୁଲିବିନିରେ,
ସୁନା ପିଲାଟିଏ ହେବିରେ ।

ଗୁରୁ,ଗୁରୁଜନ ମାନିବି
ତାଙ୍କୁ ସସମ୍ମାନେ ଦେଖିବି,
ଜୀବନ ରାସ୍ତାରେ
ସେ ମୋ ହାତରେ,
ହାତ ଧରି ନେଇଯିବେରେ,
ସୁନା ପିଲାଟିଏ ହେବିରେ ।

ଜୀବେ ଦୟା ଭାବ ରଖିବି
ହିଂସା ଠାରୁ ଦୁରେ ରହିବି,
ଲୋଭ,ମୋହ,ମାୟା
ଇର୍ଷା, ଦ୍ୱେଷ, ଘୃଣା,
ସବୁକୁ ଦୁରେଇ ଦେବିରେ,
ସୁନା ପିଲାଟିଏ ହେବିରେ ।

ମନରେ ସାହସ ବାନ୍ଧିବି
ଧୈର୍ଯ୍ୟକୁ ସାଥି ମୁଁ କରିବି,
ଆସୁ ଯେତେ ଝଡ଼
ଆସୁ ଯେତେ ଝଞ୍ଜା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁକିଛି ସହିଯିବିରେ,
ସୁନା ପିଲାଟିଏ ହେବିରେ ।

ସ୍ନେହ, ପ୍ରେମ ଭାବ ଲଭିବି
ଗର୍ବ, ଅହଂକୁ ମୁଁ ଛାଡ଼ିବି,
ଶାନ୍ତ, ସରଳତା
ସ୍ୱଭାବ-ନମ୍ରତା,
ହୃଦୟରେ ବହି ନେବିରେ,
ସୁନା ପିଲାଟିଏ ହେବିରେ ।

ଅନୀତି,ଅନ୍ୟାୟେ ଲଢ଼ିବି
ସତ୍ୟ ପଥେ ମୁହିଁ ଚାଲିବି,
ସ୍ୱପ୍ନ ମୋ ସଫଳ
ସାକାର ହୋଇବ,
ଶ୍ରେଷ୍ଠ ହୋଇ ଗଢ଼ି ହେବିରେ,
ସୁନା ପିଲାଟିଏ ହେବିରେ,
ସୁନା ପିଲାଟିଏ ହେବିରେ ।

ସହକାରୀ ଶିକ୍ଷକ
ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ,
କଣ୍ଟାପଡା, କଟକ
ଯୋଗାଯୋଗ -
୭୭୮୭୯୯୫୬୬୩/୯୮୫୩୭୪୭୩୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଝୁମ୍ ରାତି

ସୁରେଶ ଚନ୍ଦ୍ର ପାଢ଼ୀ



ସତେ ଏଇ ରାତିଟା
ଭାରି ଅମାନିଆ ଲାଗୁଛି
ତମେ ନାହଁ ବୋଲି
ଏକା ଏକା ଝୁରି ହେଉଛି
ଶୀତ ରାତିରେ
ଦେହ ମୁହଁ ଥରି ଉଠୁଛି
ମନ ତୁମ ହାତର
କୋମଳ ସ୍ପର୍ଶକୁ ଖୋଜୁଛି
ଦେହର ଉଷ୍ମତା
ଧିରେ ଧିରେ ବଢ଼ି ଯାଇଛି
ପହିଲି ପ୍ରେମରେ
ନିଝୁମ ରାତି ସଜେଇ ହୋଇଛି
ଖାଲି ତୁମ ଅପେକ୍ଷା
ଆସିବ ତ ବାଟ ଚାହିଁଛି
ସାଥି ହୋଇ ବୁଲିବା
ପ୍ରେମ ରାଇଜକୁ ଆସିଛି ।

ବୁଗୁଡ଼ା, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁବ ଘାସ

ଆକୁଳାନନ୍ଦ ପୃଷ୍ଟି



ଫୁଲ ବେଲ ପତ୍ର ଶ୍ରୀଫଳ ତୁଳସୀ
ହେବା ମୋ ଭାଗ୍ୟରେ ନାହିଁ
ଦୂବ ଘାସ ମତେ କରିଦିଅ ପ୍ରଭୁ
ଆଉ କିଛି ମାଗୁ ନାହିଁ ।
କେଦାର କାନନ ଗ୍ରାମ ଉପବନ
ପଥ ଧାରେ ଜନ୍ମ ନେବି
ସେବା ଯତ୍ନ ମୋର ଲୋଡା ହେବ ନାହିଁ
ଦୁଃଖ ସହି ବଞ୍ଚିଥିବି ।
ମୋ ସବୁଜ ରୂପ ଦେଖି ହେବେ ତୋଷ
ତୃଣଭୋଜି ପଶୁଗଣ
ଟାଣି ଖାଉଥିବେ ମୋ ପତ୍ର ପାଖୁଡ଼ା
ହେବିନି ମୁଁ ମ୍ରିୟମାଣ ।
ନୀଳ ଶାଢ଼ୀ ହୋଇ ଧରଣୀ ମାତାର
ଶ୍ରୀ ଅଙ୍ଗେ ମୁଁ ଥିବି ବେଢ଼ି
ସବୁ ଆବର୍ଜନା ମୋ ପାଇଁ ଚନ୍ଦନ
ଯିବିନି ମୁଁ ପଚି ସଢି ।
ମୋ ମଥା ଉପରେ ପାଦ ପଡୁଥିବ
ନର ପଶୁ ପକ୍ଷୀଙ୍କର
ନାନା ଜାତି ଖେଳ ଖେଳୁଥିବେ ପିଲେ
ଘାସ ଗାଲିଚାରେ ମୋର ।
ପର୍ବ ପର୍ବାଣୀରେ ଦେବାର୍ଚ୍ଚନା ପାଇଁ
ଦୂବ ବରକୋଳି ପତ୍ର
ଫୁଲ ଫୁଲି ସହ ମୋତେ ସମର୍ପିବେ
ଉଚ୍ଚାରି ଶ୍ରୀହରି ମନ୍ତ୍ର ।
ଦୂବ ଅକିଞ୍ଚନ ପ୍ରଭୁ ଶ୍ୟାମଘନ
ଦୂର୍ବାଦଳ ରୂପକାନ୍ତି
ମନ୍ଦିର ବେଢ଼ାରେ ପାବଚ୍ଛ ତଳରେ
ରହି ମୁଁ ପାଇବି ଶାନ୍ତି ।
ଏତିକି କରୁଣା ହେଉ
ଦାରୁବ୍ରହ୍ମ ସହ ଦୂବର ସମ୍ପର୍କ
ଯୁଗେ ଯୁଗେ ରହିଥାଉ
ହେ ମଣିମା ମାଁ
ଏତିକି କରୁଣା ହେଉ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ମହାଳପଡ଼ା କଖଡି
କଟକ, ମୋ ୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସନ୍ଦେହୀ ପ୍ରିୟତମ...

ଶିଲ୍ପାଲିପି ବେହେରା

କେତେ ସନ୍ଦେହୀ ପ୍ରିୟତମ ତୁମେ
ସନ୍ଦେହେ ଗଲ ଦୂରେଇ,
ଛୋଟ ଛୋଟ କଥା ଥଟ୍ଟା ତାମସାକୁ
ଗଭୀର ଭାବରେ ନେଇ ..।୧

ଟିକେ ଭାବିଲନି ମୋ' ପରିସ୍ଥିତିକୁ
କେମିତି ବଞ୍ଚୁଛି ମୁହିଁ,
ସନ୍ଦେହର ଛାପ ଦେହେ ବୋଳିହୋଇ
ମୋ' ଠାରୁ ଗଲ ଦୂରେଇ ..।୨

କେତେ ଦିନ କେତେ ରାତି ବିତାଇଛ
ନିବିଡ଼ ବନ୍ଧନେ ରହି,
ପ୍ରତି ସମସ୍ୟାକୁ ଦୁଇ ଭାଗ କରି
ବାଣ୍ଟୁଥିଲେ ସାଥୀ ହୋଇ ..।୩

ରହୁଥିଲ ଦିନେ ନେଟ ଖୋଲିଦେଇ
ମୋର ମେସେଜକୁ ଚାହିଁ,
ଥରକୁ ଥର ଅନଲାଇନ ଆସି
ଗ୍ରୀନ ସିଗନାଲ ଦେଇ ..।୪

ମୋ' ଓଠରେ ଟିକେ ଖୁସି ଦେବା ପାଇଁ
ନିଜକୁ ସମର୍ପି ଦେଇ ,
ସହିଅଛ କେତେ ଅସହ୍ୟ ବେଦନା
ନିଜ କାନ୍ଧେ ନିଜେ ବହି ..।୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜଠାରୁ ବେଶୀ ଭଲପାଅ ବୋଲି
ସବୁବେଳେ କହୁଥିଲ ,
ସେଥିପାଇଁ ବୋଧେ ନିଷ୍ଠୁର ହୃଦୟେ
ମୋ' ଠାରୁ ଦୁରେଇ ଗଲ ..।୬

ସର୍ତ୍ତ ନଥିଲା କି ସ୍ୱାର୍ଥ ବି ନଥିଲା
ଆମ ସମ୍ପର୍କ ଭିତରେ ,
ସନ୍ଦେହ କେମିତି ଧସେଇ ପଶିଲା
ବିନା ସାକ୍ଷୀ ପ୍ରମାଣରେ ..।୭

ବିନା ମୌସୁମୀରେ ଅଦିନିଆ ବର୍ଷା
ତାଣ୍ଡବ ରଚିଲା ଆସି ,
ସନ୍ଦେହର ଛିଟା ଆଙ୍କି ଦେଇଗଲା
ପ୍ରିୟତମ ହୃଦେ ପଶି ..।୮

ପ୍ରତ୍ୟୋକ୍ଷରେ ଟିକେ କଥା ହେବାଲାଗି
କେତେ ଦୂର ଆସୁଥିଲ ,
ସତ କୁହ ତୁମେ ଏତେ ଶୀଘ୍ର ମୋତେ
କେମିତି ପାଶୋରି ଗଲ ..।୯

ଥରୁଟିଏ ଯଦି କହିଦେବ ତୁମେ
ଆଖିରେ ଆଖି ମିଶେଇ,
"ସନ୍ଦେହ ଘେରରେ ତୋ' ଠାରୁ ଦୂରେଇ
ଖୁସିରେ ରହିଛି ମୁହିଁ" ..।୧୦

ସେହିଦିନଠାରୁ ମୋ' ଛାଇବି ଆଉ
କେବେ ତୁମେ ନଦେଖିବ,
ସନ୍ଦେହୀ ପ୍ରିୟ ମୋ' ଅଭିମାନ ଛାଡି
ନିଜର ଧ୍ୟାନ ରଖିବ ..।

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂ ଶାସିତ
ମହାବଦ୍ୟାଳୟ ଜଗତସିଂହପୁର
ମୋ : ୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ ଆଖିରେ ଲୁହ

ହରେରାମ ପଣ୍ଡା



ଦେଖିଛ କି ବନ୍ଧୁ ଦେଖିଛ କି ,
ମାଟି ମାଆ ଲୁହ ଦେଖିଛ କି ?
ଯେଉଁଠି ଜନମି ଏଡୁଟେ ହେଲଣି
ତା ମନକୁ କେବେ ବୁଝିଛ କି ?
ସ୍ୱାଧୀନ ହୋଇଛି ଜନନୀ ଆମର
ସ୍ୱାଧୀନତା ଆମେ ପାଇଛନ୍ତି ,
ଅଧିକାର ଖାଲି ହାତେଇ ନେଇଛେ
କର୍ତ୍ତବ୍ୟ ଆମର ଭୁଲିଛନ୍ତି ।
ତେଲିଆ ମୁଣ୍ଡରେ ତେଲ ବୋଳା ହୁଏ
ଆଇନ୍ କାନୁନ୍ ବାଟବଣା ,
ଦିନ ଦ୍ୱିପହରରେ ଲୁଣ୍ଠନ, ଧର୍ଷଣ,
ସେଥିପାଇଁ ନାହିଁ କଟକଣା ।
ପାଠୁଆ ବେକାରୀ ଦାଦନ ଖଟୁଛି
ଚଷାପୁଅ ହୁଏ ହଟହଟା ,
ଭଙ୍ଗା ଚାଳି ତଳେ ଦିନ କିଏ କାଟେ
କିଏ ଗଢ଼େ କୋଠା ପରେ କୋଠା ।
ଦରଦାମ ଆଜି ଆକାଶ ଛୁଇଁଛି
ସେଥିପାଇଁ ନାହିଁ ଟିକେ ଧ୍ୟାନ ,
ଜନସେବା ଖାଲି ପ୍ରବଞ୍ଚନା ଏଠି
ପ୍ରତିଶ୍ରୁତି ମିଛ ପ୍ରଲୋଭନ ।
ରାଜକୋଷ ଲୁଟି ଯିଏ ବଡ଼ ହେଲା
ଦେଶର ମହତ ଜନ ସିଏ ,
ଦେଶଟା ପଛକେ ବନ୍ଧା ପଡିଯାଉ
ତାଙ୍କର କିସ ବା ଆସେ ଯାଏ ?
ସତ୍ୟ ଅହିଂସା ଏ ଦେଶର ଆତ୍ମା
ଏ ଦେଶ ଜନତା ମନେ ନାହିଁ ,
ଯୋଗ୍ୟ ବୋଲି ଆମେ କିପରି କହିବା
ମାଆର ଆଖିରେ ଲୁହ ଦେଇ ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ , ଯାଜପୁର ।
ସମ୍ପର୍କ - ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପୁରୁଷାର୍ଥ

ଡଃ ଆଭାଞ୍ଜଳି ଶତପଥି



କାଳ ଚକ୍ର ସେହି ମଞ୍ଜିରୁ ଭିତ୍ତି,
ଭୂତ, ବର୍ତ୍ତମାନ, ଭବିଷ୍ୟ ସ୍ଥିତି ।
ଜ୍ଞାନୀ କଣ୍ଠେ ପ୍ରତି ମୁହୂର୍ତ୍ତ ମୂଲ,
ଅଜ୍ଞାନୀ କରଇ ତାହାର ତୁଲ ।
ଉଡ଼େ ମନ ତା'ର ଆଜି ସୁଖରେ,
ନ ପାରଇ ସହି କାଲି ଦୁଃଖରେ ।
ଅଯୋଗ୍ୟ ପାଇଲେ ଭାଗ୍ୟର ବଳ,
ଯୋଗ୍ୟ ହରାଇଲେ କାଳ କରାଳ ?
ପ୍ରତି କ୍ଷଣେ କରେ ଠାକୁର ଦାୟୀ,
ଅଜ୍ଞାନୀ ଆଖିରେ ପଟି ବାନ୍ଧଇ ।
ସଅଁପି ସବୁ କି ଦେବା ଦେବୀଙ୍କୁ ?
ଆନମନା କରି ପୁରୁଷାର୍ଥକୁ !

ଜ୍ଞାନୀ ଭାଷାରେ ସେ କାଳର ତତ୍ତ୍ୱ,
ନ ନିନ୍ଦେ ଭାଗ୍ୟକୁ କର୍ମ ମହତ୍ତ୍ୱ ।

ପ୍ରାରବ୍ଧ କର୍ମର ଫଳ ନିଶ୍ଚିତ,
କାହିଁକି ରଖିବ କର୍ମ ସଞ୍ଚିତ ।
ଗତକାଲି ଯେଉଁ ମଞ୍ଜି ଲଗାଇ,
ଆଜି ତା'ର ଚାରା ମୁଣ୍ଡ ଟେକଇ ।
ଚାରାର ପୋଷଣ ଯେଭଳି କଲ,
ଭବିଷ୍ୟେ ଫୁଟିବ ସେଭଳି ଫୁଲ ।
ଆଜି କର୍ମର ମୁଁ କାଲି ବିଧାତା ।
ଭୂତରୁ ଶିଖଇ ଅନେକ କଥା ।

ମଣିଷ ମାତ୍ରେ ହିଁ ଭୁଲ ରହିବ,
ସେ ଭୁଲରୁ ଶିଖି ଦୋଷ କାଟିବ ।
ଖାଲି ପଛତାପେ ନରକ ଭୋଗ,
ଭୁଲ ସୁଧାରିଲେ ନ ରହେ ରୋଗ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୂତ କର୍ମର ସେ ଅଭେଦ ବାଣ,
ଆଜି କର୍ମର ସେ କାଲି ନିଶାଣ ।
ଯେ ଫଳ ପାଅ, ସେ ବିଧାତା ବାଣ,
କେମିତି ଲଢିବ ନିଜ ନିଷାଣ ।

କାଳଚକ୍ରେ ଆମେ ସଭିଏ ବନ୍ଧା,
କାଲି ଆଜି କାଲି କର୍ମରେ ଛନ୍ଦା ।
ଭାଗ୍ୟକୁ ଜାବୁଡ଼ି ନିନ୍ଦିବ କାହିଁ,
କର୍ମରୁ ଭାଗ୍ୟକୁ ଗଢ଼ଇ ଯହିଁ ।
ଆଜିର ଇତିରେ କାଲି ଜନମ,
ସବୁ ଜନମରେ ନୂଆ ଜୀବନ ।
କେତେ ଶକତି ସେ ପୁରୁଷାର୍ଥରେ,
ଭାଗ୍ୟକୁ ରଖାଏ ହାତ ମୁଠିରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବସର ପରେ ! !

ନିତ୍ୟ ରଞ୍ଜନ ନନ୍ଦ



କହୁଥିଲେ ସବୁ ଏଭର ଗ୍ରିଇନ୍,
ଚାକିରୀରେ ଥିଲା ବେଳେ;
ଏବେ କହୁଛନ୍ତି ଡେମେଜ୍ ଇଞ୍ଜିନ୍,
ଅବସର ନେବା ପରେ ।

କାମ କରିବାକୁ ବେଳ ଅଣ୍ଟେ ନାହିଁ,
ଚାକିରୀରେ ଥିଲା ବେଳେ;
ଏବେ ଖାଲି ବେଳ, କାମ ଜମା ନାହିଁ,
ଅବସର ନେବା ପରେ ।

ତର ତର ହେଇ ଅଫିସ ଯିବାକୁ,
ପଡୁଥିଲା ଚାକିରୀରେ;
ଏବେ ବେକାରରେ ସମୟ କଟୁଛି,
ଅବସର ନେବା ପରେ ।

ଘରେ ଦେଖିବାକୁ ମିଳେନାହିଁ ଜମା,
ଦିନ ବେଳେ ଚାକିରିରେ;
ଏବେ ଦିନରାତି ଚବିଶ ଘଣ୍ଟାରୁ,
ତେଇଶି ଘଣ୍ଟା ଭିତରେ ।

ସକାଳୁ ସକାଳୁ ଗାଧୁଆଟା ହୁଏ,
ଥିଲା ବେଳେ ଚାକିରୀରେ;
ଗାଧେଇବା ଏବେ ଗୋଟାଏ ବାଜୁଛି,
ଅବସର ନେବା ପରେ ।

ଚାକିରୀ ବେଳରେ ସମୟ ମିଳେନି,
ଟିଭି ଦେଖିବାକୁ ଘରେ;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚେଇଁ ଥିବା ଯାଏ ଟିଭି ଚାଲୁଥାଏ,
ଅବସର ନେବା ପରେ ।

ପେଣ୍ଟରେ ସାର୍ଟ ଇନ୍ ହେଉଥିଲା,
ଚାକିରୀରେ ଥିଲା ବେଳେ;
ଏବେ ଗଞ୍ଜି ବଢି ସାର୍ଟର ତଳେ,
ଗଞ୍ଜି ପେଏଣ୍ଟ ଉପରେ ।

ଇସ୍ତ୍ରୀ ନହେଲେ ପିନ୍ଧା ହୁଏ ନାହିଁ,
ଡ୍ରେଏସ୍ ଚାକିରୀ ବେଳେ;
ଏବେ ଲୁଚାକୋଚା ପେଏଣ୍ଟ ସାଆଟ୍,
ଚଳେ ଲୁଙ୍ଗି ଗାମୁଛାରେ ।

ବ୍ରିଫ୍‌କେଶ୍ ଅବା ଦାମିକା ବେଏଗ,
ବାଇକ୍ ପାଖରେ ଝୁଲେ;
ଏବେ ଖାଲି ହାଟ ବେଏଗ ଭରସା,
ଅବସର ନେବା ପରେ ।

ଫୁଲ୍ ସୋଜ୍ ମୋଜା ବିନା ଚଳେ ନାହିଁ,
ଚାକିରୀ ରେ ଥିଲା ବେଳେ;
ଫୁଲ୍ ସୋଜ୍ ମୋଜା ଉଭେଇ ଗଲେଣି,
ଅବସର ନେବା ପରେ ।

ନିଶ ମୁଣ୍ଡ ବାଳ ରଙ୍ଗ କରାଯାଏ,
ବାଳ ଟିକେ ପାଚିଗଲେ;
ଏବେ ନିଶ ନାହିଁ କଳାଧଳା ବାଳ,
ଅବସର ନେବା ପରେ ।

ଛୁଟି ଦିନ ଅବା ପୁନେଇଁ ପରବ,
ଲେଖା ହୁଏ ଡାଇରୀରେ;
ତିଥି ବାର କିଛି ଜାଣି ହେଉନାହିଁ,
ଅବସର ନେବା ପରେ ।

ଭିନ୍ନ ଭିନ୍ନ ଏଡଭାନ୍‌ସ ଉଠାହୁଏ,
ଥିଲା ବେଳେ ଚାକିରୀରେ;
ପହିଲାକୁ ପେନସନ ଭରସା,
ଅବସର ନେବା ପରେ ।

ଡି ଏଲ୍ ଏ -୧୨, ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର
ମୋ - ୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦାଦନ ଖଟି

ସଞ୍ଜୟ ନାଏକ



ଯୋଉଛନ ହାଇଦ୍ରାବାଦ୍, ଗୋଆ ଦାଦନ ଖଟି
ଅଲଗା ରାଇଜେ ଗଲେ ଛାଡି  ଓଡ଼ିଶାର ମାଟି ।
ଇ ପାଖର୍ କୁଲି ଭୁତି କେ ମନ୍ ନେଇକରି
ଘର ଦ୍ୱାର ପିଲା ଛୁଆ ମନକେ ପାଶରି ।

ଟଁକା ପଇସା କାଏଁଟା ନେଇ କରୁଛେ
ସବୁ ଜିନିଷ ତୋ ଟଁକା ଦେଲେ ମିଳୁଛେ ।
ଟଁକାର ଲାଗି ଜିବାକେ ପଡୁ ଅଛେ
ନେଇ ଗଲେ ଟଁକା ନେଇ ମିଳୁଛେ ।

ଜାଉଛନ୍ ଖଟି ସାନ ବଡ ସଭେଁ
ଜଣା ନେଇ ଆସବେ ଘରକେ କେଭେଁ ।
କଲେଜ ପଢୁଆ ପିଲା ବି ଯାଉଛେ
ଶ୍ରମିକ ହେଇ ଖଟି ଖଟି ରହିଛେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାପଡ ବତରିଆ ଫୋନ୍ ଘିନୁଛେ
ଘରକେ ଆଏଲେ ଗେମ୍ ନେ ମାତୁଛେ ।
ମଦ ସିଗାରେଟ୍ ସବ ପିଉଛେ
ପଦେ କଥା କହେଲେ ରାଗୁଛେ ।

ଯେନ୍ତା ସେନ୍ତା ସେନେ ରହି ଯାଉଛନ
ଘରେ କେନ୍ତା ଅଛନ୍ ନେଇ ବୁଝୁଛନ ।
ଗଲା ବେଳେ ଯେସନ ସର୍ଦାଗିର୍ଦା କରି
ଆଏସି ଘରକେ ମୃତ ଶରୀର ଫେରି ।

ରଏନଗୁଡା, କୋକସରା, କଲାହାଁଡି
ମୋ-୮୨୬୦୪୩୮୨୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଜଣା ମୁହୂର୍ତ୍ତରେ ତୁମେ

ସତ୍ୟବ୍ରତ ସେଠୀ



ଲୁପ୍ତ ସୁପ୍ତ ସ୍ମୃତି ଅଙ୍ଗନର ବକ୍ଷରେ
ବୁନ୍ଦାବୁନ୍ଦା ଅଶ୍ରୁ ବର୍ଷୀଯାଏ ନିମିଷକେ... !
କୃଷ୍ଣଚୂଡ଼ାର ନିଦୁଆ ପାଖୁଡ଼ା ସାକ୍ଷୀ,
ସେ ରଙ୍ଗ ସାକ୍ଷୀ,
ସେ ଟିକିଟିକି କଳିକା ସାକ୍ଷୀ,
ସବୁଜିମା ଓଦାଓଦା ପତ୍ର ସାକ୍ଷୀ,

କାହା ଅବହେଳିତ ବତୀଘର ଆଜ ଧୀରେଧୀରେ ଭାଙ୍ଗେ,
ବେଳାଭୂମିଟା ଖାଇଖାଇ ଯାଏ ହୃଦୟର ଉପକୂଳ,
ମରୀଚିକାଟା ପୁଣି ସୁଖେ,
ଆଉ ସେ ରଙ୍ଗୀନ ଫୁଲସଜ୍ଜଟା ଡେଇଁଯାଏ ; ଅପରାହ୍ନରୁ ରଜନୀ,

ମୁଁ ଝୁଣ୍ଟେ....ପ୍ରେମ ସଙ୍ଗୀତର ଶେଷ ପଂକ୍ତିରେ,
ଏ ଶର୍ବରୀର ଆରକଡରେ,
କୋଣାର୍କର ନାଟମଣ୍ଡପରେ,
ଯେଉଁଠି ଦୁହେଁ ଝୁଣ୍ଟୁଥିଲେ ପ୍ରଣୟ ପୂର୍ବରୁ,
ଏବେ କିନ୍ତୁ ଏକାକୀ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜଠୁ ନିଜକୁ ପାଇଯାଏ ହଠାତ ; ଅତୀତର ଅପୂର୍ଣ୍ଣ ଅଙ୍କଗୁଡିକୁ କଷି ଦେଉଦେଉ ,
ପୁନଃ ଗଢେ ଭଗ୍ନର ଅବଶୋଷ, ପ୍ରୀତି, ବିଶ୍ୱାସ.... ଇତ୍ୟାଦି ଗୁଡିକୁ ସଜାଡି,
ଏକ ଉପତ୍ୟକା ସମ୍ପୂର୍ଣ୍ଣତାର,

ତଥାପି କେବେକେବେ ଅଜାଣତରେ ତୁମେ ଚାଲିଆସ ଏ ଜୋଛନର ଉହାଡ଼ରେ,
ଉପହାସ କର..... କାରଣ ଅଜାଣତରେ.. !
ଆଉ ଲୁପ୍ତସୁପ୍ତ ସ୍ମୃତି ଅଙ୍ଗନ ବକ୍ଷରେ
ବୁନ୍ଦାବୁନ୍ଦା ଅଶ୍ରୁ ବର୍ଷିଯାଏ ନିମିଷକେ ।

ଠିକଣା -ଗ୍ରାମ/ପୋଷ୍ଟ- ତମ୍ବାହରା
ଥାନା-ହରିଚନ୍ଦନପୁର
ଜିଲ୍ଲା -କେନ୍ଦୁଝର
ପିନ - ୭୫୮୦୨୮
ଫୋନ - ୯୩୩୭୯୫୬୩୭୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବର୍ଣ୍ଣ

ବାସନ୍ତୀ ଲତା ଜେନା



ଭଗବାନ ସୃଷ୍ଟି ମାନବ ଜାତିଟି
ପ୍ରକୃତି ପୁରୁଷ ପରା
ଜାତି ଧର୍ମ ଆଉ ବର୍ଣ୍ଣ ବିଭେଦରେ
ମନୁଷ୍ୟ ବୁଦ୍ଧି ନିଆରା ।୧।

କର୍ମ କାର୍ଯ୍ୟ ପାଇଁ ସୁବିଧା ଦୃଷ୍ଟିରୁ
ବର୍ଣ୍ଣ ଭେଦ ଜାତି ନର
ବ୍ରାହ୍ମଣ କ୍ଷେତ୍ରୀୟ ବୈଷ୍ୟ ଶୁଦ୍ର ଆଦି
ବିଭାଜ୍ୟ ଚାରି ପ୍ରକାର ।୨।

ଓଡିଆ ବର୍ଣ୍ଣମାଳା ଅକ୍ଷରକୁ ନେଇ
ସୃଷ୍ଟି ବ୍ୟାକରଣ ହୁଏ
ଅ' ଠାରୁ ଆରମ୍ଭ ଔ 'ଠାରେ ଶେଷ
ସ୍ୱର ବର୍ଣ୍ଣ କୁହାଯାଏ ।୩।

କ ' ଠାରୁ ଆରମ୍ଭ ମ'ଠାରେ ଶେଷ
ବ୍ୟଞ୍ଜନ ବର୍ଗ କହନ୍ତି
ଯ' ଠାରୁ ଆରମ୍ଭ ଚନ୍ଦ୍ରବିନ୍ଦୁ ଯାଏ
ଅବର୍ଗ ବର୍ଣ୍ଣ କହନ୍ତି ।୪।

ଇନ୍ଦ୍ରଧନୁ ରଙ୍ଗ ସପ୍ତ ବର୍ଣ୍ଣେ ସଜା
ବରଷା ମାସରେ ଦିଶେ
ଦର୍ଶନରେ ତୃପ୍ତି ମନରେ ପୁଲକ
ହୃଦୟ ଆନନ୍ଦେ ଭାସେ ।୫।

ଶ୍ୟାମଳ ବର୍ଣ୍ଣରେ ପ୍ରକୃତିର ଶୋଭା
ଜନ ମନେ ଶାନ୍ତି ଦିଏ
ପ୍ରକୃତି ରାଣୀଟି ଶୋଭାର ଭଣ୍ଡାର
ଫୁଲ ଫଳେ ହସୁ ଥାଏ ।୬।

ଗାନ୍ଧୀନଗର, ପୋଷ୍ଟ / ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ


ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍କଳ ଯୋଗିନୀ ମା ମାର୍କମା

ପ୍ରଦୀପ କୁମାର ଜିଲିକାରା



## ଉତ୍କଳ ଯୋଗିନୀ ମା ମାର୍କମା ଓ ପ୍ରାଚୀନ ସାହିତ୍ୟରେ ବର୍ଣ୍ଣନା

[ବିଷମକଟକ (ରାୟଗଡ଼ା) ଅଧିଷ୍ଠାତ୍ରୀ ଦେବୀ ମାଁ ମାର୍କମା ଓ ଆଦିକବି ଶୂଦ୍ରମୁନି ସାରଳା ଦାସ କୃତଚଣ୍ଡୀ ପୁରାଣ ବା ଶ୍ରୀଭାଗବତ, ମତ୍ତ ବଳରାମ ଦାସଙ୍କ ବଟ ଅବକାଶ ଓ ପୀତାମ୍ବର ନୃସିଂହ ପୁରାଣ]

ମା ମାର୍କମାଙ୍କ ନାମ ମହିମାର ବିସ୍ତୃତ ଆଲୋଚନା ଶୂଦ୍ର କବି ଶୂଦ୍ରମୁନି କବି ସାରଳା ଦାଶଙ୍କ ରଚିତ କାବ୍ୟ ଶ୍ରୀ ଭାଗବତ ବା ଚଣ୍ଡୀ ପୁରାଣରେ ଉଲ୍ଲେଖ ହେବାର ଦେଖିବାକୁ ମିଳେ । ଯାହାକୁ କି ପ୍ରାୟ ଦଶ ବର୍ଷ ହେବ ନିମ୍ନୋକ୍ତ ଆଲେଖ୍ୟ ପାଠ କରି ସଂଗ୍ରହ କରିବାର ଆଗ୍ରହ କରିଥିଲି, କିନ୍ତୁ ପାଇନଥିଲି । ତେବେ ସେ ନିରାଶ ଏବେ ଉଲ୍ଲାସରେ ପରିଣତ ହୋଇଛି । ଥରେ ନୁହଁ ବହୁ ଥରେ ବିଷମକଟକ ଅଧିଷ୍ଠାତ୍ରୀ ଦେବୀ ମାଁ ମାର୍କମାଙ୍କ ନାମ ଓ ମାଁ ଙ୍କ ମହିମା ବର୍ଣ୍ଣନା ହୋଇଛି, ଯାହା ଆମ ଅଞ୍ଚଳବାସୀମାନଙ୍କ ପାଇଁ ଆନନ୍ଦପ୍ରଦ ମନେହୁଏ ।

#ଇତିହାସ କହେ, ସୂର୍ଯ୍ୟବଂଶୀ ରାଜା କଳାହମ୍ବିର[୫] ବହୁକାଳ ପୂର୍ବେ ବିଷମକଟକରେ ରାଜୁତି କରୁଥିଲେ । ଦେବୀ ମାର୍କମା ରାଜାଙ୍କର ଇଷ୍ଟଦେବୀ ଥିଲେ । ଶୁଣାଯାଏ, ଦେବୀଙ୍କ ନିକଟରେ ପଶୁବଳୀ ଓ ନରବଳୀ ପ୍ରଚଳନ ଥିଲା । କାଳକ୍ରମେ, ତତ୍କାଳୀନ ଆଞ୍ଚଳିକ ଅଧିକାରୀ ଗଦାଧର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ପଶୁବଳୀ ଓ ନରବଳୀ ଏଠାରେ ବନ୍ଦ ହୋଇଛି । ଶାରଳାଦାଶଙ୍କ ଲିଖିତ ଚ଼ଣ୍ଡିପୁରାଣରେ ଦେବୀଙ୍କ ନାମ ଉଲ୍ଲେଖ ରହିଛି । ଏଥିରୁ ମା ମାର୍କମାଙ୍କ ପ୍ରାଚୀନତା ଅନୁମାନ କରିହୁଏ । କିମ୍ବଦନ୍ତୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହେ, ଦେବୀ ମାର୍କମା ଶତ୍ରୁସୈନ୍ୟଙ୍କୁ ସମ୍ମୋହିତ କରି ବିଷମକଟକର ତତ୍କାଳୀନ ରାଜାଙ୍କୁ ଯୁଦ୍ଧରେ ସହାୟତା କରିଥିଲେ । ( ଉଇକିପିଡ଼ିଆ ଉତ୍ସ )

ଉପରୋକ୍ତ ଆଲେଖ୍ୟ ବହୁ ବର୍ଷ ପୂର୍ବରୁ ମୁଁ ପାଠ କରିଥିଲି ଏବଂ ଶାରଳା ଦାସଙ୍କ ଚଣ୍ଡୀ ପୁରାଣ ପାଠ କରି ମା ମାର୍କମାଙ୍କ ନାମ କେଉଁ ପଦରେ ଅଛି ଜିଜ୍ଞାସା ହେଲା ! ତେବେ ଥରେ ନୁହଁ ବହୁବାର ମା ମାର୍କମାଙ୍କ ନାମ ଓ ମହିମା ବର୍ଣ୍ଣନା ହୋଇଛି ସାରଳା ଦାସଙ୍କ ଲିଖନୀରୁ । ଅତଏବ ମା ମାର୍କମା ଦେବୀ ବହୁ ପ୍ରାଚୀନ ଦେବୀ ବୋଲି ଅନୁମେୟ! ଇତିହାସ କହେ, ମା ଛିନ୍ନମସ୍ତା ! ଏହାର କାରଣ ହେଲା ଶତ୍ରୁ ସୈନ୍ୟର ତୋପ ଆକ୍ରମଣ !

ମା ମାର୍କମାଙ୍କ ନାମ ଓ ମହିମା । ଗାନ କରାଯାଇ ଥିବା ପଦ ପଂକ୍ତିମାନ ନିମ୍ନରେ ଉପସ୍ଥାପନା କରୁଛି ! ଦେବୀ ମାଁ ମାର୍କମାଙ୍କ ନାମ ମାରକମା, ମହାକାମା ଓ ମାକରମା ଇତ୍ୟାଦି ନାମରେ କବି ସାରଳା ଦାସ ଉଲ୍ଲେଖ କରିଛନ୍ତି !

ଭାଲୁଙ୍କ ବଦନୀ ଚଣ୍ଡୀ ଯେ ପଦ୍ମେକ ଉତ୍ତମା
ଏ ଥାଠେ ସେନାପତି ବିକଳାରି ମହାକାମା । (୨୯୧୮)

ଭାଲୁ ବଦନୀ ଚଣ୍ଡୀମାନଙ୍କର ସୈନ୍ୟ ଦଳର ସେନାପତି ମହାକାମା/ମାର୍କମା ଦେବୀ ବୋଲି ଉଲ୍ଲେଖ ଅଛି ମହିଷାସୁର ବଧ - ମହିଷାସୁର ଓ ଦେବୀ ଦୁର୍ଗା ଯୁଦ୍ଧ ବିଷୟକ କାବ୍ୟ ଚଣ୍ଡୀ ପୁରାଣର ୨୯୧୮ ସଂଖ୍ୟା ପଦରେ । ମା ଦୁର୍ଗାଙ୍କ ସୈନ୍ୟ ଦଳ ଅନେକ ଥିଲେ ଓ ପ୍ରତି ସୈନ୍ୟ ଦଳର ଜଣେ ଜଣେ ଦେବୀ ସେନାପତି ଥିଲେ । ସେନାପତି ପଦରେ ଥିବା ଅନେକ ଦେବୀମାନଙ୍କ ନାମ ସହିତ ମା ମାର୍କମାଙ୍କ ନାମ ମଧ୍ୟ ସନ୍ନିବେଶିତ ହୋଇରହିଛି । ଅନ୍ୟ ସେନାପତି ଦେବୀମାନଙ୍କର ନାମ ଯଥା ଭଇରୋବୀ (ଭୈରବୀ), ଉଗ୍ରତାରା, ବାଶୋଳୀ(ବାଶେଳୀ), ହେଙ୍ଗୁଳା(ହିଙ୍ଗୁଳା), ବିରଯା (ବିରଜା) ଇତ୍ୟାଦି ଇତ୍ୟାଦି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ମା ଦୁର୍ଗା ସମସ୍ତ ଦେବୀମାନଙ୍କୁ ଯୁଦ୍ଧରେ ଅସୁରମାନଙ୍କ ସହିତ ଗୋଳ କରିବାପାଇଁ ନିଜ ଅଙ୍ଗରୁ ସୃଷ୍ଟି କରିଛନ୍ତି ସେ ସମୟରେ ଦେବୀମାନେ ବଳିଲୋଭିନୀ ହୋଇ ଆହାର ମାଗିଛନ୍ତି, ସେଠାରେ ମା ଦୁର୍ଗା ଅସୁର ସୈନ୍ୟ ଦଳ ଓ ସେନାପତିଙ୍କୁ ଦେଖାଇ ଜଣେ ଜଣେ ଦେବୀଙ୍କୁ ଭକ୍ଷଣ କରିବାକୁ କହିଛନ୍ତି, ମା ମାର୍କମା ଦେବୀଙ୍କୁ ମଧ୍ୟ ବକାସୁର ଥାଟକୁ ଗିଳିବାକୁ କହିଛନ୍ତି ।

ଦୃଗା ବୋଇଲେ ଶୁଣ ଲୋ ମାରକମା

ବକାସୁର ଥାଟ ଲୋ ଭକ୍ଷ ଯାଇ ଅମା ।୨୯୪୯

ପ୍ରଳୟାନ୍ତ ଅଗ୍ନି ତେଜ ପ୍ରାଏକ ପ୍ରଚଣ୍ଡ

ସେ ସହସ୍ରମାନଙ୍କୁ ଦେବୀ ପାତିଥାନ୍ତି ତୁଣ୍ଡ ।୨୯୭୨

ଏଲମା ପୋଲମା ମାକରମା

ଦାନବ ଚାହିଁ ଏହାଙ୍କର ଗାରିମା ।୨୯୭୩

ଉପର ପଦ ପୂର୍ବରୁ ଯୁଦ୍ଧ କାଳରେ ଅସୁର ସୈନ୍ୟଦଳ ଦେବୀ ସୈନ୍ୟଦଳ ଆଗରେ ଛାଗଳ ଦଳ ପ୍ରାୟେ ଦେଖାଦେଇଛନ୍ତି । ଦେବୀମାନେ ତୁଣ୍ଡ ଆଁ କରି ସହସ୍ରାଧିକ ଅସୁର ମାନଙ୍କୁ ଭକ୍ଷଣ କରୁଛନ୍ତି । ମାକରମା/ ମାରକମା/ ମାର୍କମା ଦେବୀ ମଧ୍ୟ ଅସୁରମାନଙ୍କୁ ଭକ୍ଷଣ କରିବା ପାଇଁ ତୁଣ୍ଡ ପାତିଛନ୍ତି ।

ସମର କରନ୍ତେ ଦେବ ଦାନେବ ଅଭଏ

ଅସୁର ଦଳ ଦିଶଇ ସେ ଛାଗଳ ପଲ ପ୍ରାଏ ।

୨୯୮୪ ସଂଖ୍ୟା ପଦରେ ଚାରି ଦେବୀ ମିଶି ଅଶୀ ଲକ୍ଷ ରାକ୍ଷସ ଯୋଦ୍ଧାଙ୍କୁ ଭକ୍ଷଣ କରିବାର ବର୍ଣ୍ଣନା ରହିଛି । ମା ମାର୍କମା ସହିତ ଅନ୍ୟ ତିନି ଦେବୀ ହେଲେ ଏଲମା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୋଲମା ଓ କୋଠାରୀ ।

ଏଲମା ପୋଲମା ମାକରମା କୋଠାରୀ
ଅଶୀ ଲକ୍ଷ ଯୋଦ୍ଧା ହେ ଭକ୍ଷନ୍ତି ଜଣ ଚାରି ।୨୯୮୪

ତା ପରେ ଧଙ୍କାସୁରକୁ ଚାରି ଦେବୀ ପ୍ରବଳ ଯୁଦ୍ଧରେ ଦୁଇ ଫାଳ କରି ଭକ୍ଷଣ କରିବାର ମଧ୍ୟ ବର୍ଣ୍ଣନା ରହିଛି ।

ସଇନି ପଡ଼ନ୍ତେ ସେ ଧଙ୍କାସୁର ଉଠି
କୋଠାରୀ ଉପରେ ଲକ୍ଷେକ ଭାର ଗଦା ନେଇ ପିଟି ।୨୯୮୫
ଲୋହାର ଗଦା ସେ ପାଡ଼ିଲା କୋଠାରୀ କାପାଳୀ
ପର୍ବତ ସମାନ୍ୟେ ଗଦା ସେ ହୋଇଗଲା ଧୂଳି ।୨୯୮୬
ଗଦା ଭାଙ୍ଗତେ ସେ ହୋଇଲା ଶୂନ୍ୟହସ୍ତ
ତୁଣ୍ଡ ବିସ୍ତାରି ଧାଇଁଲା ସେ ଧଙ୍କାସୁର ଦଇତ ।୨୯୮୭
ଚାରି ଦେବୀଙ୍କି ଯେ ଆକ୍ରୋଷି ଧଙ୍କାସୁର ଦଳି
ଧାଇଁ ଦେବୀମାନେ ଯେ ଆଗରେ ଓଗାଳି ।୨୯୮୮
ଦରାଣ୍ଡି ଅସୁର ପାଦ ଧଇଲେ ପୁଲମା ମାରକମା
ଦୁଇ ଫାଳ ହୋଇଲା ସେ ଅସୁର ବିକ୍ରମା ।୨୯୮୯
ପୁଲମା ମାରକମା ସେ ଗିଳିଲେ ଦୁଇଖଣ୍ଡ
ଅନେକ ଆନନ୍ଦ ହୋଇଲେ ସପତ ବ୍ରହ୍ମାଣ୍ଡ ।୨୯୯୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପର ପଦରୁ ଆଉ ଦ୍ୱନ୍ଦ ରହୁନାହିଁ କି ଯେ ମା ମାର୍କମା ନାମ୍ନୀ ଦେବୀଙ୍କ ଅନେକ ନାମ ମହାକାମା ମାକରମା ଓ ମାରକମା କେବଳ ବିଷମକଟକ ଅଧିଷ୍ଠାତ୍ରୀ ଦେବୀ ମାଁ ମାର୍କମାଙ୍କୁ ସୂଚାଉଛି ।

ମାଁ ମାର୍କମା ଓ ତ୍ରୟମ୍ବକାସୁର ସହିତ ଯୁଦ୍ଧ ହେବାର ଦୀର୍ଘ ବର୍ଣ୍ଣନା କବି ସାରଳା ଦାସ ଚଣ୍ଡୀ ପୁରାଣରେ କରିଛନ୍ତି। ମା ଦୁର୍ଗା ମାର୍କମା ଦେବୀ ମାଁ ଙ୍କୁ ଅସୁରର ଦର୍ପ ଦେଖି ଯୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି।

ଦୃଗା ବୋଇଲେ ମୋହୋର ଛାମୁରେ ଅସୁରର ଏଡ଼େକ ଗାରିମା
ତ୍ରିଅମ୍ବକାସୁରକୁ ଲୋ ମାର ମାରକମା । ୩୦୦୭
ଦୃଗାର ବଚନେ ମାରକମା ଉଠି
ବାମ କରେ ଶୂଳ ଯେ ଡାହାଣ କରେ ଯାଠୀ । ୩୦୦୮
ଧନୁ ତ୍ରୋଣ ଧରି କୋଠାର ଧରି
ମହା ମତ୍ତଗଜ ପିଠିରେ ବିଜେକରି ।
ଲହ ଲହ ଜିଭ ମୂରତି ଶାକମ୍ବରୀ
ତ୍ରିଅମ୍ବକା ସମାନେ ତାର କାୟା ବିସ୍ତାରି ।
ବ୍ରହ୍ମାଣ୍ଡ ଘୋଟିଲା ସେ ଅଭଏ କାମରୂପୀ
ଅସୁର ଉପରେ ନେଇ ବଜ୍ରଶୂଳ ପିଟି ।
କୋଟିଏ ସୂର୍ଯ୍ୟ ତେଜ ଦେଖିଣ ଦୁରାପାତେ
ପଡ଼ନ୍ତେଣ ଶୂଳ ଯେ ଧୋଇଲେ ବାମହସ୍ତେ ।
ସେହି ଶୂଳ ବୁଲାଇଣ ଲେଉଟାଇ ପିଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାରକମାର ଯେ ପଡ଼ିଲା ଲଲାଟ ପାଟି ।

ପର୍ବତ କମ୍ପିଲେ ପଡ଼ନ୍ତେଣ ଶୂଳ

ଶତେ ଚୂର ହୋଇଲା ପଡ଼ିଲା କପୋଳ ।

ଶୂଳ ଭାଗନ୍ତେଣ ପ୍ରଶଂସଇ ଦ୍ରପିଷ୍ଟଇ

ବଜ୍ର ମୁଦୁଗରେଣ ଧରିଣ ନେଇ ପିଟଇ ।

ମୁଦୁଗର ପଡ଼ନ୍ତେଣ କମ୍ପିଲାକ ପୃଥ୍ୱୀ

ମାରକମା ଉପରେ ପଡ଼ି ଭାଙ୍ଗି ଗଲା ତତକ୍ଷଣାନ୍ତି ।

ପୁଣ କପଚେକ ଧରି ତ୍ରିଅମ୍ବେକ

ଦେବୀର ଉପରେ ନେଇ ପ୍ରହାର କଲାକ ।

ଲୋହାର ପ୍ରାଏକ ଯେ ଦେବୀର ବଜ୍ର ସେନ୍‌ହା

ଅଭେଦ କପଚେ ପଡ଼ି ହୋଇଲାକ ଚୂନା ।

ପୁଣ ଅଗ୍ନିବାଣେକ ଘେନି ତ୍ରିଅମ୍ବେକାସୁର ପ୍ରଭାବି

ମାରକମା ଉପରେ ପଡ଼ି ସେ ଅଗ୍ନି ଗଲା ଲିଭି ।

ଲୁହାର ବେନି ଗଦା କୋଟିଯେ ସହସ୍ର ଭାର

ତାହା ଘେନି ପିଟିଲା ଦତ୍ୟ ଦେବୀର ଉପର । ୩୦୨୦

ଦୁଇ ଗଦା ପଡ଼ିଲା ସେ ପଞ୍ଜରା ବେନି କାଠି

ଗିରିବର ସମାନ୍ୟେଣ ଗଦା ଗୁଣ୍ଡମଏ ଉଠି ।

ପବନୁ ବେଗ ମାରଇ ଦେଖିଣ ନୁଆରି

ଗୁରୁଜ କୋନ୍ତ ଯାଠୀ ଘେନି ତ୍ରିଅମ୍ବିକା ମାରି ।

ଆହୋ ପରୀକ୍ଷ ସମର କରନ୍ତେଣ ତ୍ରିପହର ରାତି

ଶହସ୍ର ବିଘାତେ ସେ ଅଗ୍ନି ଝଲକନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିବସ ପ୍ରାଏ ସେ ଦିଶଇ ରଣଭୂମି
ନ ଭାଜନ୍ତି ଦାନବେ ସେ ବେଳେବେଳେ ଉତକର୍ମି ।
ଶତେ ବାର ପରିଯନ୍ତେ ପ୍ରହ୍ୱଆର କଲା ତ୍ରିଅମ୍ବକା
ଅସୁର ବିଘାତ ଦେବୀ ମାରକମା ସହଇ ଏକା ।
ସହସ୍ର ସରନ୍ତେ ଯେ ହୋଇଲା ଶୂନ୍ୟହସ୍ତ
ପୋଡ଼ିଲା ପର୍ବତ ପ୍ରାଏ ଉଭା ହୋଇଅଛି ଦତ୍ୟ ।
ନବ ନିଶା କରବାଳେକ ବୁଲାଇ ମାରକମେ
ଅସୁର ବକ୍ଷସ୍ଥଳେ ସେ ହାଣିଲା ମହାତମେ ।
ଦେହରେ ନ ବାଜି ସେ ହାବୋଡ଼ି ଗଲା ବାଜି
ଉତ୍ୟାନ ସାହୀ ହୋଇଁ ଅସୁର ପଡ଼ିଲା ଗଳଗାଜି ।
ମାରକମା ମାଡ଼ି ବସିଲା ଅସୁର ବକ୍ଷସ୍ଥଳ
ଦୁଇ ପାଟି ଚାପିଲା ସେ ହୋଇଲା ବେନିଫାଳ ।
ଅସ୍ତି ଚର୍ମ ମାଏଂସ ରୋଧିର ସହିତେ
ଅସୁର ଶରୀର ଗିଳିଲା ଗର୍ଭଗତେ । ୩୦୩୦
ଆହୋ ପରୀକ୍ଷ ତ୍ରିଅମ୍ବକ ଜିଣି ସେ ତ୍ରିଅମ୍ବେକା ନାମ
ନେଉଟାଇଁ ଯୁଦ୍ଧେ ତାହାକୁ ଭକ୍ଷିଲେ ମାରକମ ।
ଅନେକ ହୁଲାସ ହୋଇଲା ବସୁମତୀ
ଅମୃତ ବୃଷ୍ଟି ପ୍ରାଏକ ହୋଇଲା ପୃଥ୍ୱୀ ।
ଶ୍ରୀ ମାରକମା ଚରଣେ ଶରଣ ଯୁଗତେ
ଶୂଦ୍ରମୁନି ସାରୋଳ ଦାସ ପ୍ରଣମିତ ନିତ୍ୟେ ।
ଆହୋ ତ୍ରିଅମ୍ବକାସୁର ଯେ ପଶିଲାକ ରଣେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ଉଷତ ଯେ ହୋଇଲେକ ଦେବଗଣେ ।
ପଞ୍ଚଦଶ କ୍ଷୌଣି ଯେ ତ୍ରିଅମ୍ବିକା ଥାଠ
ଏକୁ ଏକ ଦାନବେ ମହାବଳିଷ୍ଠ ।
ପାଶ ପଶୁ ଗଦା ମୁଦୁଗର ଘେନି ଉଠି
ନାନା ଆୟୁଧ ଘେନି ମାରକମାହିଁ ନେଇ ପିଟି ।
ଦେଖିଲେ ଅସୁର ବଳ ସନ୍ୟ ମହାମାଏ
ତିନି କୋଶ ଯେତେ ମାଳ ରକ୍ତ ବର୍ଣ୍ଣ ପ୍ରାଏ ।
ବିନ୍ଧ୍ୟ ଗିରି ପର୍ବତୁଂ ପଡ଼ିଲେ ଦେବୀ ଡେଇଁ
ସ୍ୱର୍ଗ ମଞ୍ଚ ତୁଣ୍ଡ କରିଣ ଅସୁରନ୍ତ ଖାଇଁ ।
ଯେସନେକ ଜଳ ପର୍ବତୁ ପଡ଼ଇ ଖସି
ନିଃଶ୍ୱାସକେ ସଂଘରିଲେ ଗର୍ଭେ ଥାନ୍ତି ପଶି ।
କେ ଶର ବିନ୍ଧନ୍ତି କେ ହାଣନ୍ତି ଧରି ଖଣ୍ଡା
କେ କୋନ୍ତେ ଯାଠୀ ମାରନ୍ତି ପ୍ରଚଣ୍ଡା । ୩୦୪୦
ସମସ୍ତ ଶହସ୍ର ମାନ ଯେ ପଡ଼ୁଅଛି ଗର୍ଭେ
ତୁଣ୍ଡ ନ ପୂରଇ ଜାଣନ୍ତି ମତ୍ତ ଗର୍ବେ ।
ଏକା ଘାତିକେ ପାରନ୍ତି ବେନି ବେନି ପାଟି
ଗର୍ଭରେ ପଶନ୍ତି ଅସୁର ହୋଇଣ ଲକ୍ଷ କୋଟି ।
ପଞ୍ଚଷଠି ସହସ୍ର ଯେ ତ୍ରିଅମ୍ବିକାର ବଳ
ନବ ଘଡ଼ି ମଧ୍ୟରେ ସେ ଭକ୍ଷିଲେ ସକଳ ।
ରକତ ଲିତାକେହି ନାହିଁ ହାଡ଼ ଗୋଡ଼
ଅନ୍ତ ପୁଟି ଆଦି କରି ସେ ହୋଇଲେ ସର୍ବ ରୁଣ୍ଡ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆହୋ ପରୀକ୍ଷ ଏସନକ ସମରି ଚଣ୍ଡୀ ଯୁଦ୍ଧ କଥା
ମନୁଷ୍ୟ ଜନମ ହୋଇ କେ ପାରିବ ଲେଖନ୍ତା ।

ଏ ଥିଲା ମା ମାର୍କମା ଦେବୀ ସହିତ ତ୍ରିଅମ୍ବେକାସୁର ଓ ଅନ୍ୟାନ୍ୟ ଅସୁର ସହିତ ଯୁଦ୍ଧ ଓ ଭକ୍ଷଣ କରିବାର ଦୀର୍ଘ ବର୍ଣ୍ଣନା । ଏତିକିରେ ମା ମାର୍କମାଙ୍କ ମହିମା ସରିଯାଇ ନାହିଁ, ଆହୁରି ମଧ୍ୟ ଅଛି !

ଅଠେଇଶ ଜଣ ଦାନବଙ୍କୁ ଅଠେଇଶ ଚଣ୍ଡୀ ମାରି ଗିଳିବାର ବର୍ଣ୍ଣନା ରହିଛି, ସେହି ଅଠେଇଶ ଗୋଟିଏ ଦେବୀମାନଙ୍କ ମଧ୍ୟରୁ ମା ମାର୍କମା ଅନ୍ୟତମ ।

ଆହୋ ପରୀକ୍ଷ ରାଜା ବଦନ୍ତି ବରାହୀ ବଳାଇ
ତରାଇ, ଜରାଇ, ରଙ୍କାଇ, ଶାମଳାଇ । ୩୦୬୮
ଦୁଲଣାଇ, ଅମରାଇ ହରାଇ
କାମାଇ, ବିମଳାଇ ବଣାଇ ଚାଚିକାଇ ।
ଏମାନନ୍ତ ରାଇଁ ଆଜ୍ଞା ଦେଲେ ଦୃଗେ
ନାନା ଅବସ୍ଥା କରି ଲୋ ଦଇତଙ୍କୁ ଭକ୍ଷ ବେଗେ ।
ଏସନେକ ଆଜ୍ଞା ଦେଲେ ଜଗତ ମାତା
ଆକାଶେ ଖେପିଲେ ସେ ହେଲେ ଇତିଷ୍ଠାତା ।
ଖିନମୁଣ୍ଡା ବୋଲି ଉଗ୍ରତାରା ମାରକମା ( ମା ମାର୍କମା ନାମ ଆସିଲା)
ଅସୁର ବଳ ସଇନିକି ସେ ଏହାଙ୍କ ବଡ଼ିମା ।
ବିଜେ କର୍ଣ୍ଣେ କଟାରି କାତୀ ଖପର ଖଣ୍ଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଇରୋବୀ ବାଶେଳୀ ଚାରି ଅମ୍ବିକା କୋଠାରୀ ଚାମଣ୍ଡା ।
ଅଠାଇଶି ଦାନବଙ୍କୁ ସେ ଅଠାଇଶି ଚଣ୍ଡୀ
ରୋଧିରେ ବିଲୋପନ ସିନ୍ଦୂରେ ମୁଖ ମଣ୍ଡି ।

ଦେବୀମାନେ ରାକ୍ଷସ ଯୋଦ୍ଧାମାନଙ୍କୁ ଯୁଦ୍ଧରେ ସାମ୍ନା କରିଛନ୍ତି, ମା ମାର୍କମା ଉର୍ଦ୍ଧ୍ୱକେଶ ସହିତ ଯୁଦ୍ଧରେ ସମ୍ମୁଖୀନ ହୋଇଛନ୍ତି ଯାହା ନିମ୍ନ ପଦରୁ ପ୍ରମାଣିତ ।

ପଦ୍ମେକ ଯୋଦ୍ଧା ଘେନି ସେ ଉର୍ଧକେଶ
ମାରକମା ତୁଲେ ହୋଇଲା ପ୍ରବେଶ । ୩୨୬୧

ମା ଦୁର୍ଗାଙ୍କ ସହିତ କାଳବିମୋଚନ ସହିତ ଯୁଦ୍ଧ ବେଳେ ସମସ୍ତ ଦେବୀମାନେ ଆକାଶରେ ଚାହିଁଥିଲେ ଅସୁରମାନଙ୍କ ଉପରେ ଆକ୍ରମଣ କରିବା ପାଇଁ, ସେମାନଙ୍କ ମଧ୍ୟରୁ ମା ମାର୍କମାଙ୍କ ନାମ ସ୍ଥାନିତ ।

ଅସୁରଙ୍କ ଦର୍ପ ଧ୍ୱଂସିବାକୁ ରହିଁଥିଲେ ଅନ୍ତରୀକ୍ଷେ
ଶୂନ୍ୟରୁ ଖସି ପଡ଼ିଲେ ଦେବୀ ଲକ୍ଷେ ।
ପାତାଳବାସେନୀ ଆକାଶେଣ ଶିର
ଚକ୍ରଧରି କୋଦଣ୍ଡ ଗାଣ୍ଡିମ ମୁଦୁଗର କର ।
ହାଣ ହାଣ ବୋଲିଣ ସେ ଶୁଭିଲାକ ବାଣୀ
ମୁଦୁଗର ନେଇ କାଳବିମୋଚନଙ୍କୁ ମାଇଲେ ନାରାଏଣ ।
ତ୍ରିଶୂଳ ନେଇ ସେ ପହୁଡ଼ିଲେ ଭଇରୋବୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଶେଳୀ ନେଇ କର୍ଣ୍ଣକଟାରୀ ପ୍ରାଣ୍ଡବି ।
ନାଗଫାଶ ବନ୍ଧନ ସେ ବାନ୍ଧିଲେ ତ୍ରିପୁରା
ବଜ୍ର ଶକତି ଘେନି ଯେ ପିଟିଲେ ଉଗ୍ରତାରା ।
ବ୍ରହ୍ମଶର ଘେନି ସେ ମାଇଲେ ନାରାଏଣୀ
ତ୍ରିଶୂଳ ଶକତି ଘେନି ଭୂଷିଲେ ଇନ୍ଦ୍ରାଏଣୀ ।
ସୂର୍ଯ୍ୟ ବଳିଗଦା ନେଇ ମାଇଲେ ଚାମଣ୍ଡା
ମାରକମା ଆକ୍ରେଷି ନେଇ ମାଇଲେକ ଖଣ୍ଡା । ୩୭୮୦
ଶୁଣ ହୋ ପରୀକ୍ଷ ବଦନ୍ତି ଶୁକବ୍ରହ୍ମା
ଦକ୍ଷିଣ ଭୁଜ ନେଇ ତା'ର ହାଣିଲେ ମାରକମା । ୩୭୮୧
କୋଠରେକ ଘେନି ସେ ମାଇଲା କୋଠାରୀ
ବାମ ଭୁଜେ ନେଇ ମାଇଲା ଦଇତାରି ।
ପୁଣ ବାଶେଳୀ ନେଇଁ ମାଇଲା ଅଧାଚନ୍ଦ୍ର ଖଣ୍ଡ
କାଳବିମୋଚନର ଛେଦି ପକାଇଲା ମୁଣ୍ଡ ।
ପିଶାଚୁଣୀ ମାନେ ଆସି କଲେ କେଳି
ରକତ ମାଂସ ଖାଇବାକୁ ହେଲେ ମତୁଆଳି ।
କାଳବିମୋଚନକୁ ତିନି ପଦ୍ମ ଚଣ୍ଡୀ
ଚିତାକୁହି ରକ୍ତ ମାଂସ ନ ଅଣ୍ଟିଲା କଲେ ଖଣ୍ଡି ।
କାଳବିମୋଚନ ଦତ୍ୟ ପଡ଼ିଲାକ ରଣେ
ଆକାଶେ କଣୟ ବୃଷ୍ଟି କଲେକ ଦେବଗଣେ ।

ଦୁର୍ଗାଙ୍କ କାଳବିମୋଚନ ଯୁଦ୍ଧ ସମୟରେ ମା ମାର୍କମାଙ୍କ ଦୈତ୍ୟ ଉପରେ ଆକ୍ରମଣ କରିବାର ଦୃଶ୍ୟ ପଦ ସଂଖ୍ୟା ୩୭୮୦ ଓ ୩୭୮୧ ରେ ବର୍ଣ୍ଣନା ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର ପତ୍ର ଯୋଡ଼ି ଯେ କହଇ ମାରକମା
ମହିଷାସୁର ଅନ୍ଧାରି ବିଜେ କରି ଅଇଲା ଗୋ ମା । ୩୮୪୦
ଉଠିଲେ ଦେବୀ ମାନେ ଡାକିଲେ ବୀର ଡାକେ
ବ୍ରହ୍ମାଣ୍ଡ ଉଛୁଳିଲା ସେ ଦେବୀମାନଙ୍କର ହାକେ । ୩୮୪୧

ଉପର ଦୁଇପଦରେ ଯେତେବେଳେ ମହିଷାସୁର କ୍ରୋଧ କରି ରଣଭୂମିକୁ ବିଜେ କରୁଛି ସେତେବେଳେ ମା ମାର୍କମା ଦେବୀ ସମସ୍ତ ଦେବୀ ମାନଙ୍କୁ ଚେତେଇଦେବାର ବର୍ଣ୍ଣନା ହୋଇଛି !

ଏହା ସହିତ ମା ଦୁର୍ଗାଙ୍କ ସହିତ ମହିଷାସୁରର ଯୁଦ୍ଧ ବେଳେ ଅନେକ ଦେବୀ ମାନେ ମହିଷା ଉପରେ ମାଡ଼ି ବସିବାର ବର୍ଣ୍ଣନା ହୋଇଛି, ମା ମାର୍କମା ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି !

ଆକ୍ରେଷିଣ ଶୂଳ ମାଇଲେ ନାରାଏଣୀ
ଉର୍ଦ୍ଧ ମୁଖେ ଡାକ ଦେଲେ ଦୃଗତି ତାରେଣୀ । ୪୧୮୪
ଆହୋ ପରୀକ୍ଷ ଦୃଗାର ତୁଲେ ନବକୋଟି କାନ୍ତାନୀ
ଛପନ କୋଟି ପିଚାଶୁଣୀ ଚଉଷଠି ଯୋଗ୍ନୀ । ୪୧୮୫
ନବ ମର୍ଭୁତ ଶ୍ରୋଣେହା ତିନି ପଦ୍ମ ଚଣ୍ଡୀ
ଚଉଦ କୋଟି ଡାଙ୍କେଣୀ ଛପନ କୋଟି ଚାମୁଣ୍ଡୀ । ୪୧୮୬
ତ୍ରିପୁରା ଉଗ୍ରତାରା ଚଣ୍ଡୀ ଯେ କୋଠାରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଲମା ମାରକମା ଯମକାମା ମାହେଶ୍ୱରୀ । ୪୧୮୭
କାଳୀ କଙ୍କାଳୀ ବେତାଳୀ ଭଇରୋବୀ
କଙ୍କସୁଣୀ ମୂଳେ ସାତ ସାଗର ଦେବୀ । ୪୧୮୮
ଅଠାର କୋଟି ରଦ୍ରାଏଣୀ ବ୍ରମାଏଣୀ ବାବନ କୋଟି
ମଏଂଷା ଉପରେ ମାଡ଼ି ସେ ସଭିଏଁ ଉଠି । ୪୧୮୯
ନବ କୋଟି କାନ୍ତାନୀ ଘେନି କୋପାନଳେ
ଏତେ ଦେବୀ ମାଡ଼ି ବସିଲେ ବଛସ୍ଥଳେ । ୪୧୯୦

ଉପର ପଦାବଳୀରୁ ୪୧୮୭ ପଦରେ ମା ମାର୍କମା ମହିଷାସୁର ଓ ଦେବୀ ଦୁର୍ଗା ଯୁଦ୍ଧ ବେଳେ ମହିଷା ଉପରେ ମାଡ଼ି ବସିବାର ପ୍ରମାଣ ମିଳିଲା ।

ମା ଦୁର୍ଗାଙ୍କ ବିବସନା ରୂପରେ ମୋହିତ ହୋଇଥିବା ମହିଷାସୁର ରାକ୍ଷସକୁ ଦେବୀ ନିହତ କଲା ପରେ ସେ ଶରୀର ତ୍ୟାଗ କରିଛି ଓ ମାର୍କମା ସମେତ ସମସ୍ତ ଚଣ୍ଡୀମାନେ ତା ଉପରେ ମାଡ଼ି ବସିଛନ୍ତି । ତା'ପରେ ଦେବୀ ମାନେ ଅସୁର କୁଳର ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତ ଅସୁର ଅସୁରୁଣୀ କନ୍ୟା ପୁତ୍ର ଆଦିଙ୍କୁ ଭକ୍ଷଣ କରିବାକୁ ଆଗଭର ହୋଇଛନ୍ତି ଦେବୀ ଦୁର୍ଗାଙ୍କର ନିର୍ଦ୍ଦେଶ କ୍ରମେ । ତାହା ନିମ୍ନରେ ପ୍ରଦତ୍ତ ହୋଇଛି -

ଆହୋ ପରୀକ୍ଷ ଅଚେଷ୍ଟ ହୋଇ ଯହୁଁ ଅସୁର ଗଲା ମୋହ
ଦୃଗାର ଭବ ଚାହିଁ ବିସର୍ଜିଲା ଦେହ ।
ଦୃଗାଏ ବୋଇଲେ ଲୋ ରତ୍ନଗିରି ପର୍ବତ
ମଏଂଷାସୁରକୁ ମାଡ଼ି ଆମ୍ଭେ ବିଜେ କରିବା ଏଥ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାରାୟଣୀ ରୁଦ୍ରାଏଣୀ ଇନ୍ଦ୍ରାୟଣୀ ଭଇରୋବୀ
ବ୍ରହ୍ମାଏଣୀ ବାଶେଳୀ ଚାଚିକା ମାଧବୀ ।
କାଳୀ କଙ୍କାଳୀ ବେତାଳୀ ଉଗ୍ରତାରା
ସମାଦୀ ମାତଙ୍ଗୀ ଚଣ୍ଡିକା ତ୍ରିପୁରା ।
ରାମଚଣ୍ଡୀ ନିମଞ୍ଜାଇ ଶ୍ୟାନ୍ତି ମାରକମା
କୋଠାରୀ ଅମ୍ବିକା ଏଲୋମା ଯେ ଗୋଲମା ।

ଏ ସମସ୍ତ ତଥ୍ୟ ପ୍ରମାଣ ଆଧାରରୁ ଜଣା ପଡୁଛି ରାୟଗଡ଼ା ଜିଲ୍ଲାର ବିଷମକଟକ ଅଧିଷ୍ଠାତ୍ରୀ ଦେବୀ ମାଁ ମାର୍କମାଙ୍କ ମହିଷାସୁର ଦୁର୍ଗାଙ୍କ ଯୁଦ୍ଧରେ ଭୂମିକା କେତେ ଉଲ୍ଲେଖନୀୟ ! ମହିମା କେତେ ଓ ଗାରିମା କେତେ ଏବଂ ଦେବୀ କେତେ ଶକ୍ତିଶାଳୀ , କେଉଁ ଅନାଦି କାଳରୁ ରହିଆସିଛନ୍ତି । ସେହି ମହାମାୟା ଆଦ୍ୟାଶକ୍ତି ଦେବୀ ଶକ୍ତି ସ୍ୱରୂପିଣୀ ମା ମାର୍କମାଙ୍କ ଚରଣ କମଳରେ ଭକ୍ତି ମନ ହୋଇ କଥା ପ୍ରସଙ୍ଗରେ ଆଦି କବି ଶୂଦ୍ରମୁନି ସାରଳା ଦାସଙ୍କ ଶ୍ରୀଭାଗବତ ବ ଚଣ୍ଡୀ ପୁରାଣର ସମସ୍ତ ତଥ୍ୟ ପ୍ରମାଣ ଉପସ୍ଥାପନା କଲି ।

ଏହାଛଡ଼ା ପୀତାମ୍ବର ନୃସିଂହ ପୁରାଣ ଓ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ମତ୍ତ ବଳରାମ ଦାସଙ୍କ ବଟ ଅବକାଶର ୧୮୬ ପଦରେ ମଧ୍ୟ ମା ମାର୍କମା ଦେବୀଙ୍କ ନାମର ଉଲ୍ଲେଖ ଅଛି ।

ଅପରାଜିତା ରୂପାଇ ଚମ୍ପାଇ ପିଙ୍ଗଳା
ସାରକମା ମାରକମା ଭଗବତୀ ହେଙ୍ଗୁଳା ।-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଟ ଅବକାଶ, ମତ୍ତ ବଳରାମ ଦାସ ପଞ୍ଚସଖା ଯୁଗ ।

ବାହୁତୀ ସାରକମା ମାରକମା ହିଙ୍ଗୁଳା—

ପୀତାମ୍ବର. ନୃସିଂହପୁରାଣ ।

ଉପରୋକ୍ତ ନୃସିଂହ ପୁରାଣ ଓ ବଟ ଅବକାଶର ପଦ ଦ୍ୱୟରୁ ଅନୁମାନ କରାଯାଏ ମା ହେଉଛନ୍ତି ଉତ୍କଳୀୟ ଯୋଗିନୀ ଓ ଶ୍ରୀକ୍ଷେତ୍ର ରକ୍ଷଣୀ, ପ୍ରଭୁ ଜଗନ୍ନାଥଙ୍କ ସହିତ ମା ମାର୍କମାଙ୍କର ସଂଯୋଗ ଥିବାର ତଥ୍ୟରୁ ଜଣାଯାଏ ।

ପୁରୁଣାପଦର(ହାଡ଼ଶିଙ୍କୁଳା),

ଚାଟିକୋଣା, ବିଷମକଟକ,

ରାୟଗଡ଼ା।

ଯୋଗାଯୋଗ - ୮୨୪୯୪୩୯୯୩୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚୀନର ଅକ୍ଷମଣୀୟ ଅପରାଧ

ଆଶୁତୋଷ ନାୟକ



ସାରା ବିଶ୍ୱରେ ଭାରତ ପ୍ରଥମ ସଭ୍ୟତା ଏବଂ ଚୀନ ଦ୍ୱିତୀୟ ସଭ୍ୟତା ରୂପେ ପରିଚିତ । ଉଭୟ ଦେଶ ଏସିଆ ମହାଦେଶର ବିଶାଳ ଏବଂ ବିକଶିତ ।

ବାଣିଜ୍ୟ କାରବାର ପାଇଁ ଭାରତ ଓ ଚୀନ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ସମସ୍ତ ମୋବାଇଲ ଯନ୍ତ୍ରାଂଶ ଓ ମେଡ଼ିସିନରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଉପକରଣ, ଖେଳନା ପର୍ଯ୍ୟନ୍ତ ଅନେକ ଦ୍ରବ୍ୟ ପାଇଁ ଆମ ଦେଶ ଭାରତ ପଡୋଶୀ ରାଷ୍ଟ୍ର ଚୀନ ଉପରେ ନିର୍ଭରଶୀଳ । ଅଷ୍ଟାଦଶ ଶତାବ୍ଦୀରେ ଉଭୟ ଭାରତ ଚୀନ ବିଶ୍ୱ GDPର ୫୫% ଭାଗିଦାର ଥିଲେ । ପାଶ୍ଚାତ୍ୟ ସାମ୍ରାଜ୍ୟ ଦ୍ୱାରା ପ୍ରଭାବିତ ହୋଇ ୧୯୫୦ରେ ଆମ ଦେଶ ଭାରତ ଆଧୁନିକ ଗଣତନ୍ତ୍ର ରାଷ୍ଟ୍ର ରୂପେ ସ୍ଥାପିତ ହୋଇଥିଲା । ଭାରତ ଗାନ୍ଧିଜୀଙ୍କ ସତ୍ୟନିଷ୍ଠା, ଉଦାର ମାନବିକତା, ଧାର୍ମିକ ଭାବନା ସ୍ୱତନ୍ତ୍ର-ବିଚାରକୁ ସଦାସର୍ବଦା ଅବଲମ୍ବନ କରିଥାଏ । ଇତିହାସର ପୃଷ୍ଠାକୁ ଅବଲୋକନ କଲେ ଏହା ପରିଲିକ୍ଷତ ହୁଏ, ଭାରତ ବସୁଧୈବ କୁଟମ୍ବକମ ନୀତି ଓ ଆଦର୍ଶକୁ ସମ୍ପୂର୍ଣ୍ଣ ରୂପେ ପାଳନ କରେ । ସେଥିପାଇଁ ଭାରତ ବିଶ୍ୱର ଏକମାତ୍ର ଦେଶ ଯାହାକୁ ଶାସ୍ତ୍ରରେ ଏବଂ ବିଦ୍ୱାନ ମୁନି ଋଷି ମାନେ ମଧ୍ୟ ଦେବଭୂମି ଓ ପୂଣଭୂମିର ଆଖ୍ୟା ଦେଇଛନ୍ତି । କିନ୍ତୁ ଚୀନର ପୁରୁଣା ଇତିହାସକୁ ଅବଲୋକନ କଲେ ଏହା ପରିଲକ୍ଷିତ ହୁଏ, କି ଚୀନ ସଦା ସର୍ବଦା ମାଓଙ୍କ ଦର୍ଶନଶାସ୍ତ୍ର, ଏକଛତ୍ରବାଦୀ ନୀତି, ଆତ୍ମକେନ୍ଦ୍ରୀକ ନୀତିକୁ ଆପଣେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥାଏ ।

ଚୀନର Finger Rule ନିଜ ହାତ, ତିବତ୍ କୁ ପାପୁଲି, ଅରୁଣାଚଳ ପ୍ରଦେଶ, ଭୁଟାନ, ସିକମ୍, ନେପାଳ, ଲଦାଖକୁ ପାଞ୍ଚ ଆଙ୍ଗୁଠି ଭାବେ । ଏହି ଅଞ୍ଚଳ ଏହାର ଅବିଚ୍ଛେଦ ଅଙ୍ଗ ପ୍ରମାଣିତ କରିବା ପାଇଁ ବିବାଦୀୟ ଚିତ୍ର ଅଙ୍କନ କରି କାରଣ ଦର୍ଶାଇଥାଏ । ଯାହାକୁ cartographic Aggression କୁହାଯାଏ । ୧୯୧୪ରେ ଶିମିଳା ସମ୍ମିଳନୀକୁ ଚୀନ ଅମାନ୍ୟ କରିଥିଲା ସ୍ୱାଧୀନତା ପରେ ଭାରତ ଆଦର୍ଶବାଦରେ ପ୍ରେରିତ ହୋଇ ଚୀନ ସହ ଭଲ ସମ୍ପର୍କ ସ୍ଥାପନ କରି ଉଭୟ ଆମେରିକା ଓ ରୁଷ ଠାରୁ ବିକଶିତ ହେବାର ସ୍ୱପ୍ନ ଦେଖୁଥିଲା। ସେଥିପାଇଁ ଭାରତ ଚୀନକୁ ତାଇୱାନ ଦ୍ୱନ୍ଦ ୧୯୫୫ରେ ବାଣ୍ଡୁମ ସମ୍ମିଳନୀ ସଂଯୁକ୍ତ ରାଷ୍ଟ୍ରର ସମ୍ମିଳନୀରେ ଆଦି ସାହାଯ୍ୟ କରିଥିଲା । ଏହାର ଫାଇଦାରେ ଚୀନ ତିବତ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା । ଯାହା ଦ୍ୱାରା ମ୍ୟାକ ମୋହନ ରେଖା (McMahon Line) ଅସୁରକ୍ଷିତ ହୋଇଥିଲା । ୧୯୫୪ରେ ପଞ୍ଚଶୀଳ ଯୋଜନାକୁ ଚୀନ ଅସ୍ୱୀକାର କରିଥିଲା ।

ଭାରତର ସାହାଯ୍ୟ ପାଇଁ ମଧ୍ୟ ବିଶ୍ୱାସଘାତକ ଚୀନ ୧୯୫୯ରେ ଅକସାଇ ଚୀନ, ଅରୁଣାଚଳ ପ୍ରଦେଶର ତୱାଙ୍ଗକୁ ନିଜ ଦେଶର ମାନଚିତ୍ରରେ ଦର୍ଶାଇଥିଲା ଏବଂ ଭାରତର ଅଙ୍ଗ କାଶ୍ମୀର ନୁହେଁ ବୋଲି ମନ୍ତବ୍ୟ ଦେଇଥିଲା । ଭାରତ ଏହାର ଦୃଢ ପ୍ରତିବାଦ କରିବାରୁ ୧୯୬୨ରେ ଅରୁଣାଚଳ ପ୍ରଦେଶ ଏବଂ ସିକିମକୁ ଆକ୍ରମଣ କରି ଯୁଦ୍ଧ ଆହ୍ୱାନ ଦେଇଥିଲା । ଭାରତର ସାମରିକ ସେନା ସମ୍ପୂର୍ଣ୍ଣ ରୂପେ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା ତଥାପି ଚୀନ ଭାରତ ଉପରେ ହଠାତ୍ ଆକ୍ରମଣ କରିଥିଲା । ଚୀନର ଛଳନା, ପ୍ରତାରଣା ଓ ବିଶ୍ୱାସଘାତକତା ପାଇଁ ଭାରତର ଅର୍ଥନୀତି, ସାମରିକ ଓ ବେସାମରିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ତରରେ କ୍ଷତି ସହିବାକୁ ପଡିଥିଲା । ତା ପରେ ୧୯୭୬, ୧୯୮୬ ଏବଂ ୧୯୮୮ରେ ସମ୍ପର୍କ ସୁଧାରିବା ପାଇଁ ଆମ ଦେଶ ପ୍ରୟାସ କରିଥିଲା । ଚୀନର ପ୍ରକୃତି ବିଷଧର ସର୍ପ ସଦୃଶ ।

ବିଷଧର ସର୍ପକୁ ଯେତେ ବି ଦୁଗ୍ଧପାନ କରାଇଲେ ମଧ୍ୟ ଦଂଶନ ପ୍ରକୃତି ପରିହାର କରି ନଥାଏ । ଠିକ୍ ସେହିପରି ଚୀନ ସଦାସର୍ବଦା ନିଜର ପତିଆରା ବୃଦ୍ଧି କରିବାକୁ ଚେଷ୍ଟିତ ଓ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରିବା ତାର ମୁଖ୍ୟ ଲକ୍ଷ୍ୟ । ତେଣୁ ଭାରତର ଶାନ୍ତିର ବାର୍ତ୍ତା ଚୀନ ବୁଝିବାକୁ ଅସମର୍ଥ ।

ଚୀନ କୋଣସି ଅଂଚଳ ସମ୍ପୂର୍ଣ କବଜା ନ କରି ଧୀରେ ଧୀରେ ଅକ୍ତିଆର କରି ସାମ୍ରାଜ୍ୟ ବିସ୍ତାର କରେ । ଏହାକୁ ସାଲାମୀ ଯୋଜନା କୁହାଯାଏ । ୨୦୧୭ରେ ଦୋକଲାମ (Doklam) ବିବାଦରେ ଚୀନ ବିରୋଧରେ ଭୁଟାନକୁ ଭାରତ ସମର୍ଥନ ଜଣାଇଥିଲା । ଚୀନ କସଗର ଠୁଁ ବାଲୁଚିସ୍ଥାନ ପର୍ଯ୍ୟନ୍ତ ପାକିସ୍ତାନକୁ ହାତରେ ରଖି ପ୍ରଧାନ ମାର୍ଗ କରୁଛି । ଆତଙ୍କବାଦୀମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମର୍ଥନ କରୁଛି ଏବଂ ତାର ପୃଷ୍ଠପୋଷକତା ପାଇଁ ପାକିସ୍ତାନ ଓ ଅନ୍ୟ ଦେଶ ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶର ଶରଣ ଦେଇଛନ୍ତି ସେହି ମାନଙ୍କର ଶକ୍ତି, ସାମର୍ଥ୍ୟ ବୃଦ୍ଧି ବିପୁଳ ପାଣ୍ଠି ଯୋଗାଉଛି ଚୀନ । (security council) ସିକିରୁଟ୍ଟିଟ କାଉନସିଲରେ ଭିଟୋ ପାୱାର (veto power)ର ଅପବ୍ୟବହାର କରି ଚାରୋଟି (୪ଟି) ରାଷ୍ଟ୍ରଙ୍କ ସମର୍ଥନ ସତ୍ତ୍ୱେ ଭାରତକୁ ସ୍ଥାୟୀ ସଦସ୍ୟ ରୂପେ ଅନ୍ତର୍ଭୁକ୍ତ କରୁନାହିଁ । ମାସୁଦ ଆଜର (Masood Azher) କୁ ଚୀନ ଆତଙ୍କବାଦୀ ବୋଲି ସ୍ୱୀକାର କରୁନାହିଁ । ଚୀନ ବ୍ରହ୍ମପୁତ୍ର ଜଳବିବାଦରେ ମଧ୍ୟ ସମ୍ପୃକ୍ତ । ଜୁନ ୧୫, ୨୦୨୦ ମସିହାରେ ଗଲୱାନ (hot spring) ହଟ ସ୍ପ୍ରିଙ୍ଗ ଉପତ୍ୟକାରେ ଭାରତ ଓ ଚୀନ ସେନାଙ୍କ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ ପ୍ରତିରକ୍ଷା ବିଭାଗର ତଥ୍ୟ ଅନୁସାରେ ଏହି ଗଲୱାନ ଘଟଣାରେ ଆମ ଦେଶର ବୀର, ସାହସୀ, ଲଢୁଆ ୨୦ରୁ ଅଧିକ ଯବାନ ସହୀଦ ହୋଇଥିଲେ । ଅହଂକାରୀ ଏକଛତ୍ରବାଦୀ ଶାସକ ରାଷ୍ଟ୍ରପତି ଜିନ ପିଙ୍ଗ (xi -Jinping)ଙ୍କ କମ୍ୟୁନିଷ୍ଟବାଦୀ ଚିନ୍ତାଧାରା ଏବଂ ଏକ ଛତ୍ରବାଦୀଦମନ ନୀତି ଦିନେ ଚୀନକୁ ସର୍ବସ୍ୱାନ୍ତଃ କରିଦେବ । ଏଥିରେ ସନ୍ଦେହର ଅବକାଶ ନାହିଁ । ଭାରତ ୨୦୧୯ରେ କର୍ଣ୍ଣେଲ ଚେଅଙ୍ଗ୍ ରିନଚୈନ ସେତୁ (Col Chewang Rinchen Setu) ନିର୍ମାଣ କରିଛି । ଚୀନର strings pearls theory ଆପଣେଇ ଭାରତ ମହାସାଗରରୁ ଭାରତକୁ ଘେରିଛି । ତା ପାଇଁ ଭାରତ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ସହ ମିଶି ଚତୃରଭୁଂଜିୟ ସଂଘ ସ୍ଥାପନା କରିଛି । ମାଲବାର ଏକସର ସାଇଜି (Malwar Exercise) କୁ ସୁଦୃଢ କରି ଅଷ୍ଟ୍ରେଲିଆ, ସିଙ୍ଗାପୁରକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି । ମୌସମ ପରିକଳ୍ପନା, ସାଗରମାଳା ପରିକଳ୍ପନା, Act East policyକୁ ଗୁରୁତ୍ୱ ଦେଇଛି । string of flower theoryଦ୍ୱାରା ଚୀନର ଯେଉଁଠି ବନ୍ଦର ନିର୍ମାଣ କରୁଛି, ସେହି ସ୍ଥାନରେ ଭାରତ ତାର ନିଜର ବନ୍ଦର ନିର୍ମାଣ କରିଛି । ପାର୍ବତ୍ୟ ଉଚ୍ଚଅଂଚଳରେ ଭାରତ ନିଜର ସ୍ଥଳସେନାକୁ ଅଧିକ ସକ୍ରିୟ କରିଛି । ବ୍ରହ୍ମଶ (BrahMos), ସୁଖୋଇ -mo -mk1 21-MIG 29s ପରି ବିମାନ ସଜାଗ ରହିଛି ।

ସଦ୍ୟତମ ଘଟଣା ପୁଣି ଥରେ ଚୀନର ବିଶ୍ୱାସଘାତକତା ଏବଂ ପ୍ରତାରଣାକୁ ପ୍ରମାଣିତ କରିଛି । ଗତ ସପ୍ତାହରେ ଜୋହାଂଶବର୍ଗରେ ହୋଇଥିବା ବ୍ରିକ ସମ୍ମିଳନୀ (BRIC Summit)ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି-ଜିନପିଙ୍ଗ ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ଆଲୋଚନା ହୋଇଥିଲା ଏବଂ ଉଭୟ ରାଷ୍ଟ୍ର ଏଥିରେ ସହମତି ପ୍ରକାଶ କରିଥିଲେ କିନ୍ତୁ ଚୀନ ନିଜର ଅଭ୍ୟାସଗତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାସଘାତକ ପ୍ରବୃତିରୁ ନିବୃତ ହୋଇନାହିଁ । ଚୀନ ପୁଣିଥରେ ୨୮ ଅଗଷ୍ଟ ୨୦୨୩ ସୋମବାର ଦିନ ସରକାରୀ ଭାବେ ଏକ ନୂଆ ମାନଚିତ୍ର ଜାରି କରିଛି । ଏଥିରେ ଆମ ଦେଶର ଅରୁଣାଚଳ ପ୍ରଦେଶକୁ ନିଜର ଅଞ୍ଚଳ ଦର୍ଶାଇଛି । ଅରୁଣାଚଳକୁ ଦକ୍ଷିଣ ତିବତ ଭାବେ ନିଜର ଅଂଚଳ ଦର୍ଶାଇଛି । ଖାଲି ଅରୁଣାଚଳ ପ୍ରଦେଶ ନୁହେଁ ଅକ୍ସାଇ ଚୀନ, ତାଇୱାନ ଏବଂ ବିବାଦୀୟ ଦକ୍ଷିଣ ଚୀନ ସାଗରକୁ ଚୀନ ନୂଆ ମାନଚିତ୍ରରେ ସ୍ଥାନିତ କରିଛି । ଚୀନର ପ୍ରାକୃତିକ ସମ୍ପଦ ମନ୍ତ୍ରାଳୟ ଦ୍ୱାରା ଏହି ମାନଚିତ୍ର ଜାରି ହୋଇଛି ।

ବିଂଶ ଶତାବ୍ଦୀର ଭାରତକୁ ଚୀନ ଭୟଭୀତ କରିବାର ଅଭିଳାଷା ମନ ଭିତରୁ ସମ୍ପୂର୍ଣ ପରିହାର କରିବା ଉଚିତ । ଶତ୍ରୁକୁ ଦୃଢ଼ ହସ୍ତରେ ଦମନ କରିବାରେ ଭାରତ ସିଦ୍ଧହସ୍ତ । ଶାନ୍ତି ଚୁକ୍ତିକୁ ଚୀନ ଯଦି ଆମର ଦୁର୍ବଳତା ଭାବୁଛି ତାହେଲେ ଭାରତର ଲଢୁଆ, ସାହସୀ, ଯବାନ ମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିବାକୁ ପଛଘୁଞ୍ଚା ଦେବେ ନାହିଁ । ଯଦି ଆମ ଦେଶର ସୁରକ୍ଷା, ଅଖଣ୍ଡତା ଏବଂ ସାର୍ବଭୌମତାକୁ କ୍ଷତି ପହଞ୍ଚାଇବା ପରି ଚୀନ କୌଣସି କାର୍ଯ୍ୟ କରେ ଏହାକୁ ବରଦାସ୍ତ କରାଯିବ ନାହିଁ ।

ଗୋପାଳପୁର, ବାଲେଶ୍ୱର,

୭୦୨୦୭୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାୟା ପକ୍ଷୀ, ମନୁଷ୍ୟର ମାର୍ଗଦର୍ଶକ

ଅସିତ ମହାନ୍ତି



ଯଦିଓ ପ୍ରକୃତି ମନୁଷ୍ୟକୁ, ଅନ୍ୟ ପଶୁମାନଙ୍କ ପରି, ଦୁଇଟି ମୁକ୍ତ ହାତ ଏବଂ ଏକ ଅନନ୍ୟ ପ୍ରକାରର ବୁଦ୍ଧି ପ୍ରଦାନ କରିଛି । ତଥାପି, ତାଙ୍କଠାରୁ ବହୁତ କିଛି ଲୁଚାଇ ରଖିଛି । ଏହି କାରଣରୁ ମଣିଷକୁ ନିଜ ବୁଦ୍ଧି ସାହାଯ୍ୟରେ ଗଛ, ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ଠାରୁ ଅନେକ ଜ୍ଞାନ ଆହରଣ କରିବାକୁ ପଡେ । ବୋଧହୁଏ ଏହି କାରଣରୁ ସେମାନେ ଏକ ଦଳରେ ଏକ ଧାଡ଼ିରେ ଚାଲିବା ସେମାନେ ସକାଳୁ ଉଡୁଥିବା ହଜାର ହଜାର କିଲୋମିଟର ଉଡୁଥିବା ଜଳ ପକ୍ଷୀମାନଙ୍କ ଠାରୁ ଶିଖିଲେ, ଠିକ ସେହିଭଳି ଗଧିଆ ଏବଂ ସୁବର୍ଣ୍ଣ କୁକୁରରୁ ଗୋଷ୍ଠୀ ସହିତ ଆକ୍ରମଣ କରିବା । ଯଦି ସଂଗ୍ରହର ଗୁରୁ ହେଉଛି ମହୁମାଛି ଏବଂ ପିମ୍ପୁଡ଼ି, ତେବେ ଏହାର ଚକ ଏବଂ ଚକ ତିଆରି କରିବାର ଗୁରୁ ହେଉଛି ଗୋବର କୀଟ ଯାହାକି ଗୋବରର ଏକ ବଲକୁ ନିଜ ଠାରୁ ଦଶଗୁଣ ଓଜନ ବହନ କରେ । ସେହିଭଳି, ଟିଟିହରୀ ନାମକ ଏକ ପକ୍ଷୀର ସଙ୍କେତ ପାଇ ପଶୁମାନେ ତାଙ୍କ ଘର ମୁଂହାଳିଆ ହୁଅନ୍ତି ।

ସମସ୍ତେ ନିଶ୍ଚୟ ବାୟା ପକ୍ଷୀର ବସା ଦେଖିଥିବେ । କେବଳ ପୁରୁଷ ପକ୍ଷୀ ନଦୀ କିମ୍ବା ନାଳ କୂଳରେ ବଢୁଥିବା କଣ୍ଟା ଗଛରେ ଏହି ବସା ତିଆରି କରନ୍ତି । ଏହାର ନିର୍ମାଣରେ ମହିଳା ବାୟା ପକ୍ଷୀର କୌଣସି ଅବଦାନ ନଥାଏ । ସେ କେବଳ ଚୟନ କରେ ଯେ, ମୋର ଅଣ୍ଡା ଏବଂ ଶିଶୁମାନେ ବସାରେ ଭଲ ଭାବରେ ସୁରକ୍ଷିତ ରହିବେ । ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା'ପରେ ସମାନ ଆଧାରରେ ସେ ଜଣେ ଦକ୍ଷ ପୁରୁଷ ବାୟା ପକ୍ଷୀକୁ ତାର ସ୍ୱାମୀ ଭାବରେ ଚୟନ କରେ । କିନ୍ତୁ ଯଦି ଆମେ ଗଭୀର ଭାବରେ ଦେଖିବା, ଏହାର ବସା ବାଛିବାରେ ଯେଉଁ ଯତ୍ନ ନିଆଯାଏ, ତାହା ପ୍ରକୃତରେ ବିପଦମୁକ୍ତ ହୋଇଥାଏ । ଅର୍ଥାତ ମହିଳା ବାୟା ପକ୍ଷୀ ତାର ସ୍ୱାମୀ ଚୟନର ଆଧାର ତାର ବସା କେତେ ସୁରକ୍ଷିତ ତିଆରି ହୋଇଛି, ତା ଉପରେ ନିର୍ଭର କରେ । ବସା ଏପରି କଣ୍ଟା ଏବଂ ଶକ୍ତିଶାଳୀ ପତଳା ଶାଖା ଉପରେ ରହିବା ଉଚିତ, ଯେଉଁଠାରେ ସାପ, ବିଷାକ୍ତ କୀଟ ଇତ୍ୟାଦି ପଶୁମାନେ ପହଞ୍ଚି ପାରିବେ ନାହିଁ । - ଯେଉଁଠାରେ ଅଣ୍ଡା ଦିଆଯାଏ ସେହି ସ୍ଥାନକୁ ଯିବା ପାଇଁ ରାସ୍ତା ଏତେ ଲମ୍ବା ହେବା ଉଚିତ ଯେ ଯଦି ସେହି ପତଳା ଶାଖା ଉପରେ ଯଦି ଝୁଲେ, ତେବେ ସାପର ମୁଣ୍ଡ ସେଠାରେ ପହଞ୍ଚିପାରିବ ନାହିଁ । ପକ୍ଷୀକୁ ଅଣ୍ଡାରେ ପ୍ରବେଶ କରିବାର ରାସ୍ତା ଏତେ ଲମ୍ବା ଏବଂ ସଂକୀର୍ଣ୍ଣ ହେବା ଉଚିତ ଯେ ବାଜା ପକ୍ଷୀର ଥଣ୍ଟ ଅଣ୍ଡା ପାଖରେ ପହଞ୍ଚିପାରିବ ନାହିଁ । ତଳଟି ଯଥାସମ୍ଭବ ପାଣିରେ ଭରିବା ଉଚିତ ଯାହା ଦ୍ୱାରା ଭୂମି ସୁରକ୍ଷିତ ରହିବ । କିନ୍ତୁ ଯଦି ନଦୀ କୂଳରେ ଅଛି, ତେବେ ଏହା ଏତେ ଉଚ୍ଚତାରେ ରହିବା ଉଚିତ ଯେ ସେହି ବର୍ଷର ବନ୍ୟା ଜଳ ବସାକୁ ବୁଡ଼ାଇ ପାରିବ ନାହିଁ । ବସାରୁ କେବଳ ଗୋଟିଏ ହାତ ତଳେ ପ୍ରବାହିତ ହେବ ଉଚିତ । ଏହିପରି ବୁଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ସହିତ, ଯେତେବେଳେ ମା ପକ୍ଷୀ ନିଜ ବସା ପ୍ରସ୍ତୁତ କରେ, ପକ୍ଷୀମାନେ ସେଥିରେ ଅଣ୍ଡା ଦେଇଥାନ୍ତି । ଯଦି ବସା ଏହି ମାନଦଣ୍ଡ ପୂରଣ କରେ ନାହିଁ, ତେବେ ଏହା ସେହି ଅସ୍ୱଷ୍ଟ ବସାକୁ ପ୍ରତ୍ୟାଖ୍ୟାନ କରେ । ଏବଂ ସମାନ ମନୋନୀତ ବସାରେ ଅଣ୍ଡା ଦେଇ, ସେମାନେ ସେମାନଙ୍କର ପର'ର ଉଷ୍ଣତା ସହିତ ସେମାନଙ୍କୁ ଅନ୍ତର୍ଭୁକ୍ତ କରନ୍ତି, ଯେଉଁଥିରେ ଶିଶୁମାନେ ପରେ ଉତ୍ପନ୍ନ ହୁଅନ୍ତି । କିନ୍ତୁ ନଦୀ କୂଳରେ ରହୁଥିବା ଲୋକମାନେ ସେହି ବାୟା ପକ୍ଷୀର ବସାଠାରୁ ସୂଚନା ପାଇଥାନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେ ଚଳିତ ବର୍ଷ ନାଳର ଗୋଟିଏ ହାତ ତଳେ ନଦୀର ଜଳ ରହିବ । ତେଣୁ, ତୁମର ଘର ସେହି ଅନୁଯାୟୀ ନିର୍ମାଣ ହେବା ଉଚିତ୍ । ଏହା ବ୍ୟତୀତ, ଆମେ ଚଳିତ ବର୍ଷ, ବର୍ଷା ପ୍ରବଳ କିମ୍ବା ହାଲୁକା ହେବ ବୋଲି ବାୟା ପକ୍ଷୀଠାରୁ ମଧ୍ୟ ସୂଚନା ପାଇଥାଉ । ଯଦି ବାୟା ପକ୍ଷୀ ଘନ ପତ୍ର ତଳେ ନିଜ ବସା ତିଆରି କରେ, ଏହାର ଅର୍ଥ ହେଉଛି ବର୍ଷା ପ୍ରବଳ ହେବ । କିନ୍ତୁ ଯଦି ଏହା ଶାଖାର ଅତି ଧାରରେ ସୃଷ୍ଟି ହୁଏ ତେବେ ଏହା କମ୍ ବୃଷ୍ଟିପାତର ସଙ୍କେତ ଅଟେ । ଯଦିଓ ଆଜି ମଣିଷର ପାଣିପାଗ ବିଜ୍ଞାନ ଜାଣିବାର ଆଧୁନିକ ମାଧ୍ୟମ ଅଛି । କିନ୍ତୁ ଦୀର୍ଘ ସମୟ ଧରି, ପଶୁମାନଙ୍କର କାର୍ଯ୍ୟକଳାପ ଦ୍ୱାରା ଏସବୁ ବିଷୟରେ ଜାଣିବା ପାଇଁ ମାର୍ଗଦର୍ଶକ ଥିଲା ।

ଅସିତ ମହାନ୍ତି

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାମାୟଣ : ସଂସ୍କାର ଖଣି

ସବିତା ଜେନା



(୧) ଆର୍ଯ୍ୟଭୂମି, ଦେବଭୂମି ଭାରତର ପୌରାଣିକ ଗ୍ରନ୍ଥ ରାମାୟଣ ଦେବ, ମାନବ, ଦାନବ ଏବଂ ବାନରମାନଙ୍କୁ ନେଇ କେବଳ ଗୋଟିଏ ବୃହତ୍ ଗଳ୍ପ ନୁହେଁ ଏହା ସଂସ୍କାର ଓ ସଂସ୍କୃତି ସମ୍ପନ୍ନ ନୈତିକ କର୍ତ୍ତବ୍ୟବୋଧର କାଳଜୟୀ ମହାନ୍ ଗ୍ରନ୍ଥ, ଯାହା ପୁରାତନ ସମୟରୁ ଆଜି ପର୍ଯ୍ୟନ୍ତ ଶିକ୍ଷଣୀୟ, ଗ୍ରହଣୀୟ ତଥା ଅନୁକରଣୀୟ ହେଇ ଆସୁଅଛି ଏବଂ ହେଉଥିବ ମଧ୍ୟ ।

(୨) ରାମାୟଣ ଆମକୁ ପିତାମାତା ଏବଂ ଗୁରୁଜନ ମାନଙ୍କୁ ସମ୍ମାନ (ପିତୃ ମାତୃ ଭକ୍ତ ଶ୍ରବଣ କୁମାରଙ୍କର ଅନ୍ଧ ପିତାମାତାଙ୍କୁ ତୀର୍ଥ ଭ୍ରମଣ ନିମନ୍ତେ ନିଜ କାନ୍ଧରେ ଭାର କରି ବୋହି ନେବା ହେଉ କି ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କର ପିତୃସତ୍ୟ ରକ୍ଷା ନିମିତ୍ତ ରାଜ ସିଂହାସନ ପରିତ୍ୟାଗ କରି ବନବାସରେ ଗମନ କରିବା ହେଉ ଏହା ପିତାମାତାଙ୍କ ପ୍ରତି ବିସ୍ମୟକର ସମ୍ମାନ ପ୍ରଦର୍ଶନର ଉଦାହରଣ) ଦେବାର ସଂସ୍କାର ଶିକ୍ଷା ଦେଇଥାଏ ।

(୩) ରାମାୟଣରୁ ଆମେ ଭ୍ରାତୃ ଭକ୍ତିର ଅତୁଳନୀୟ ସଂସ୍କାର ଓ ଶିକ୍ଷା ପାଇଥାଉଁ ଯାହା ପାରିବାରିକ ପୃଷ୍ଠଭୂମିକୁ ସୁଦୃଢ କରିଥାଏ । ଶ୍ରୀରାମଙ୍କ ସହ ଅନୁଜ ଲକ୍ଷ୍ମଣ ଯେମିତି ବନବାସକୁ ଆଦରି ନେଇଛନ୍ତି ସେମିତି ରାଜପଦ ତ୍ୟାଗ କରି ଅନୁଜ ଭରତ ସିଂହାସନରେ ବଡ଼ଭାଇ ଶ୍ରୀରାମଙ୍କର ପାଦୁକା ସ୍ଥାପନା ପୂର୍ବକ ପୂଜନ କରିବା ଭ୍ରାତୃ ଭକ୍ତିର ବିରଳ ଦୃଷ୍ଟାନ୍ତ ।

(୪) ପତି ଭକ୍ତି, ଯାହା ସାଂସାରିକ ଜୀବନର ମୂଲ୍ୟବୋଧକୁ ବହୁଗୁଣିତ କରିଥାଏ ତାହା ରାମାୟଣରେ ପରିଦୃଷ୍ଟ ହୁଏ, ଯଥା ପତି ଶ୍ରୀରାମ ବନବାସରେ ବାହାରନ୍ତେ ପତ୍ନୀ ସୀତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧ୍ୟ ରାମଙ୍କ ଅନୁମତି ନେଇ ବନବାସର କଣ୍ଟକିତ ପଥରେ ପତିଙ୍କର ସହଗାମୀ ହେଇଛନ୍ତି, ଲକ୍ଷ୍ମଣଙ୍କ ପତ୍ନୀ ଉର୍ମିଳା ନିଜ ପତିଙ୍କ ଆଦେଶରେ ପତି ସୋହାଗରୁ ଚଉଦ ବର୍ଷ ନିଜକୁ ବଞ୍ଚିତ କରିଛନ୍ତି ଏବଂ ରାବଣର ପତ୍ନୀ ମନ୍ଦୋଦରୀ ରାବଣର ମଙ୍ଗଳ ନିମନ୍ତେ ତାକୁ କୁକର୍ମରୁ ନିବୃତ୍ତ ରଖିବାକୁ ଶତଚେଷ୍ଟିତ ଥିଲେ ।

(୫) ଶ୍ରୀରାମଙ୍କର ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ, ଲକ୍ଷ୍ମଣଙ୍କର ଭାଇ ଭାଉଜଙ୍କ ପ୍ରତି କର୍ତ୍ତବ୍ୟ, ବୀର ହନୁମାନଙ୍କର ନିଜ ପ୍ରଭୁ ଶ୍ରୀରାମଙ୍କ ପ୍ରତି କର୍ତ୍ତବ୍ୟ ପାଳନ ଏବଂ ରାଜ୍ୟ ଶାସନ ଓ ପ୍ରଜା ପାଳନରେ ଶ୍ରୀ ରାମଚନ୍ଦ୍ର ଏବଂ ଭରତଙ୍କ ଦାୟିତ୍ୱବୋଧ ଆମକୁ କର୍ତ୍ତବ୍ୟ ପାଳନ ଓ ଦାୟିତ୍ୱବୋଧର ସଂସ୍କାର ଦେଇଥାଏ ।

(୬) ପ୍ରଭୁ ରାମଚନ୍ଦ୍ର ତ୍ୟାଗର ବାର୍ତ୍ତା ଦେବା ସହିତ ଅପରାଧୀର ଅପରାଧ କ୍ଷମା କରି ନିଜର ଉଦାରତାର ପରିଚୟ ଦେଇଥିବାବେଳେ ଲକ୍ଷ୍ମଣ ଚଉଦ ବର୍ଷ କାଳ ନିଦ୍ରା, ଆହାର ଓ ସ୍ତ୍ରୀ ସଙ୍ଗ ତ୍ୟାଗ ପୂର୍ବକ ସଂଯମତା ପ୍ରଦର୍ଶନ ଆମକୁ ତ୍ୟାଗ, କ୍ଷମା ଏବଂ ସଂଯମୀ ହେବାର ସଂସ୍କାର ଦିଏ ।

(୭) ମହାବୀର ହନୁମାନ ଥିଲେ ପ୍ରଭୁ ଶ୍ରୀରାମଙ୍କର ବିଶ୍ୱସ୍ତ ସେବକ ତଥା ବନ୍ଧୁ ଯିଏ ସୀତାଙ୍କୁ ଅଶୋକ ବନରେ ଠାବ କରିବାଠୁଁ ରାବଣ ନିଧନ ଯାଏଁ ପ୍ରଭୁଙ୍କ ପାଖେ ପାଖେ ରହି ତାଙ୍କୁ ବିଜୟରେ ସାହାଯ୍ୟ କରିଥିଲେ ; ଯାହା ଆମକୁ ଉତ୍ତମ ବନ୍ଧୁତା ଓ ବିଶ୍ୱସ୍ତତାର ମୂଲ୍ୟବୋଧ କରାଇଥାଏ ।

(୮) ଭାଗବତର ପ୍ରସିଦ୍ଧ ପଦ

" ସକଳ ଘଟେ ନାରାୟଣ
କାହାକୁ ନ ମଣିବ ହୀନ"-

ଏହାର ସତ୍ୟତା ଉପଲବ୍ଧି କରିହୁଏ ରାମାୟଣ ପଠନରେ; ଯେଉଁଠି ଶ୍ରୀରାମଙ୍କ ସୈନ୍ୟ ବାହିନୀରେ ବାନର, ଭଲ୍ଲୁକ ପରି ପଶୁଙ୍କର ସ୍ଥାନ ଥିବାବେଳେ, ଗୁଣ୍ଡୁଚିମୂଷା ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଟାୟୁ ଶ୍ରୀରାମଙ୍କର ସ୍ନେହ ଲାଭ କରିଥିଲେ ।

(୯) କୌଣସି ପ୍ରକାର ଦୁଃଖ, ଦୁର୍ଦ୍ଦିନ ଦୁଃସ୍ଥିତି ତଥା ଭୟଙ୍କର ସମୟରେ ବି ମନୋବଳ ନ ହରେଇ ସାହସର ସହିତ ମୁକାବିଲା କରିବା ପରି ଶିକ୍ଷା ଆମକୁ ରାମାୟଣରୁ ମିଳିଥାଏ ।

(୧୦) ଆଜିକାଲି ପ୍ରତି ପାଦେ ପାଦେ ବିପଦ ଥିବା ବେଳେ ରାମାୟଣର "ଲକ୍ଷ୍ମଣରେଖା" ଆମକୁ ସାବଧାନ ସହିତ ଅଗ୍ରସର ହେବାର ଶିକ୍ଷା ଦେବା ସହିତ ସାନର କଥାକୁ ବିଚାର କରିବାର ସଂସ୍କାର (ଲୋକକଥା-ବଡ଼ ଥିଲେ ପଚାରି, ସାନଥିଲେ ବିଚାରି) ଶିକ୍ଷା ଦେଇଥାଏ ।

(୧୧) ଶତ୍ରୁ ରାବଣର ଭାଇ ବିଭୀଷଣ ଶ୍ରୀରାମଙ୍କର ଶରଣ ଯିବାପରେ ସେ ତାଙ୍କୁ ଆଦରି ନେଇଛନ୍ତି ଯାହାକି ଦୁଃଖୀକୁ ଦୟା ପ୍ରଦର୍ଶନର ସଂସ୍କାରକୁ ଆମ ଭିତରେ ଉଜ୍ଜୀବିତ କରେ ।

(୧୨) ପ୍ରକୃତ ଧର୍ମ (ଇର୍ଷା ଓ ସ୍ୱାର୍ଥ ତ୍ୟାଗ, ଦୁସ୍ଥ ଜନ/ ଜୀବ ପ୍ରତି ଦୟା ଭାବ ପ୍ରଦର୍ଶନ ଏବଂ ଅପରାଧୀର ଅପରାଧ କ୍ଷମା କରି ଅନ୍ୟର ମଙ୍ଗଳ ନିମନ୍ତେ କର୍ମ ସମ୍ପାଦନ) କୁ ବୁଝି ଉଚିତ୍ କର୍ମ କରିବାର ପ୍ରେରଣା ଓ ସଂସ୍କାର ଆମକୁ ରାମାୟଣ ପଠନରୁ ମିଳିଥାଏ ।

(୧୩) ସତ୍ ରେ ଥିଲେ ଅଗ୍ନି ମଧ୍ୟ ସ୍ପର୍ଶ କରିପାରେ ନାହିଁ ଯାହା ସତୀ ସୀତାଙ୍କର ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ନାରୀମାନଙ୍କ ପାଇଁ ଆଦର୍ଶର ପଥ ପ୍ରଦର୍ଶକ ହେଇପାରିଛି ।

(୧୪) ଦୁଷ୍ଟ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଶିଷ୍ଟର ସଦାଚାର, ସତ୍ କର୍ମ ଓ ସଦ୍ ଗୁଣ ପାଖରେ ନିଷ୍କ୍ରିୟ ହୋଇ ଯାଇଥାଏ, ଅର୍ଥାତ୍ ସର୍ବଦା ଅନ୍ଧାକାର ଉପରେ ଆଲୋକର ବିଜୟ ହେଇଥାଏ ।

(୧୫) ଉପରୋକ୍ତ ବିଷୟବସ୍ତୁକୁ ବିଚାରକୁ ନେଇ ତଥା ବାଲ୍ୟକାଳରୁ ବାନପ୍ରସ୍ଥ ଗ୍ରହଣ ପର୍ଯ୍ୟନ୍ତ ରାମାୟଣର ସଂସ୍କାରଧର୍ମୀ ଶିକ୍ଷାକୁ ତର୍ଜମା କଲେ ଏହା ଯେ ସଂସ୍କାର ସମ୍ପଦର ଖଣି ଅଟେ ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ଝୁମୁରୀ ସାହୁ



"ମାନବ ଜୀବନ ନୁହଁ ଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର କର୍ମ ଏକା ତା'ର
ଜୀବନ ର ମାନଦଣ୍ଡ ।।"

ଧରାଧାମରେ ସୃଷ୍ଟି ଜୀବନମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଜୀବ । ଏହି ବିଶାଳ ପୃଥିବୀରେ କୋଟିପୁଣ୍ୟ ବଳେ ମଣିଷ ଜନ୍ମ ପାଇଥାନ୍ତି । ଯାହା ବିଶ୍ୱାସ ରହିଛି । କାରଣ ମଣିଷର ବୁଦ୍ଧି, ବିବେକ, ଆଚାର ବିଚାର, ଚାଲିଚଳଣୀ, ଭଲମନ୍ଦ, ନ୍ୟାୟ ନିଷ୍ପତ୍ତି, ଦୟା, କ୍ଷମା, ହସକାନ୍ଦ, ଆଦି ସ୍ୱତନ୍ତ୍ର । ସେ ଜଣେ ସାମାଜିକ ପ୍ରାଣୀ । ସମାଜ ବ୍ୟତିରକେ ଜୀବନ ପଶୁତୂଲ୍ୟ । ସେ ମଧ୍ୟ କଠିନ ପରିଶ୍ରମ କରି ତା'ର ପାରିବାରିକ ଗୁଜୁରାଣ ମେଣ୍ଟାଇ ଥାଏ । ଆଉ ମଧ୍ୟ ମନର ଭାବକୁ ଅନ୍ୟ ପାଖରେ ସୁନ୍ଦର ସାବଲୀଳ ଢଙ୍ଗରେ ମଧୁର କଣ୍ଠରେ ପରିପ୍ରକାଶ କରିପାରିଥାଏ ।

ମନରେ ପ୍ରଶ୍ନ ଆସିଥାଏ, ମଣିଷ ତ ମଣିଷ । ପୁଣି ଭଲମଣିଷ କ'ଣ, କିଏ ହୋଇପାରେ ? ତା'ର ସଂଜ୍ଞା କ'ଣ ଓ କିପରି ? ଆଜ୍ଞା ଅଛି !

"ଯେଉଁ ମଣିଷ ନିଜ ପାଖରେ ଦୟା, କ୍ଷମା, ସହନଶୀଳତା, କାର୍ଯ୍ୟଦକ୍ଷତା, ପରୋପକାରୀ ଭାବ, ସେବା ମନୋବୃତ୍ତି, ସତ୍ୟବାଦୀତା, ଜୀବେ ଦୟା ଭାବ, ଦେଶପ୍ରେମ ଭାବ, ଆଦି ସ୍ୱତନ୍ତ୍ର ମନୋବୃତ୍ତିର ଅଧିକାରୀ ହୋଇଥାନ୍ତି, ତାହାଙ୍କୁ “ଭଲ ମଣିଷ”ର ଆଖ୍ୟା ଦିଆଯାଏ । ସେମାନଙ୍କର କର୍ମଫଳ ତାଙ୍କୁ ଚୀର ଆମର କରିଦିଏ ।

ଯେମିତି କି, କଥା ଅଛି -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି

ଦେବତା ହେଲେ ହେଁ ମରଇ ।।"

ସେମାନଙ୍କ କର୍ମ ଆଜି ଅମର କରିଛି । ସେମାନେ ମରି ସୁଦ୍ଧା ଅମର ହୋଇ ରହିଛନ୍ତି । ସେମାନଙ୍କୁ ମହାପୁରୁଷଙ୍କ ଆଖ୍ୟା ଦିଆଯାଇଛି ।

ଠିକ୍ ସେହିପରି, ଶିଶୁଟିଏ ଜନ୍ମ ହୋଇ ପରିବାର ଜନଙ୍କ କୋଳରେ ବଡ଼ ହୁଏ । ତା'ପରେ ବଡ଼ ହୋଇ ବିଦ୍ୟାଳୟ ଯାଏ, ମହାବିଦ୍ୟାଳୟ ଯାଏ, ତା'ର ପରିବେଶର ମାଟି, ପାଣିପବନରେ ନିତି ଆଦର୍ଶରେ ନିଜକୁ ଖାପଖୁଆଇ ଚାଲିଥାଏ । ବୟସାନୁସାରେ ଯୁଗୋପଯୋଗୀ ସମାଜ ସହ ପରିସ୍ଥିତିକୁ ଅନୁଧ୍ୟାନ କରି ମଣିଷ ସୁଲଭ ଗୁଣର ସେ ଅଧିକାରୀ ହୋଇପାରେ । ଦେଶପ୍ରେମ ଭାବରେ ନିଜକୁ ସମ୍ଭାଳି ସାମାଜିକ ପ୍ରାଣୀଟିଏ ବୋଲି ସମତୁଲ କରିଥାଏ ।

ଯେମିତି " ତୁଳସୀ ଦୁଇ ପତ୍ରରୁ ବାସିଥାଏ ।"

ଠିକ୍ ସେହିପରି ଶିଶୁଟିଏ ପରିବାର, ବିଦ୍ୟାଳୟ ହେଉ ବା ମହାବିଦ୍ୟାଳୟରେ, ସମାଜର ସାମାଜିକ ଚଳଣିରେ ସମସ୍ତଙ୍କ ମୁଖରେ ସୁନାମ ଅର୍ଜନ କରିଥାଏ ।

ଶୋଭା ପାଇଥାଏ ତାଙ୍କ ଭଲ ଗୁଣ ଗୁଡିକ । ଯେମିତି "ତୁଣ୍ଡ ବାଇଦ ସହସ୍ର କୋଶ" । ସେହିଭଳି ମଣିଷ ସୁଲଭ ଗୁଣଗୁଡିକ ମଧ୍ୟରୁ ବ୍ୟକ୍ତି ଜଣଙ୍କର ତୁଣ୍ଡ ମଧୁର, ଗୁଣ ସୁନ୍ଦର, ଗୁରୁ ଗୁରୁଜନେ ଯଥା ସମ୍ମାନ ଓ ଭକ୍ତି, ଦୀନଦରିଦ୍ରଙ୍କ ଠାରେ ସେବା ମନୋବୃତ୍ତି, ଆଚାର ବିଚାରେ ନ୍ୟାୟବନ୍ତ ଓ ଧର୍ମାବତାର, ମନରେ ଭାଇଚାରା ଭାବ ଆଦି ସ୍ୱତନ୍ତ୍ର । ଥିବା ମଣିଷ ହିଁ ପ୍ରକୃତରେ ଜଣେ "ଭଲ ମଣିଷ" ।

ହୁଏତ ସେ ଜଣେ ନାରୀ ହେଉ ବା ପୁରୁଷ! ସେଥିରେ ସାମଞ୍ଜସ୍ୟ ନାହିଁ । ଯାହାଙ୍କର ସୁଗୁଣ କାମିନୀ ଫୁଲର ସୁଗନ୍ଧ ପରି ବିଚ୍ଛୁରିତ ଜନ ମାନସରେ ବା ତୁଣ୍ଡରେ ପ୍ରଚାର ପ୍ରସାର ହୋଇଯାଏ, ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର ଅମୁକ ବାବୁ/ବାବୁଆଣୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ଭଲ ମଣିଷ !

ଆଉଥରେ ଜନ ସମାଜରେ ନିଜର ସୁନ୍ଦର ସୁଗୁଣ ପରିପ୍ରକାଶ ହେବାର ଶୁଣି ଦେଲେ, ସେ ନିଜକୁ ଧନ୍ୟ ମନେ କରନ୍ତି । ଆହୁରି ଭଲ କାମରେ ନିଜକୁ ନିୟୋଜିତ କରିଦିଅନ୍ତି ।

ଆଜିର ସମାଜରେ ଭଲ ମଣିଷ ଖୋଜା ଚାଲିଛି । କାରଣ ଯୁଆଡେ ଚାହିଁବା, ଯାହାକୁ ଦେଖିବା, ଯେଉଁଠି ଶୁଣିବା କିଏ ବା ଭଲ ମଣିଷ । ମଣିଷ ପଣିଆର ଝଲକ ବଖାଣିବା କଷ୍ଟ ସାଧ୍ୟ । ଶାନ୍ତିରେ ଜୀବନ ବିତାଇବା ସହଜ ନୁହେଁ । ଚୋରି, ନାରୀ, ରାହାଜାନୀ, ଡ଼କାୟତି, ହତ୍ୟା, ଲୁଣ୍ଠନ, ଅନ୍ୟାୟ ଅତ୍ୟାଚାର, ଶୋଷଣ ଦେଖା ଯାଉଛି ।

ଯେତେବେଳେ ଦେଶ ସ୍ୱାଧୀନତା ପାଇବା ପାଇଁ ମହାତ୍ମାଗାନ୍ଧୀ ସ୍ୱପ୍ନ ଦେଖିଥିଲେ, ତାଙ୍କର ମଧୁର ବାଣୀ ଜନମାନସପଟରେ ହୃଦୟକୁ ଛୁଇଁ ଯାଇଥିଲା । ସମସ୍ତେ ତାଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ । ଆଜିସୁଦ୍ଧା ଆମେ ସମସ୍ତେ ସମ୍ମାନ ସହିତ ସ୍ମୃତିରେ ସାଇତି ରଖି, ତାଙ୍କରି ଗୁଣ ଗୁଡିକ ସ୍ମରଣ କରୁଅଛେ ।

ଠିକ୍ ସେହିପରି ଆଜି ସୁଦ୍ଧା ଆଉ ଜଣେ ମହାତ୍ମାଗାନ୍ଧୀଙ୍କୁ ପାଇବା ପାଇଁ ! ଯିଏ କି ଆମ ଦେଶଜାତିର ମାନ ବଢ଼ାଇବାରେ ସହାୟକ ହେବ ।

ସମସ୍ତେ ଜଣେ "ଭଲ ମଣିଷ"ର ବ୍ୟକ୍ତିତ୍ୱକୁ ଅନୁଭବ କରିପାରିବେ।

କଥାରେ ଅଛି;

"ଥିଲେ ଥାଉ ପଛେ  ରୂପ ସୁନ୍ଦର
ଚରିତ୍ର ନ ଥିଲେ  ସବୁ ଅସାର ।"


ତେଣୁ ଶେଷରେ ମୋର ନିଜସ୍ୱ ମତରେ କହିବାକୁ ଚାହେଁ କି; ଜଣେ ଚରିତ୍ର ବାନ୍ ବ୍ୟକ୍ତି ହିଁ ସତରେ "ଭଲ ମଣିଷ" ଅଟେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ରୀତା ଅପରାଜିତା ମହାନ୍ତି



ଭଗବାନଙ୍କ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ହେଉଛି ମଣିଷ । ଭଲ ମନ୍ଦ ଦୁଇ ପ୍ରକାର ମଣିଷ ଅଛନ୍ତି। ଯିଏ ବଡ଼ ଗୁରୁଜନଙ୍କୁ ଭକ୍ତି କରେ ସେ ଭଲ ମଣିଷ । ଯିଏ ଦୁଃଖ ସୁଖ ଦୁଇ ଅବସ୍ଥାରେ ବିଚଳିତ ହୁଏ ନାହିଁ । ତା ସୁମଣିଷର ଗୁଣ । ମିତ୍ର ଶତ୍ରୁକୁ ସମାନ ଭାବରେ ଦେଖିବା ଭଲ ମଣିଷର ଗୁଣ । ଯେ ଅନୁକୂଳ ପ୍ରତିକୂଳ ପରିସ୍ଥିତିରେ ବଦଳେ ନାହିଁ । ସେ ହିଁ ଭଲ ମଣିଷ । ଯିଏ ନିଜ କଥା କେବଳ ଚିନ୍ତା ନ କରି ଅନ୍ୟ ବିଷୟରେ ଚିନ୍ତା କରେ । ସେ ଭଲ ମଣିଷରେ ଯାଏ । ସେ ପୁରାଣ ବେଦ ଶାସ୍ତ୍ର ଆଦି ସ୍ୱାଧ୍ୟାୟ କରେ। ସେ ଭଲ ମଣିଷ ।

ଯେ କେବଳ ନିଜ ଖାଇବା ନିଜ ଘର ନିଜ ଗାଡି ନିଜ ପ୍ରାଣ ପାଇଁ ଚିନ୍ତା କରେ ସେ ଅସୁର ସ୍ୱଭାବର ବ୍ୟକ୍ତି । ଭଲ ମଣିଷ ଶାନ୍ତ ଧୀର ହୁଏ । ମଦ ମିଛ ପାପ ଠୁ ଭଲ ମଣିଷ ଦୂରେଇ ରୁହେ । କାମ ରାଗ ଆଦି ଆଚରଣ ଠୁ ଭଲ ମଣିଷ ଦୂରେଇ ରୁହେ । କିନ୍ତୁ ମନ୍ଦ ସ୍ୱଭାବ ବ୍ୟକ୍ତି କେବଳ ଖାଇବା ପାଇଁ ବଞ୍ଚେ ।

ଭଲ ମଣିଷ ନିଜ କର୍ତ୍ତବ୍ୟ କରିଚାଲେ ଭଗବାନ, ଅର୍ଚ୍ଚନା ପଦ ସେବନରେ ସମୟ ବିତାଏ । ସେ ଭଲ ମଣିଷ ସେ ହିଁ ସୁଖୀ ।

କେବେ ମଣିଷ ଅହଂକାର କରିବା ଉଚିତ ନୁହେଁ । କାରଣ ଅହଙ୍କାର ପାଉଁଶ ତଳେ ନିଆଁ ପରି ମଣିଷକୁ ଜାଳିଦିଏ । ଭଲ ମଣିଷ ଅହଙ୍କାର କରେ ନାହିଁ । ଭଲ ମଣିଷ ତାର ଚିନ୍ତା ଚେତନାକୁ ଚିନ୍ତାମଣିକୁ ଅର୍ପଣ କରେ । ଆମ ଶରୀର ଏକ ନନ୍ଦିଘୋଷ ରଥ ପରି । ଏହାର ଚାରୋଟି ଘୋଡା ଯଥା;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୧/ସତ୍ୟ

୨/ଶାନ୍ତି

୩/ଦୟା

୪/କ୍ଷମା

ମନ ଦଉଡିରେ ଭଲ ମଣିଷ ସତ୍ୟ, ଶାନ୍ତି, ଦୟା କ୍ଷମାକୁ ବାନ୍ଧି ରଖିଥାଏ । ସେ ଅବିଦ୍ୟାକୁ ତ୍ୟାଗ କରେ ।  ଗୋପୀଙ୍କ ପରି ଭକ୍ତି ଭଲ ମଣିଷ ଗୁଣ । ତାହେଲେ ସେ ପ୍ରକୃତ ଭଗବାନକୁ ପାଇପାରେ । ଭଲ ମଣିଷର ଲକ୍ଷଣ

ମନସ୍ୟ ଏକମ

ବଚସ୍ୟ ଏକମ

କର୍ମସ୍ୟ ଏକମ ।

ଏସବୁ ଯିଏ ଏକ ରଖେ ସେ ଭଲ ମଣିଷ । ଯେ ଦାନ ଧର୍ମ କରେ ସେ ହିଁ ଭଲ ମଣିଷ । ଜଳଛତ୍ର ଦାନ, ଅନ୍ନ ଦାନ, ରକ୍ତ ଦାନ ସବୁ ମହତ ଦାନ ।

ଦାନ ବି ସତ ପାତ୍ରରେ ଦେବା ଉଚିତ । ଯିଏ କେବଳ ଭଗବାନ ଉପରେ ସବୁ ସମର୍ପଣ କରେ ଭଗବାନ ତାର ସବୁ ଦେଖନ୍ତି । ପଞ୍ଚଭୂତର ଶରୀର ଦିନେ ସେଥିରେ ଲୀନ ହେବ । ଆମେ ବିଷୟ ବାସନାରେ ମୋହିତ ହୋଇ ଭୁଲ ପଥରେ ଯାଏ । ଭଲ ମଣିଷ ତିନୋଟି ତ୍ୟାଗ କରେ । ରାଜସିକ ତ୍ୟାଗ ତାମସିକ ତ୍ୟାଗ, ସାତ୍ତ୍ୱିକ ତ୍ୟାଗ । ସେ ହିଁ ଭଲ ମଣିଷ ।

ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ପଦ୍ମାବତୀ ସିହ୍ନା



ଏହି ସଂସାରରେ ବହୁତ ପ୍ରକାର ଲୋକ ଅଛନ୍ତି । କେତେ ଲୋକ ଅଛନ୍ତି କାହାର ନା କାହା ସହିତ ସମଞ୍ଜସ୍ୟ ରହିଥାଏ, କିନ୍ତୁ ଭିନ୍ନ ଭିନ୍ନ ଧରଣର । କଥାରେ ଅଛି--ନାନା ମୁନିଙ୍କୁ ନାନା ମତ । କାରଣ ମନ ଏକ ହୋଇପାରେ କିନ୍ତୁ ମତ ପାର୍ଥକ୍ୟ ଦେଖାଯାଏ ।

ଭଲ ମଣିଷ ସଂସାରରେ ବହୁତ କମ ସେମାନଙ୍କ ପାଖରେ ଭଲ ମଣିଷର ଲକ୍ଷଣ ବାରି ହୋଇ ପଡେ ।

ଏହି ସ୍ୱାର୍ଥପର ଦୁନିଆଁରେ ଭଲ ମଣିଷ ହୋଇ ବଂଚିବା ବହୁତ କଷ୍ଟ ଏବଂ ଯନ୍ତ୍ରଣା ଦାୟକ । ଖରାପ ଲୋକମାନେ ଭଲ ଲୋକମାନଙ୍କୁ ବହୁତ ହଇରାଣ ହରକତ କରି ଥାଆନ୍ତି । ସେମାନେ କାହାରି ଭଲ ଦେଖି ପାରନ୍ତି ନାହିଁ ଅନ୍ୟର ଭଲ ଦେଖି ଇର୍ଷାନ୍ୱିତ ହୁଅନ୍ତି ଏବଂ ମିଛ କହି ଅସୁବିଧାରେ ପକାଇ ଥାଆନ୍ତି । ଯେପରି ଆମ ନାରାୟଣ ସାରଙ୍କୁ ମିଥ୍ୟାରୋପ କରି କେତେ କଷ୍ଟ ଓ ଯନ୍ତ୍ରଣା ଦେଲେ । କିନ୍ତୁ ସୁନା ସବୁବେଳେ ଚିକ ଚିକ କରେ ତାକୁ ନିଆଁରେ ପକାଇଲେ ମଧ୍ୟ ସେ ଚମକ ଦେଖାଯାଏ । ସୂର୍ଯ୍ୟଙ୍କୁ ଅଳ୍ପ ସମୟ ପାଇଁ କଳାବାଦଲ ଘୋଡାଇ ଥାଏ ଯେତେବେଳେ କଳା ବାଦଲ ହଟିଯାଏ ସେତେବେଳେ ସୂର୍ଯ୍ୟ ଆହୁରି ଅଧିକ ଆଲୋକିତ ପ୍ରଦାନ କରିଥାଏ ପୃଥିବୀ ପୃଷ୍ଠରେ । ସେପରି ନାରାୟଣ ସାର ସାରା ସାହିତ୍ୟ ଜଗତକୁ ଆହୁରି ଦୀପ୍ତିମାନ ହୋଇ ଚମକାଉଛନ୍ତି । ସମଗ୍ର ସାହିତ୍ୟ ଜଗତର ସେ ହୀରା ଭଳି ଝଟକୁଛନ୍ତି । ତାଙ୍କର ମଧୁର କଥା ଭୋକିଲା ଲୋକର କ୍ଷୁଧା ସଦୃଶ, ତୃଷାତର ଜଳ ସଦୃଶ ମନକୁ ଶାନ୍ତି ଦେଇଥାଏ ତାଙ୍କୁ ହିଁ କହନ୍ତି ଭଲ ମଣିଷ ।

ଜଣେ ଭଲ ମଣିଷର ପରିଚୟ ନିଜର ବ୍ୟବହାରରୁ ଜଣାପଡେ । ଜଣେ ଭଲ ମଣିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେ ଘାତପ୍ରତିଘାତ ଆସିଲେ ମଧ୍ୟ ସେ ତାର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୁଏନାହିଁ ।

ଭଲ ମଣିଷ ଆମେ କାହାକୁ କହିବା- ଯିଏ ଅନ୍ୟକୁ କଥା ଦେଇ କଥା ରଖିଥାଏ, ମଧୁର କଥା ସର୍ବଦା ହସହସ ମୁଖରେ କହିଥାଏ, ସମସ୍ତଙ୍କୁ ବିଶ୍ୱାସ କରିବା, ମିଛ ଓ ଛଳନା ନକରିବା, ଯିଏ ଋଣ ନେଇକି ସୁଝି ଥାଏ, ପ୍ରେମରେ ଯିଏ ଧୋକା ନଦିଏ, ସ୍ୱାର୍ଥରେ ଯିଏ ଅନ୍ଧ ନାହୁଏ, ଯାହାର ଉପରେ ହସ ଭିତରେ ବିଷ ନଥାଏ, ମନ ସର୍ବଦା ପରିଷ୍କାର ଥାଏ, ସମସ୍ତଙ୍କୁ ନିଜର ଭାବିଥାଏ, ଅସହାୟ ଲୋକଙ୍କୁ ସାହାଯ୍ୟ କରେ, ପରଦ୍ରବ୍ୟକୁ ଲୋଭ ନକରେ, ସମସ୍ତଙ୍କୁ ସମ୍ମାନ ଦିଏ, ପରନିନ୍ଦା ପରଚର୍ଚ୍ଚା ନକରେ, ବିପଦରେ ସାହାଯ୍ୟର ହାତ ବଢ଼ାଏ, କେବେହେଲେ କାହାକୁ ରାଗେ ନାହିଁ, କାହାକୁ ଘୃଣା କରେନାହିଁ, କଟୁ ଭାଷା କହେନାହିଁ, ପରର ଦୁଃଖ ସହେ ନାହିଁ, ହିଂସା ଦ୍ୱେଷ ଗର୍ବ ଅହଂକାର ରଖେ ନାହିଁ, ନାରୀକୁ ସମ୍ମାନ ଦେଉଥାଏ, ଧର୍ମ ସଂସ୍କାର ସଂସ୍କୃତିକୁ ମାନି ଚାଲୁଥାଏ, କାହାକୁ କଷ୍ଟ ନଦେଇ ନିଜ ମୁଣ୍ଡକୁ ସବୁ ଦୋଷ ଆଣିଥାଏ, ଗୁରୁଜନ ବାପାମାଆଙ୍କୁ ଦେବତା ଭଳି ମାନୁଥାଏ ସେ ହିଁ ପ୍ରକୃତରେ ଭଲ ମଣିଷ ।

ପଦ୍ମାବତୀ ସିହ୍ନା

ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ଶକୁନ୍ତଳା ମହନ୍ତ



ଏ ସୃଷ୍ଟିରେ ଏବଂ ସମଗ୍ର ଜୀବଜଗତରେ ମାନବ ବା ମଣିଷ ଈଶ୍ୱରଙ୍କର ସର୍ବୋତ୍ତମ ସୃଷ୍ଟି ଅଟେ । ମାନବ ସୃଷ୍ଟିର ଆଦିମ କାଳରୁ ଧୀରେ ଧୀରେ ବିକଶିତ ହୋଇ ବିଭିନ୍ନ ସୋପାନ ଦେଇ ଆଜିର ଅତ୍ୟାଧୁନିକ ସଭ୍ୟ ମାନବ ଭାବେ ପରିଗଣିତ ହୋଇଛି । ସମଗ୍ର ପୃଥିବୀରେ ମଣିଷ ଆଜି କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ, କୃଷି, ବୈଷୟିକ, ସୂଚନା ପ୍ରଯୁକ୍ତି, ମହାକାଶ, ଚିକିତ୍ସା ବିଜ୍ଞାନ, ପରମାଣୁ ବ୍ୟବହାର ଆଦି ସମସ୍ତ କ୍ଷେତ୍ରରେ ଅପାର ପାରଦର୍ଶିତା ଲାଭ କରିଛି । ବିଶ୍ୱ ମାନବସମ୍ବଳ ଆଜି ମହାଶକ୍ତିର ପ୍ରତୀକ ପରି ପ୍ରତୀୟମାନ ହେଉଛି । ମାନବ ଆଜି ନିଜର ଅସୀମ ଶକ୍ତି ଓ କଳା କୌଶଳକୁ ନିଜ ଭିତରେ ସୀମିତ ନରଖି, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ପରୀକ୍ଷା ନିରୀକ୍ଷା କରି ଚାଲିଛି । ଏପରିକି ବିଭିନ୍ନ ରାଷ୍ଟ୍ର ସମୂହ ମାନବ ସମ୍ବଳର ଏହି ଦକ୍ଷତା ଓ ସାମର୍ଥ୍ୟକୁ ଉପଯୋଗ କରି ଅନ୍ୟ ରାଷ୍ଟ୍ର ଉପରେ ନିଜର ବିସ୍ତାରବାଦୀ ଭାବନାକୁ ବଳ ପୂର୍ବକ ଲଦି ଦେଉଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମେ ଯେତେବେଳେ "ଭଲ ମଣିଷ"ର ସଂଜ୍ଞା ଖୋଜୁ ଅବା ବାସ୍ତବରେ ଭଲ ମଣିଷ ହିଁ ଖୋଜୁ, ସେତେବେଳେ ମାନବବାଦ, ମାନବିକତାର ଚେତନା ମନରେ ଉଦ୍ରେକ ହୁଏ । ଅତୀତ ଇତିହାସର ପୃଷ୍ଠା ଓଲଟାଇଲେ କିମ୍ବା ପୁରାଣ ମହାଭାରତର ସମୟକୁ ଫେରିଗଲେ, ସବୁଠି ସବୁବେଳେ କିଛି ବିନାଶକାରୀ ଓ କିଛି ହିତକାରୀ ଗୋଷ୍ଠୀ ବା ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଖିବାକୁ ମିଳିଛି । କିଛି ବ୍ୟକ୍ତି ବା ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥକୁ ବଳିଦେବା ବେଳେ କିଛି ବ୍ୟକ୍ତି ବା ଗୋଷ୍ଠୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମୂହିକ ସ୍ୱାର୍ଥ ଓ ମଙ୍ଗଳ ପାଇଁ ନିଜକୁ ବଳି ଦେଇଛନ୍ତି । ତେଣୁ ସବୁବେଳେ ସମାଜରେ ଭଲ ମଣିଷ ଓ ଖରାପ ମଣିଷ ନିଶ୍ଚିତ ଚିହ୍ନା ପଡିଥାନ୍ତି ।

ଭଲ ମଣିଷ ହେବାପାଇଁ ସବୁବେଳେ ଏକ ସୁସ୍ଥ ମାନସିକତା ଓ ସୁସ୍ଥ ବାତାବରଣର ଆବଶ୍ୟକତା ରହିଥାଏ । ବାହାରୁ ଭଲ ଦିଶୁଥିବା ବା ଭଲ ଲାଗୁଥିବା ସବୁ ମଣିଷ ବାସ୍ତବରେ ଭଲ ହୋଇ ନଥାନ୍ତି । ଭଲ ମଣିଷ ହେବାପାଇଁ ଜଣେ ବ୍ୟକ୍ତିଙ୍କୁ ଅନେକ କିଛି ସହିବାକୁ ପଡ଼ିଥାଏ । ଅନେକ କିଛି ତ୍ୟାଗ କରିବାକୁ ପଡିଥାଏ । ବସ୍ତୁବାଦର ବାହ୍ୟ ଚାକଚକ୍ୟ ଅପେକ୍ଷା ଜୀବନର ଗୁଣାତ୍ମକ ମାନ ପ୍ରତି ଭଲ ମଣିଷ ସଚେତନ ରହେ । ତାକୁ ସହନଶୀଳ ଓ ସମ୍ବେଦନଶୀଳ ହେବାକୁ ପଡିଥାଏ । ଭଲ ମଣିଷ ସବୁବେଳେ ବ୍ୟକ୍ତିସ୍ୱାର୍ଥକୁ ନଗଣ୍ୟ ମନେକରେ । ତା ବିଚାରରେ "ବସୁଧୈବ କୁଟୁମ୍ବକମ୍" ହିଁ ମୂଳମନ୍ତ୍ର ଅଟେ । ଏଥିପାଇଁ ତାକୁ ଯେତେ କଠିନ ପଥଦେଇ ଗତିକରିବାକୁ ପଡୁପଛେ ସେ କେବେ ପଛକୁ ହଟେ ନାହିଁ, କିମ୍ବା ନିଜର ବ୍ୟକ୍ତିତ୍ୱ, ନୀତି, ଆଦର୍ଶ, ସ୍ୱାଭିମାନ, ପରୋପକାର ଓ ସେବା ମନୋଭାବରୁ ବିରତ ହୁଏ ନାହିଁ । ଭଲମଣିଷ କେବେ ବସ୍ତୁବାଦୀ, ନକାରାତ୍ମକ ନ ହୋଇ, ଈଶ୍ୱରବିଶ୍ୱାସୀ, ଆଧ୍ୟାତ୍ମବାଦୀ ଓ ସତ୍ୟନିଷ୍ଠ ହୋଇଥାଏ । ହିଂସା, ଘୃଣା, ଅପରାଧ ଓ ପ୍ରତିଶୋଧ ଭଳି ହୀନମନ୍ୟତାରେ ବିଶ୍ୱାସ ନକରି ଶାନ୍ତି, ମୈତ୍ରୀ, ପ୍ରୀତିରେ ବିଶ୍ୱାସ କରେ । ପରିବାର, ସମାଜ, ରାଷ୍ଟ୍ର ସବୁଠି ଶାନ୍ତିଦୂତ ହୋଇ ଶାନ୍ତି ସ୍ଥାପନ କରିବାକୁ ସତତଚେଷ୍ଟିତ ହୁଏ । ଏକ ସୁସ୍ଥ , ସୁନ୍ଦର, ବଳିଷ୍ଠ, ସଶକ୍ତ ରାଷ୍ଟ୍ର ଗଠନରେ ଭଲ ମଣିଷ ମାନଙ୍କ ଅବଦାନ ଅନନ୍ୟ । ଭଲ ମଣିଷ ସବୁବେଳେ ଦୟା, କ୍ଷମା, ପ୍ରେମ, ସେବା, କରୁଣା, ପରୋପକାର ଭଳି ସୁନ୍ଦର ଭାବନାରେ ବିଶ୍ୱାସ କରିବା ସହ ନିଜ ଜୀବନଚର୍ଯ୍ୟାରେ  ସେସବୁ ପ୍ରତିଫଳିତ କରାଏ । ସମାଜର ହିତ କରି ପାରିଲେ ସେ ସେଥିରୁ ଅପାର ଆନନ୍ଦ ଲାଭ କରେ । ତା ଅନ୍ତର୍ନିହିତ ସୁଗୁଣାବଳୀ ଓ କାର୍ଯ୍ୟ ସମାଜର ହିତକାରକ ହେବା ସହ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଓ ମାର୍ଗ ଦର୍ଶକ ହୋଇଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣୁ ତ ଆମ ଭାରତବର୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପରି ମହାପୁରୁଷ ସବୁଦିନ ଆମ ମାନଙ୍କ ପାଇଁ ଆଲୋକ ବର୍ତ୍ତିକା ଓ ପ୍ରେରଣା ହୋଇ ରହିଥିବେ ।

ଆଜି ସମାଜରେ ଯେଉଁ ସ୍ଖଳନ ପରିଲକ୍ଷିତ ହେଉଛି, ଧୀରେ ଧୀରେ ମାନବବାଦର ଅବକ୍ଷୟ ହେବାରେ ଲାଗିଛି । ମଣିଷର ଅନ୍ତର୍ନିହିତ ଗୁଣାବଳୀରୁ ଦୟା, କ୍ଷମା, ସେବା, ତ୍ୟାଗ ଭଳି କୋମଳ ଚେତନା ଲୋପ ପାଇବାରେ ଲାଗିଛି । ଅତ୍ୟାଧୁନିକ ମଣିଷ କେମିତି ଅନ୍ୟ ମଣିଷ ତଥା ମନୁଷ୍ୟେତର ଜୀବ ସହ ରୁକ୍ଷ, କର୍କଶ, ଉଗ୍ର ଓ ହିଂସ୍ର ବ୍ୟବହାର କରୁଛନ୍ତି । ବୃକ୍ଷଲତା, ଉଦ୍ଭିଦ, ପରିବେଶ, ଜୈବମଣ୍ଡଳ କିଛି ବି ଖରାପ ମଣିଷଙ୍କ ଅତ୍ୟାଚାର ଓ ପ୍ରାଦୁର୍ଭାବରୁ ବର୍ତ୍ତି ପାରୁନାହାନ୍ତି । ମଣିଷ ମଧ୍ୟରେ ରାକ୍ଷସିକ ପ୍ରବୃତ୍ତି ବଢ଼ିବାରେ ଲାଗିଛି । ଅପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଛି । ମଣିଷ ପଣିଆର ମୃତ୍ୟୁ ହେଉଛି ଆଉ ମଣିଷ ଉପରୁ ମଣିଷର ଆସ୍ଥା ଓ ବିଶ୍ୱାସ ହଜି ଯାଉଛି । ଯେଉଁଥିପାଇଁ ପାରିବାରିକ ଜୀବନ ମଧ୍ୟ ବିଶୃଙ୍ଖଳିତ ହେଉଛି, ପ୍ରଭାବିତ ହେଉଛି । ପରିବାରରେ ପିତାମାତା, ବୃଦ୍ଧ, ବୟୋଜ୍ୟେଷ୍ଠ ମଣିଷ ମାନେ ପରିଣତ ବୟସରେ ଉପେକ୍ଷିତ, ଅବହେଳିତ ହେଉଛନ୍ତି । ସମାଜରେ ଅବହେଳିତ, ଅସହାୟ ମଣିଷ ମାନେ ଲାଞ୍ଛନା, ଶୋଷଣର ଶିକାର ହେଉଛନ୍ତି । ଧୀରେ ଧୀରେ ସମାଜରୁ ଭଲ ମଣିଷଙ୍କ ସଂଖ୍ୟା କମିବାରେ ଲାଗିଛି ।

ମଣିଷଙ୍କ ଭିତରେ ଭଲ ମଣିଷ ହେବାର ଚେତନା ଜାଗ୍ରତ କରିବାକୁ ହେଲେ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ । ଅବକ୍ଷୟମୁଖୀ ସମାଜକୁ ମାନବଧର୍ମ, ମାନବବାଦ ପ୍ରତି ଉଦାର ହେବାକୁ ପଡିବ । ମଣିଷ ନିଜେ ବଦଳି ଅନ୍ୟକୁ ମଧ୍ୟ ବଦଳାଇବାକୁ ପଡ଼ିବ । ଅତୀତର  ଗୁରୁକୁଳ, ଶିକ୍ଷାଶ୍ରମରେ ବିଦ୍ୟାର୍ଥୀ ମାନଙ୍କୁ ଅନେକ ମାନବୀୟ, ମହନୀୟ ଗୁଣ ବିଷୟରେ ବ୍ୟବହାରିକ ଶିକ୍ଷା ଦିଆ ଯାଉଥିଲା । ସେହି ଶିକ୍ଷାଶ୍ରମ ଗୁଡ଼ିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ମଣିଷ ତିଆରି କାରଖାନା" ବୋଲି ବିବେଚନା କରା ଯାଉଥିଲା । ଗୁରୁ ଶିଷ୍ୟ ପରମ୍ପରା ମଧ୍ୟ ଖୁବ୍ ମହନୀୟ ଥିଲା । ତେଣୁ ଭଲ ମଣିଷ ଓ ସୁନାଗରିକ ତିଆରି ପାଇଁ ଗୁରୁଗୁରୁଜନ ମାନଙ୍କ ଉତ୍ତରଦାୟିତ୍ୱ ବଳିଷ୍ଠ ଓ ପ୍ରଭାବଶାଳୀ ହୋଇ ପାରୁଥିଲା । ଆଜି ସମାଜରେ ଆମେ ସମସ୍ତେ ଆମ ପର ପିଢ଼ିଙ୍କୁ ଭଲ ମଣିଷ ହେବାର ପ୍ରେରଣା ଓ ଦିଗ୍ ଦର୍ଶନ ଦେବା ଉଚିତ । ଶିଶୁଟିଏ ବଡହୋଇ ସୁନାଗରିକ ହେବା ସହିତ ନିଜର ତଥା ପରିବାରର ଏବଂ ସମାଜ ତଥା ରାଷ୍ଟ୍ରର ହିତ ସାଧନ କରି ମହାନ୍ ମାନବ ଜୀବନକୁ ଚରିତାର୍ଥ କରିବାକୁ ଅନୁପ୍ରାଣିତ କରିବା ସହ ଅନୁକୂଳ ପରିବେଶ ଯୋଗାଇ ଦେବା ଉଚିତ । ଶିଶୁକୁ ସୁନ୍ଦର, ସୁଗୁଣାବଳୀ ଓ ପ୍ରତିଭାସମ୍ପନ୍ନ କରି ବିକଶିତ କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଏଥିପାଇଁ ଆମେ ସମସ୍ତେ ଉତ୍ତରଦାୟୀ । ଭଲ ମଣିଷମାନଙ୍କୁ ନେଇ ଏକ ସୁସ୍ଥ ସୁନ୍ଦର ସମାଜ ଗଠନରେ ଆମ ସମସ୍ତଙ୍କର ଯୋଗଦାନ ଓ ଭୂମିକାର ଗୁରୁତ୍ୱ ରହିଆସିଛି । ଏହା ଆମ ସମସ୍ତଙ୍କ ପାଇଁ ଏକ ମହାର୍ଘ ଆହ୍ୱାନ ଅଟେ । ମାନବ ସମ୍ବଳକୁ ନେଇ ଆମେ ଯେଉଁ ମହାଶକ୍ତି ସାଜିଛୁ ତାହା ବିଶ୍ୱ ଧ୍ୱଂସ ପାଇଁ ନୁହେଁ, ବରଂ ବିଶ୍ୱ ଶାନ୍ତି ଓ ପୃଥିବୀର ସୁରକ୍ଷା ପାଇଁ ଉପଯୋଗ ହେଉ ଏହାହିଁ ଭଲ ମଣିଷଙ୍କ ସ୍ୱପ୍ନ ହେଉ । ବାସ୍ତବତା ହେଉ ।

ଜଡିପଦା, ଅଙ୍ଗାରପଦା

ରରୁଆଁ, ମୟୂରଭଞ୍ଜ

୮୧୪୪୦୭୩୪୮୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ମଣିଷ

ବୀରେନ୍ଦ୍ର କୁମାର ସାହୁ



ଉପକ୍ରମ:- ଏ ସୃଷ୍ଟିରେ ମଣିଷକୁ ସବୁବେଳେ ଶ୍ରେଷ୍ଠ ପ୍ରାଣୀ ରୂପରେ ବିବେଚିତ କରାଯାଏ । ମଣିଷର ଅସାଧାରଣ କାର୍ଯ୍ୟ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ମଣିଷ ନିଜର ବୁଦ୍ଧି, ଜ୍ଞାନ ଓ କାର୍ଯ୍ୟ କରିବାର ଦକ୍ଷତା ମାଧ୍ୟମରେ ଏ ସାରା ବ୍ରହ୍ମାଣ୍ଡରେ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ କରିଚାଲିଛି । ନାନାପ୍ରକାର ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ପାରୁଛି । ଯାହାକି ଭଗବାନଙ୍କ ବରଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଗବାନ ସବୁବେଳେ ଭଲ ମଣିଷଙ୍କ ସାଥି ଦିଅନ୍ତି ଓ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୁଅନ୍ତି । ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭଗବତରେ କୁହାଯାଇଛି :-

ମଣିଷ ଦେହେ ଦିବ୍ୟ ଜ୍ଞାନ
ଦେଖି ସନ୍ତୋଷ ଭଗବାନ ।

ଅର୍ଥାତ ଆମ୍ଭ ପ୍ରତ୍ୟେକ ମଣିଷର ହୃଦୟରେ ଦିବ୍ୟଜ୍ଞାନ ଭରି ରହିଛି । ସେହି ଦିବ୍ୟ ଜ୍ଞାନକୁ ପ୍ରସ୍ଫୁଟିତ କରିବା ହେଉଛି ଆମର କର୍ତ୍ତବ୍ୟ ।

ଉପସ୍ଥାପନା:- ଆମେ ପ୍ରଥମେ ଜଣେ ଭଲ ମଣିଷ ହେବାକୁ ହେଲେ ଆଗ ଜଣେ ଭଲ ଶିକ୍ଷାର୍ଥୀ ହେବା ଉଚିତ । କାରଣ ଶିକ୍ଷା ମଣିଷର ସର୍ବାଙ୍ଗୀନ ବିକାଶ କରିବାରେ ସାହାଯ୍ୟ କରେ । ଉପଯୁକ୍ତ ପରିବେଶ ଓ ସୁବିଧା ସୁଯୋଗ ମିଳିଲେ ଜଣେ ଉତ୍ତମ ଛାତ୍ର ହୋଇ ବଡ଼ ହେଲେ ଜଣେ ଭଲ ମଣିଷ ହୋଇ ପାରିବ । ସ୍ୱଭାବ କବି ଗଙ୍ଗାଧର ମେହେର କହିଛନ୍ତି :-

ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅର୍ଥାତ ମଣିଷକୁ ତାର ମାତୃଭାଷା ହିଁ ଭଲ ମଣିଷ କରି ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଯାହା କି ଅନ୍ୟ ଭାଷାକୁ ପଢିବା, ଲେଖିବାରେ ସାହାଯ୍ୟ କରିଥାଏ । ଏ ମାତୃଭାଷା ଶିଖିବାରେ ଗୋଟିଏ ମାଆର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ହୋଇଥାଏ । କାରଣ ଗୋଟିଏ ମାଆର ଶିକ୍ଷା ଓ ସଂସ୍କାରର ପ୍ରଭାବ ତାର ପିଲାଙ୍କ ଉପରେ ପଡ଼ିଥାଏ । ମାଆଟିଏ ଚାହିଁଲେ ଓ ତାର ଆଶୀର୍ବାଦ ଦେଲେ ପିଲାଙ୍କ ହୃଦୟରେ ସାହସ ଓ ଶକ୍ତି ଜାଗ୍ରତ ହୋଇଥାଏ । ଯାହା ଫଳରେ ଭବିଷ୍ୟତରେ ପିଲାଟିଏ ଜଣେ ଭଲ ମଣିଷ ହୋଇ ନିଜର ଓ ଦେଶର ନାଁ ରଖି ପାରିବ । ତେଣୁ ମାତୃଭାଷା ଓ ମାତୃଭୂମି ପ୍ରତି ଜଣଙ୍କ ମନରେ ସମ୍ମାନ ରହିଲେ ଯାଇ ସେ ଜଣେ ଭଲ ମଣିଷ ହେବା ଦିଗକୁ ଅଗ୍ରସର ହୋଇ ପାରିବ । ପୁଣି ମନେ ପଡେ ସେହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କବିତା :

ମାତୃଭୂମି ମାତୃଭାଷାରେ ମମତା
　　ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
　　ଅଜ୍ଞାନ ରହିବେ କାହିଁ ।

ଅର୍ଥାତ ବିନା ମାତୃଭାଷା ଜ୍ଞାନ ଓ ମାତୃଭୂମି ପ୍ରତି ନିଜର ମମତାରେ କେହି କେବେ ଜ୍ଞାନୀ ହୋଇ ପାରିବ ନାହିଁ କି ଜଣେ ଭଲ ମଣିଷ ହୋଇ ପାରିବ ନାହିଁ । ସେଥିପାଇଁ ଆମେ ଫେବୃଆରୀ ମାସ ୨୧ତାରିଖକୁ ଆମର ମାତୃଭାଷା ଦିବସ ରୂପରେ ପାଳନ କରିଥାଉ । ସେହିଦିନ ସ୍କୁଲ, କଲେଜ ତଥା ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଗୁଡିକରେ କବିତା ଆସାର ଓ ପ୍ରବନ୍ଧ ଲିଖନର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ କରାଯାଏ । ଯାହାଦ୍ୱାରା କି ପିଲାଙ୍କ ମନରେ ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଭଲ ପାଇବା ସୃଷ୍ଟି କରାଯାଇଥାଏ । ଭଲ ମଣିଷଟିଏ ହେବା ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଅତୀତର ମୁନି ଋଷିଙ୍କର ଜୀବନ ଶୈଳୀ ଓ ଶିକ୍ଷା ପ୍ରଦାନର ଭିଡିଓ କ୍ଲିପ ମଧ୍ୟ ଦେଖା ଯାଇଥାଏ । ଏତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁପରେ ଯେତେବେଳେ ଜଣେ ଅନ୍ୟର ଦୁଃଖ ସୁଖରେ ଭାଗିଦାରୀ ହୋଇଥାଏ ତଥା ଅନ୍ୟକୁ ସାହାଯ୍ୟ ସହଯୋଗ କରିଥାଏ, ତା ସହିତ କାହାର ଅନିଷ୍ଟ କରିବାର ଆଶା ମନରେ ନ ରଖେ, ସେତେବେଳେ ଯାଇ ସେ ଜଣେ ଭଲ ମଣିଷ ହୋଇଥାଏ । ଜଣେ ଭଲ ମଣିଷ ହିଁ ସର୍ବଦା ସତ୍ୟକୁ ଆଧାର କରି ଧର୍ମପଥରେ ଅଗ୍ରସର ହୋଇଥାଏ ।

ଉପସଂହାର :- ସର୍ବଦା ସତ ଚିନ୍ତା, ସତ କର୍ମ ଓ ସତ କର୍ମରେ ବିଶ୍ୱାସ କରି ଜୀବନ ଯୁଦ୍ଧରେ ଆଗେଇ ଯିବା ଜଣେ ଭଲ ମଣିଷର କର୍ତ୍ତବ୍ୟ ହୋଇଥାଏ । ଭଲ ମଣିଷଟିଏ ତାର ଭଲ ଗୁଣ ପାଇଁ ସମାଜରେ, ଦେଶରେ ତଥା ଇତିହାସରେ ନିଜର ନାମକୁ ସ୍ୱର୍ଣ୍ଣ ଅକ୍ଷରରେ ଲେଖିଯିବା ସହିତ ସମସ୍ତଙ୍କ ହୃଦୟରେ ଚିରଦିନ ପାଇଁ ଅମର ହୋଇ ରହିଯାଇଥାଏ । ଉଦାହରଣ ସ୍ୱରୂପ ମହାତ୍ମାଗାନ୍ଧୀ, ଗୋପବନ୍ଧୁ, ମଦର ଟେରେସା, ନେଲସନ ମାଣ୍ଡେଲା, ଶ୍ରୀ ଅରବିନ୍ଦ ଆଜି ନିଜର ଭଲ ଗୁଣ ପାଇଁ ଚିରବନ୍ଦନୀୟ ହୋଇ ରହିଛନ୍ତି । ସେମାନଙ୍କ ନିତି ଆଦର୍ଶକୁ ଅନୁସରଣ କଲେ ଜଣେ ନିଶ୍ଚୟ ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ତଥା ଭଲ ମଣିଷଟିଏ ହୋଇ ପାରିବ ।

ପାପସରା, ଅନୁଗୋଳ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନୁଭୂତି ଲିଖନ

ସଂଯୁକ୍ତା ସାହୁ



ଜୀବନ କାଳ ଭିତରେ ଛୋଟ ବଡ ଅନେକ ଅନୁଭୂତି ରହିଥାଏ । ସେଥିମଧ୍ୟରୁ କିଛି ଅନୁଭୂତି ସ୍ମୃତି ହୋଇ ରହିଯାଏ ମାନସ ପଟରେ । ମୋର ନିଜସ୍ୱ ଅନୁଭୂତି କିଛି ଲେଖୁଛି । ମୁଁ ଶିରିଡ଼ି ସାଇବାବା ଓ ସତ୍ୟସାଇ ବାବାଙ୍କୁ ବିଶ୍ୱାସ ଆଉ ଭକ୍ତି କରେ । ଶିରିଡ଼ି ବାବାଙ୍କୁ ସ୍ୱଚକ୍ଷୁରେ ଦେଖିନି । ତାଙ୍କ ବିଷୟରେ କିଛି ବହି ପଢ଼ିଥିଲି । ସେ ଜଣେ ଫକୀର ଜୀବନ ବିତାଉଥିବା ସହିତ ସଦା ସର୍ବଦା ଲୋକଙ୍କର ଉପକାର କରୁଥିଲେ । ସତ୍ୟସାଇ ବାବାଙ୍କୁ ଏକଦମ୍ ପାଖରେ ଦୁଇଥର ଦେଖିବାର ସୁଯୋଗ ପାଇଛି । ମୋ ହେତୁ ହେବା ପରଠାରୁ ସତ୍ୟସାଇ ବାବାଙ୍କ ବିଷୟ୍ର ଅନେକ କଥା ଶୁଣିଥିଲି । ଏମିତି ମୋର ଧାରଣା ଥିଲା ଯେ ସେ ଜଣେ ତାନ୍ତ୍ରିକ ବୋଲି । ସେଥିପାଇଁ ଦୁଇ ତିନି ଜଣଙ୍କ ସହିତ ଯୁକ୍ତି ମଧ୍ୟ ହୋଇଥିଲା । ଏ ସବୁ ଥିଲା ମୋ ଝିଅ ଜୀବନ ସମୟରେ । ଏମିତି କିଛି ବର୍ଷ ବିତିଯାଇଥିଲା । ମୋ ବାହାଘର ପରେ କିଛି ଘଟିଗଲା । ମୋ ପୁଅ ଯେତେବେଳେ ଜ୍ଞାନବିକାଶ ବିଦ୍ୟାଳୟରେ କ୍ଲାସ୍ ଥ୍ରୀରେ ପଢ଼ିଲା, ସେ ସତ୍ୟ ସାଇବାବାଙ୍କ ବାଳବିକାଶ କ୍ଲାସ୍ ଆଟେଣ୍ଡ କରୁଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସବୁଥିରେ ପ୍ରଥମ ସ୍ଥାନ ଅଧିକାର କରୁଥିଲା । ସେତେବେଳେ ଆମ ଘରେ ତା ସ୍କୁଲ୍ ତରଫରୁ କିଛି ଥର ବାବାଙ୍କ ଭଜନ ହୋଇଥିଲା । ମୋ ପୁଅ ଗୀତ ଶିଖୁଥିଲା ଏବଂ ସୁନ୍ଦର ଭଜନ ଗାଉଥିଲା । ପ୍ରତିଯୋଗିତା ପାଇଁ ସେ ପାରାଦୀପ ଆଉ କଟକ ବି ଯାଇଥିଲା । ତଥାପି ବି ସେପର୍ଯ୍ୟନ୍ତ ମୋର ସତ୍ୟସାଇ ବାବାଙ୍କ ପ୍ରତି ଭକ୍ତି ଆସି ନଥିଲା । ୨୦୦୬ ମସିହାରେ ମୋ ବଡ ନଣନ୍ଦ, ନଣନ୍ଦେଇ, ମୋ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାମୀ, ଆଉ କିଛି ସାଙ୍ଗ ସାଥୀ ବାବାଙ୍କ ପାଖକୁ ଯିବାପାଇଁ ପୁଟ୍ଟପର୍ତ୍ତି ଟ୍ରେନ ଟିକେଟ କଲେ । ମୋର ତ ବୁଲିବାକୁ ବହୁତ୍ ଇଚ୍ଛା ଥାଏ । ତେଣୁ ମୁଁ ଟିକିଏ ଅଭିମାନ କଲି, ତୁମେ ସମସ୍ତେ ଯାଉଛ ମୋତେ ନେବନି କି? ଅବଶ୍ୟ ଶ୍ୱଶୁର ଥାଆନ୍ତି । ତାଙ୍କ କଥା କିଏ ବୁଝିବ? ସେ ଯାହାହେଉ ମୋ ଯିବା ପାଇଁ ଟିକେଟ ମିଳିଗଲା । ଶ୍ୱଶୁରଙ୍କ ପାଇଁ ଜଣେ ସମ୍ପର୍କୀୟା ଝିଅଟିଏ ଆସି ରହିଲା । ମୁଁ ବାବାଙ୍କ ପାଖକୁ ଯିବା ଯେତିକି ଖୁସି ନଥିଲି, ବେଶୀ ଖୁସି ବୁଲିବାକୁ ଯାଉଛି । ସମସ୍ତେ ପୁଟ୍ଟପର୍ତ୍ତିରେ ପହଞ୍ଚିଲୁ । ଯେତେବେଳେ ସେ ଆଶ୍ରମ ଭିତରକୁ ପ୍ରବେଶ କଲି ମୋତେ ଏକ ଅଲଗା ପ୍ରକାର ଅନୁଭବ ହେଲା । ପ୍ରଥମ ଦିନ ବାବାଙ୍କୁ ଦେଖିବା ପାଇଁ କୁଲବନ୍ତ ହଲରେ ବସିଛୁ । ହଠାତ୍ ଓଁକାର ଶବ୍ଦ ବାଜିଉଠିଲା ବେଳେ ଦେହରେ ଗୋଟେ ଶିହରଣ ଖେଳିଗଲା । କି ସାତ୍ତ୍ୱିକ ଭାବ ଆସିଗଲା ଏବେ ବି ମନେ ପଡିଲେ ମନରେ ଏକ ଚମକ ଖେଳିଯାଏ । ସେଇ ସମୟରେ ବାବା ତାଙ୍କ କାର୍ ରୁ ବାହାରି ହଲ୍ ଭିତରକୁ ପ୍ରବେଶ କରୁଥାଆନ୍ତି । କିନ୍ତୁ ନିଜେ ଚାଲୁ ନଥାନ୍ତି । ହ୍ୱିଲ୍ ଚେୟାରରେ ବସି ଅନ୍ୟର ସାହାଯ୍ୟରେ ଆସୁଥାଆନ୍ତି । ଦେଖିବାକୁ ଏତେ ଛୋଟ ମଣିଷଟିଏ । ସାଧାରଣ ଗେରୁଆ ବସ୍ତ୍ର ପିନ୍ଧିଥାଆନ୍ତି । ମୁଁ ତାଙ୍କୁ ଏକଲୟରେ ଅନେଇଥାଏ । ବଡ ଆଶ୍ଚର୍ଯ୍ୟ ଲାଗୁଥାଏ, ତାଙ୍କ ମୁହଁରୁ ଜ୍ୟୋତି ଝରିପଡୁଥାଏ । ସମସ୍ତଙ୍କୁ ସେ ଯେମିତି ଆଖିପୁରାଇ ଦେଖୁଥାଆନ୍ତି ଏବଂ ହାତ ହଲାଇ ହଲାଇ ସହାସ୍ୟ ବଦନରେ ଯାଇ ତାଙ୍କ ଆସନରେ ବସିଗଲେ । ମୋ ପାଖାପାଖି ଦେଇ ଗଲେ । ଇଚ୍ଛା ହେଉଥିଲା ସେତିକିବେଳେ ତାଙ୍କ ପାଦ ଦୁଇଟି ଛୁଇଁବାକୁ । ତାହା ସମ୍ଭବ ହେଲାନି । ମୁଁ ଭାବିଲି ଯାହାଙ୍କୁ ବିଶ୍ୱାସ କରୁ ନଥିଲି ସେ ମୋତେ ତାଙ୍କ ଆଶ୍ରମକୁ ଟାଣିନେଲେ । ସେ ଯାହାହେଉ ଆମେ ସେଥରକ ତିନିଦିନ ରହିଲୁ ଏବଂ ସବୁଦିନ ତାଙ୍କ ଦର୍ଶନ ପାଇଲୁ । ସେଇ ଥରର ଦ୍ୱିତୀୟ ଦିନର ଘଟଣା । ଆଶ୍ରମର ପ୍ରବେଶ ପଥରେ ପ୍ରଭୁ ଗଣେଶଙ୍କ ମନ୍ଦିର ଅଛି । ଆମେ ସବୁ ସେଇଠି ଛିଡା ହେଇଥାଉ । ବହୁତ ଲୋକ ଏକତ୍ରିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥାଆନ୍ତି । ମୁଁ ମନ୍ଦିରର ବହୁତ ଦୂରକୁ ଛିଡା ହୋଇଥାଏ । ଜଣେ ମରାଠୀ ମହିଳା ଗଣେଶଙ୍କ ମୂର୍ତ୍ତି ସମ୍ମୁଖରେ ଛିଡା ହୋଇଥାଆନ୍ତି । ହାତରେ ସିନ୍ଦୂର ଆଉ ଚନ୍ଦନ ଗୁଣ୍ଡର ପାକେଟ୍ ଧରି ଏତେ ଦୂରରୁ ମୋତେ ଡାକିଲେ ଏବଂ ମୋ ହାତରେ ସେସବୁକୁ ଧରେଇ ଦେଇ ତାଙ୍କ ଭାଷାରେ କଣ କହିଲେ ମୁଁ ବୁଝିପାରିଲି ନାହିଁ । ସମସ୍ତେ ମୋତେ ଅନେଇ ଥାଆନ୍ତି । ମୋତେ ବି ବଡ ଆଶ୍ଚର୍ଯ୍ୟ ଲାଗୁଥାଏ, ଏତେ ଲୋକ ଭିତରେ ମୋତେ କାହିଁକି ଡାକିଲା ଆଉ ଏସବୁ ମୋତେ ଦେଲା । ଏବେ ସେସବୁ ଜଳ ଜଳ ହୋଇ ଦେଖାଯାଉଛି । ପାଖରେ ଥିବା ଜଣେ ମହିଳା ମୋତେ ବୁଝାଇଲେ ଆଉ କହିଲେ ତୁମେ ବହୁତ ଭାଗ୍ୟବତୀ । ତୁମକୁ ବାବାଙ୍କର କୃପା ଅଛି । ତା ପରେ ମୋର ବାବାଙ୍କ ପ୍ରତି ଭକ୍ତି ଆସିଗଲା । ପୁଣି ପରବର୍ଷ ପୁଟ୍ଟପର୍ତ୍ତି ଧାଇଁଗଲି ବାବାଙ୍କ ଦର୍ଶନ ପାଇଁ । ମୋର ଯେଉଁ ଭୁଲ୍ ଧାରଣା ଥିଲା ତାହା ସବୁ ବିଶ୍ୱାସରେ ପରିଣତ ହୋଇଗଲା । ଆସ୍ତେ ଆସ୍ତେ ମୁଁ ବାବାଙ୍କର ସବୁ କାମରେ ଜଡ଼ିତ ହୋଇଗଲି । ଭଜନ ମଣ୍ଡଳୀରେ ଯୋଗ ଦେଲି । ବେଦ ଗାୟନ ପାଇଁ ପୁଟ୍ଟପର୍ତ୍ତି ଯିବାକୁ ସୁଯୋଗ ପାଇଥିଲି । ସେଠି ବେଦ ଗାୟନ କରି ଅତି ଆନନ୍ଦିତ ହୋଇଥିଲି । ଆମର ତ ଆରାଧ୍ୟ ଦେବୀ ମାଆ ଶାରଳା ଆଉ ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ । ସେମିତି ବାବାଙ୍କୁ ମୁଁ ଆରାଧ୍ୟ ଦେବତା ବୋଲି ମାନେ । ଯେତେବେଳେ କିଛି ବିପଦରେ ପଡେ ସେଇ ବାବାଙ୍କୁ ସ୍ମରଣ କରେ । ଏମିତି ଆଉ ଗୋଟିଏ ଅନୁଭୂତି ଲେଖୁଛି । ୨୦୧୧ମସିହାରେ ମୋ ବାଆଁ ଗୋଡ ଭାଙ୍ଗି ଚୂର୍ ମାର୍ ହୋଇଗଲା । ମୁଁ ଯେମିତି ଅବସ୍ଥାରେ ପଡ଼ିଥିଲି, କେବେ ବି ବଞ୍ଚିବା ସମ୍ଭବ ନ ଥିଲା । କିନ୍ତୁ ବାବା ମୋତେ ବଡ ବିପଦରୁ ରକ୍ଷା କଲେ । ଅବଶ୍ୟ ମାସେ ବେଡ୍ ରେ ପଡ଼ି କଷ୍ଟ ଭୋଗିଲି । କିନ୍ତୁ ମୋ ଆତ୍ମ ବିଶ୍ୱାସ ଆଉ ବାବାଙ୍କ ଆଶୀର୍ବାଦରୁ ଶୀଘ୍ର ସୁସ୍ଥ ହୋଇଗଲି । ଯେଉଁ ଦିନ ମୋ ଗୋଡ଼ରୁ ରଡ୍ ବାହାରିଲା, ସେଇ ସମୟରେ ସାଲାଇନ୍ ଲାଗିଥାଏ । ବଡ ଅଦ୍ଭୁତ କଥା ସେଇ ସାଲାଇନ୍ ବୋତଲରେ ଶିରିଡ଼ି ବାବାଙ୍କ ମୁହଁ ଦେଖାଗଲା । ଓଃ କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁଭୂତି ସେତେବେଳର । ମୋ ଦେହ ଶିତେଇ ଉଠିଲା । ଆହୁରି ସାହାସ ବଢ଼ିଗଲା । ଭୟ କୁଆଡେ ଚାଲିଗଲା । ମୁଁ ଚାଲି ଚାଲି ଯାଇ ସହଜରେ ଅପରେସନ୍ ଥିଏଟରରେ ପହଞ୍ଚିଗଲି । ଯେଉଁଦିନ ଘରକୁ ଫେରିଲି, ଏକା ଏକା ବସ୍ ରେ ବସି ରାହାମାରେ ଓହ୍ଲାଇ ସେଇ ଭଙ୍ଗା ଗୋଡରେ ଚାଲିକରି ଘରେ ପହଞ୍ଚିଲି । କାଇଁ ମୁଁ ତ ତାଙ୍କୁ ମନେ ପକେଇ ନ ଥିଲି । ଏ ସବୁ କଣ ସେଇ ବାବା, କାଳିଆ ଠାକୁର ଆଉ ମାଆ ଶାରଳାଙ୍କ ଆଶୀର୍ବାଦ ନୁହେଁ କି ? ଏମିତି ଜୀବନରେ ଆହୁରି ଅନେକ ଛୋଟ ବଡ଼ ଅନୁଭୂତି ରହିଛି । ସବୁ ତ ଏଇ ସମୟ ସାପେକ୍ଷ ଆଉ ଏଇ କାଗଜରେ ଲେଖି ହେବା ଏତେ ସହଜ ନୁହେଁ । ସମସ୍ତଙ୍କୁ ବାବା ସୁଖରେ ଆଉ ନୀରୋଗ ରଖନ୍ତୁ ଏହାହିଁ ମୋର କାମନା । ଓମ୍ ଶ୍ରୀ ସାଇରାମ ।

ରାହାମା

ଜଗତସିଂହପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୋକସାହିତ୍ୟରେ ବିବାହ

ଡ. ନିରୁପମା ନାୟକ

ଜନ୍ମ ଜନ୍ମାନ୍ତର ପାଇଁ ସାଥି ହୋଇ ରହିବାର ପ୍ରତିଜ୍ଞା ସହିତ ଆରମ୍ଭ ହୁଏ ଦାମ୍ପତ୍ୟ ଜୀବନ । କୁମାରୀ କନ୍ୟାଟି ସ୍ୱାମୀର ହାତଧରି ଚାଲିଯାଏ ନିଜ ଶାଶୁ ଘରକୁ ସବୁଦିନ ପାଇଁ । ପର ହୋଇଯାଏ ନିଜ ଜନ୍ମମାଟି, ପର ହୁଅନ୍ତି ଜନକ ଜନନୀ । ବିବାହ ଏମିତି ଏକ ଅଜବ ପରମ୍ପରା ଯାହା କ୍ଷଣିକରେ ଓଲଟ ପାଲଟ କରିଦିଏ ସମ୍ପର୍କର ବୁଢ଼ିଆଣୀ ଜାଲକୁ । ନୂତନ ସମ୍ପର୍କ ଗଢ଼ିଉଠେ କ୍ଷଣିକ ମଧ୍ୟରେ । ହେଲେ ଏହି ବିବାହ ହିଁ ତ ସାଜିଥାଏ ପରିବାରର ଭିତ୍ତିଭୂମି, ପରିବାରରୁ ସୃଷ୍ଟି ହୁଏ ସମାଜ ଏବଂ ସମାଜରୁ ରାଷ୍ଟ୍ର, ତେଣୁ ଭାରତୀୟ ଜୀବନର ମୂଳରେ ରହିଛି ବୈବାହିକ ଜୀବନ ।

ପ୍ରଚଳିତ ଭାରତୀୟ ପରମ୍ପରାରେ ବିବାହକୁ ଏକ ପବିତ୍ର କର୍ମର ଆଖ୍ୟା ଦିଆଯାଇଛି । ନାରୀ ବିନା ପୁରୁଷ ଓ ପୁରୁଷ ବିନା ନାରୀ ଅସମ୍ପୂର୍ଣ୍ଣ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଧର୍ମ ଯାଗ ଯଜ୍ଞରେ ସ୍ତ୍ରୀର ଅନିର୍ବାଯ୍ୟତା ପାଇଁ ପୁରୁଷୋତ୍ତମ ରାମଙ୍କୁ ସ୍ୱର୍ଣ୍ଣସୀତା ନିର୍ମାଣ କରାଇବାକୁ ପଡ଼ିଥିଲା । ଜଣେ ହିନ୍ଦୁ ଗୃହସ୍ଥ ପାଇଁ ଦେବ ଯଜ୍ଞ, ଭୂତ ଯଜ୍ଞ, ପିତୃ ଯଜ୍ଞ କରିବା ପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି ଏବଂ ପ୍ରତି ଯଜ୍ଞ କର୍ମ ସ୍ତ୍ରୀ ବିନା ହେବା ଶାସ୍ତ୍ର ବିରୋଧୀ ଅଟେ । ତେଣୁ ହିନ୍ଦୁମାନେ ବିବାହ ପରେ ଯାଇ ଯଜ୍ଞ କର୍ମ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ପିତୃଋଣରୁ ମୁକ୍ତି ପାଇଁ ସନ୍ତାନ ସନ୍ତତିର ଜନକ ଜନନୀ ହେବା ଶାସ୍ତ୍ର ନିର୍ଦ୍ଦେଶିତ । ତେଣୁ ବିବାହର ଲକ୍ଷ୍ୟ ଧର୍ମ, ପ୍ରଜା ଓ ରତି । ଏହା ହିଁ ଗୃହସ୍ଥ ଆଶ୍ରମ ପ୍ରବେଶ ଦ୍ୱାର ଯାହା ଉପରେ ନିର୍ଭର କରେ ଜୀବନର ସାର୍ଥକତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତୀୟ ସଭ୍ୟ ସମାଜରେ ବିଭିନ୍ନ ପ୍ରକାର ବିବାହ ଦୃଷ୍ଟିଗୋଚର ହୋଇଥାଏ । ସମାଜଶାସ୍ତ୍ରୀଙ୍କ ଅନୁସାରେ ଭାରତୀୟ ସମାଜରେ ପ୍ରଚଳିତ ହେଉଥିବା ବିବାହ ସାଧାରଣତଃ ଆଠ ପ୍ରକାରର । ଯଥା-

(୧) ବ୍ରହ୍ମ ବିବାହ

(୨) ଦୈବ ବିବାହ

(୩) ଅର୍ଶ ବିବାହ

(୪) ପ୍ରଜାପତି ବିବାହ

(୫) ଅସୁର ବିବାହ

(୬) ଗର୍ନ୍ଧବ ବିବାହ

(୭) ରାକ୍ଷସ ବିବାହ

(୮) ପିଶାଚ ବିବାହ ।

ଏମାନଙ୍କ ମଧ୍ୟରୁ ପ୍ରଥମ ଚାରିଟି ବିବାହ ସମାଜ ସ୍ୱୀକୃତ ଏବଂ ଉନ୍ନତ ବିବାହ ଭାବେ ଗ୍ରହଣ କରାଯାଇଥିବା ବେଳେ ପରବର୍ତ୍ତୀ ଚାରି ପ୍ରକାରର ଅର୍ଥାତ ରାକ୍ଷସ, ଅସୁର, ପ୍ରଜାପତି ଓ ପିଶାଚ ବିବାହକୁ ଅଧମ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି । ଗର୍ନ୍ଧବ ବିବାହର ପ୍ରଚଳନ ଅତି ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ରହିଛି । ଆଧୁନିକ ସମାଜରେ ଏହାକୁ ପ୍ରେମ ବିବାହ କୁହାଯାଏ । ଏଥିରେ ପ୍ରେମିକ ପ୍ରେମିକା ନିଜ ପସନ୍ଦ ଅନୁସାରେ ବିବାହ କରିଥାନ୍ତି । ପିତା ମାତାଙ୍କ ସମ୍ମତି ସହିତ ବା ସମ୍ମତି ବିନା । ଲୋକଗଳ୍ପରେ ସାଧାରଣତଃ ଗର୍ନ୍ଧବ ବିବାହର ବର୍ଣ୍ଣନା ବହୁ ପରିମାଣରେ ଦୃଷ୍ଟିଗୋଚର ହୋଇଥାଏ । ଲୋକଗଳ୍ପରେ ନିଜ ଇଚ୍ଛା ଆକାଂକ୍ଷାକୁ ପୂରଣ କରିବାକୁ ଯାଇ ରାଜାଟି ବିଭିନ୍ନ ବାହାନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ଗରିବ ପିଲାଟି ସହିତ ପଳାଇ ଯାଏ, କେତେବେଳେ ରାଜା ଝିଅ ମଧ୍ୟ ସିପାହୀକୁ ବିବାହ କରେ, ରାଜାପୁଅ ଚାଷୀର ଝିଅକୁ ବିବାହ କରେ । ଏପରିକି ଆଦିବାସୀ (ସାନ୍ତାଳୀ ଲୋକଗଳ୍ପରେ ଭାଇ ଭଉଣୀକୁ ବିବାହ କରିଥିବାର ବର୍ଣ୍ଣନା ଦେଖିବାକୁ ମିଳେ) । ସହରାୟ ପାରାବ୍ର ଲୋକଗଳ୍ପରେ ଶୁଣାଯାଏ- ଥରେ ପିଲଚୁ ବୁଢ଼ୀ (ଆଦିମାତା) ଆଠଜଣ ଝିଅଙ୍କୁ ନେଇ ଛତୁ ଗୋଟାଇବାକୁ ଓ ପିଲଚୁ ବୁଢ଼ା (ଆଦିପିତା)ସାତ ପୁଅକୁ ନେଇ ଶିକାର କରିବାକୁ ବଣକୁ ଗଲେ । ଛତୁ ଗୋଟେଇ ସାରି ଝିଅମାନେ ବରଗଛ ତଳକୁ ଆସି ପାଚିଲା ବରଫଳ ଖାଇବାକୁ ଲାଗିଲେ ଓ ଗଛ ଚଢ଼ିଲେ । ଏହାପରେ ସାତ ଭାଇ ଗଛ ମୂଳେ ପହଂଚିଲେ । ସେମାନେ ଆଠ ଭଉଣୀଙ୍କୁ ବରଫଳ ଖାଉଥିବାର ଦେଖିଲେ । ସେମାନେ ବରଗଛ ଉପରକୁ ଅନାଇଥାନ୍ତି । ଏତିକି ବେଳେ ମାରାଂବୁରୁ ଛଦ୍ମବେଶରେ ଲିଟା ରୂପରେ ଏଠାକୁ ଆସି ପୁଅମାନଙ୍କ ମନରେ କାମ ଭାବ ଜାଗ୍ରତ କଲେ । ଭାଇମାନେ ସବା ସାନ ଭାଇକୁ ବରଫଳ ଆଣିବା ପାଇଁ ଝିଅ ପାଖକୁ ପଠାଇଲେ । ସେ ସାନଝିଅକୁ ପାଚିଲା ଫଳ ମାଗିଲା । ଝିଅ ତାଙ୍କୁ କହିଲା- ମୁଁ ଫଳ ତଳେ ପକେଇ ଦେଉଛି ତୁମେ ଗୋଟେଇ ନିଅ । ପୁଅ କହିଲା- ତୁ ଫଳଟିକୁ ମୋ ହାତରେ ଦେ । ଝିଅଟି ଟିକିଏ ତଳକୁ ଓହ୍ଲାଇ ଆସି ସାନପୁଅ ହାତରେ ବରଫଳ ଧରାଇ ଦେଲା । ପୁଅଟି ଝିଅର ହାତକୁ ଧରି ତଳକୁ ଟାଣି ଆଣିଲା । ଏହାଫଳରେ ସେ ଦୁହେଁ ମିଳିତ ହେଲେ ଏବଂ ସ୍ୱାମୀ ସ୍ତ୍ରୀ ହେଲେ । ଏହିପରି ଭାବରେ ଅବଶିଷ୍ଟ ଛ' ଭାଇ ଛ' ଭଉଣୀଙ୍କୁ ପତ୍ନୀ ରୂପେ ଆପଣାଇ ନେଲେ । ଆଦିବାସୀ ବିରହଲ ସମାଜରେ ସାଧାରଣତଃ ବିବାହରେ ବର କନ୍ୟାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଏ ଏବଂ ଝିଅଟିଏ ମଧ୍ୟ ଜବରଦସ୍ତ ଯାଇ ପୁଅର ଇଚ୍ଛା ବିରୋଧରେ ମଧ୍ୟ ତାଙ୍କ ଘରେ ରହେ ଓ ଇପ୍ସିତ ପୁଅଟିକୁ ସ୍ୱାମୀ ରୂପେ ପାଇପାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମାନଙ୍କ ମଧ୍ୟରେ ଦେଖା ଯାଉଥିବା ବିବାହଗୁଡ଼ିକ ହେଲା-

(୧) ନାପାମ୍ ବାପ୍ଲା : ପ୍ରେମ ବିବାହ- ଯାହା ଗ୍ରାମ ପଂଚ ଓ ସମାଜର ମୁରବୀମାନେ ବିନା କଟକଣାରେ ସ୍ୱୀକୃତି ପ୍ରଦାନ କରନ୍ତି ।

(୨) ଉଦରା- ଉଦରି ବାପଲା: ପ୍ରେମ-ବିବାହ-ଯାହାକୁ ଗୁରୁଜନମାନେ, ଯୁବକ ଯୁବତୀଙ୍କ ମିଳନକୁ ବିବାହରେ ପରିବର୍ତ୍ତନ କରିବାକୁ ଚାହାନ୍ତି ନାହିଁ । ପ୍ରେମୀଯୁଗଳ ଘରୁ ବାହାରି ଯାଇ ଜଙ୍ଗଲରେ ରହନ୍ତି । ପରେ ତାଙ୍କୁ ଖୋଜି ଆଣି ବିବାହ କରିଦିଆଯାଏ ।

(୩) ବଲ ବାପଲା- ଯୁବତୀ ଜବରଦସ୍ତ ଯୁବକ ଘରେ ପଶିଆସି ବୋହୂ ରୂପେ ସ୍ୱୀକୃତି ଲାଭ କରେ ।

(୪) ସିପୁନ୍ଦୁର ବାପଲା:- ଯୁବକ ତା ପସନ୍ଦର ଯୁବତୀର କପାଳରେ ଯୁବତୀର ଇଚ୍ଛା ବିରୁଦ୍ଧରେ ସିନ୍ଦୂର ଲେସି ବିବାହ କରିଥାଏ ।

(୫) ହିରୁମ୍ ବାପଲା:- ସ୍ତ୍ରୀର ଜୀବିତାବସ୍ଥାରେ ଆଉ ଜଣକୁ ସ୍ତ୍ରୀ କରି ରଖିବା ।

(୬) କିରିଙ୍ଗେ ଜାଏ ବାପଲା:- କନ୍ୟା ପିତା ବିବାହ ପୂର୍ବରୁ ବରକୁ ଟଙ୍କା ଦେଇ କିଣିବା । ଅବଶ୍ୟ ଜ୍ୱାଇଁପୁଅ କିସ୍ତିରେ ଶ୍ୱଶୁରକୁ ଫେରସ୍ତ କରେ ।

ସେହିପରି ସାଧାରଣତଃ ସାନ୍ତାଳ ଜନଜାତିଙ୍କ ମଧ୍ୟରେ ଚଉଦ ପ୍ରକାର ବିବାହ ଦେଖାଯାଏ । ଯଥା-

(୧) ଦଳ ବାପଲା

(୨) ଗୋଲେଇତି ବାପଲା

(୩) ଟୁଙ୍କି ଦିଲିପ୍

(୪) ସାଙ୍ଗା - ପରିତ୍ୟକ୍ତା କିମ୍ବାବିଧବା ସ୍ତ୍ରୀ ଲୋକଙ୍କ ବିବାହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୫) ଜାୱାଁୟ୍ କିରିଞ୍ଜ ବାପଲା- ସ୍ୱାମୀ କ୍ରୟ୍ ବିବାହ

(୬) ହିରୁମ୍ ଚେତାନ୍ ବାପଲା– Public induction of a co-wife

(୭) ଇପୁତୁତ୍ ବାପଲା– Forcible Marriage by smearing with sindoor

(୮) ଅର୍ ଆଜେର ବାପଲା– Marriage by capture

(୯) ଞ୍ଜିର ବଲଃଅ ବାପଲା– Marriage by Intrusion

(୧୦) କଣ୍ଡେଲ୍ ଞ୍ଜାପାମ୍ ବାପଲା– Meeting at bed time

(୧୧) ଆପାଙ୍ଗିର ବାପଲା– Elopement

(୧୨) ଗାର୍ଦି ଜାୱାଂୟ୍ ବାପଲା- ଅସ୍ଥାୟୀ ବିବାହ

(୧୩) ଘାର ଜାୱାଂୟ୍ ବାପଲା- ଘର ଜୋଇଁ ବିବାହ

(୧୪) ଆଗୁ ହାତାର ବାପଲା- ବୁଝାମଣା ବିବାହ

(ଶ୍ରୀ ବିନୋଦ କୁମାର ନାୟକଙ୍କ ସାନ୍ତାଳ ଲୋକସାହିତ୍ୟ ପୁସ୍ତକରୁ ସଂଗୃହିତ)

ଆଦିବାସୀ ଲୋକ ସାହିତ୍ୟରେ ଦେଖାଯାଏ, ଗ୍ରାମବାସୀମାନେ ବିବାହ ମଣ୍ଡପ ନିର୍ମାଣରେ ସହଯୋଗ କରନ୍ତି, ବିବାହ ଉତ୍ସବରେ ସାମୂହିକ ନୃତ୍ୟ, ଗୀତରେ ଅଂଶ ଗ୍ରହଣ କରନ୍ତି । ବିବାହ ଭୋଜି, ଭାତ ଓ ହାଣ୍ଡିଆ ପାନୀୟ ଆଦି ସେବନ କରନ୍ତି । ପରମ୍ପରା କ୍ରମେ ବର କନ୍ୟା ଶରୀରରେ ତେଲ ହଳଦୀ ଲେପନ କରିବା ପୂର୍ବକ ଯୁବକ ଯୁବତୀଙ୍କୁ ସ୍ୱାମୀ ସ୍ତ୍ରୀ ରୂପେ ଗ୍ରାମବାସୀମାନେ ସ୍ୱୀକୃତି ପ୍ରଦାନ କରନ୍ତି । ବରଯାତ୍ରୀ, କନ୍ୟାକୁ ଧରି ବର ଘରକୁ ଆସିବା ପରେ ବର ଗାଁ ମୁଖିଆ କହନ୍ତି, ନୂଆ ବୋହୂ ଏହା ହେଉଛି ତୋ ଘର ଓ ବାସଗୃହ । ସେ ପୁଣି ଘୋଷଣା କରନ୍ତି, ସେ ନିଜ ଇଚ୍ଛାରେ ଆସି ନାହିଁ ଆମେ ତାକୁ ଏଠାକୁ ଆଣିଛୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକସାହିତ୍ୟରେ ମଣିଷର ବିବାହ କେବଳ ମଣିଷ ସହିତ ନ ହୋଇ ପଶୁପକ୍ଷୀ, ଏପରିକି ଜଡ଼ବସ୍ତୁ ସହ ମଧ୍ୟ ହୋଇଥାଏ । ଏଠାରେ ପଶୁକୁ ସ୍ୱାମୀ ରୂପେ ନ ପାଇ କନ୍ୟାଟି ଜୁଇକୁ ଡ଼ିଆଁ ମାରି ସତୀ ହୋଇଥିବା କଥା ସାନ୍ତାଳ ଲୋକଗଳ୍ପ ମାଙ୍କଡ଼ ଓ ଝିଅରେ ବର୍ଣ୍ଣନା କରାଯାଇଛି । ଏଥିରେ କୁହାଯାଏ- "ମାଙ୍କଡ଼ର ମୃତଦେହକୁ ସେମାନେ ଫିଙ୍ଗି ନ ଦେଇ ମଣିଷ ଭଳି ପୋଡ଼ିବେ ବୋଲି ସ୍ଥିର କଲେ । ସେଥିପାଇଁ ଚିତା ହେଲା । ତାପରେ ମାଙ୍କଡ଼ର ଶବକୁ ଶୁଆଇ ଦିଆଗଲା । ତାପରେ ଚିତାରେ ନିଆଁ ଲଗାଇ ଦେଲେ । ଏତିକି ବେଳେ ଝିଅଟି ଆସି ପହଂଚିଲା । ସେମାନେ ଝିଅଟିକୁ ସେଠାରୁ ଚାଲିଯିବାକୁ କହିଲେ । ଝିଅଟି କହିଲା- "ପ୍ରକୃତରେ ମାଙ୍କଡ଼କୁ ମଣିଷ ଭଳି ସେମାନେ ପୋଡୁଛନ୍ତି କି ନାହିଁ ସେ କେବଳ ଦେଖିବାକୁ ଆସିଛି ।" ସେ ସେଠାରେ ଠିଆ ହୋଇ ରହିଲା । ଯେତେବେଳେ ଚିତାଟି ହୁ ହୁ ହୋଇ ଜଳିଲା, ଝିଅଟି ପାଟିକଲା, "ଦେଖ ଆକାଶରେ ତାରା ସବୁ କଣ ହେଉଛନ୍ତି ?" ସେଠାରେ ଥିବା ସମସ୍ତେ ଆକାଶକୁ ଅନାଇଲେ । ଝିଅଟି ତା କାନିରେ ବାଲି ବାନ୍ଧି ଆଣିଥିଲା । ଗଣ୍ଠି ଖୋଲି ସେ ବାଲିକୁ ବାହାର କରି ଉପରକୁ ଫିଙ୍ଗି ଦେଲା । ସେ ବାଲି ସବୁ ସମସ୍ତଙ୍କ ଆଖିରେ ପଡ଼ିଲା । ସେମାନେ ଆଖି ମକଚିଲେ । ଏତିକି ବେଳେ ଝିଅଟି ଚିତାକୁ ଡେଇଁ ପଡ଼ିଲା । ସେ ବି ମାଙ୍କଡ଼ ସାଥିରେ ପୋଡ଼ି ହୋଇ ସତୀ ହୋଇଗଲା । ବାଘର ନବବିବାହିତା ସ୍ତ୍ରୀ ଗଳ୍ପରେ ମାଟି ତାର ପ୍ରତିଜ୍ଞା ରକ୍ଷା ପାଇଁ ଝିଅକୁ ବାଘ ସହିତ ବିବାହ ଦେଇଥିବାର ବର୍ଣ୍ଣନା ଦେଖିବାକୁ ମିଳେ । ଝିଅଟି ଏ ଗଛରୁ ସେ ଗଛକୁ ଯାଇ ଗାଉଥାଏ-

ତୁ ବାଘକୁ ମୋତେ ବିବାହ ଦେଲୁ

ଭାଲୁ ଆଗରେ ମୋତେ ପକାଇ ଦେଲୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋତେ ଦେଇଥିବା ହାର ନେ ଫେରେଇ

ହୀରା ମୋତି ବଳା ଲୋଡ଼ା ମୋର ନାହିଁ ।

ଲୋକଗଳ୍ପରେ ବାଘ ସୁନ୍ଦର ପୁଅଟିକୁ ବଣରୁ ପାଇ ତାକୁ ବଢ଼ାଏ ଓ ରଜା ଝିଅ ସହିତ ବିବାହ ବି କରାଇବାରେ ସଫଳ ହୁଏ । ନବରଙ୍ଗପୁର ରୁ ଡ. ରଞ୍ଜନ ପ୍ରଧାନଙ୍କ ଦ୍ୱାରା ସଂଗୃହିତ ଭତରା ଲୋକଗଳ୍ପ "ବାଘ ପୁଅ, ରଜା ଝିଅ ବାହାଘର" ଗଳ୍ପରେ ଏପରି ବର୍ଣ୍ଣନା ସହିତ ଶେଷରେ କୁହାଯାଇଛି ।

ରାଜା ଶହେ ଶଗଡ଼ ସୁନା, ରୂପା, ଆସବାବ ପତ୍ର, ପନିପରିବା ସହିତ ଝିଅ ଜ୍ୱାଇଁଙ୍କୁ ବାଘ ରଜା ନିକଟକୁ ପଠାଇଲେ । ଏତେ ବାଘ ବାଘୁଣୀ ପୁଅ ବୋହୂଙ୍କ ଆସିବା ପଥକୁ ଅନେଇଥାନ୍ତି । ବାଘ ବାଘୁଣୀ ଯେତେବେଳେ ଦେଖିଲେ ଶହ ଶହ ଶଗଡ଼ରେ ଜିନିଷପତ୍ର ଆସୁଛି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ତାପରେ ଜାଣିବାକୁ ପାଇଲେ ତାଙ୍କ ସମୁଦି ରାଜା ତାଙ୍କ ଝିଅ ଜ୍ୱାଇଁକୁ ବିଦା କରି ଏସବୁ ପଠେଇଛନ୍ତି । ବାଘ ବାଘୁଣୀ ପୁଅ, ବୋହୂଙ୍କ ବନ୍ଦାପନା କରି ଘରକୁ ପାଛୋଟି ନେଲେ । ସେମାନେ ଖୁସିରେ ରହିଲେ ।

ଲୋକ ସାହିତ୍ୟର ମୁଖ୍ୟ ଲକ୍ଷ୍ୟ ମନୋରଂଜନ, କଳ୍ପନା ବିଳାସ କରେ ଅବାସ୍ତବ ଘଟଣାର ବର୍ଣ୍ଣନା ଓ କଥକର ବର୍ଣ୍ଣନା ପଟୁତାରେ ଲୋକଗଳ୍ପ ଲୋକଗୀତ ହୋଇଉଠେ ଜୀବନ, ସୃଷ୍ଟି କରେ ବାସ୍ତବତାର ଭ୍ରମ । ରାଜା ଝିଅ ବଣିକ ପୁଅ ଲୋକଗଳ୍ପରେ ଶୁଣାଯାଏ- "ବଣିକ ପୁଅକୁ ଜୀବିତ ଦେଖି ରାଜାଝିଅ ତାକୁ ଆନନ୍ଦରେ କୁଣ୍ଢେଇ ପକାଇଲା । ପ୍ରେମିକ, ପ୍ରେମିକାଙ୍କର ଅପୂର୍ବ ମିଳନ ଅବସରରେ ସେମାନଙ୍କୁ ଆଶୀର୍ବାଦ ଦେଇ ସେମାନଙ୍କ ଅଲକ୍ଷରେ ଶିବ ପାର୍ବତୀ ଅଦୃଶ୍ୟ ହୋଇଗଲେ । ... ରାଜା ଝିଅ କହିଲା- "ଠାକୁରେ ତୁମକୁ ପୁର୍ନଜୀବନ ଦେଇଛନ୍ତି, ଆମକୁ ଆଶୀର୍ବାଦ କରିଛନ୍ତି । ଯଦି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାସ୍ତବରେ ଈଶ୍ୱରଙ୍କ ଆଶୀର୍ବାଦ ଥାଏ ଏବଂ ମୁଁ ରାଜା ଝିଅ ହୋଇଥାଏ, ହେ ପରମେଶ୍ୱର ! ଜଙ୍ଗଲଟା ଗୋଟିଏ ସୁନ୍ଦର ନଗର ହୋଇଯାଉ, ସତକୁ ସତ ଜଙ୍ଗଲଟା ନଗରୀଟିଏ ପାଲଟିଗଲା, ... ଦୁହେଁ ବିବାହ କଲେ ଓ ନଗରୀର ରାଜା ରାଣୀ ହୋଇ ଅନେକ ସୁଖ ଲାଭ କଲେ ।

ଲୋକସାହିତ୍ୟରେ ବିଭିନ୍ନ ପ୍ରକାରର ବିବାହ ସହିତ ବିବାହର ରୀତିନୀତି, ବିଧି ବିଧାନ ଅତି ସରଳ ଭାବରେ ବର୍ଣ୍ଣନା କରାଯାଇଥାଏ । "ମୂଷା କନିଆ" ଲୋକଗଳ୍ପରେ ମୂଷା, କୁଣିଆମାନଙ୍କ ପାଇଁ ସ୍ୱାଦିଷ୍ଟ ଖିରି ପୁରି, ମହୁରି ଭଜା ଆମ୍ବିଳ ପ୍ରସ୍ତୁତ କରିଛି । ବରର ସ୍ୱାଗତ ପାଇଁ, ଚମ୍ପାବାଣ ବାଜିଲା, ଚେଙ୍ଗା ଉଠିଲା, ଗଛବାଣ ଫୁଟିଲା, ଚକ୍ର ବୁଲିଲା, ଢୋଲିଆ ନାଚିଲେ, ଆଖେଡ଼ା ପିଲା ଗାଇଲେ, ପଇସା ବୁଣା ହେଲା, ବୁଢ଼ା ବାଟରୁ ବର ବରଣା କରି ଆଣିଲା ଇତ୍ୟାଦି କଥା ବର୍ଣ୍ଣନା କରାଯାଇଥିବା ବେଳେ ବାଲବତୀ କନ୍ୟା ଗଳ୍ପରେ ରାଜା ପୁଅ ବୋହୂର ସ୍ୱାଗତ ପାଇଁ କିପରି ନିଅରଯାକ କଦଳୀଗଛ, ପାଣିମାଠିଆ, ଫୁଲ ହାରରେ ପୁରାଇଲେ, ସାଇ ମାଇପେ ହୁଳହୁଳି ଦେଲେ, ଶଙ୍ଖବାଜିଲା, ବାଇଦ, ବଡ଼କାଠ ବାଜିଲା, ସାତ ଅହିଅ ମାଇପେ ସାତ ଦୀପ ନେଇ କିପରି ପୁଅ ବୋହୂକୁ ବନ୍ଦାଇଲେ, ସେ ବିଷୟରେ କୁହାଯାଇଛି । ଲୋକସାହିତ୍ୟରେ ବିବାହର ବର୍ଣ୍ଣନା ଯେତିକି ଆକର୍ଷଣୀୟ, ସେତିକି ଚମତ୍କାର ।

ଅଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ

ବାରିପଦା ମହାବିଦ୍ୟାଳୟ, ବାରିପଦା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All · Videos · Images · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All · Images · Videos · Shopping · News · More · Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

**Bhagabata Geeta Katha**

Available on Spotify and 4 other platforms >
8 episodes

Share | Profile page

**Podcast overview**

| Plays | Audience size | Spotify followers |
| --- | --- | --- |
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad